ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ସେପ୍ଟେମ୍ବର ୨୦୨୧ ସଂସ୍କରଣ

କଥା ଓ କାହାଣୀ
ପଦ୍ୟ ଓ କବିତା
ହାସ୍ୟ ଓ ବ୍ୟଙ୍ଗ
ଇତିହାସ ଓ ପ୍ରବଂଧ
ଅନୁବାଦ ସାହିତ୍ୟ
ସମ୍ବଲପୁରୀ ଲେଖା
ଶିଶୁ କଥା
ଏବଂ
ଆହୁରି ଅନେକ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା



ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍

ଫ୍ଲାଟ୍ ସଂ: ୨୦୨, ଚିଦାନନ୍ଦ ଆବାସ, ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ : ୭୦୦୮୫୬୭୦୮୫ | ଇମେଲ୍ : aahwaan@gmail.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।




**ଆଗାମୀ ପାର୍ବଣ ଋତୁ ଏବଂ ବିଶ୍ୱକର୍ମା ପୂଜା ଉପଲକ୍ଷେ ସମସ୍ତଙ୍କ ସୁସ୍ୱାସ୍ଥ୍ୟର କାମନା ସହ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।**

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ସୂଚୀପତ୍ର


| | | |
|---|---|---|
| ସମ୍ପାଦକଙ୍କ କଲମରୁ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୧୧ |
| **କାହାଣୀ ବିଭାଗ** | | **୧୮** |
| ବ୍ୟାଘ୍ର ସାମ୍ରାଜ୍ୟର ନୀଳ ଆଲୋକ-୧୩ | ଅଶୋକ ବିଶ୍ୱାଳ | ୧୯ |
| କୁସୁମ | ବିଜୟ କୁମାର ପଣ୍ଡା | ୨୯ |
| ସ୍ୱୀକାରୋକ୍ତି | ନିତ୍ୟରଞ୍ଜନ ନନ୍ଦ | ୩୨ |
| ଔଷଧ | ଆଶୁତୋଷ ମେହେର | ୩୭ |
| ଜନ୍ମଦିନ | ଡଃ ଉଷାରାଣୀ ଦାଶ | ୪୧ |
| ସଂପର୍କ | ଝରଣା ବାରିକ | ୫୦ |
| କାଲିର ଫକିର ଆଜିର ରାଜନ | ସରୋଜ କୁମାର ଜେନା | ୫୩ |
| ରାକ୍ଷୀ ପୂର୍ଣ୍ଣିମା | ଆଦରମଣି ପ୍ରଧାନ | ୫୬ |
| ଜଳରାକ୍ଷସ | ପ୍ରଦୀପ ଜିଲିକାରା | ୫୮ |
| ନିଶବ୍ଦ ମୁହୂର୍ତ୍ତର ଭିନ୍ନ ସଂପର୍କ | ଆର୍ଯ୍ୟକୁମାରୀ ପ୍ରଜ୍ଞା ପରମିତା | ୬୫ |
| ସମୟର ଚକ ଯାଏ ଘୁରି ଘୁରିକା: ନାଟକ | ସୁଧାଂଶୁ ଶେଖର ଦ୍ୱିବେଦୀ | ୭୦ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

## କବିତା ବିଭାଗ ୮୩


| | | |
|---|---|---|
| ଅମରଜ୍ୟୋତି କାବ୍ୟ ସ୍ୱୟମ୍ବର | ଦେବଦତ୍ତ ସୁନା | ୮୪ |
| ତୁମ ଜନ୍ମଦିନେ | ଶିବ ନାରାୟଣ ଦାଶ | ୮୬ |
| ଆମେ ଆଫଗାନିସ୍ତାନ ଝିଅ କହୁଛୁ | ପ୍ରଶାନ୍ତ କୁମାର ବେହେରା | ୮୮ |
| ଦୁହିତାର ଶେଷ ଚିଠି | ପଙ୍କଜ କୁମାର ମଙ୍ଗଳ | ୯୧ |
| ମାଟି ମମତା | ଦୁଷ୍ମନ୍ତ ବେହେରା | ୯୩ |
| ମାଟି କାନ୍ଥ | ସରୋଜ କୁମାର ସାହୁ | ୯୫ |
| ଏଇ କଣ ସ୍ୱତନ୍ତ୍ର ଭାରତଭୂମି ? | ଅଲେଖ ମେହେର | ୯୬ |
| ରଥ ପଥ ଜଗନ୍ନାଥ | ରାମଚନ୍ଦ୍ର ପ୍ରଧାନ | ୯୭ |
| ନୂଆ ବୋଉ | ବନ୍ଦନା ନାୟକ | ୯୮ |
| କିଏ ତୁମେ ? | ଦେବାଶିଷ ମହାପାତ୍ର | ୧୦୧ |
| ମୁଁ ଗଛଟିଏ | ମନୀଷ କୁମାର ପଣ୍ଡା | ୧୦୨ |
| ସହୀଦ - ୧୫ | ସ୍ମୃତିରଞ୍ଜନ ବାରିକ | ୧୦୩ |
| ସ୍ୱାମୀ ବିବେକାନନ୍ଦ | ଆଶୁତୋଷ ଠାକୁର | ୧୦୫ |
| ରଥାରୂଢ଼ ମହାବାହୁ | ମନୋରଞ୍ଜନ ସୁରୁଜାଳ | ୧୦୬ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ଟିକିଟିକି | ଝରଣା ବାରିକ | ୧୦୭ |
| ଖାଲି ଖାଲି | ନିରଞ୍ଜନ ସାହୁ | ୧୦୮ |
| ରାକ୍ଷୀ | ସନାତନ ମହାକୁଡ଼ | ୧୦୯ |
| ସମ୍ପର୍କର ଡୋର | ଶଶିକାନ୍ତ ମେହେର | ୧୧୦ |
| ପ୍ରେମ ମଇତ୍ରୀ | ଗୁପ୍ତେଶ୍ୱର ଚାନ୍ଦ | ୧୧୧ |
| ହେ ମଙ୍ଗଳମୟ | ସରୋଜିନୀ ମିଶ୍ର | ୧୧୨ |
| ଝରକା ସେପାଖର ଇନ୍ଦ୍ରଧନୁ | ରୋଜାଲିନ ବେହେରା | ୧୧୩ |
| ଅସ୍ତିତ୍ୱ | ସତ୍ୟରଞ୍ଜନ ଘିଢ଼ାଲା | ୧୧୫ |
| ରାକ୍ଷୀ ପୂର୍ଣ୍ଣିମା | ସୁରେଶ ଚନ୍ଦ୍ର ପାଢ଼ୀ | ୧୧୬ |
| ଅବାରିତ ଅନାହତ | ପିନାକୀ ମିଶ୍ର | ୧୧୮ |
| ନୀଳ ପ୍ରେମିକ - ୧ | ସୁଧିରାଜ ରାଉତ | ୧୨୦ |
| ବଞ୍ଚିବି ମୁଁ ଏକା ଏକା | ଶାନ୍ତନୁ କୁମାର ରାଉତ | ୧୨୨ |
| ବିରହ | ରୋହିତ ସେଠୀ | ୧୨୩ |
| ତୁମେ ନାହଁ ବୋଲି | ଡଃ ମାଙ୍ଗଳିକା ମହାପାତ୍ର | ୧୨୪ |
| କୃଷ୍ଣ ସୁଦାମା | ନାରାୟଣ ଚନ୍ଦ୍ର ସେନାପତି | ୧୨୬ |
| ମୁଁ ବସଷ୍ଟପର ଯାତ୍ରୀଟିଏ | ବୀଣା ସାହୁ | ୧୨୯ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ମୌସୁମୀ ଗୋ... | ଅମୂଲ୍ୟ କୁମାର ପଣ୍ଡା | ୧୩୨ |
| କିଛି କଥା ଥାଏ ଅକୁହା | ଦିନେଶ୍ ମେହେର | ୧୩୩ |
| ଇନ୍ଦ୍ରଧନୁ | ପ୍ରକାଶ ଚନ୍ଦ୍ର ପ୍ରଧାନ | ୧୩୪ |
| ପ୍ରତୀକ୍ଷା | ସଞ୍ଜୟ ପ୍ରଧାନ | ୧୩୫ |
| ଦକ୍ଷିଣା ପବନ | ପୁଷ୍ପାଞ୍ଜଳୀ ପଣ୍ଡା | ୧୩୬ |
| ଅଳି | ବାସନ୍ତୀଲତା ଜେନା | ୧୩୭ |
| ଲକ୍ଷେହୀରା | ବାଲାଜୀ ସେଠୀ | ୧୩୯ |
| ଅଟକିଥିଲା ସେଇଠି | ସୁଦିପ୍ତା ବେହେରା | ୧୪୦ |
| ଭଲ ବନ୍ଧୁ | ହରେରାମ ପଣ୍ଡା | ୧୪୧ |
| ଅପାଶୋରା ଫଗୁଣ | ବିଶ୍ୱଜିତ ନାଥ | ୧୪୨ |
| ଜେନା ସ୍ତୁତି | କୁମରଲାଲ ରଣା | ୧୪୩ |
| ପିଲାଦିନ | ମଞ୍ଜୁରାଣୀ ମିଶ୍ର | ୧୪୪ |
| ତମେ ଏଠି ନାହଁ ବୋଲି | ଡା ନୀଳମାଧବ କର | ୧୪୬ |
| ଆଜି ବି ଖୋଜୁଛି, ପାଇନି | ଅନସୂୟା ପଣ୍ଡା | ୧୪୯ |
| ଇଏ କେମିତିକା କେଜାଣି | ଡଃ ଆଭାଞ୍ଜଳୀ ଶତପଥୀ | ୧୫୧ |
| ଆତ୍ମସମୀକ୍ଷାର ବେଳ | ରାଧାମୋହନ ପୂଜାହାରୀ | ୧୫୨ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ବଡ଼ପଣିଆ ଡିଙ୍ଗର ଓଡ଼ିଆ | ପ୍ରଦୀପ କୁମାର ଜିଲିକାରା | ୧୫୫ |
| ବିନାୟକ ବିଘ୍ନନାଶକ | ରାଜେନ୍ଦ୍ର ବୋଡ଼କିଆ | ୧୫୭ |
| ମନେପଡ଼େ ଆଜି ସେଦିନ କଥା | ଅଭିଜିତ୍ ସାହୁ | ୧୫୮ |
| ରକ୍ତଦାନ ମହାପୂଣ୍ୟ | କୈଳାଶ ଚନ୍ଦ୍ର ସାହୁ | ୧୬୧ |
| ସ୍ୱାଧୀନ ତ୍ରିରଙ୍ଗା | ଦଣ୍ଡାସି ପ୍ରଧାନ | ୧୬୨ |
| ଶରତର ଶୋଭା | ଦିଲ୍ଲିପ କୁମାର ଜେନା | ୧୬୪ |
| ସନ୍ଦେହର ପରିଭାଷା | ଶୁଭମ୍ କୁମାର ସାହୁ | ୧୬୬ |
| ଝୁରେ ସେଇ ପିଲାଦିନ | ଅଜିତ କୁମାର ଚର୍ଚ୍ଚି | ୧୬୭ |
| **ସଂବଲପୁରୀ ବିଭାଗ** | | **୧୬୮** |
| ଚାଷୀ ଆତ୍ମହତ୍ୟା | ବିଶ୍ୱନାଥ ଭୁଏ | ୧୬୯ |
| ସୁଆଧିନ୍ ଦେଶର୍ ପାଁଚଟା ସ୍କେଚ୍ | ପ୍ରସନ୍ନ ପ୍ରୟାସ ଭୁଏ | ୧୭୧ |
| ଗାର୍ | ମନୋରଞ୍ଜନ ସୁରୁଜାଳ | ୧୭୩ |
| ଭାବର ବନ୍ଧନ ରାକ୍ଷୀ | ଭକ୍ତବନ୍ଧୁ ସାହୁ | ୧୭୪ |
| ନୂଆଖାଇ | ରୋହିତ ପଟ୍ଟନାୟକ | ୧୭୫ |
| ଜୟ ଯବାନ୍ ଜୟ କିଷାନ୍ | ରାଧାମୋହନ ପୂଜାହାରୀ | ୧୭୬ |


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


## ପ୍ରବନ୍ଧ ବିଭାଗ ୧୭୮

| | | |
|---|---|---|
| ଭଗବତ୍ ଜ୍ଞାନ | ସହଦେବ ପ୍ରଧାନ | ୧୭୯ |
| ଶ୍ରୀଗୁଣ୍ଡିଚା ଯାତ୍ରାର ଐତିହ୍ୟ | ଶାନ୍ତିଲତା ସାହୁ | ୧୯୯ |
| ଜାତିଗତ ଜନଗଣନା ଓ ସଂରକ୍ଷଣ | ନିଗମ କୁମାର ବେହେରା | ୨୦୫ |
| ଶିକ୍ଷା, ଶିକ୍ଷକ ଓ ଶିକ୍ଷାର୍ଥୀ | ସଂଜୀବ କୁମାର ଦାସ | ୨୧୧ |
| ଏକ ଦୁଃଖଦ ମୁହୂର୍ତ୍ତରୁ... | ପଙ୍କଜ କୁମାର ପାଣିଗ୍ରାହୀ | ୨୧୫ |
| ନବନାଟ୍ୟ ଆନ୍ଦୋଳନରେ ବାଦର ପ୍ରୟୋଗ | ସୁବାଷ ବାରିକ | ୨୨୦ |
| କୃଷିଭିତ୍ତିକ ଗଣପର୍ବ : ନୂଆଖାଇ | ସାଇପ୍ରସାଦ ସାହୁ | ୨୨୫ |
| ଅନୁଚିନ୍ତା ଗଣପର୍ବର | ସତ୍ୟନାରାୟଣ ମିଶ୍ର | ୨୨୯ |
| ନୂଆଖାଇ ଜୁହାର୍ | ଅକ୍ଷୟ କୁମାର ରାଉତ | ୨୩୨ |
| ପରିସଂସ୍କାର ପୁନରୁଦ୍ଧାର | ଡଃ ଆଭାଞ୍ଜଳି ଶତପଥୀ | ୨୩୬ |
| ବିଶେଷ ସୂଚନା | | ୨୪୮ |


ଭବିଷ୍ୟତରେ ଆହ୍ୱାନ୍ ଇ-ପତ୍ରିକାରେ କେବଳ ସ୍ୱଳ୍ପ ଏବଂ ନିର୍ବାଚିତ କବିତା ହିଁ ସ୍ଥାନ ପାଇବ, ଯେଉଁ ସବୁ ବନ୍ଧୁ କବିତା ପ୍ରେରଣ କରୁଛନ୍ତି ସେମାନେ ନିରୁତ୍ସାହିତ ହୁଅନ୍ତୁ ନାହିଁ, କାରଣ କେବଳ କବିତା ନିମନ୍ତେ ଆହ୍ୱାନର ଏକ ବିଶେଷ ପତ୍ରିକା ପ୍ରତ୍ୟେକ ମାସରେ ପ୍ରକାଶିତ ହେବ । ଏବଂ ଏହି କବିତା ସବୁ ସିଧା ଆମ ୱେବ୍‌ସାଇଟରେ ପ୍ରକାଶିତ ହେବ । ଯାହା ଆପଣ ଅତି ସହଜରେ ନିଜ ବନ୍ଧୁମାନଙ୍କ ସହ ଶେୟାର୍ କରି ପାରିବେ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଅନେକ ଥର ଅନୁରୋଧ କରିବା ସତ୍ତ୍ୱେ କିଛି ବନ୍ଧୁ ମାସରେ ଅନ୍ୟୁନ ଦଶ କିମ୍ବା ଅଧିକ କବିତା ମୋ ଇମେଲରେ ପଠାଉଛନ୍ତି । କେବଳ ଗୋଟିଏ କିମ୍ବା ସର୍ବାଧିକ ଦୁଇଟି ଲେଖା ହିଁ ପଠାନ୍ତୁ । ଯାହା ପ୍ରକାଶନ ଯୋଗ୍ୟ ବୋଲି ନିଜେ ଭାବୁଛନ୍ତି ସେହିଭଳି ଲେଖା ହିଁ ପଠାନ୍ତୁ । ଅଧିକ ଇମେଲ୍ ପଠାଇଲେ, ଗୁଗୁଲ୍ ଇମେଲ୍ ଆପଣଙ୍କ ଇମେଲ୍ ଠିକଣାକୁ ବନ୍ଦ କରିଦେଇ ପାରେ, ଏହାକୁ ସ୍ପାମ୍ ବୋଲି ନିଜେ ନିଜେ ଧରିନେଇ ଆପଣଙ୍କ ଇମେଲ୍ ସବୁକୁ ସ୍ପାମ୍ ଫୋଲ୍ଡରରେ ପକେଇ ଦେଇ ପାରେ । ତାପରେ ଆପଣଙ୍କ ଲେଖା ଆଉ ପ୍ରକାଶିତ ହୋଇ ପାରିବ ନାହିଁ । ତେଣୁ ଦୟାକରି ଉପରୋକ୍ତ ତଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ ।

ପ୍ରତ୍ୟେକ ମାସର ସଂସ୍କରଣ ପ୍ରକାଶନ ପରେ ହିଁ ନୁଆ ସଂସ୍କରଣ ପାଇଁ ଲେଖା ପଠାନ୍ତୁ । କେବଳ ଲେଖା ପଠାଇଲେ ଚଳିବ ନାହିଁ, ପତ୍ରିକାକୁ ନିଜ ବନ୍ଧୁଙ୍କୁ, ପରିଜନଙ୍କୁ ଦିଅନ୍ତୁ, ସେମାନଙ୍କୁ ଓଡ଼ିଆରେ ଲେଖିବା ଏବଂ ପଢ଼ିବା ପାଇଁ ଉତ୍ସାହିତ କରନ୍ତୁ । ଆସନ୍ତୁ ଆମେ ଆହ୍ୱାନ ପତ୍ରିକା ମାଧ୍ୟମରେ ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରଚାର ଓ ପ୍ରସାର କରିବା । ଆମ ଭାଷା ସାହିତ୍ୟର ଉନ୍ନତିକୁ ଆମେ ସାକାର କରିବା ।

ଆହ୍ୱାନ ଇ-ପତ୍ରିକାର ଓଡ଼ିଆ ପୋଡ଼କାଷ୍ଟ ସେବା ବର୍ତ୍ତମାନ ଅନେକ ପ୍ଲାଟଫର୍ମ୍ ଯଥା ସ୍ପଟିଫାଇ, ଆଙ୍କର୍, ବ୍ରେକର୍, ଓଭରକାଷ୍ଟ, ପକେଟ୍ କାଷ୍ଟ, ରେଡିଓ ପବ୍ଲିକ୍ ଏବଂ ଆପଲ୍ ପୋଡ଼କାଷ୍ଟରେ ଶୁଣିପାରିବେ । ଏଥିରେ ଶହେରୁ ଅଧିକ ଜ୍ଞାନବର୍ଦ୍ଧକ ପଞ୍ଚତନ୍ତ୍ର, ଜହ୍ନମାମୁଁ ଏବଂ ବିକ୍ରମ ବେତାଳ କାହାଣୀ ସମେତ, ଅନେକ କ୍ଷୁଦ୍ରଗଳ୍ପ ମଧ୍ୟ ସ୍ଥାନ ପାଇଛି । ନିଶ୍ଚୟ ଶୁଣନ୍ତୁ ଏବଂ ଆମକୁ ମତାମତ ଜଣାନ୍ତୁ । ଆପଣ ବି ନିଜ ଗଳ୍ପ କିମ୍ବା ପ୍ରବନ୍ଧ ଯଦି ଆମ ପୋଡ଼କାଷ୍ଟରେ ପ୍ରସାରିତ କରିବାକୁ ଚାହୁଁଛନ୍ତି, ତା ହେଲେ ଯୋଗାଯୋଗ କରି ପାରିବେ ।

**http://anchor.fm/aahwaan**

**http://anchor.fm/odia-katha**

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

# ସମ୍ପାଦକଙ୍କ କଲମରୁ...

ନମସ୍କାର

ଆହ୍ୱାନ ଇ-ପତ୍ରିକାର ସେପ୍ଟେମ୍ବର ୨୦୨୧ ସଂସ୍କରଣ ସହିତ ମୁଁ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ ଆପଣଙ୍କ ସମ୍ମୁଖରେ ଉପସ୍ଥିତ । ସାଂପ୍ରତିକ ସମୟରେ ସମାଜ ଅତ୍ୟନ୍ତ ପ୍ରତିକ୍ରିୟାଶୀଳ ହୋଇ ଉଠିଛି, ସେ ସ୍ୱାସ୍ଥ୍ୟକୁ ନେଇ ହେଉ ଅବା ଶିକ୍ଷା କିମ୍ବା ରାଜନୀତି । ପ୍ରତ୍ୟେକ କ୍ଷେତ୍ରରେ ଆମେ ଅସହ୍ୟ ଭାବରେ ଉଦବିଗ୍ନ ଏବଂ ଉତ୍ୟକ୍ତ ହୋଇ ଉଠୁଛେ । ବିଗତ ଅନେକ ମାସଧରି ମହାମାରୀ କରୋନା ଦ୍ୱାରା ଆକ୍ରାନ୍ତ ଆମ ରାଜ୍ୟ ଧିରେ ଧିରେ ଏହି ମହାମାରୀର ପ୍ରାଦୁର୍ଭାବରୁ ନିଜକୁ ସୁରକ୍ଷିତ କରି ଆସୁଥିବା ବେଳେ ପୁଣି ଥରେ କେରଳ ଭଳି ରାଜ୍ୟରେ ଏହି ରୋଗର ନୂତନ ସଂକ୍ରମଣ ହାର ବ୍ୟତିବ୍ୟସ୍ତ କରି ପକାଉଛି । ଲାଗୁଛି ଯେମିତି ଏହି ରୋଗରୁ ଆମକୁ ନିସ୍ତାର ମିଳିବା ସମ୍ଭବ ହେଉନାହିଁ । ସରକାରୀ ସ୍ତରରେ ସମସ୍ତ ପ୍ରକାର ପ୍ରତିଦ୍ୱନ୍ଦିତା ମୂଳକ ଭାବରେ ନିଆଯାଉଥିବା ପଦକ୍ଷେପ ସତ୍ତ୍ୱେ ଏହି ରୋଗକୁ ନିୟନ୍ତ୍ରିତ କରିବାରେ ଆମ ଦେଶର ସରକାର ବସ୍ତୁତଃ ବିଫଳ ହେବାପରି ମନେ ହେଉଛନ୍ତି । ଏଥିପାଇଁ ସରକାରଙ୍କ ଅପେକ୍ଷା ଅଧିକନ୍ତୁ ଆମେ ନିଜେ ହିଁ ଦାୟୀ ବୋଲି ମୁଁ ମନେ କରେ । ଏହି ଦେଶର ସାଧାରଣ ଜନତା ଧୈର୍ଯ୍ୟର ଖୁବ ବିରୋଧୀ । ଯେ କୌଣସି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଷୟ ହେଉ ଅଧୈର୍ଯ୍ୟ ହେବା ସତେ ଯେମିତି ଆମର ରକ୍ତରେ ହିଁ ରହିଛି । ଏହି ଅଧୈର୍ଯ୍ୟ ଗୁଣ ହିଁ ଆମକୁ ଦିନକୁ ଦିନ ବିପଦ ଆଡ଼କୁ ଠେଲି ଠେଲି ନେଉଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ବିଗତ ମାସଟି ଉତ୍ସବମୁଖର ରହିଥିଲା । ରଥଯାତ୍ରା ପରେ ପରେ କୃଷ୍ଣ ଜନ୍ମାଷ୍ଟମୀ, ରକ୍ଷାବନ୍ଧନ, ସ୍ୱାଧୀନତା ଦିବସ, ଗଣେଶ ପୂଜା ଆଦି ବାର୍ଷିକ ପାର୍ବଣପର୍ବର ଆରମ୍ଭକୁ ସୂଚେଇ ଦେଲାଣି । ମହାମାରୀକୁ ଆଖି ଆଗରେ ରଖି ସରକାର ସୁରକ୍ଷା ପଦକ୍ଷେପକୁ କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ ଦେଇ ସାରିଲେଣି । ଆମ ରାଜ୍ୟରେ ଚଳିତ ବର୍ଷ ଦଶହରାକୁ ନିରାଡ଼ମ୍ବରରେ ପାଳନ କରିବାକୁ ସରକାରୀ ନିର୍ଦ୍ଦେଶନାମା ଜାରୀ ହୋଇଗଲାଣି । ପୂଜା ସ୍ଥଳୀ ମାନଙ୍କରେ ମୂର୍ତ୍ତୀର ଉଚ୍ଚତା ଚାରିଫୁଟରୁ କମ ରହିବ ବୋଲି କୁହାଯାଇଛି । ପୂଜା ପେଣ୍ଡାଲ ମାନଙ୍କରେ ଜନଗହଳି ବରଦାସ୍ତ କରାଯିବ ନାହିଁ ଏବଂ ଯଦି ଲୋକମାନେ ସ୍ୱୟଂ ସୁରକ୍ଷିତ ରହିବାକୁ ଚେଷ୍ଟା ନ କରନ୍ତି ତା ହେଲେ ପୁଣିଥରେ ବାଧ୍ୟତାମୂଳକ ଭାବେ ଲକଡାଉନ୍ ବ୍ୟବସ୍ଥାକୁ କଡ଼ାକଡ଼ି ଭାବରେ ଲାଗୁ କରାଯାଇପାରେ ବୋଲି ମଧ୍ୟ ଜଣେଇ ଦିଆଯାଇଛି ।

ଏହି ନିର୍ଦ୍ଦେଶନାମାକୁ ନେଇ ଆମ ରାଜ୍ୟରେ ଏବଂ ବିଶେଷକରି ସାମାଜିକ ଗଣମାଧ୍ୟମରେ ରାଜନୈତିକ ଚିନ୍ତନ ଆରମ୍ଭ ହୋଇଯାଇଛି । ଅନେକେ ଏହି ପଦକ୍ଷେପକୁ ଉଚିତ ବୋଲି ଠଉରାଉଥିବା ବେଳେ ଅନେକେ କିନ୍ତୁ ଏହାକୁ ତୁଗଲକି ଫରମାନ ବୋଲି କହିଛନ୍ତି । ଚାରିଫୁଟର ମୂର୍ତ୍ତି କଲେ କଣ କରୋନା ବନ୍ଦ ହୋଇଯିବ ? ଅଧିକ ଉଚ୍ଚ ମୂର୍ତ୍ତି କଲେ କଣ କରୋନା ନିଶ୍ଚୟ ହେବ ? ଏଭଳି ପ୍ରଶ୍ନ ଜନମାନସକୁ ଆନ୍ଦୋଳିତ କରିବା ସହ ଏକ ଅସନ୍ତୋଷର ବାତାବରଣ ସୃଷ୍ଟି କରିଛି । ବାସ୍ତବିକ ଏହିଭଳି ଏକ ନିର୍ଦ୍ଦେଶନାମାର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯଥାର୍ଥତା ଆମେ ବୁଝିବାରେ ଅସମର୍ଥ । ହଁ, ପୂଜା ସ୍ଥଳମାନଙ୍କରେ ଜନସମାବେଶକୁ ବନ୍ଦ କରିବା ନିର୍ଦ୍ଦେଶ ଦିଆଯାଇପାରେ, କିନ୍ତୁ ମୂର୍ତ୍ତିର ଉଚ୍ଚତା କମ କରିବା ଦ୍ୱାରା କଣ ଲାଭ ହୁଏ, ଏହା ବର୍ତ୍ତମାନ ମୋ ସୂକ୍ଷ୍ମ ମସ୍ତିଷ୍କରେ କୌଣସି ଉତ୍ତର ପାଉନାହିଁ । ଯଦି ଆପଣ ଜାଣନ୍ତି ତା ହେଲେ ଜଣାଇବେ ।

ଆଶ୍ଚର୍ଯ୍ୟର ବିଷୟ ଆଗାମୀ ଅନେକ ସପ୍ତାହଧରି ରାଜ୍ୟରେ ଅଣପ୍ରକାଶିତ କର୍ଫ୍ୟୁ ଭଳି ବ୍ୟବସ୍ଥା ଲାଗୁ ରହିବ, ଏହି ସମୟରେ ମେଳାମଉଛବ ବନ୍ଦ ରହିବ ଏବଂ ଜନ ସମାଗମ ବନ୍ଦ କରିବା ପାଇଁ ସମସ୍ତ ନିୟମ ଜାରୀ କରାଯାଇଥିବା ବେଳେ ଆଗାମୀ ୩୦ ତାରିଖରେ ରାଜ୍ୟରେ ହେଉଥିବା ଉପ ନିର୍ବାଚନ ପାଇଁ କିନ୍ତୁ ରାଜନୈତିକ ଦଳମାନେ ରାଲି ଏବଂ ନିର୍ବାଚନୀ ଶୋଭାଯାତ୍ରା କରିବା ଉପରେ କୌଣସି ପ୍ରତିବନ୍ଧକ ଲଗାଯାଉ ନାହିଁ । ମନ୍ଦିର ଏବଂ ପୂଜାସ୍ଥଳରେ କରୋନା ବ୍ୟାପୀବାର ତୀବ୍ର ସମ୍ଭାବନା ଥିବା ବେଳେ ହୁଏତ ରାଜନୈତିକ ରାଲିରେ ସେପରି ଘଟୁନଥିବ ବୋଲି କେହି କେହି ସମାଲୋଚନା ମୂଳକ ବ୍ୟଙ୍ଗୋକ୍ତି ସାମାଜିକ ଗଣମାଧ୍ୟମରେ ପ୍ରସାର କରିଛନ୍ତି ।

ବିଗତ ମାସରେ ସବୁଠାରୁ ଉଲ୍ଲେଖନୀୟ ଘଟଣା ମଧ୍ୟରେ ସୁଦୂର ଆଫଗାନିସ୍ତାନରେ ପୁଣିଥରେ ତାଲିବାନ ନାମକ ମୌଳବାଦୀ ଗୋଷ୍ଠୀର ଉଦ୍ଭବ ଏବଂ ଆକ୍ରମଣ ତଥା ଏହାର ପ୍ରଭାବରେ ଆଫଗାନୀ ନାଗରିକ ଦେଶ ଛାଡ଼ିବା ପାଇଁ ଉଦ୍ୟମ କରୁଥିବା ଘଟଣା ସମଗ୍ର ବିଶ୍ୱକୁ ଦୋହଲାଇ ଦେଇଛି । ଅତ୍ୟନ୍ତ ଆଶ୍ଚର୍ଯ୍ୟର ବିଷୟ ବିଶ୍ୱରେ ଅନ୍ୟୁନ ପଚାଶରୁ ଅଧିକ ମୁସଲିମ ଦେଶ ଥାଉ ଥାଉ କୌଣସି ଦେଶ ବି ଆଫଗାନୀ ନାଗରିକଙ୍କୁ ଶରଣ ଦେବାକୁ ଆଗଭର ହୋଇ ନାହାନ୍ତି । ଅନେକ ଦେଶ ନିଜ ଦେଶର ସୀମାକୁ ସିଲ କରିଦେଇଛନ୍ତି । ଏହିଭଳି ସମୟରେ ଭାରତରେ ଥିବା କିଛି ବୁଦ୍ଧିଜୀବି ସେଇ ପଳାୟନପନ୍ଥୀ ଆଫଗାନୀ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନାଗରିକଙ୍କୁ ଭାରତରେ ଶରଣ ଦେବା ସପକ୍ଷରେ ମତ ଦେଇଛନ୍ତି । କଷ୍ଟରେ ଥିବା ଯେକୌଣସି ବ୍ୟକ୍ତିକୁ ଶରଣ ଦେବା ସନାତନ ହିନ୍ଦୁ ଧର୍ମରେ ସର୍ବୋଚ୍ଚ କୃତି ବୋଲି କୁହାଯାଉଥିବା ବେଳେ ଅତୀତର ଅନେକ ଘଟଣା ଏବଂ ବିଗତ ଦୁଇ ଦଶନ୍ଧୀରେ ବିଶ୍ୱର ଅନେକ ଦେଶରେ ଏହି ଧର୍ମର ଲୋକମାନଙ୍କ ଦ୍ୱାରା ଆୟୋଜିତ ଅନେକ ମାରାତ୍ମକ ଆକ୍ରମଣ ଏବଂ ଆକ୍ରୋଶମୂଳକ କାର୍ଯ୍ୟକୁ ଲକ୍ଷ୍ୟ କଲେ ଏମାନଙ୍କୁ ଭାରତରେ ସ୍ଥାନ ଦେବାକୁ ଅନେକ ବ୍ୟକ୍ତି ବିରୋଧ ମଧ୍ୟ କରୁଛନ୍ତି ।

ବିଶେଷ କରି ମହିଳା ଏବଂ ନିରୀହ କନ୍ୟା ମାନଙ୍କ ଉପରେ ଶାରୀରିକ ଏବଂ ମାନସିକ ନିର୍ଯ୍ୟାତନା ଦେଉଥିବା ତାଲିବାନ ଗୋଷ୍ଠୀ ବିରୋଧରେ କିନ୍ତୁ ଆମ ଦେଶ ସମେତ ବିଶ୍ୱର କୌଣସି ମୁସଲମାନ ସଂଗଠନ ପଦୁଟିଏ କହିବାକୁ ଉଚିତ ମନେ କରିନାହାନ୍ତି । ଅବସ୍ଥା ଏଭଳି ବି ହୋଇଛି ଯେ ଭାରତର ଅନେକ ଗଣମାଧ୍ୟମରେ ଚର୍ଚ୍ଚା ଏବଂ ବାର୍ତ୍ତା କାର୍ଯ୍ୟକ୍ରମ ମାନଙ୍କରେ ଉପସ୍ଥିତ ରହି ଅନେକ ତାଲିବାନକୁ ସମର୍ଥନ ବି ଦେଉଥିବା ଦେଖିବାକୁ ମିଳୁଛି । ତାଲିବାନ ଗୋଷ୍ଠୀ ବର୍ତ୍ତମାନ ଆଫଗାନିସ୍ଥାନରେ ଏକ ସରକାର ଗଠନ କରିଥିବା ବେଳେ ସେଥିରେ କୌଣସି ମହିଳାଙ୍କୁ ସ୍ଥାନ ଦେଇନାହାନ୍ତି ଏବଂ ବିଶ୍ୱ ଗଣମାଧ୍ୟମକୁ ତାଲିବାନ ବାରମ୍ବାର ନିଜର ଛବି ପରିବର୍ତ୍ତନ କରିଥିବା କଥା କହୁଥିଲା ବେଳେ କିନ୍ତୁ ବାସ୍ତବିକତା ଏହାଠାରୁ ଢେର୍ ଦୂରରେ ବୋଲି ମନେ ହେଉଛି । ତାଲିବାନର କୁକୃତ୍ୟର ଭିଡ଼ିଓ ପ୍ରତିଦିନ ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହେଉଛି ଯେଉଁଥିରେ ସେମାନଙ୍କ ଦ୍ୱାରା ସମାପନ ହେଉଥିବା ଅଗଣିତ ଅକଥନୀୟ ଅତ୍ୟାଚାରର ଘଟଣା ବିଶ୍ୱବାସୀ ଦେଖିବାକୁ ପାଉଛନ୍ତି । ଏହିଭଳି ସମୟରେ ଏହି ନୃଶଂସ ମୌଳବାଦୀଙ୍କୁ ସମର୍ଥନ ଦେଉଥିବା ବ୍ୟକ୍ତିମାନଙ୍କୁ ନିଜର ଅନ୍ତକରଣରେ ସମୀକ୍ଷା କରିବା ଆବଶ୍ୟକ ବୋଲି ମନେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୁଏ । କେବଳ ଧର୍ମ ଆଧାରରେ ସେମାନଙ୍କୁ ସମର୍ଥନ କରୁଥିବା ବ୍ୟକ୍ତି ବସ୍ତୁତଃ ନିଜେ ତାଲିବାନୀ ଶାସନ ସପକ୍ଷରେ ଦିନେ ଆମ ଦେଶରେ ସେହିଭଳି ପରିସ୍ଥିତି ସୃଷ୍ଟି କରିବାକୁ ଆଗେଇବ ନାହିଁ ବୋଲି କିଏ କହିବ ? ତେଣୁ ବେଳ ହୁଁ ସାବଧାନ ହେବାକୁ ହେବ ଏବଂ ଏହିଭଳି ବ୍ୟକ୍ତି ତଥା ରାଜନୈତିକ ଗୋଷ୍ଠୀଙ୍କୁ ଚିହ୍ନି ରଖିବାକୁ ହେବ ।

ବିଗତ ଦିନରେ ବର୍ଷା ହେତୁ ଦେଶର ରାଜଧାନୀ ଦିଲ୍ଲୀ ସମେତ ଅନେକ ସ୍ଥାନରେ କୃତ୍ରିମ ବନ୍ୟା ସୃଷ୍ଟି ହୋଇଥିବାର ଦୃଶ୍ୟ ଆମକୁ ଆଚମ୍ବିତ କରିଥିଲା । ଦେଶର ରାଜଧାନୀରେ ହେଉଥିବା ଅବ୍ୟବସ୍ଥା ସମଗ୍ର ବିଶ୍ୱ ଦେଖେ ଏବଂ ଏହିଭଳି ଦୃଶ୍ୟ ନିଶ୍ଚୟ ଭାବରେ ଆମ ଦେଶର ଛବି ଖରାପ କରିବ ସେଥିରେ ଦ୍ୱିମତ ନାହିଁ । ଆମେ ଦିଲ୍ଲୀରେ ହେଉଥିବା ବନ୍ୟାର ଦୃଶ୍ୟ ଦେଖୁଥିବା ବେଳେ ଆମ ରାଜ୍ୟ ରାଜଧାନୀ ଭୁବନେଶ୍ୱରରେ ଅବସ୍ଥା ଏଭଳି ହୋଇଥିଲା ଯେ ବନ୍ୟାଜଳରେ କାର ଭାସି ଯାଉଥିବାର ଦୃଶ୍ୟ ସମେତ, କିଛି ବ୍ୟକ୍ତି ଡଙ୍ଗାରେ ବସି ବନ୍ୟାକୁ ଉପଭୋଗ କରୁଥିବା ଦୃଶ୍ୟ ସାମାଜିକ ଗଣମାଧ୍ୟମରେ ବ୍ୟାପକ ଭାବରେ ପ୍ରସାରିତ ହୋଇଥିଲା । ପ୍ରତିବର୍ଷ ଅନେକ ପ୍ରକାରର ପ୍ରାକୃତିକ ବିପଦକୁ ସମ୍ମୁଖୀନ ହେଉଥିବା ଓଡ଼ିଶାର ଉନ୍ନତି ଏହାର ରାଜଧାନୀକୁ ଦେଖିଲେ ଜଣାପଡ଼େ, ହେଲେ ସାମାନ୍ୟ ବର୍ଷାରେ ଯଦି ଭୁବନେଶ୍ୱରର ସଡ଼କ ସବୁ ଜଳାର୍ଣ୍ଣବ ହୋଇଯିବ, ତାହେଲେ ଏହା କେଉଁଭଳି ପ୍ରତିକ୍ରିୟା ସୃଷ୍ଟି କରିବ ତାହା ସହଜରେ ଅନୁମେୟ ।

ବିଗତ ସପ୍ତାହରେ ଅନେକ ଖବର ଆମ ମନକୁ ଆନ୍ଦୋଳିତ କରିଥିଲା, ସେଥିମଧ୍ୟରୁ କିଛି ଖବର ଥିଲା ଯାହା ସାମ୍ପ୍ରତିକ ସମୟରେ ପଢ଼ିଲେ ବା ଶୁଣିଲେ ଆଶ୍ଚର୍ଯ୍ୟ ଲାଗେ । ମନୁଷ୍ୟ ଚନ୍ଦ୍ରମା ସମେତ ଅନେକ ଗ୍ରହ ଓ ଉପଗ୍ରହରେ ପାଦ ଦେଇ ସାରିଥିବା ବେଳେ, ଏବେ ବି ଲୋକଙ୍କ ମନରେ ଗୁଣିଗାରେଡ଼ିକୁ ନେଇ ଅନେକ ସମସ୍ୟା ରହିଛି । କେଉଁଠି ଅପହରଣ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରି ହତ୍ୟା କରିଦିଆଯାଇଛି ତ କେଉଁଠି ସର୍ବସମ୍ମୁଖରେ ଉଲଗ୍ନ କରି ମୁହଁରେ ଅଖାଦ୍ୟ ଭରି ଦିଆଯାଇ ଅକଥନୀୟ ଅତ୍ୟାଚାର କରାଯାଇଛି । ଏବେ ବି ଅନେକ ସ୍ଥାନରେ ପରିବାର ମାନଙ୍କୁ ଗାଁରୁ ବାସନ୍ଦ କରାଯିବା ଭଳି ସମସ୍ୟା ଦେଖିବାକୁ ମିଳୁଛି । ଏହା ଶିକ୍ଷାର ବ୍ୟାପକ ପ୍ରସାର ସତ୍ତ୍ୱେ କିଭଳି ହେଉଛି ତାହା ଭାବିଲେ ଚିନ୍ତା ଲାଗୁଛି । ଏହିଭଳି କୁପ୍ରଥା ଏବଂ ଅନ୍ଧବିଶ୍ୱାସ ବିରୋଧରେ ସାହିତ୍ୟିକ ଗୋଷ୍ଠୀ କଲମ ଚାଳନା କରିବାକୁ ହେବ । ନୂଆ ବୈଷୟିକ ଜ୍ଞାନକୌଶଳକୁ ବ୍ୟବହାର କରି ଭଲ ଭଲ ଭିଡ଼ିଓ ତିଆରି କରୁଥିବା ଗୋଷ୍ଠୀ ଲୋକଙ୍କୁ ଶିକ୍ଷିତ କରିବା ଏବଂ ଏହି ଅନ୍ଧକାରରୁ ଆଲୋକ ଆଡ଼କୁ ଦିଗଦର୍ଶନ କରିବା ସମୟ ଆସିଛି । ମୁଁ ଆହ୍ୱାନର ସମସ୍ତ ଲେଖିକା ଏବଂ ଲେଖକଙ୍କୁ ଅନୁରୋଧ କରୁଛି ଏହି ବିଷୟରେ ଅଧିକରୁ ଅଧିକ ଲେଖା ଲେଖନ୍ତୁ ଏବଂ ଲୋକଙ୍କୁ ପଢ଼ିବାକୁ ଉତ୍ସାହିତ କରନ୍ତୁ ।

ଆଗାମୀ ଦିନମାନଙ୍କରେ ବର୍ଷର ସବୁଠାରୁ ଆନନ୍ଦଦାୟକ ସମୟ ଆସିବ । ଆଗାମୀ ମାସରେ ବାର୍ଷିକ ଦଶହରା ପର୍ବ ସମେତ କୁମାର ପୂର୍ଣ୍ଣିମୀ, ଦୀପାବଳୀ ଆଦି ଅନେକ ଉତ୍ସବ ଜନମାନସକୁ ଆନନ୍ଦିତ ଏବଂ ଆମୋଦିତ କରିବା ସହ ମହାମାରୀ ଭଳି ଭୟଙ୍କର ପରିସ୍ଥିତିରୁ ସାମୟିକ ନିସ୍ତାର ଯୋଗାଇବାରେ ସକ୍ଷମ ହେବ ବୋଲି ଆଶା କରୁଛି । ଏବଂ ପ୍ରାର୍ଥନା କରୁଛି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଶୀର୍ବାଦରୁ ଆହ୍ୱାନ ଇ-ପତ୍ରିକାର ସମସ୍ତ ପାଠିକା, ପାଠକ, ଲେଖିକା, ଲେଖକ ତଥା ଶୁଭେଚ୍ଛୁ ସ୍ୱାସ୍ଥ୍ୟବାନ ହୋଇ ଶାନ୍ତିରେ ରହନ୍ତୁ ।

ଧନ୍ୟବାଦ ।

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ**

ପ୍ରତିଷ୍ଠାତା-ସମ୍ପାଦକ, ଆହ୍ୱାନ ଇ-ପତ୍ରିକା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


# ଆମ ଓଡ଼ିଆ ପୋଡ଼କାଷ୍ଟ ଚ୍ୟାନେଲ୍










## ଆସ ଓଡ଼ିଆରେ ଲେଖିବା, ପଢ଼ିବା, ଶୁଣିବା ଓ ଶୁଣାଇବା

### ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କାହାଣୀ ବିଭାଗ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବ୍ୟାଘ୍ର ସାମ୍ରାଜ୍ୟର ନୀଳ ଆଲୋକ - ୧୩

ଜଙ୍ଗଲର ଦେବୀ - ବନବିବି

-୧-

ସମୟ ବଢିଚାଲେ । ଛାଇ ଲମ୍ବା ହୋଇଚାଲେ । ପାଓଲି ସେଦିନ ସକାଳେ ଭାବୁକ ହୋଇଯାଇଥିଲେ । ତାଙ୍କୁ ଆଉ ଏକ ଗାଁକୁ ଯିବାକୁ ଥିଲା । ଟୋଟୋରେ ବସି, ଚାଲି ସେ ଗାଁରେ ପହଁଞ୍ଚିଗଲେ । ଧାନଗଛ ସବୁ ଗାଢ ସବୁଜ ଦେଖାଯାଉଥିଲା । ଗାଁକୁ ଲାଗି ସବୁଆଡେ ଧାନଜମି । ତାପରେ ପାଣି । ପାଓଲି ପାଣିକୁ ଅନାଇରହିଲେ । କାହିଁ କେଉଁଠୁ ନଦୀ ବୋହି ଆସିଛି । ଏଠି ସୁନ୍ଦରବନ ଅଞ୍ଚଳରେ ଅସଂଖ୍ୟ ଧାର ହୋଇ ତଳକୁ ବୋହିଯାଇଛି । ଆଉ ନିଜର ନାମ ହରେଇ ଦେଇଛି ସମୁଦ୍ରରେ ।

ମଣିଷ ଜୀବନଟା କଣ ଏମିତି ? ସୁନ୍ଦରବନରେ ଏକ ନାମ ଅଛି । ସୁନ୍ଦର ଏକ ବନ । ତାପରେ ତଳେ ସମୁଦ୍ରରେ ଏହାର ଆଉ କିଛି ନାମ ନାହିଁ । ସବୁ ପାଣି ଏକାକାର ହୋଇଯାଇଛି ।



ଅଶୋକ ବିଶ୍ୱାଳ

ଏକ ପତଳା ପାଦଚଲା ରାସ୍ତାରେ ଛୋଟ ପୁଅଟିଏ ତଳେ ଖସି ପଡିଥିବା ନଡିଆ ବାହୁଙ୍ଗାକୁ ଟାଣୁଥିଲା । ଖାଲି ଗୋଡ, ଖାଲି ଦେହ, ଅଣ୍ଟାରେ ଏକ ପ୍ୟାଣ୍ଟ । ସେ ଦୁଇ ହାତରେ ଗଛର ଅଗକୁ ଟାଣୁଥିଲା । ବାହୁଙ୍ଗାର ମୂଳରେ ଏକ ସାନ ପୁଅ ବସି ରହିଥିଲା । ବୋଧହୁଏ ତା'ର ଭାଇ । ତା'ର ଦୁଇଗୋଡ ବାହୁଙ୍ଗା ଉପରେ ଥିଲା । ବଡ଼ ପୁଅଟି ସାନ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପୁଅଟିକୁ ଟାଣି ଟାଣି ଆଣୁଥିଲା । ସାନଭାଇ ନିଜର ସନ୍ତୁଳନ ରଖିଥିଲା । ତା'ର ପିଚା ମାଟିରେ ଲାଗୁ ନଥିଲା । ଦୁଇ ଭାଇ ମନଖୋଲା ହସୁଥିଲେ । ସେମାନଙ୍କ ହସରେ ଗାଁ ଦାଣ୍ଡ ଫାଟି ପଡୁଥିଲା । ଏକ ଛୋଟ ଝିଅ ଦୁଇ ଭାଇଙ୍କର ପାଖରେ ଠିଆ ହୋଇଥିଲା । ପାଣି କାଦୁଅ ଦୁନିଆରେ ନୁଖୁରା ବାଳକ ଦୁହେଁ ଖୁବ ହସୁଥିଲେ । ଛୋଟ ଝିଅଟିର ମୁହଁ ଖୁସିରେ ଭରି ଯାଇଥିଲା । ପାଦଚଲା ରାସ୍ତାରେ ଏକ ଧାର ପଡିଯାଇଥିଲା । ଆଜିର ଦିନରେ ଖୁବ ସ୍ୱଷ୍ଟ ।

କିଛି ସମୟପରେ ଛୋଟ ଝିଅଟି ଆଉ ସମ୍ଭାଳି ପାରିଲା ନାହିଁ । ସେ ତା'ର ହାତ ବଢାଇଦେଲା । ବଡ଼ ପୁଅଟି ଭଉଣୀକୁ ଲକ୍ଷ୍ୟ କରିଥିଲା । ସେ ଅଟକିଗଲା । ଛୋଟ ଝିଅଟି ଆସି ସାନ ଭାଇ କୋଳରେ ବସି ପଡିଲା । ଛୋଟ ଭାଇଟିର ମୁହଁରେ ଖୁସି ଭରିଗଲା । ସାନ ଝିଅଟି ଭାଇର ଆଶ୍ରୟରେ ରହି ବହୁତ ଖୁସି ଥିଲା । ଦେହରେ ଧୂଳି, ବାଳରେ ତେଲଟିକେ ଲାଗିନି । ଦେହ ଧୂସରିଆ । ମୁହଁରେ ଅସୀମ ଖୁସି । ବଡ଼ ଭାଇ ସେ ବାହୁଙ୍ଗାକୁ ଟାଣି ଚାଲିଲା । ଏମିତି ଟାଣି ଟାଣି ଭାଇ ଏକ ଅଳ୍ପ ପାଣି ଧାରରେ ପହଁଚିଗଲା । ଆଗକୁ ଆଉ ବାହୁଙ୍ଗାରେ ଟାଣି ହେବନି । ସେ ଅଟକି ସେଇ ପତଳା ନାଳକୁ ଚାହିଁଲା ।

ପାଓଲି ସପନବାବୁଙ୍କୁ ଅନାଇଲେ । ସେମାନେ ଅନେକ ଦିନ ହେଲା ଏ ଅଞ୍ଚଳରେ ବୁଲୁଛନ୍ତି । ମଣିଷ ଏଠି ଏତେ ବିଶ୍ୱାସ କାହିଁକି କରେ ? ସେ ନିଜେ କଣ ବିଶ୍ୱାସ କରନ୍ତି ? ସପନବାବୁ ପାଣିକୁ ତାଙ୍କ ଭଳି ଅନାଇଥିଲେ । ପାଣି ଗୋଳିଆ, କିଛି ରଙ୍ଗ ଧରି ନଥିଲା । ଏହି ଅଞ୍ଚଳର ମାଟି ଭରି ଯାଇଥିଲା ପାଣିରେ । ପାଣି ଧାରରେ ଅନେକ ଗଛ । କଦଳୀ ଗଛସବୁ ପାଣି ଧାରକୁ ମାଡି ଯାଇଥିଲା । ନଡିଆଗଛରୁ ହଳଦିଆ ନଡିଆଗୁଡା ତଳୁଆ ହୋଇ ଝୁଲୁଥିଲା ।

ଏ ମଧ୍ୟରେ ସେ ଗାଁରେ ବେଶ କିଛି ସମୟ ବିତିଯାଇଛି । ପାଓଲି ଆଜିକାଲି ବେଶି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମୟ ସପନବାବୁଙ୍କ ସହ କଟାଉଛନ୍ତି । ଦୁହେଁ ସାଙ୍ଗହୋଇ ସୁନ୍ଦରବନର ଅନେକ ଅଞ୍ଚଳ ବୁଲିଲେଣି । ଏହି ହେନ୍ତାଳବନ, ଲୁଣାବନ ଭିତରେ ଏକ ଆତ୍ମା ଅଛି ବୋଲି ଭାବିଲେଣି । ପାଣି, ପବନରେ ଘେରା ଅଞ୍ଚଳ ଭିତରେ ଏମିତି କିଛି ଚୁମ୍ବକୀୟ ଆକର୍ଷଣ ଅଛି ଯେଉଁଥିରୁ ସେମାନେ ବାହାରିବାକୁ ଚାହୁଁନାହାନ୍ତି । ସେହି ଆକର୍ଷଣ ତାଙ୍କୁ ବାର ବାର ଏ ପାଣି ଭିତରକୁ ଟାଣି ଆଣୁଛି । ଏହି ପାଣି କାଦୁଅର ଦୁନିଆରେ ଦିନେ ସେମାନେ ବନବିବି ପାଲା କଥା ଶୁଣିଲେ ।

ବନବିବିଙ୍କର ଏତେ ପ୍ରତିପତ୍ତି ଯେ ସୁନ୍ଦରବନରେ । ସମସ୍ତଙ୍କ ମନରେ ବିଶ୍ୱାସ ଯେ ବନବିବି ନିଶ୍ଚିତ ଭାବେ ବାଘ କବଳରୁ ରକ୍ଷା କରିବେ ।

ସେମାନଙ୍କର ବନବିବିଙ୍କ ପାଲା ଅଭିନୟ ଦେଖିବାର ଥିଲା । ଏ ପାଲାରେ କିଛି ଅଭିନୟ ହୁଏ ଆଉ କିଛି ଅଂଶ ଗୀତ ବୋଲାଯାଏ । ସାଧାରଣ ସାଜସଜା ଆଉ ନିରାଡମ୍ବର ପରିବେଶ ଭିତରେ ଏ ପାଲା ସାଧାରଣ ଲୋକଙ୍କ ଆଗରେ ପରିବେଷଣ କରାଯାଏ । ବନବିବିର ପାଲାକୁ ଦୁଃଖେର କାହାଣୀ କୁହାଯାଇ ପାରେ ।

ସେମାନେ ସେହି ସାଧାରଣ ଲୋକଙ୍କ ସହ ବସି ପଡିଲେ । ଦେହରେ ସାଧାରଣ ପୋଷାକ । ଏକ ଦମ୍ପତି ଏଇ ବନ୍ଧୁ ଘରକୁ ବୁଲିବାକୁ ଆସିଛନ୍ତି । ସେମାନଙ୍କ ଯୋଗୁ ଲୋକମାନେ ଅସହଜ ହେଉ ନଥିଲେ । ସେମାନେ ଛୋଟ ଭିଡ ଭିତରେ ହଜିଗଲେ ।

ଗାଁର ଭିତରେ ଅଭିନୟ । ସେମିତି କିଛି ଆଡମ୍ବର ନଥିଲା । ଅଭିନୟ କରୁଥିବା କଳାକାରମାନେ ଗାଉଁଲି ମଣିଷ ଥିଲେ । ବନବିବିଙ୍କ କାହାଣୀ ପରିବେଷଣ କରିବାପାଇଁ ସେମାନଙ୍କ ମନରେ ଉତ୍ସାହ ଥିଲା । ପାଲାର ମଞ୍ଚଟା ଏକଦମ ପାଣି ନାଳକୁ ଲାଗିକରି ଥିଲା । ଏଠି ବହୁତ ଯାଗାରେ ଭିତରକୁ ପାଣିର ଚଉଡାଧାରମାନ ଅଛି । ମଞ୍ଚରୁ ପାଣି ବହୁତ ଦୂର ପର୍ଯ୍ୟନ୍ତ ଭଲ ଭାବେ ଦେଖା ଯାଉଥିଲା । ମଞ୍ଚ ବାଉଁଶରେ ତିଆରି । ଉପରେ ବାଉଁଶ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଫାଳିଆ ଦେଇ ସମତଳ କରାଯାଇଥିଲା । ସେ ମଞ୍ଚରେ ଟିକିଏ ଜୋରରେ ଚାଲିଲେ ହଲୁଥିଲା ଆଉ ବେଶ କେଁ କେଁ ଶବ୍ଦ ହେଉଥିଲା ।

ପାଲା ଆରମ୍ଭ ହୋଇ ନଥିଲା । ଦେଖଣାହାରୀମାନେ ଜଣଙ୍କ ପରେ ଜଣେ ଆସୁଥିଲେ ।

"ସପନବାବୁ, ତୁମେ ଲୋକାଭିନୟ ଭିତରେ କିଛି ସତ ଅଛି ବୋଲି ଭାବୁଛ ?"-ପାଓଲି ପଚାରିଲେ ।

ସପନବାବୁ ସୁନ୍ଦରବନ ଅଞ୍ଚଳରେ ଅନେକ ବୁଲିଛନ୍ତି । ଏଠି ଅନେକ ବିଶ୍ୱାସ । ଜୀବନରେ ସବୁଆଡେ ବିଶ୍ୱାସ । ଏଠାରେ ସବୁଠାରୁ ବଡ଼ ବିଶ୍ୱାସ ହେଉଛି ବନବିବି । ସେ ବନବିବି ପାଲା ଦେଖିବେ ବୋଲି ଭାବୁ ନଥିଲେ । କିନ୍ତୁ ପାଓଲିଙ୍କର ଇଚ୍ଛା । ସୁନ୍ଦରବନ ଭିତରେ ଅଛେ । ପାଖ ଗାଁରେ ବନବିବି ପାଲା ହେବ । ତେଣୁ ଦେଖିନେଲେ କ୍ଷତି କଣ ? ପାଓଲି ଲୋକାଭିନୟ, ଲୋକଗୀତି, ଲୋକାବିଶ୍ୱାସ ଭିତରୁ ଲଜିକ ଖୋଜନ୍ତି ଆଉ ସେ ଭିତରେ ଅନ୍ତର୍ନିହିତ ଥିବା ଇତିହାସ ଖୋଜନ୍ତି ।

ପାଓଲି ଦେଖଣାହାରୀମାନଙ୍କୁ ଅନାଇଲେ । ଛୁଆମାନେ ଆସି ବସିପଡିଲେଣି । ଅଧିକାଂଶଙ୍କର ଖୋଲା ଦେହ । ବୟସ ହିସାବରେ ଲମ୍ବା ଦେହ, ରଙ୍ଗ ସାଧାରଣତଃ ଶ୍ୟାମଳ ବା କଳା । ସେମାନଙ୍କ ବଡବଡ ଆଖି ପାଓଲିଙ୍କୁ ଦେଖୁଥିଲା । ପାଓଲି ଯେ ଏଠି ଅଜଣା, ସେମାନେ ସହଜରେ ଜାଣିପାରୁଥିଲେ । କେଉଁ ଲୋକର କୁଣିଆ ହୋଇଥିବେ । ପାଓଲି ସେମାନଙ୍କ ମୁହଁରୁ ବିଶ୍ୱାସ ଖୋଜୁଥିଲେ ।

"କହି ହେବନି ପାଓଲି । କିନ୍ତୁ କିଛି ସତ୍ୟ ନିଶ୍ଚିତ ଭାବରେ ଥିବ । ବହୁତ ମନଗଢ଼ା କାହାଣୀ ହୋଇପାରେ ।"–ସପନବାବୁ କହିଲେ । ହାଲୁକା ସ୍ୱର ।

ପିଲାମାନେ ନିଜ ନିଜ ଭିତରେ ବଡ଼ ପାଟିକରି କଥା ହେଉଥିଲେ । ବିଳମ୍ବ ହେବାରୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସେମାନେ ବ୍ୟସ୍ତ ହୋଇ ପଡୁଥିଲେ । ଏକ ଛୁଆ ଆଉ ଏକ ଛୁଆକୁ ଠେଲି ଦେଉଥିଲା । ସେ ଯାଗାରୁ ପାଲା ଭଲଭାବେ ଦେଖାଯିବ ବୋଲି ଭାବୁଥିଲା । ଛୁଆମାନେ ତ ଏମିତି । ସେମାନେ ମୋଟେ ଅପେକ୍ଷା କରିବାକୁ ଚାହାନ୍ତି ନାହିଁ । ସବୁବେଳେ ଭଲଟା ନିଜେ ନେଇଯିବାକୁ ଚାହାନ୍ତି । ସେଥିରେ ଅନ୍ୟର କ୍ଷତି କରନ୍ତିନି । ସାମାନ୍ୟ ଜିନିଷପାଇଁ ଟିକେ ଠେଲାପେଲା ହୁଅନ୍ତି ।

"ସପନ ତୁମେ ପିଲାମାନଙ୍କ ଆଖିକୁ ଦେଖ । କେତେ ନିର୍ମଳ ଆଉ ସରଳ ।"- ପାଓଲିଙ୍କ କଣ୍ଠରେ ସ୍ନେହ । ପିଲାମାନେ ସବୁବେଳେ ପାଓଲିଙ୍କୁ ଭଲ ଲାଗନ୍ତି । ସେମାନଙ୍କ ମନରେ କିଛି ନଥାଏ । ଯାହା ଭାବନ୍ତି କହି ଦିଅନ୍ତି । ଯାହା ଚାହାନ୍ତି ମାଗି ନିଅନ୍ତି ।

ସପନବାବୁ ଲୋକଗୀତି ଆଉ ଲୋକ କାହାଣୀ ସବୁ ଏଇ ପିଲା ବା ଏଇ ପିଲାମାନଙ୍କ ଭଳି ସରଳ ମନଥିବା ଲୋକମାନଙ୍କ ପାଇଁ ତିଆରି ହୋଇଛି । ଏହି ଲୋକମାନେ ସବୁ କଥାକୁ ସହଜରେ ବିଶ୍ୱାସ କରି ଯାଆନ୍ତି ।- ସେ କହୁଥିଲେ ।

ସପନବାବୁ ପିଲାମାନଙ୍କୁ ଅନାଉଥିଲେ । ସବୁ ବୟସର ପିଲା । ଛୋଟରୁ ଟିକିଏ ବଡ଼ । ସେମାନେ ଯାଗାପାଇଁ ଠେଲାପେଲା କରୁଥିଲେ । ମଝିରେ ମଝିରେ କିଛି ଅଳ୍ପ ବୟସ୍କ ତରୁଣ ସେମାନଙ୍କୁ ଆକଟ କରି ଧାଡିରେ ବସାଇ ଦେଉଥିଲେ । ଏବେ ଅନେକ ଲୋକ ଜମା ହୋଇଗଲେଣି । ପୁରୁଷ, ମହିଳା ଆଉ ଅନ୍ୟ ବୟସ୍କ ଦେଖଣାହାରୀମାନେ ପିଲାମାନଙ୍କ ପଛରେ ଠିଆ ହୋଇଗଲେଣି । କିଛି ବୟସ୍କ ପୁରୁଷ ଆଉ ମହିଳା ତଳେ ବସି ପଡିଲେ । ସେମାନଙ୍କ ଆଖି ଟିକିଏ ଖୋଲା ଯାଗା ଉପରେ କେନ୍ଦ୍ରିତ ଥିଲା ।

ପାଓଲିଙ୍କର ସକାଳର କିଛି ପିଲାଙ୍କ କଥା ମନେ ପଡିଗଲା । ବଡ଼ ପୁଅଟିଏ ଏକ ପତଳା ନାଳ ପାଖରେ ଅଟକି ଯାଇଥିଲା । ସେପଟକୁ କେମିତି ଯିବ ? ସେପଟେ କଦଳୀଗଛ ସବୁ କଟା ହୋଇ ପଡିଥିଲା । ଅନେକ ଗଛ । କିଛି ଅଳ୍ପ ସଢିଯାଇଛି । କିଛି ତାଜା । ତା'

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଉପରକୁ ଡେଇଁ ହେବ । ସେ ଟିକିଏ ଭାବିଲା । ବାହୁଙ୍ଗାକୁ ଛାଡିଦେଲା । ଅଳ୍ପ ଟିକିଏ ପଛେଇ ଯାଇ ଖୁବ ଜୋରରେ ଡେଇଁ ପଡିଲା । ପ୍ରାୟ ଶେଷ ଗର ପାଖରେ ପହଁଚିଗଲା । ସେଇଠୁ ଠିଆ ହୋଇ ସେ ସାନ ଭାଇକୁ ଅନାଇଲା । ଛୋଟ ପୁଅଟି ଭଉଣୀକୁ ତଳେ ଓହ୍ଲେଇ ଦେଲା । ଟିକିଏ ଅଧିକ ବୟସର ଝିଅଟିଏ ସାନ ଭଉଣୀକୁ କୋଳେଇ ନେଲା । ସାନ ପୁଅଟି ଖୁବ ଜୋରରେ ଦୌଡିଲା ଆଉ ଏକ ଲମ୍ବା ଲମ୍ଫ ଦେଲା । ସେ ଆକାଶକୁ ଯେମିତି ଉଡି ଯାଉଥିଲା । ପଛରେ ଓଦାଳିଆ ଅକାଶ । ତା' ପଛରେ ପାଣିର ଦରିଆ ଯେମିତି ତଳେ ଅଛି । ପିଲାଟି କଦଳୀଗର ମଝିରେ ପଡିଲା । ସେଇଠୁ ଠିଆ ହୋଇ ବିଜୟୀ ଦର୍ପରେ ହସୁଥିଲା । ଏତେ ଲମ୍ବା ଦୂର ସେ ଡେଇଁ ପଡିଛି । ତା'କୁ ନିଜେ ବିଶ୍ୱାସ ହେଉ ନଥିଲା ।

ଏ ପାଣିର ଦୁନିଆରେ ମନର ବିଶ୍ୱାସ ଅଲଂଘ୍ୟକୁ ଜିତିବାକୁ ସାହାସ ଦିଏ । ପାଓଲି ଟିକିଏ ଅନ୍ୟମନସ୍କ ହୋଇ ଯାଇଥିଲେ । ଟିକେ ଭାବୁକ ହୋଇଯାଉଥିଲେ । ସବୁଠାରେ ଆକାଶକୁ ଉଡି ଯିବାପାଇଁ ଅଦମ୍ୟ ଇଛା ଥାଏ ।

"ପାଓଲି । ଗାଁବାଲାଙ୍କର ସରଳ ବିଶ୍ୱାସ ବେଳେ ବେଳେ ସେମାନଙ୍କୁ ସତଠାରୁ ଦୂରକୁ ନେଇଆସେ । ଧୀରେଧୀରେ ପ୍ରକୃତ ଘଟଣା ସମସ୍ତେ ଭୁଲି ଯାଆନ୍ତି । ବହୁତ ଲୋକବିଶ୍ୱାସ ପଛରେ କେତେ ସତ ଅଛି କହି ହେବନି ?"- ସପନବାବୁକହିଲେ ।

କଥାଟା ସତ । କିନ୍ତୁ ସବୁ ଲୋକଭିନୟ ପଛରେ କିଛି ମାତ୍ରାରେ ସତ ଅନ୍ତର୍ନିହିତ ଅଛି । ବିନା ଏକଘଟଣାରେ ଲୋକଭିନୟ ଅଭିନୀତ ହୋଇ ନପାରେ । କିଛି ସତକୁ ନାଟ୍ୟକାର ନିଜ ହିସାବରେ, ନିଜ ବିଶ୍ୱାସ ହିସାବରେ ସଜାଇ ଦେଇଛି । ଏହାହିଁ ଘଟୁଛି ।- ପାଓଲି କହୁଥିଲେ । ସେ ତାଙ୍କର ଲଜିକ ଭରା ମନରେ ସବୁ କଥା ସଜାଇ ଦିଅନ୍ତି । ତାଙ୍କଠାରୁ ଦେବଶ୍ରୀ ବହୁତ ଅଧିକ ଲଜିକ ଖୋଜନ୍ତି । ଦେବଶ୍ରୀଙ୍କ ଆନାଲିଟିକାଲ ମାଇଣ୍ଡ ତାଙ୍କ ପାଖକୁ କେମିତି ଆସିଯାଇଛି । ପାଓଲିଙ୍କର ମୁହଁ ଭାବ ସାମାନ୍ୟ ଥିଲା । ତାଙ୍କର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଆଖି ଦେଖଣାହାରୀଙ୍କ ଉପରେ କେନ୍ଦ୍ରିତ ଥିଲା । ସପନବାବୁ ମଧ୍ୟ ଷ୍ଟେଜକୁ ଅନାଇଥିଲେ । ସେ ବହୁତସମୟ ଧରି ସେ ଦେଖଣାହାରୀ ଆଉ ଆଗରେ ଥିବା ନଦୀ ପାଣିକୁ ଅନାଇ ରହିଲେ । କେତେ ବିଶ୍ୱାସ ବୋହିଯାଉଥିବ ଏହି ପାଣିରେ ?

ଅପରାହ୍ଣ ସମୟ । ଲୋକମାନେ କାମରୁ ଫେରି ଆସିଥାନ୍ତି । ଝାଞ୍ଜ ଜୋରରେ ବାଜି ଉଠିଲା

ଧୋନାଇ ମୋନାଇ ନାମେ ଛିଲୋ ଦୋଟି ଭାଇ

ବଦାବନ କରେ ହମେଶା ଏସାଇ

. . . . . . .

ଏକ ଗୀତିକାର ନାଟ୍ୟର ଆରମ୍ଭରେ ଗୀତ ଗାଉଥିଲା । ସାମାନ୍ୟ ବର୍ଣ୍ଣନାପରେ ଆରମ୍ଭ ହେବ । ଆଉ କଳାକାରଗଣ ଷ୍ଟେଜକୁ ଆସିଗଲେ । ସେମାନେ ଯାତ୍ରା ପୋଷାକ ପିନ୍ଧିଥିଲେ । ଗାଁର ଏମିତିଆ ପାଲାରେ ଯେତିକି କଥା ହୁଏ ତାଠାରୁ ଢେର ଅଧିକ ଗୀତ ବୋଲାଯାଏ । ହାରମୋନିଅମ, ଝାଞ୍ଜ ଇତ୍ୟାଦି ବାଦ୍ୟର ବ୍ୟବହାର ଅଧିକ । ଏହି ଶବ୍ଦ ମଝିରେ ମଝିରେ ରହୁଥିବା ଖାଲିଥିବା ଶବ୍ଦକୁ ପୂରଣ କରେ ।

ଏ ପାଲାରେ ଦୁଃଖେ ହେଉଛି ମୁଖ୍ୟ ଚରିତ୍ର । ତା'ରି କାହାଣୀ ନେଇ ଏ ପାଲା ତିଆରି ହୋଇଛି ।

ପ୍ରାୟ ଆଠ-ଦଶ ବର୍ଷର ବାଳକ ଦୁଃଖେର ଚରିତ୍ର ଅଭିନୟ କରୁଥିଲା । ଦୁଃଖେ ଚରିତ୍ରଧାରୀ ବାଳକଟି ଏକ ଜରିଦାର ହଳଦିଆ ଶାର୍ଟ ପିନ୍ଧିଥିଲା । ସେ ଷ୍ଟେଜ ଉପରକୁ ଆସିଲା ଆଉ ଝାଞ୍ଜସବୁ ଖୁବ ଜୋରରେ ବାଜି ଉଠିଲା । ସେପଟେ ଦେଖଣାହାରୀମାନେ ନିଜ ଆକାର ଆଉ ଉଚ୍ଚତା ହିସାବରେ ସ୍ଥାନ ନେଇନେଲେ । ଛୁଆମାନେ ତଳେ ବସି ପଡିଲେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦୁଃଖେ ମା' ମା' ଡାକୁଥିଲା । ତା'ର ଡାକରେ କରୁଣତା ଭରି ରହିଥିଲା । ହାରମୋନିୟମରେ କରୁଣ ରାଗ ତିଆରି ହେଲା । ହାରମୋନିୟମ ବଜାଉଥିବା କଳାକାର ଆଖି ବନ୍ଦକରି ନିଜର ଆଙ୍ଗୁଳିକୁ ଧିରେ ଚଲାଉଥିଲେ । ତାଙ୍କ ଭିତରର ଦୁଃଖ ତାଙ୍କର ହାରମୋନିୟମରୁ ପ୍ରାୟ କାନ୍ଦ ହୋଇ ବାହାରି ଆସୁଥିଲା ।

ଏକ ବୟସ୍କ ଅଭିନେତା ମଞ୍ଚ ଉପରକୁ ଆସିଲେ । ତାଙ୍କର ଜରି କୋଟ ଉପରେ ନକଲି ମୋତି ମାଳା ପଡିଥିଲା । ମୁଣ୍ଡର ଟୋପୀ ବଙ୍କେଇ ହୋଇ ଯାଇଥିଲା । ସେ ଏକ ବଣିଜ ବେପାର କରୁଥିବା ଲୋକ ଲାଗୁଥିଲେ । ସେ ଦୁଃଖେକୁ ନିଜର ପରିଚୟ ଦେଉଥିଲେ ।

"ମୁଁ ତୋର ବାପ ତରଫରୁ ଦୁର ସମ୍ବନ୍ଧୀୟ ଚାଚା ବା ସାନବାପା ।" – ସେ ବଣିକ କହିଲେ । ଦୁଃଖେର ମୁହଁରେ ହସ ଫୁଟି ଉଠିଲା ।

"ତୋର କେତେ ଭାଇ ଭଉଣୀ ?"

"ମୁଁ ମା'ର ଏକମାତ୍ର ପୁଅ । କେହି ଭାଇ ଭଉଣୀ ନାହାନ୍ତି ।"

"କଣ କରୁଛୁ ?"

"କିଛି ନାହିଁ ।" ଗୀତରେ ତା'ପରେ ଦୁଃଖେ ନିଜର ଜୀବନ ଗାଥା ଗାଇଲା । ପଛରେ ପ୍ରାୟ ହାଲୁକା ଭାବରେ କାନ୍ଦିଲା ସ୍ୱରରେ ହାରମୋନିୟମ ବାଜୁଥିଲା । ପିଲାଟି ନିଜ କଥା ଗାଉଥିଲା । ବାପ ମରିଗଲାଣି । ଘରେ ଖାଇବାକୁ ନାହିଁ । ମା ଦିନ ସାରା କାମ କରି ଫେରିଲେବି ପେଟପୁରା ଖାଇବାକୁ ମିଳୁନି । ତା'ର ସ୍ୱରରେ ଦୁଃଖ ଫୁଟି ଉଠୁଥିଲା ।

ନାଚ ଦେଖୁଥିବା ଛୁଆମାନେ ବଡ଼ ଲୟରେ ଦୁଃଖେର ଗୀତ ଶୁଣୁଥିଲେ । ସେମାନଙ୍କର ହଲୁଥିବା ମୁଣ୍ଡମାନ ସ୍ଥିର ଥିଲା । କେହି କୁଆଡେ ଅନାଉ ନଥିଲେ ।

ଦାଦା ବଣିକକୁ ବଡ଼ ଦୁଃଖ ଲାଗିଲା । ସେ ଗୀତରେ ନିଜର ସମବେଦନା ଜଣାଉଥିଲା ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ତାପରେ ସେ ତା'ର ଆସିବାର କାରଣ ଜଣାଇଲା । ସେ ଜଣେ ମୌଲୀ(ମହୁ ସଂଗ୍ରହକାରୀ) । ସେ ମହଲ(ଭିତର ଜଙ୍ଗଲ)କୁ ଯିବ । ସେଇଠୁ ମହୁ ସଂଗ୍ରହ କରିବ । ତା'ର ଦଳରେ ଜଣେ କମ ପଡୁଛି । ତେଣୁ ସେ ଲୋକପାଇଁ ଆସିଛି । ଦୁଃଖେ ରାଜିହେଲେ ମହୁ ସଂଗ୍ରହପାଇଁ ଦୁଃଖେକୁ ସାଥିରେ ନେବ ।

ଦୁଃଖେ ଖୁବ ଖୁସି ହୋଇଗଲା । କିନ୍ତୁ ମା'ର ଅନୁମତି ନେବା ଆବଶ୍ୟକ ।

ମା ଷ୍ଟେଜକୁ ଆସିଲା । ମା'ର କରୁଣଗୀତି, ମା'ର ସ୍ନେହକୁ ମା ଗୀତ ଆକାରରେ ବଖାଣିଲା । ସୁନ୍ଦରବନ ଅଞ୍ଚଳର ସାଧାରଣ ଦୁଃଖଭରା କାହାଣୀ । କେତେ କଷ୍ଟରେ ସେ ବଞ୍ଚୁଛି । ପୁଅର ମୁହଁ ଚାହିଁ ଦିନ ଭୁଲିଯାଉଛି । ପୁଅ ତ ତା'ର ଦୁଃଖୀ ଦୁନିଆର ନୟନ । ପୁଅକୁ କେମିତି ଛାଡିବ ? ଜଙ୍ଗଲରେ ଅଗଣିତ ସାପ, ବାଘ ଆଉ କୁମ୍ଭୀର । କେମିତି ଜାଣି ଜାଣି ମା ହୋଇ ପୁଅକୁ ମରଣ ମୁହଁକୁ ଛାଡିବ ?

ପୁଅ ମା'କୁ ବହୁତ ବୁଝାଇଲା । କିନ୍ତୁ ମା' ମୋଟେ ରାଜି ହେଲା ନାହିଁ ।

ମା' ଆଉ ପୁଅଙ୍କର ଜଞ୍ଜାଳ ଛିଣ୍ଡୁ ନଥିବାରୁ ମୌଲୀ ଦାଦା ଅନ୍ୟ ଲୋକ ଦେଖିବାକୁ ବାହାରିଲା । ପୁଅ ମଧ୍ୟ ବହୁତ ଜିଦି କଲା । ମା' ଶେଷରେ ରାଜି ହେଲା ।

ମା' ପୁଅର ବିଚ୍ଛେଦ ଘଟିଲା । ବିଚ୍ଛେଦରେ ଅନେକ ଗୀତ ବୋଲାଗଲା । ମା' କେମିତି ଜୀବନ ଧରି ବଞ୍ଚିବ । ଏତେ ଦୁଃଖଭରା ଗୀତରେ ଦେଖଣାହାରୀଙ୍କ ଆଖିରେ ଲୁହ ଜକେଇ ଆସୁଥିଲା । ଏହା ସେମାନଙ୍କ ଦୈନନ୍ଦିନର ଜୀବନ । ସୁନ୍ଦରବନ ଜୀବନର ଦୁଃଖ ଆଉ ଦାରଦ୍ର୍ୟର ଚିତ୍ର ଥିଲା ଦୁଃଖେ ।

ସବୁ ଚରିତ୍ର ଭିତରକୁ ପ୍ରସ୍ଥାନ କଲେ । କିଛି ମିନିଟ ପରେ ପୁଣି ପାଲା ଆରମ୍ଭ ହେବ । ପାଓଲି ସେହି ପିଲାମାନଙ୍କୁ ଅନାଇଲେ । ଦୁଃଖେ ବୟସର ଅନେକ ବାଳକ । ଅନେକଙ୍କ ଜୀବନ ଦୁଃଖେ ଭଳି କଟୁଥିବ । ସେ ସକାଳର ଦୁଇ ବାଳକଙ୍କ କଥା ଭାବୁଥିଲେ । ଦୁଇଭାଇ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସେହି ଛୋଟ ନାଳ ପାରି ହୋଇଯାଇଥିଲେ । ସାନ ଭାଇ ପ୍ରଥମ ଥର ପାଇଁ ସେ ନାଳକୁ ପାରି ହୋଇଗଲା । ବିଜୟର ଉଲ୍ଲାସରେ ବଡ଼ ଭାଇ ସହ ଖୁବ ଜୋରରେ ଦୌଡ଼ୁଥିଲା । ସେପଟେ ବଡ଼ ଭାଇ ବୟସର ଅନେକ ବାଳକ ଠିଆ ହୋଇଥିଲେ । ସେମାନଙ୍କ ଆଗରେ ଆହୁରି ଏକ ବଡ଼ ନାଳ । ସେଥିରେ ଗଭୀର ପାଣି । ସେମାନଙ୍କ ସହ ନାଳକୁ ଡେଇଁ ଅନେକ ବାଳକ ଯୋଗ ଦେଲେ । ସମସ୍ତଙ୍କ ମୁହଁ ଝଲସୁଥିଲା । ଏବେ ବଡ଼ ନାଳରେ ପହଁରିବେ । ଛୁଆମାନଙ୍କୁ ଅନାଇ ପାଓଲିଙ୍କ ମୁହଁରେ ହସ ଫୁଟି ଓଠିଲା । ଛୁଆମାନେ ବାଧାକୁ ଅତିକ୍ରମ କରିବାର ଶକ୍ତି ସବୁବେଳେ ରଖିଥାନ୍ତି । ବଡହେଲେ ମଣିଷମନରୁ ଶକ୍ତି କେତେ ସହଜରେ ହଜିଯାଏ । ପିଲାମାନେ ହେଉଛନ୍ତି ମଣିଷର ଭବିଷ୍ୟତ ଆଉ ଏଇଠି ଆଗକୁ ଯିବାର ଶକ୍ତି ଖୁନ୍ଦି ହୋଇ ରହିଛି ।

ପୁଣି ଜୋରରେ ଝାଞ୍ଜ ବାଜି ଉଠିଲା । ପାଲା ଆରମ୍ଭ ହେବ । ପିଲାମାନେ ନିଜ ଭିତରେ କଥା ହେବା ବନ୍ଦ କରିଦେଲେ । ସେମାନେ ବଡ ଧ୍ୟାନର ସହ ସବୁ ଚରିତ୍ରର କଥା ଶୁଣୁଥିଲେ । ପାଓଲି ନିଜ ଭାବନାର ଦୁନିଆରୁ ଫେରି ଆସିଲେ ।

କ୍ରମଶଃ-

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କୁସୁମ

ଉପକ୍ରମ : ବିଂଶ ଶତାବ୍ଦୀର ଅତ୍ୟାଧୁନିକ ବୈଜ୍ଞାନିକ କୌଶଳ ତଥା ଯାନ୍ତ୍ରିକ ଦୁନିଆରେ ଅବତୀର୍ଣ୍ଣ ମାନବ ସମାଜରେ, ନାରୀ ଏବେ କେତେ ସୁରକ୍ଷିତ । ଗର୍ଭରେ ରହିବା ଠାରୁ ଜନ୍ମ ଦେଲାଯାଏଁ ମା'ଟିଏ କାଳେ ତାର କନ୍ୟା ସନ୍ତାନଟିଏ ହେଲେ ତାକୁ କେତେ ହତାଦର କରାଯିବ ଏକଥା ଅଗଣିତ ଥର ଚିନ୍ତା କରିବାକୁ ବାଧ୍ୟ ହେଉଛି, ପାରି ପାର୍ଶ୍ୱିକ ପରିସ୍ଥିତିକୁ ନେଇ ।

ଅନେକ ସମୟରେ ମା'ଟିଏ ଏକା ଏକା ପିଲାର ଲାଳନ ପାଳନ କରିବାକୁ ବାଧ୍ୟ ହେଉଛି । କେବେ ପାରିପାରିକ ହିଂସା ଦ୍ୱେଷର ଶିକାର ହୋଇ ତ କେବେ ସମାଜର କ୍ରୁର ଦୃଷ୍ଟିରେ ।

ଏ ସମାଜରେ ଏକୁଟିଆ ମା'ର ପରସ୍ଥିତି କାଠିକର । ଏକୁଟିଆ ମା'ର ଝିଅ ଅବସ୍ଥା ତଦୁପରି । କହିବା ବାହୁଲ୍ୟ ଯେ ବୈଜ୍ଞାନିକ ପଦ୍ଧତି, ଉଦ୍ଭାବନ, ନୂଆ ଏସବୁରେ ସମାଜ ଅନେକ ଆଗଉଛି କିନ୍ତୁ ମାନସିକତାର ବିକାଶ ସେହିପରି ଦ୍ରୁତ ଗତିରେ ହୋଇପାରୁନାହିଁ ।



ବିଜୟ କୁମାର ପଣ୍ଡା

ଦୁନିଆ ଯେତେ ଆଗକୁ ଯାଉଛି, ଗରିବ ଏବଂ ଧନୀ ମଧ୍ୟରେ ବ୍ୟବଧାନ ସେତେ ବଢ଼ି ବଢ଼ି ଯାଉଛି । ପୁଅ ଆଉ ଝିଅ ସନ୍ତାନ ମଧ୍ୟରେ ପାତର ଅନ୍ତର ବି କିଛି କମ୍ ନୁହେଁ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେହିପରି କିଛି ସାମାଜିକ ପରିସ୍ଥିତିକୁ ଆଧାର କରି ଆପଣ ମାନଙ୍କୁ ଭେଟି ଦେଉଛି ପାରିବାରିକ ତଥା ରୋମାଞ୍ଚଭରା  ଧାରାବାହିକ କାହାଣୀ "କୁସୁମ "  ।

ଏହା  "କୁସୁମ "  ଧାରାବାହିକ କାହାଣୀର ପ୍ରଥମ ଅଧ୍ୟାୟ । ଧାରାବାହିକ କାହାଣୀକୁ ସମ୍ପୂର୍ଣ୍ଣ ବୁଝିବା ପାଇଁ ଏହାର ପ୍ରତ୍ୟେକଟି ଭାଗ ଏବଂ ଏହାର ପୂର୍ବ ଓ ପରବର୍ତ୍ତୀ ଭାଗ ସବୁ ପଢ଼ିବାକୁ ବିନୀତ ଅନୁରୋଧ ।

ପ୍ରଥମ ଭାଗ (୧) :

"ମା ମୋର ଭୁଲ ହୋଇ ଯାଇଛି ମା ..ମାରନା ମା । ମୁଁ ତମ ଗୋଡ଼ ଧରୁଛି ମା । ମୁଁ ଜାଣିଶୁଣି ଏମିତି କିଛି କରିନି । ଦୁଆର ବନ୍ଧରେ ମୋର ଗୋଡ଼ ବାଜି ମୁଁ ଝୁଣ୍ଟିପଡ଼ିଲି । ମୋ ହାତରୁ କପ୍ ଟା ଖସି ପଡ଼ିଲା ।" ମାଡ଼ ଖାଇ ବିକଳରେ ହାତ ଯୋଡ଼ି କାକୁତି ମିନତୀ ହେଉଥାଏ କୁସୁମ ତା ମାଲିକିଆଣି ପାଖରେ  ।

"ତା ମନ ପସନ୍ଦର କେଡ଼େ ସୁନ୍ଦର କପ୍ ଟି .. ଦିଲ୍ଲୀରୁ ଆସିଥିଲା । କୁନି ସବୁଦିନ ସେଇ କପ୍ ରେ ହିଁ କଫି ପିଏ । ଆଜିକାଲି ଚାକର ଚାକିରୀଆଣି ସବୁ ଖାମଖିଆଲି । ଆଉ କଣ ଆଗ ସମୟ ଅଛି  ? ଏବେ ସବୁ ପାଠ ପଢୁଆ ଚାକରିଆଣି । ସେମାନଙ୍କ ପାଦ ଆଉ କଣ ତଳେ ଲାଗୁଛି  ?" ଦୁଇଟା ଶକ୍ତ ଚାପୁଡ଼ା ଦେଲାପରେ ମାଲିକିଆଣି କେତେ କଥା ଶୁଣାଉଥିଲେ ।

ତା ଭାଗ୍ୟ ଆଜି ତାକୁ ଏ ଦିନ ଦେଖିବାକୁ ଦେଇଛି  ।

ମା ଛେଉଣ୍ଡ ଝିଅଟି ।

ତା ବାପା କିଏ ସେକଥା ସେ ପିଲାଟି ଦିନରୁ ମାଆକୁ ପଚାରି ଆସିଛି କିନ୍ତୁ ଉତ୍ତର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପାଇନି ।

ମାଆ ବି ଯିବାର ଅନେକଦିନ ବିତିଗଲାଣି ।

ଅନେକ ଲଢ଼ିଥିଲା ମା' ତା ପାଇଁ ।

ହେଲେ ସେମାନେ ତା ମାଆକୁ ଜୀବନରୁ ମାଆକୁ ମାରିଦେଲେ । ମାଆକୁ କିଏ ମାରିଲା ଆଉ କେମିତି ମାରିଲା ତାର କିଛି ଆତାପତା ବି ପାଇଲାନି କୁସୁମ । ହତ୍ୟାକାରୀ କିଛି ବି ସୁରାକ ଛାଡ଼ିନଥିଲା । ଯଦି ବି ଛାଡ଼ିଥିବ ତାକୁ ଜଣା ପଡ଼ିଲାନି । ପୋଲିସ୍ ଯେତେବେଳେ ଜାଣିପାରିଲାନି ସେ ଆଉ କଣ କରିଥାନ୍ତା ଯେ !!

ଏବେ ସେ ପରଘରେ କାମକରି ପେଟ ପୋଷୁଛି, ପିଲା ଦେଖାଶୁଣା କରେ ଆଉ କାମ ଦି ପାଇଟି ବି କରିଦିଏ ।

ଭଲକି ପଢ଼ା ଲେଖା ଜାଣେ କୁସୁମ ।

ଦିନେ ମେଧାବୀ ଛାତ୍ରୀ ହିସାବରେ ଆଖପାଖ ଅଞ୍ଚଳରେ ଖ୍ୟାତି ଅର୍ଜିଥିଲା ହେଲେ ଆଜି ସମୟ ତାକୁ ଅନ୍ୟଘରେ ଚାକରାଣୀ ସଜେଇ ଦେଇଛି କିନ୍ତୁ ସେ ହାର୍ ମାନିବନି ବୋଲି ମନକୁ ଦୃଢ଼ କରିଛି ।

ଏଇ କିଛି ମାସ ହେବ, ସେ ତା ଜୀବନର ସବୁ ଘଟଣା ଡାଏରିରେ ଲେଖିବା ଆରମ୍ଭ କରିଛି । ଡାଏରିରେ ଲେଖିଛି ତାର ମନର କଥା ।

(କ୍ରମଶଃ..)

ବିଜୟ କୁମାର ପଣ୍ଡା

ସମ୍ପାଦକ -କନକପ୍ରଭା, ସବଙ୍ଗ, ସିମୁଳିଆ, ବାଲେଶ୍ୱର ।

ଯୋଗାଯୋଗ: ୯୭୩୯୫୯୯୮୧୬

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍ୱୀକାରୋକ୍ତି



ନିତ୍ୟରଞ୍ଜନ ନନ୍ଦ

ନନା ଘର ଭିତରକୁ ଆସନ୍ତୁ ।

ବୋହୂ ଅରୁଣିମା ର ଡାକରେ ମୁଁ ପ୍ରକୃତିସ୍ଥ ହୋଇଥିଲି ।

ଶୋଭାଯାତ୍ରା କେତେବେଳୁ ଚାଲିଯାଇଥିଲେ । ସେଦିନ ବୋଧେ ଥିଲା ଅମାବାସ୍ୟା । ଗାଢ଼ ଅନ୍ଧକାର ଆକାଶକୁ ଢାଙ୍କି ରହିଥିଲା । ।

ସମସ୍ତଙ୍କ କାନ୍ଦ ସରିଗଲା ପରେ । ବୁଲା କୁକୁର ଗୁଡାକ ମଝିରେ ମଝିରେ ବିକଳ ସ୍ୱରରେ କାନ୍ଦି ଯେମିତି ଦୁଃଖକୁ ଆହୁରି ଘନିଭୂତ କରୁଥିଲେ । ଆକାଶରୁ କାକର ଟିକେ ଟିକେ ପଡୁଥିଲା । ଯେମିତି ଦୁଃଖରେ ଆକାଶରୁ କାକରର ଲୁହ ବୋହୁ ଥିଲା ।

ତୁମେ ଗଲା ସମୟରେ ମୋ ହାତରେ କିଏ ଜଣେ ଘଣ୍ଟଟେ ଧରାଇ ଦେଇ କହିଲା "ଶବ ଯିବା ସମୟରେ ଆଗରେ ଘଣ୍ଟ ବଜାଇବ ।" କ'ଣ ନା ସଧବାରେ ଯାଇଛ "ଅହ୍ୟ ଡେଙ୍ଗୁରା" ବଜେଇ ଯିବ । ଏଇଟା କୁଆଡେ ତୁମ ପାଇଁ ସମ୍ମାନ ଓ ଗୌରବର କଥା । ସାରା ଜୀବନ ତୁମର କୌଣସି କଥା ମାନି ନଥିଲେ ବି, କାହିଁକି କେଜାଣି ମୁଁ ସେଦିନ ଏ କାମ କରିବାକୁ କୁଣ୍ଠିତ ହୋଇ ନଥିଲି ଲିପି ।

ଆମର ବିବାହ ଥିଲା ଆରେଞ୍ଜ ମ୍ୟାରେଜ । ବାପା ମା'ଙ୍କ ଇଚ୍ଛାରେ ମୁଁ ସେଦିନ ବର ହୋଇ ଯାଇଥିଲି । ତୁମ ଶିକ୍ଷାଗତ ଯୋଗ୍ୟତା କିନ୍ତୁ ତୁମ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଓ ମୋ ଭିତରେ ପ୍ରଥମରୁ ପ୍ରାଚୀରଟିଏ ହୋଇ ଯାଇଥିଲା । ସେଦିନ ନନା ବୋଉ ମୋ ପସନ୍ଦ ନାପସନ୍ଦ ଦେଖି ନଥିଲେ । ତାଙ୍କର ପସନ୍ଦରେ ତୁମେ ବୋହୂ ହୋଇ ଆସିଥିଲ । ଅବଶ୍ୟ କାମ ଓ ବ୍ୟବହାରରେ ତୁମେ ସମସ୍ତଙ୍କ ମନକୁ କିଣି ନେଇଥିଲ (ମୋ ଛଡା) । ଯୋଗ୍ୟତାର କାଗଜ ଖଣ୍ଡକୁ ମୁଁ ବେଶି ପ୍ରାଧାନ୍ୟ ଦେଉଥିଲି ବୋଲି ତମର ସବୁ ସୁଗୁଣ ମୋ ଆଗରେ ତୁଚ୍ଛ ଲାଗୁଥିଲା ।

ତୁମେ ଗଲା ପରେ ଘର ଭିତରକୁ କାଇଁ ପାଦ ପଡୁ ନଥିଲା । ଜଣେ ଲୋକ ଘରୁ ଚାଲିଗଲେ କ'ଣ ଏମିତି ଘରଟା କାଇଁ ଖାଁ ଖାଁ ଲାଗିବ ! ! ଭାବୁଥିଲି ହଁ ମୁଁ ବି କୋଉ ତୁମ ସହିତ କଥା ହେଉଥିଲି । ଚାକିରି ସମୟରେ ତ କାର୍ଯ୍ୟବ୍ୟସ୍ତତା ଭିତରେ କଥା ହେବାକୁ ସମୟ ପାଉ ନଥିଲି । ଆଉ ଚାକିରି ଗଲା ପରେ ପେପର୍, ନ୍ୟୁଜ ଚ୍ୟାନେଲରୁ କୋଉ ସମୟ ମିଳୁଥିଲା ମତେ । କ'ଣ କଥା ହୋଇଥାନ୍ତି ଯେ ! ଦେଶ ବିଦେଶ ନା ଜ୍ଞାନ ବିଜ୍ଞାନ ! ଏଗୁଡାକ କୋଉଥିରେ ତୁମର ଜ୍ଞାନ ଥିଲା ନା ତୁମେ ବୁଝୁଥିଲ ଯେ କଥା ହୋଇଥାନ୍ତି । କଥା ହେଲାବେଳେ କେବଳ ପୁଅ ଝିଅ ବନ୍ଧୁବାନ୍ଧବ ପରିଧି ଭିତରେ ତୁମେ ଥାଅ । ଯାହା ମୋର ପାଇଁ ଗୁରୁତ୍ୱହୀନ । ମୁଁ କଥା ହୁଏନି ବୋଲି ତୁମର ମନ ଦୁଃଖ ଥାଏ । କାରଣ ତୁମେ ମତେ ଦିନେ ଦିନେ ରାତିରେ ପଚାର, "ଆଜି ମୋ ସହିତ ତୁମେ କେତେ ପଦ କଥା ହୋଇଛ ।" ସେ ପ୍ରଶ୍ନ କିନ୍ତୁ ମୋ ପାଇଁ ଥିଲା ମାମୁଲି ।

ଅବଶ୍ୟ ତୁମକୁ କୌଣସି ଅଭବରେ ମୁଁ ରଖି ନଥିଲି । ଏତେ ବଡ଼ ଘର, ଗାଡି, ଟଙ୍କା, ସବୁ ସୁଖ ତ ତୁମ ହାତରେ ଢାଳି ଦେଇଥିଲି । ତଥାପି ଏତେ ସୁଖ ଦେଲେ ବି ତୁମେ ସୁଖି ହୋଇ ପାରୁନଥିଲା । ତୁମ ବିରସ ମନର କାରଣ ବୁଝିବାକୁ କେବେ ବି ଚେଷ୍ଟା କରିନଥିଲି ।

ତୁମେ ଗଲା ଦିନ ରାତିରେ କାଇଁ ନିଦ ହୋଇ ନଥିଲା । ଯେତେ ରାତି ହେଲେ ବି,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯେତେ କର୍ମକ୍ଳାନ୍ତ ହେଲେ ବି ତୁମେ ଜାଣ ମୋ ଗୋଡ଼ ଟିକେ ନ ମୋଡ଼ି ଦେଲେ ମତେ ନିଦ ହୁଏନି । ଭାବୁଥିଲି ସ୍ତ୍ରୀ ର କର୍ତ୍ତବ୍ୟ ସେଇଟା କିଛି ବଡ଼ କଥା କରୁନ । ଏତେ ବଡ ପଦବୀଧାରୀ ବ୍ୟକ୍ତର ସ୍ତ୍ରୀର ପରିଚୟ ଯେ ତୁମକୁ ମୁଁ ଦେଉଛି ! ! ତା ବଦଳରେ ତୁମେ ଅଧିକ କିଛି କରୁନଥିଲ ।

ତୁମେ ଗଲା ପର ଦିନ ସକାଳୁ ଉଠୁ ଉଠୁ ଉଷୁମ ପାଣି ପିଇବା କଥା ଭାବି ଟେବୁଲ୍ ଉପରେ ଥର୍ମୋଫ୍ଲାକ୍ସ ଖୋଜୁ ଖୋଜୁ ମନେ ପଡ଼ିଲା, ରଖିବା ଲୋକଟା ନାହିଁ ପରା । ଟେବୁଲ୍ ଉପରେ ପେପର୍ ଟା ନଥିଲା । ପାଟି କରିବାରୁ ରାମ ଆଣି ପେପର୍ ଦେଲା । ପେପର୍ ପଢି ସାରିଥିଲେ ମଧ୍ୟ ବୋହୂ କି ରାମ ଚା ଦେଇ ନଥିଲେ । ଆଗରୁ କିନ୍ତୁ ବ୍ୟତିକ୍ରମ ଥିଲା । ଦାନ୍ତ ଘସି ପେପର୍ କାଗଜରେ ବୁଡି ଯାଇଥିଲା ବେଳେ, "ଚା ଟା ପିଇଦିଅ ଥଣ୍ଡା ହୋଇ ଯିବ ।" ତୁମର ଏ ବାକ୍ୟଟି ଶୁଣୁ ଶୁଣୁ ମୁଁ କ୍ରୋଧିତ ହୋଇ ଉଠୁଥିଲି । ଏବେ ପାଣି କି ଚା ମାଗିଲେ ମିଳୁଛି ।

ଗାଧୋଇ ଆସିଲା ବେଳକୁ ଡ୍ରେସ୍ ସହ ରୁମାଲ ଥୁଆ ହୋଇଥିବ । କହିବାକୁ ପଡେ ନି । ଅନ୍ୟମାନଙ୍କ ପାଇଁ ଯାହା ରନ୍ଧା ହୋଇଥିଲେ ବି, ମୋ ପସନ୍ଦର ବଡ଼ିଚୁରା, ସନ୍ତୁଳା, ଘାଣ୍ଟ ତୁମେ ନିଶ୍ଚୟ କରୁଥିଲ । ତଥାପି ମୁଁ ବାହୁନୁ ଥିଲି । ସ୍ୱାଦକୁ ନେଇ ବିରକ୍ତି ଭାବ ପ୍ରକାଶ କରୁଥିଲି । ଦିନେ ବି ପ୍ରଶଂସା କରିବାକୁ ଜିଭ ଲେଉଟୁ ନଥିଲା । ସତ କହୁଚି ଲିପି ! ଏବେ କିନ୍ତୁ ତୁମ ହାତ ରନ୍ଧାର ସ୍ୱାଦ ଜିହ୍ୱା ଓ ମନ ଖୋଜୁଛି ! !

ଆଃ ! ସତରେ କେତେ ହେୟ ମନେ କରୁଥିଲି ତୁମକୁ । ଏଇ ବର୍ଷକ ଭିତରେ ତୁମର ଗୁରୁତ୍ୱ ବେଶ୍ ବୁଝି ଯାଇଛି । କେମିତି ବୁଝି ପାରୁ ନଥିଲି ତୁମେ ଏତେ ବଡ଼ ପଦବୀଧାରି ବ୍ୟକ୍ତିର ସ୍ତ୍ରୀ ହେବାକୁ ଚାହୁଁ ନଥିଲ । ବରଂ ଚାହୁଁ ଥିଲ କିଛି ସ୍ନେହ, ଶ୍ରଦ୍ଧା, ଭଲ ପାଇବା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଟିକେ । ଏବେ ତୁମର ସେଇ ଛୋଟ ଛୋଟ ଅନୁରୋଧ ମନେ ପଡୁଛି ।

ତୁମେ ଥରେ କହିଥିଲ

--ଜାଣିଛ ରୁନୁର ବର ତାକୁ ଜନ୍ମ ଦିନରେ ଗୋଟେ ଶାଢ଼ୀ ଉପହାର ଦେଇଛି । (ତୁମ ସାନ ଭଉଣୀ)

ଗର୍ଜନ କରିଥିଲି , ମତେ ସେ ମାଇଚିଆ କଥା ଗୁଡାକ କହିବନି । ଇଚ୍ଛା ହେଲେ ପଇସା ଅଛି ନିଜେ କିଣି ଆଣ । ବୁଝି ପାରି ନଥିଲି ସେ ଉପହାର ପାଇବା ପଛର ରହିଥିବା ତୁମର ଛୋଟ ଖୁସି ବିଷୟରେ । ଭାବପ୍ରବଣତା କେବେ ବୁଝୁ ନଥିଲି ।

ଥରେ କହିଥିଲ, କାଲି ଆମ ବିବାହ ବାର୍ଷିକୀ । ଭାଇନା ଭାଉଜ ହୋଟେଲ୍ ରେ ତାଙ୍କ ବିବାହ ବାର୍ଷିକ ପାଳନ କରୁଛନ୍ତି । ଆମେ ଅନ୍ତତଃ ମନ୍ଦିରରେ କରନ୍ତେ ନି ।

ସେଦିନ ବି ତୁମକୁ ଏମିତି କଡ଼ା ଶବ୍ଦ ଶୁଣାଇଥିଲି ଯେ, ତୁମେ ଜୀବନରେ ଦ୍ୱିତୀୟ ଥର ସେ କଥା କହି ନଥିଲ ।

ନୂଆ ନୂଆ ବାହାଘର ସମୟରେ କଥା ।

ତୁମର ବହୁତ ସରାଗ ମଲ୍ଲୀ ଫୁଲରେ । ତୁମର ଲମ୍ବା ବେଣୀରେ ମଲ୍ଲୀହାର ସୁନ୍ଦର ମାନେ ବୋଲି ସମସ୍ତେ କୁହନ୍ତି ।

ଥରେ କୁଆଡେ ଗଲାବେଳେ ତୁମେ କହିଥିଲ, ଏ ଟିକେ ଗାଡି ରଖ ନା, ମୁଁ ଦୁଇଟା ମାଳ କିଣନ୍ତି । ।

ତୁମକୁ ଏମିତି କଟ ମଟ କରି ଚାହିଁଥିଲି ଯେ, ତୁମେ ନରମି ଯାଇଥିଲ ।

ବଡ଼ ପଦବୀର ଅହଂକାର ଆଗରେ ଏ ଛୋଟ ଖୁସି ଗୁଡାକ କାଇଁ ଶସ୍ତା ମନେ ହୋଇଥିଲା ! ! କଥା କଥାକେ ବାପ ଘର ଉଲୁଗୁଣା ଦେବାଟା, ପୌରୁଷ ପଣିଆ ବୋଲି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଭାବୁଥିବା ଲୋକଟା ଆଜି କେମିତି ଶୃଗାଳ ହୋଇଯାଇଛି ଆସିଥରେ ଦେଖନ୍ତ କି ! ! ତୁମ ଅନ୍ତରର ବେଦନା ବୁଝି ପାରୁଥିଲେ ବି ଏବେ କୌଣସି ଲାଭ ନାହିଁ । ଆଜି ବୁଝି ପାରିଛି ସେ ସାର୍ଟିଫିକେଟର କାଗଜ ଖଣ୍ଡକ ଆମ ଜୀବନ ଗତି ପଥରେ ଲୋଡା ହୋଇ ନଥିଲା । ବରଂ ତାକୁ ନେଇ ସମଗ୍ର ଜୀବନଟା କେବଳ ଅଶାନ୍ତ ହୋଇଗଲା । ବର୍ଷକ ଭିତରେ ତୁମ ବିନା ଜୀବନଟା କେତେ ଯନ୍ତ୍ରଣା ଦାୟକ ତା ଜାଣି ପାରିଛି । ମୋ ପାଇଁ ସେଇଟା ହିଁ ଦଣ୍ଡ ଥିଲା ।

ଆଜି ତୁମ ବର୍ଷିକିଆ ଶ୍ରାଦ୍ଧ । ପୁଅ ତୁମର ବିରାଟ ଫୋଟଟିଏ ବନ୍ଧାଇ ଥୋଇଛି ଅତିଥିମାନଙ୍କ ଦର୍ଶନ ପାଇଁ । ତମେ ତା ଭିତରେ ହସୁଛ, ମୋ ହୃଦୟ କିନ୍ତୁ କାନ୍ଦୁଛି । ଥରେ ଯଦି ତୁମେ ଫେରି ଆସନ୍ତ ମୁଁ ସବୁ ଖୁସି ତୁମ ପଣତରେ ଅଜାଡ଼ି ଦିଅନ୍ତି ଲିପି । ସମୁଦ୍ର ବେଳାରେ ଆମେ ବସି ଝାଲ ମୁଢ଼ି ଖାଆନ୍ତେ, ଭାସି ଯାନ୍ତେ ସେଇ ସ୍ୱପ୍ନର ଦୁନିଆଁକୁ । ଏକାଠି ବସି ଲନ୍ ରେ ଚା ପିଅନ୍ତେ । ତୁମେ କହୁଥାନ୍ତ ତୁମ ପିଲା ଦିନର କଥା ମୁଁ ଶୁଣୁଥାନ୍ତି ।

ତୁମର ସେଇ ଘନ କେଶ ପାଇଁ ମୁଁ ନିଜେ ଫୁଲମାଳ ଆଣି ଦିଅନ୍ତି । ତୁମର ବନ୍ଧୁବାନ୍ଧବଙ୍କ ଘରକୁ ତୁମକୁ ଗାଡି ଧରି ନିଜେ ବୁଲାଇ ନିଅନ୍ତି । ନିଜକୁ ପରିବର୍ତ୍ତନ କରି ଦିଅନ୍ତି ।

ଜାଣ ଲିପି ! ତୁମର ସେ ଅଭିମାନ ମୋର ଅନ୍ତର୍ଦାହରେ ପରିଣତ ହୋଇଯାଇଛି । ତୁମ ଆବର୍ତ୍ତମାନରେ ସମସ୍ତଙ୍କ ଜୀବନର ଗତି ଠିକ୍ ଚାଲିଛି । କେବଳ ମୋର ଯେଉଁ କ୍ଷତି ଘଟିଲା ତାହା ବୋଧେ ଅପୂରଣୀୟ । ଯଦିଓ ଏ ସ୍ୱୀକାରୋକ୍ତିର କୌଣସି ମୂଲ୍ୟ ନାହିଁ, କେବଳ କରିଥିବା ଭୁଲ୍ ର ପ୍ରାୟଶ୍ଚିତ । ପାରିବ ଯଦି ଏ ଅହଂକାରୀଟାକୁ କ୍ଷମା କରି ଦେବ ଲିପି । ।

ଡ଼ି ଏଲ ଏ-୧୨, ବୀର ସୁରେନ୍ଦ୍ର ସାଏ ନଗର
ଭୁବନେଶ୍ୱର-୭୫୧୦୧୦, ମୋ - ୯୪୩୭୨୧୭୮୨୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଔଷଧ

ମନେ ମନେ ଖୁସି ହେଲେ ରାଧାମାଧବ ବାବୁ ।

ଡାକ୍ତର ପ୍ରଧାନ ବାବୁଙ୍କ କାର୍ ଆଛି ମାନେ ସେ କ୍ଲିନକ୍ ରେ ଅଛନ୍ତି । ଯାହା ହେଉ ରବିବାର ହେଲେ ବି ସମୟ କାଢିଛନ୍ତି ରୋଗୀ ସେବା ପାଇଁ । ଆଜି କାଲିର ଏ ମହାମାରୀ ରୋଗ ସମୟରେ ଡାକ୍ତର ମାନଙ୍କୁ ପାଇବା ମୁସ୍କିଲ ହୋଇଯାଇଛି, ଯାହା କିଛି କଥାବାର୍ତ୍ତା ମୋବାଇଲ୍ ଉପରେ । ସତରେ ସବୁ କଥା କଣ ମୋବାଇଲରେ କହିହୁଏ ?

ସାଇକେଲ୍ ଟାକୁ ଷ୍ଟାଣ୍ଡ ମାରି ଭିତରକୁ ପଶିଲେ ରାଧା ବାବୁ । ହସ ହସ ମୁହଁରେ ତାଙ୍କୁ ସମ୍ବର୍ଦ୍ଧନା ନମସ୍କାର କରି ଚନ୍ଦ୍ରବାବୁ ଚଉକିରେ ବସିବାକ କହିଲେ । ଚନ୍ଦ୍ରବାବୁ ହେଲେ ଡାକ୍ତରବାବୁଙ୍କ ସହଯୋଗୀ, ରାଧାବାବୁଙ୍କ ବହୁ ଦିନରୁ ପରିଚିତ ସହରବାସୀ... ସାଙ୍ଗ କହିଲେ ଚଳେ ।



ଆଶୁତୋଷ
ମେହେର

ଚଉକିରେ ବସୁ ବସୁ ରାଧା ବାବୁ କହିଲେ, କଣ ଭିତରେ କିଏ ରୋଗୀ ଅଛନ୍ତି କି ?

ନା... ନା... ଆଜି ରବିବାର... ତା'ପରେ ଏ ମହାମାରୀ ବେଳେ ରୋଗୀଙ୍କ ଦେଖା କାହିଁ ? ତେବେ ରାଧାବାବୁ ଆପଣ କେମିତି ଏ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଅଦିନରେ ? କଣ ବିଶେଷ କିଛି କଥା ଅଛି ସାର୍ ଙ୍କ ପାଖରେ ?

...ହଁ ..ଚନ୍ଦ୍ରବାବୁ ...ଦେଖିନିଅ ସାର୍ ଖାଲିଥିଲେ କଥାହୋଇ ଔଷଧ ନେଇ ଯଲଦି ଫେରିବି ।

ଭିତର କବାଟ ଠେଲି ଚନ୍ଦ୍ରବାବୁ ଭିତରଟା ଦେଖି ନେଲେ ଆଉ କହିଲେ... ଯାଆନ୍ତୁ ... ସାର୍ ଫ୍ରି ଅଛନ୍ତି ଭିତରେ ।

କ୍ୟାବିନ୍ କୁ ପଶି ନମସ୍କାର ହେଲେ ରାଧାବାବୁ ।

ଡାକ୍ତର ପ୍ରଧାନ ଚିହ୍ନି ପକାଇ କହିଲେ... ଆରେ ରାଧା ବାବୁ ଯେ ? ବହୁତ ଦିନ ପରେ ପୁଣି ଆଜି ଏ ଅବେଳ ରବିବାରଟାରେ ?

ଡାକ୍ତର ପ୍ରଧାନ ଏ ସହରର ବହୁ ପୁରୁଣା ଡାକ୍ତର ଆଉ ସବୁ ବରିଷ୍ଠ ନାଗରିକ ତାଙ୍କର ଗ୍ରାହକ...ବନ୍ଧୁ ସ୍ୱଜନ ପରି ଗ୍ରାହକ ।

ଡାକ୍ତରଙ୍କ ପାଖ ଷ୍ଟୁଲ୍ ରେ ବସିଲେ ରାଧାବାବୁ ଗୋଟାଏ ଦୀର୍ଘଶ୍ୱାସ ସହ... ମନରେ ସତେ ଯେମିତି ଭରି ରହିଛି ଅନେକ କଥା ଓ କୋହ...ଡାକ୍ତର ପ୍ରଧାନ ଅନୁଭବ କରୁଥିଲେ ! !

.....କଣ କିଛି ବିଶେଷ ଅସୁବିଧା ହେଲାକି ରାଧାବାବୁ ?

...କଣ କହିବି ସାର୍ ରିଟାୟାର୍ଡ ର ତିନି ମାସ ହୋଇନି ଘରେ ରହିବା ଦୁର୍ବିସହ ହୋଇ ଗଲାଣି । ଆଗରୁ ଚାକିରୀ ଜୀବନରେ ସପ୍ତାହକ ପାଞ୍ଚଦିନ ଅଫିସ୍ ରେ କଟିଯାଉଥିଲା ଯେ ଚଳିଯାଉଥିଲା । ଏବେ ତ ସବୁଦିନେ ଘରେ ରହି ଘରଣୀଙ୍କ କଥା ଶୁଣି ଶୁଣି ମଣିଷ ପାଗଳ ! ସକାଳୁ ଜଲଦି ଉଠିଲେ କହୁଛନ୍ତି ରାତିରେ ଡେରି ପର୍ଯ୍ୟନ୍ତ କାମ କରିକରି ଥକି ଶୋଇବା ଲୋକକୁ ଶୋଇବାକୁ ଦିଅ ହୋ ସକାଳୁ ଉଠି ଟିଭିଟାକୁ ଖୋଲି ଏ ଯୋଗ କରିବାଟା ବନ୍ଦକର । ଡେରିରେ ଉଠିଲେ କହୁଛନ୍ତି ଅଫିସ୍ ଭିଡ ତ ନାହିଁ ତେଣୁ କଣ ଘରେ ଆଉ କିଛି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କାମ ଧାମ ନାହିଁ.. ଯେ କୁମ୍ଭକର୍ଣ୍ଣରେ ନିଦ ଯାଉଛ । ସକାଳେ ଖବରକାଗଜ ପଢିଲେ କହିବେ ବଢିଆ ଲୋକ ବସିବସି ଦୁଇଘଣ୍ଟା ମଜାକରୁଛ ଚାରି କପ ଚା ମାଗୁଛ ଯେ ଘରର ବାକି କାମ କିଏ ଦେଖିବ ? ଆଉ କାମ କରିଦେବି ବୋଲି ମାଗିଲେ କହୁଛନ୍ତି ତୁମ ଦେଇ ଖଡା ବି ସିଝିବନି ପରା.. ଜୀବନସାରା ଖାଲି ଫାଇଲ୍ ଚାଷ କରିଛ.. କିଛି କାମର ଯୋଗ୍ୟ ନୁହଁ ତମେ.. ଚୁପ୍ ଚାପ୍ ବସ ! !

ଏତିକି କହି ଯୋରରେ ଶ୍ୱାସ ନେଲେ ରାଧାବାବୁ । ଆଉ କିଛି କହିବେ କହିବେ ହେଉଛନ୍ତି ଡାକ୍ତର ପ୍ରଧାନ କହିଲେ... ହଉ ହଉ ସବୁ କଥା ମୁଁ ବୁଝିଗଲଣି... ଆପଣ କହନ୍ତୁ କଣ ଚାହୁଛନ୍ତି ମୋ ଠାରୁ ?

....ସାର୍ ଆପଣ ଆମ ସହରର ବହୁ ପୁରୁଣା ଡାକ୍ତର । କିଛି ଗୋଟାଏ ଔଷଧ ଲେଖି ଦିଅନ୍ତୁ ଯାହାକୁ ଖୁଆଇ ଦେଲେ ମୋର ଶ୍ରୀମତି ଟିକିଏ ଶାନ୍ତ ରହିବେ... ମୋତେ ଆଉ ଏମିତି ଡହକ ବିକଳ କରିବେନି ! !

ଡାକ୍ତର ପ୍ରଧାନ ଚୁପ୍ ରହିଲେ... ଗଭୀର ଭାବରେ ଚିନ୍ତା କରିବାକୁ ଲାଗିଲେ ।

କିଛି ସମୟ ପରେ କଲମ ଧରି ଡାକ୍ତରୀ ଚିଠାଖାତାଟା ଧରି କହିଲେ... ଶ୍ରୀମତିଙ୍କ ପାଇଁ ତ ନାହିଁ ତେବେ ଆପଣଙ୍କ ପାଇଁ ଗୋଟାଏ ଅକାଟ୍ୟ ଔଷଧ ଅଛି ଲେଖି ଦେଉଛି । କାମ କରିବ ।

ହଉ ସାର୍... ଖୁସି ଗଦ୍ ଗଦ୍ ହେଉଥିଲେ ରାଧାମାଧବ ବାବୁ ।

ଡାକ୍ତର ପ୍ରଧାନ ଚିଠା ଲେଖି ବଢାଇ ଦେଲେ ରାଧା ବାବୁଙ୍କ ହାତକୁ ।

ଚିଠାକୁ ପଢୁଥିଲେ ରାଧାବାବୁ .... ଲେଖାଥିଲା

...ମୁଁ ଯଦି ଶ୍ରୀମତିଙ୍କୁ ବଦଳାଇ ପାରୁଥିବା ଔଷଧ ଜାଣିଥାନ୍ତି ତେବେ କଣ ଅବସର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ନେବାର ପାଞ୍ଚ ବର୍ଷ ହେଲାଣି.. ସପ୍ତାହର ସବୁଦିନ ରବିବାର ମିଶାଇ ଏ କ୍ଲିନିକ ଖୋଲି ଦିନସାରା ବସୁଥାନ୍ତି... ରୋଗୀ ଆସନ୍ତୁ ଅବା ନାହିଁ । ତେବେ ଆପଣଙ୍କ ପାଇଁ ଔଷଧ ହେଲା... ସବୁକୁ ସହ୍ୟ କରିଯିବେ ଅଥବା କାମ ବାହାନାରେ ଘର ଛାଡି ପଳାଇବେ ନିତିଦିନ ।

ଚକିତରେ ମୁହଁ ଉଠାଇଲେ ରାଧାବାବୁ ।

ଡାକ୍ତର ପ୍ରଧାନ ହସୁଥିଲେ ମୁରୁକି ମୁରୁକି !!

୫୪ ଆର୍ଯ୍ୟପଲ୍ଲୀ
କିଟଛକ, ପଟିଆ
ଭୁବନେଶ୍ୱର ୭୫୧୦୨୪
ଦୂରଭାଷ ୯୪୩୭୦୮୫୩୯୬

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଜନ୍ମଦିନ

ଶ୍ରାବଣର ଅଳସୀ ଅପରାହ୍ଣରେ ଶେଯ ଉପରେ ଅଳସ ଭାଙ୍ଗୁଥିଲା ସୋନି । ଏଇ ଟିକିଏ ଆଗରୁ ଗଡୁ ଗଡୁ ଆଖି ଲାଗି ଯାଇଥିଲା କେତେବେଳେ । ସପ୍ତାହ ଯାକର ଥକାପଣ ସହଜେ କି ଯାଏ ! ମୋବାଇଲରେ ମେସେଜର ଟ୍ୟୁନ । ପଢିନେଲା ସୋନି 'ଇଅର ଆଇଟମ ହାଜ୍ ବିନ୍ ଡେଲିଭରଡ଼' ଆନନ୍ଦର ସୂକ୍ଷ୍ମ ଲହରୀଟିଏ ଖେଳିଗଲା ତା' ଓଠରେ । ଉଠି ଯାଇ ଝରକା ପାଖରେ ଠିଆ ହେଲା । ଦଲକାଏ ଶୀତୁଆ ପବନ ପଶି ଆସି ତା' ଦେହରେ ଶିହରଣ ଖେଳାଇ ଦେଲା ଠିକ୍ ତା' ଗାଁ ଘର ଦାଣ୍ଡ ଅଗଣାର ଅନୁଭୂତି ପରି । ଚହଲା ମନଟା ଗୋଟିଏ ମୁହୂର୍ତ୍ତରେ ପହଞ୍ଚିଗଲା ସେଠାରେ ।

"ହଇହୋ, ...କୁଆଡ଼େ ଗଲ ? ଏଠିକୁ ଟିକେ ଆସ"- ଦାଣ୍ଡ ଆଗଣାରେ ତା' ପିଉ ପିଉ ବାପା ଡାକୁଥିଲେ ।

"କ'ଣ ହେଲା ? ଏତେ ଜୋରରେ କାହିଁକି ଡାକୁଛ ?"- ବୋଉ ଲୁଗା କାନିରେ ହାତ ପୋଛି ପୋଛି ଆସି ପହଞ୍ଚିଗଲା ।



ଡଃ ଉଷାରାଣୀ ଦାଶ

"ଦେଖିଲ ଏଇ ପ୍ୟାକେଟଟା ଆସିଛି । କିଏ ଜଣେ ଆଣି ଦେଇଗଲା । କୋରିଅରବାଲା ନା କ'ଣ ।" ପ୍ୟାକେଟଟା ବୋଉ ହାତକୁ ବଢାଉ ବଢାଉ ବାପା କଥା ଯୋଡ଼ିଲେ- "ସୋନିର ଜନ୍ମ ଦିନ ପାଇଁ ତୁମେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କାହାକୁ କହି ଲୁଗାପଟା ମଗାଇଛ କି ?"

"କାଇଁ...,ନାଇଁ ତ ।" ବିସ୍ମୟ ଭରା ଆଖିରେ ବୋଉ ମନେ ପକାଇ କହିଲା ।

"ତା'ହେଲେ କ'ଣ ବାପିନା ବେଭାରଟା ପଠେଇ ଦେଇଛି କି ? କୋଭିଡ଼ କଟକଣା ପାଇଁ ଆସିପାରିବନି ବୋଲି କୋରିଅରରେ ପଠେଇ ଦେଇଛି ବୋଧେ ! ମାସଟିଏ ପୂରିନି ତା'ର ଝିଅ ବାହାଘରକୁ । ସେଥିରେ ପୁଣି କେତେ କ'ଣ ଖର୍ଚ୍ଚ ହୋଇ ଯାଇଛି । ଧାର୍ କରଜ କଥା ବି କହୁଥିଲା । ଟିକେ ସବୁର୍ ନାହିଁ ମୋ ଭାଇଟାର, ସବୁଥିରେ ତରତର । ଏବେ ଆମକୁ ବେଭାର ଦେବା କ'ଣ ଦରକାର ଥିଲା ?"

"କାଲି ବାପିନା ମୋ ସାଙ୍ଗରେ କଥା ହୋଇଥିଲେ, ବେଭାର ପଠେଇବା କଥା କିଛି ତ କହୁ ନ ଥିଲେ ।" ବୋଉ ଉତ୍ତର ରଖିଲା ।

"ତା' ହେଲେ ଆଉ କିଏ ପଠାଇଛି ! ୟା' ଭିତରେ ଅଛି କ'ଣ ? ପାଟନାଗଡ଼ ପାର୍ସଲ ବୋମା ପରି ଏହା ଭିତରେ ସେମିତି କିଛି ନାହିଁ ତ !" ଭୟାର୍ତ୍ତ କଣ୍ଠରେ କହୁଥିଲେ ବାପା ।

ତାଙ୍କ କଥା ନ ସରୁଣୁ ଫୋନ୍ ଟା ବାଜି ଉଠିଲା । ଚମକି ପଡ଼ିଲେ ବାପା । "ଓଃ... ସୋନି ଫୋନ୍ କରିଛି ।" ଫୋନର ପରଦାକୁ ଚାହିଁ ବାପାଙ୍କର ଆଶ୍ୱସ୍ତି ଭରା କଣ୍ଠ ସ୍ୱର । "ଆରେ ମା' କେମିତି ଅଛୁ ?........." ଦୁଇ ଚାରି ପଦ କଥା ହୋଇ ବୋଉ ହାତକୁ ଧରାଇ ଦେଲେ ଫୋନଟା ।

ବୋଉ ତା' ସାନ ଝିଅ ସାଙ୍ଗରେ ପ୍ରଗଳଭ ହୋଇ ଗପି ଚାଲିଲା । ଦେହପା' ଠାରୁ ଆରମ୍ଭ କରି କ୍ୱାର୍ଟର ଓ କର୍ମ କ୍ଷେତ୍ରର ସୁବିଧା ଅସୁବିଧା ସବୁ ବୁଝି ପକାଇଲା । ମଝିରେ ମଝିରେ ଆଖିରୁ ନିଗିଡ଼ି ପଡୁଥିବା ଅମାନିଆ ଲୁହ କେଇ ବୁନ୍ଦାକୁ ଲୁଗା କାନିରେ ପୋଛି ପକାଉଥାଏ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

"କେବେ ଆସିବୁ ମା' ?" ବୋଉର କଣ୍ଠରେ ବ୍ୟାକୁଳତା ସ୍ୱଷ୍ଟ ବାରି ହୋଇପଡୁଥିଲା ।

"ପୂଜାଛୁଟି ବେଳକୁ ଯିବି ବୋଉ, ତୁ ବ୍ୟସ୍ତ ହୁଅନା ।" ନୂଆ ଚାକିରୀ, ଛୁଟି କ'ଣ ସାଙ୍ଗେ ସାଙ୍ଗେ ମିଳିବ ? ହଉ, ତୁମେ ଦୁଇଜଣ ଜଗିରଖି ଚଳୁଥିବ । ତୁ ତ କେବେ ନିଜ କଥା ବୁଝୁନା । ଏବେ ପୁଣି ପାଖରେ କେହି ନାହାନ୍ତି । ତୁ ତୋର ଓ ବାପାଙ୍କର ଯତ୍ନ ନେଉଥିବୁ ।" କହି ସୋନି ଫୋନ୍ ରଖିଲା ।

ଅମାନିଆ ଲୁହ କେଇବୁନ୍ଦା ପୁଣି ଗଣ୍ଡ ଦେଶ ଦେଇ ବୋହିଗଲା ବୋଉର ।

"ଓହୋ, ସେତିକି କାନ୍ଦ, ଝିଅଟା କ'ଣ ଆଉ ଚାକିରୀ କରିବାକୁ ଯାଇ ନଥାନ୍ତା ?" ବାପା ବିରକ୍ତ ହୋଇ ଉଠୁଥିଲେ ।

"ମୁଁ କ'ଣ ମନା କରୁଛି, ସେଇଟା ସବୁବେଳେ ସେମିତି । ମା' ଭଳି ମୋ ସାଙ୍ଗରେ ଲାଗିଥିବ । ବୋଉ ଠିକ୍ ସମୟରେ ଖା', ଔଷଧ ଖାଇଲୁଣି ନା ନାହିଁ, ଭଲ ଲୁଗା ନପିନ୍ଧି ସାଇତିଛୁ କାହା ପାଇଁ ?" କହୁ କହୁ ଲୁଗା କାନିରେ ଆଖିକୁ ପୋଛି ପୋଛି ଘର ଭିତରକୁ ଚାଲି ଯାଉଥିଲା ବୋଉ ।

"ଆରେ ଶୁଣ, ଚାଲିଯାଉଛ କୁଆଡ଼େ, ଏଇଠି ବସ । ସୋନିର ଜନ୍ମଦିନ ଆସୁଛି ପରା ।"

"ହଁ , ଆଉ ତିନି ଦିନ ରହିଲା ।" ଚେୟାର ଉପରେ ବସୁ ବସୁ ବୋଉ କହିଲା ।

"ସେଥିପାଇଁ କିଛି ଆୟୋଜନ କଲଣି ନା ନାହିଁ । ମାନେ, ସୋନିର ଲୁଗାପଟା, ପୂଜା, ପିଠାପଣା ...." ତାଙ୍କ କଥା ମଝିରୁ ବୋଉ କହି ଉଠିଲା- "ହଁ, ସେ ପ୍ୟାକେଟଟା ସୋନି ପଠାଇଛି । କହିଲା, ତାକୁ ରଖିଥା, ମୁଁ ଯେବେ କହିବି ଖୋଲିବୁ ।"

"ଆରେ ସେ'ଟା ସୋନି ପଠେଇଛି, ମିଛଟାରେ ଆମେ ଧନ୍ଦି ହେଉଥିଲେ । ହଉ ହଉ,

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯତ୍ନକୁ ନେଇ ରଖିଦିଅ ଭଲ ଜାଗାରେ, ସେ ଯେବେ କହିବ ଖୋଲିବ, ତା'ର କ'ଣ ଦରକାରୀ ଜିନିଷ ହୋଇଥିବ ବୋଧେ ।" ବାପା ଆଶ୍ୱସ୍ତ ହୋଇଗଲେ ।

ସ୍ନେହ ଓ ମମତ୍ୱବୋଧରେ ଜଡ଼ସଡ଼ ବାପାବୋଉଙ୍କର ମଧୁର ବାର୍ତ୍ତାଳାପ ଚଳଚ୍ଚିତ୍ର ପରଦାର ଦୃଶ୍ୟ ପରି ସୋନି ଆଖିରେ ଦୃଶ୍ୟାୟିତ ହୋଇଗଲା ।

ସୋନି ଟିକେ ହସି ଦେଇ ଭାବିଲା- ଯାହାହେଉ, ପ୍ୟାକେଟଟା ପହଞ୍ଚିଗଲା । ବାକି ସବୁ ଆୟୋଜନ ବି ହୋଇଯିବ । ପ୍ରଥମ ମାସର ଦରମାଟା ଆସିଯାଇଛି । ଅନେକ ଦିନର ସ୍ୱପ୍ନକୁ ନିଶ୍ଚୟ ପୂରଣ କରିବ ।

ପିଲାଦିନରୁ ସେ ଦେଖି ଆସିଛି କେମିତି ନିଜ ପେଟରୁ କାଟି, ନିଜ ଦେହକୁ ନ ଚାହିଁ ତିନି ତିନିଟା ଝିଅଙ୍କର ଭବିଷ୍ୟତ ପାଇଁ ସବୁ ଅଜାଡ଼ି ଦେଇଛନ୍ତି । ଛୋଟ ତେଜରାତି ଦୋକାନଟି ବାପାଙ୍କର ସମ୍ବଳ । ଗାଁ ଲୋକ ଗରାଖ । ବାକି ଖାତାରେ ଦୋକାନ ଚାଲେ । ସେଥିରେ ବରଷଯାକର ପୁନେଇପରବ, ବନ୍ଧୁବାନ୍ଧବ, ଭାରବେଭାର, ଆଉ ପାଞ୍ଚପ୍ରାଣୀଙ୍କର ଗୁଜୁରାଣ । ତଥାପି କେଉଁଥିରେ ଅଭାବ ରଖି ନାହାନ୍ତି ବାପା । ମନି ଅପା ଓ ରାନୀ ଅପା ମ୍ୟାଟ୍ରିକ ପରେ ପାଖ ସହରର କଲେଜରେ ପାଠପଢି ଦୁଇଜଣ ଯାକ ଏବେ ସ୍କୁଲ ଶିକ୍ଷୟତ୍ରୀ । ତିନି ବର୍ଷ ତଳେ ମନି ଅପାର ଓ ଗତ ବର୍ଷ ରାନୀ ଅପାର ବାହାଘର ହୋଇଯାଇଛି । ମନିଅପା ବେଳକୁ ବୋଉ ନିଜର ଅଧା ଗହଣା ଓ ରାନୀ ଅପା ବେଳକୁ ବାକିଅଧା କାଢି ଦେଇଦେଇଛି  ବିନା ଅଭିଯୋଗରେ । ରାନୀ ଠାରୁ ସୋନିପାଞ୍ଚ ବର୍ଷ ସାନ । ଏଇ ଦୁଇମାସ ତଳେ ସେ ଓଡ଼ିଶା ପ୍ରଶାସନିକ ସେବା ଚାକିରୀ ପାଇ କୋରାପୁଟରେ ପୋଷ୍ଟିଂ ପାଇଛି । ସମସ୍ତେ ବାପା ବୋଉଙ୍କୁ କହୁଥିଲେ ଝିଅଗୁଡ଼ାଙ୍କ ପିଛା କାହିଁକି ଟଙ୍କା ଖର୍ଚ୍ଚ କରୁଛ ? ଝିଅ ପର ଘରି । ନିଜର ଭବିଷ୍ୟତ ଦେଖ । କାଲି ସକାଳେ ତୁମ ଦେହ ମୁଣ୍ଡ ହେଲେ କିଏ ତୁମ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କଥା ବୁଝିବ ? ବାପା ହସି ଦେଇ କହନ୍ତି -"କିଏ କହିଲା ଏମାନେ ଝିଅ ବୋଲି । ଏମାନେ ତ ମୋର ତିନି ତିନିଟା ଧନୁର୍ଦ୍ଧର ପୁଅ । ଏମାନେ ହିଁ ମୋର ସମ୍ପତ୍ତି, ମୋର ଭବିଷ୍ୟତ । ଏମାନେ ଥାଉ ଥାଉ ମୋର କି ଚିନ୍ତା ?" ବୋଉ ତାଙ୍କ ସାଙ୍ଗରେ ଦ୍ୱିପଦ ଯୋଡ଼ି କହେ – "ଝିଅମାନେ ବାପା ମା'ଙ୍କ କଥା ଯେମିତି ବୁଝନ୍ତି, ପୁଅ କ'ଣ ସେମିତି ହେବେ ?"

ସାହିପଡ଼ିଶାଙ୍କ ଘରୁ ଖାସି ମାଂସର ବାସ୍ନା ଭାସି ଆସୁଥିବା ବେଳେ ବୋଉ କବାଟ ଝରକା ବନ୍ଦ କରିଦେଇ ଲୁଚେଇ ଲୁଚେଇ ଲୁହ ପୋଛେ । ଆମମାନଙ୍କ ପାଇଁ ଗରମ ଭାତ, ଡାଲି ତରକାରୀ କି ଭଜା ବାଢି ଦେଇ ବଳେଇ ବଳେଇ ଖୁଆଏ । ସବା ଶେଷରେ ଖାଇ ବସେ ସେ । ପଖାଳ ସାଙ୍ଗକୁ ରସୁଣ ଲୁଣ କଞ୍ଚାଲଙ୍କା ଚକଟା, ବଡ଼ି କି ପୋଡ଼ା ଚକଟା ଟିକିଏ ଥାଳିଆ କଡ଼ରେ ପଡ଼ିଥାଏ । ତା'କୁ କାଳେ ଗରମ ଭାତ ସୁଆଦ ଲାଗେନି । ତା' ଦେହରେ ଯାଏନି, ପେଟ ଗରମ ହୋଇଯାଏ, ଝାଡ଼ା ହୁଏ । ଏମିତି କେତେ ବାହାନା । ପିଲା ଦିନେ ତା' କଥାକୁ ସୋନି ବିଶ୍ୱାସ କରି ନେଉଥିଲା । ତା' ପଖାଳ କଂସା ପାଖରେ ଆଁ ଦେଖାଇ ଦ୍ୱିଗୁଣ୍ଡା ଖାଇ ସ୍ୱାଦ ବି ପରଖି ନେଉଥିଲା । ବୁଝିବା ବୟସ ହେବାରୁ ବୋଉର ବାହାନା ତା'କୁ ବେଶ ବୁଝାପଡ଼ିଲା । ସୋନି ପଚାରିବାରୁ  ହସି ଦେଇ କହୁଥିଲା- "ମୁଁ ବୋଉ ବୋଲି ।" ବୋଉଟା ସବୁ ବେଳେ ସେମିତି । ବାପା କୋଉ କମ୍ କି ! ତାଙ୍କ ପାଇଁ ବଢା ହୋଇଥିବା ତରକାରୀରୁ ଏକତୃତୀୟାଂଶ ରଖି ବାକି ଫେରେଇ ଦିଅନ୍ତି । କହନ୍ତି- "ମୁଁ କ'ଣ ଏତେ ଖାଇ ପାରିବି ମନିବୋଉ, ଆଉ କ'ଣ ଆଗ ଭଳି ହଜମ ହେଉଛି ? ତୁମେ ଦିନକୁ ଦିନ ମୋତେ ଟୋକା ଭାବୁଛ ବୋଧେ ?"

ଶାଢୀକୁ ସାତସିଆଁ କରି ପିନ୍ଧୁଥିବ ପଛେ, କେବେ ନିଜ ପାଇଁ ଶାଢୀଟିଏ ଆଣିବାକୁ କହିବନି ବୋଉ । ବାପାଙ୍କ ଦେହର ଗଞ୍ଜି ବି ମଳିଛିଆ ଆଉ ବେକରେ, କାଖରେ, ପେଟରେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଠାଆଚିରା । ନିଜ କଥା କେବେ ଭାବନ୍ତିନି ସେ । ଦୁଇ ହଳରୁ ତିନିହଳ ପୋଷାକ କେବେ ନଥାଏ ତାଙ୍କର । ତଥାପି ଗରୀବୀ, ଅଭାବୀ ତାଙ୍କ ମନକୁ କେବେ ଛୁଇଁ ପାରିନି । ତାଙ୍କ ମନରାଇଜର ସମ୍ରାଟ ସେ, ବୋଉ ମହାରାଣୀ । ଆଉ ତାଙ୍କର ତିନି ତିନିଟି ସମ୍ରାଟ ନନ୍ଦିନୀ, ରୂପରେ, ଗୁଣରେ, ବିଦ୍ୟାରେ, ବୁଦ୍ଧିରେ ଏକକୁ ଆରେକ ବଳି । ତାଙ୍କର ଆଉ କ'ଣ ଲୋଡ଼ା ଯେ ?

ଝିଅ ତିନିଜଣଙ୍କୁ ରାଜକୁମାରୀ ପରି ସଜାଇ ନ ପାରିଲେ ମଧ୍ୟ ପୁନିଅ ପରବ, ଓଷାବାରରେ ଅଭାବ କରନ୍ତିନି କେବେ । ଜନ୍ମଦିନ ତ କେବେ ଭୁଲନ୍ତିନି ବାପା । ଫ୍ରକ୍ ପ୍ୟାଣ୍ଟ ହଳେ ନ ହେଲେ ମଧ୍ୟ ଖଣ୍ଡେ କ'ଣ କିଣି ପିନ୍ଧେଇ ଦିଅନ୍ତି ଝିଅମାନଙ୍କୁ ଜନ୍ମଦିନରେ । ମନ୍ଦିରରେ ପୂଜା କରି ଖିରି ପିଠା ସାହିପଡ଼ିଶାରେ ବାଣ୍ଟି ଦିଅନ୍ତି । ବଡ଼ଦିଦିର ଜନ୍ମଦିନରେ ପିଲାଦିନେ ସୋନି କେତେଥର ଅଝଟ କରିଛି – "ଦିଦି କାହିଁକି ଆଜି ନୂଆ ଡ୍ରେସ୍ ପିନ୍ଧିବ, ମୁଁ ବି ନୂଆ ପିନ୍ଧିବି ।" ନିଜର ଅଭାବୀପଣକୁ ଖୋସଣୀରେ ଲୁଚାଇ ବାପା କହନ୍ତି – "ହଉ ହଉ, ତୋ ପାଇଁ ବି ଆଣିବି ।" ସେ ମାସ ବାପାବୋଉଙ୍କର ଔଷଧ କି ଚା' ଜଳଖିଆ କି ସଉଦା ଖର୍ଚ୍ଚରୁ କମ୍ କରି ବାପା ତା' ଜିଦ୍ ପୂରଣ କରିଥିବେ ସେ କଥା ସୋନି ବଡ଼ ହେବା ପରେ ଅନୁଭବ କରିପାରୁଥିଲା ।

ବଡ଼ ହେବା ପରେ ବୁଝି ପାରିଥିଲା ସେ, ବାପା ବୋଉଙ୍କର ପିଲାମାନଙ୍କ ପ୍ରତି ନିଃସ୍ୱାର୍ଥପର ପ୍ରତିବଦ୍ଧତା ଆଉ ଉପଯୁକ୍ତ ପ୍ରତିପାଳନ ନିମିତ୍ତ ଆଜୀବନ ବଳିଦାନର କଥା । ପିଲାମାନଙ୍କ ଟିକିଏ ହସ ନିକଟରେ ସେମାନଙ୍କ ଜୀବନର ସମସ୍ତ ଖୁସି, ସଉକ ଫିକା ପଡ଼ିଯାଏ । ପିଲାଟିଏ ଗର୍ଭକୁ ଆସିବାର ମୁହୂର୍ତ୍ତରୁ ହିଁ ମମତ୍ୱବୋଧର ଫଗୁ ବୋଳି ହୋଇଯାଏ ସେମାନଙ୍କର ହୃଦୟରେ । ପିଲାଟି ଭୂମିଷ୍ଠ ହେବା ମାତ୍ରେ ତା'ର ମୁହଁଟାକୁ ଚାହିଁଦେଲେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସମସ୍ତ କଷ୍ଟ ଗୋଟିଏ ମୁହୂର୍ତ୍ତରେ ଉଭେଇଯାଏ । ପିତୃତ୍ୱ ଓ ମାତୃତ୍ୱର ଅନୁଭୂତି ନିଜର ଜନ୍ମିତ ସମସ୍ତ ସନ୍ତାନ ପାଇଁ ସ୍ୱତନ୍ତ୍ର ଓ ନିଆରା । ଏତେ ଆପଣାପଣ କେଉଁଠି ସାଇତା ହୋଇଥାଏ ସେମାନଙ୍କ ହୃଦୟରେ କେଜାଣି ! ପିଲାମାନଙ୍କର ଜନ୍ମଦିନଟି ସେମାନଙ୍କ ଜୀବନର ମଧ୍ୟ ଏକ ସ୍ମରଣୀୟ ଦିନ । କିନ୍ତୁ ସେଦିନ ବି ପିଲାମାନଙ୍କର ଖୁସି ନିମିତ୍ତ, ସେମାନଙ୍କର ଦୀର୍ଘ, ନିରାମୟ ଓ ସଫଳ ଜୀବନ ନିମିତ୍ତ କେତେ କ'ଣ ଆୟୋଜନରେ ଲାଗିଯାଆନ୍ତି ସେମାନେ ନିଜ କଥା ନ ଭାବି । ସୋନି ଭାବିଲା –ଏଥର ମୋ ଜନ୍ମଦିନ ନୁହେଁ, ବାପାବୋଉଙ୍କର ମୋ ପାଇଁ ପିତୃତ୍ୱମାତୃତ୍ୱ ଲାଭ ଦିବସ ପାଳନ କରିବି ।

ମାର୍କେଟ ଯାଇ ବାପାବୋଉଙ୍କୁ ମାନିଲା ଭଳି ଶାଢୀ ଓ ଟି-ସାର୍ଟ କିଣି ଆଣି ଘର ଠିକଣାରେ କୋରିଅରରେ ପଠାଇ ଦେଇଛି । ବାକି ସବୁ ଆୟୋଜନ ପାଇଁ ମାମୁନିର ସାହାଯ୍ୟ ନେବ । ମାମୁନି ତା'ର ପିଲାଦିନର ସାଙ୍ଗ । ଘରକୁ ଘର ଲାଗିଛି । ପିଲାଦିନ ଧୂଳିଖେଳଠାରୁ ଆରମ୍ଭ କରି ସ୍କୁଲ କଲେଜ ପାଠପଢା ସବୁ ଏକାଠି । ଗାଁ ସ୍କୁଲରେ ତା'ର ପୋଷ୍ଟିଂ । କେବେ କେବେ ସୋନି ତା' ଫୋନରେ ଭିଡ଼ିଓ କଲ୍ କରି ବାପାବୋଉଙ୍କୁ ଦେଖି ଦୁଇ ପଦ କଥା ହୋଇ ଖୁସି ହୋଇଯାଏ । ବାପା ସ୍ମାର୍ଟ ଫୋନ୍ ଧରିବାକୁ ନାରାଜ । ଏଥର ଘରକୁ ଗଲେ ଯେମିତ ବି ହେଉ ତାଙ୍କୁ ଶିଖେଇକି ଆସିବ ।

ସକାଳୁ ସକାଳୁ ମାମୁନି ଯାଇ ପହଞ୍ଚିଗଲା ସୋନି ଘରେ କେକ୍ ପ୍ୟାକେଟଟା ହାତରେ ଧରି । ସୋନିର ବାପାମା' ଠାକୁର ପୂଜା ପାଇଁ ଯୋଗାଡ଼ କରୁଥିଲେ । ମେସେଜ୍ କରି ଜଣେଇ ଦେଲା ସୋନିକୁ । ସୋନି କାଳବିଳମ୍ବ ନ କରି ଫୋନ ଲଗାଇଲା ବୋଉକୁ । କୋରିଅରରେ ଆସିଥିବା ପ୍ୟାକେଟଟାକୁ ଖୋଲିବାକୁ କହିଲା । ବୋଉ ଆଲମାରୀ ଭିତରୁ ପ୍ୟାକେଟଟା କାଢି ବାପାଙ୍କ ହାତକୁ ବଢାଇ ଦେଇ କହିଲା- "ଏଇଟା ଖୋଲ, ସୋନି

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

କହୁଛି ।"

ବାପା ଖୋଲି ଦେଖିଲେ ଶାଢୀ ଆଉ ଗୋଟେ ଟି ସାର୍ଟ । ଆଶ୍ଚର୍ଯ୍ୟ ହୋଇ କହିଲେ- "ଶୁଣ, ମନି ବୋଉ, ସୋନିକୁ ପଚାରିଲ ଶାଢୀ ଆଉ ଟି ସାର୍ଟ କାହାପାଇଁ ?"

ସେପଟୁ ବାପାଙ୍କ କଥା ଶୁଣି ପାରୁଥିଲା ସୋନି । ଉତ୍ତର ଦେଲା –"ଶାଢୀଟା ତୋ ପାଇଁ ଆଉ ସାର୍ଟଟା ବାପାଙ୍କ ପାଇଁ । ତୁମେ ଦୁଇଜଣ ଏବେ ସାଙ୍ଗେ ସାଙ୍ଗେ ପିନ୍ଧ, ମୁଁ ଦେଖିବି ।"

"ଆଲୋ ରହ, ତୋ ଜନ୍ମଦିନ ପୂଜାଟା ଟିକେ ସାରିଦିଏ ।"

ନାଇଁ ନାଇଁ, ତୁ ଫୋନ ରଖ । ବାପାଙ୍କୁ ଆଗ ସାର୍ଟଟା ଦେ, କହ ମୁଁ କହିଛି, ଏବେ ପିନ୍ଧିବେ । ତୁ ବି ଏବେ ସାଙ୍ଗେ ସାଙ୍ଗେ ପିନ୍ଧ । ମୁଁ ମାମୁନି ଫୋନରେ ଭିଡ଼ିଓ କଲ କରୁଛି ।"

"ଆଲୋ, ଆଜି ତୋ ଜନ୍ମଦିନ, ତୁ ନୂଆ ପିନ୍ଧିବୁ ନା ମୁଁ ?" ବୋଉ କଥା ନ ସରୁଣୁ ଫୋନ କାଟିଦେଲା ସୋନି । ମାମୁନି ସବୁ ଆରେଞ୍ଜ କରି କେକ୍ ଟା ଟେବୁଲ ଉପରେ ରଖି ମଉସା ମାଉସୀଙ୍କୁ ଆଣି ଟେବୁଲ ପାଖରେ ବସାଇ ଦେଲା । ଦୁଇଜଣଙ୍କର ଗୋଟେ ଫଟୋ ଉଠାଇ ସୋନି ପାଖକୁ ପଠାଇଦେଲା ।

ନୂଆ ଶାଢୀରେ ବୋଉ ଖୁବ ସୁନ୍ଦର ଦେଖାଯାଉଥିଲା । ସାର୍ଟଟା ବାପାଙ୍କୁ ଭଲ ମାନୁଥିଲା । ସୋନି ଆଖିରେ ଆନନ୍ଦାଶ୍ରୁ । ସେ ଭିଡ଼ିଓ କଲ୍ କଲା ।

ବାପାବୋଉଙ୍କ ମୁହଁରେ ଖୁସିର ଆଭାସ ବାରି ପାରୁଥିଲା ସୋନି । ହସି ହସି ବୋଉ କହିଲା – "ତୋ ମନବୋଧ ହେଲା ତ ?" ତୋ କଥା ମାନି ଆମେ ଦୁଇଜଣ ପିନ୍ଧିଲୁ । ହେଲେ ତୋର ନୂଆ ଡ୍ରେସ କାହିଁ ? କେକ୍ ଟା ତୁ ନ କାଟି ଏଠିକି କାହିଁକି ପଠାଇଛୁ କହିଲୁ ? ବୋଉର ମମତା ବୋଳା ତାଗିଦ୍ ।

"ଆଜି ପରା 'ମୋର ପେରେଣ୍ଟସ ଡେ' । କେକ୍ ଉପରେ କ'ଣ ଲେଖା ହେଇଛି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେଖୁନୁ । ତୁମେ ଦୁଇଜଣ ଶୀଘ୍ର କେକ୍ ଟା କାଟି ଦିଅ ।"

"ପେରେଣ୍ଟସ ଡେ ଏଇ କେଇଦିନ ତଳେ ଗଲା ନା କ'ଣ ପରା, ଆଜି ପୁଣି କ'ଣ ? ?" ବୋଉର କଠିନ ପ୍ରଶ୍ନ ।

"ନାଇଁ ଲୋ ବୋଉ, ସେଇଟା ସାରା ଦୁନିଆଁ ପାଇଁ । ଆଜି ପରା ସୋନିର ପେରେଣ୍ଟସ ଡେ" । ବାପାବୋଉ ଚାହୁଁଥିଲେ ଅବୁଝା ଆଖିରେ । ସୋନି ବୁଝାଇଦେଲା, "ତୁମେ ଦୁଇଜଣ ଆଗରୁ ମନି ଅପା ଓ ରାନୀ ଅପାର ପେରେଣ୍ଟସ ଥିଲ, ଆଜିର ଦିନରେ ପରା ସୋନିର ପ୍ୟାରେଣ୍ଟସ ହୋଇଥିଲ । ସେଥିପାଇଁ ଆଜିଠାରୁ ମୋ ଜନ୍ମଦିନକୁ ମୁଁ ପାଳନ କରିବି 'ସୋନିର ପେରେଣ୍ଟସ ଡେ' ଭାବରେ । ହ୍ୟାପି ପେରେଣ୍ଟସ ଡେ ବାପାବୋଉ ।" ତା' ସାଙ୍ଗରେ ସ୍ୱର ମିଶାଉଥିଲା ମାମୁନି ।

ବାପାବୋଉଙ୍କ ଆଖି ଛଳଛଳ ହୋଇଗଲା । ଦୁଇଜଣଯାକ ଏକାଥରକେ କହି ଉଠିଲେ –"ସତରେ ସୋନିଟା ଆମ 'ମାଆ' ହେଇଯାଇଛି ।"

ସୋନି ଆଖିରେ ଖୁସିର ଲୁହ ଲହଡ଼ି ମାରୁଥିଲା ।

ଅଧ୍ୟକ୍ଷା, ରାଜଧାନୀ ବିଜ୍ଞାନ  କଳା ଓ ବାଣିଜ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ
ଭୁବନେଶ୍ୱର

Listen to Odia Podcast on https://anchor.fm/aahwaan
ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

# ସଂପର୍କ

ନୂଆ ପାଟଶାଢ଼ୀ ଖଣ୍ଡେ ପିନ୍ଧି ଭାରି ସୁନ୍ଦର ଦିଶୁଥାଏ ରାଣୀ । ସବୁ ଓଢ଼ଣା ଟାଣି ଚୁପଚାପ୍ ଗୋଟେ କଣରେ ବସି ରହିଥାଏ ସେ । କେତେ ଲୋକ ଦେଖି ଆସୁଥାନ୍ତି । ସମସ୍ତଙ୍କ ମୁହଁରେ ତା ରୂପର ପ୍ରଶଂସା । ଆହା କେଡେ ସୁନ୍ଦରୀଆ ବୋହୂଟିଏ ସତରେ ପୁରା ଗୋଟିଏ ଚାଉଳରେ ଗଢା । ଦେଖିଲେ ଆଖି ଫେରୁ ନାହିଁ । ନଣନ୍ଦମାନଙ୍କର ଟାହି ଟାପରା ସତରେ ଭାଉଜ ଭାଇ ଆମର ଭାଗ୍ୟବାନ ନହେଲେ ତମ ଭଳି ସୁନ୍ଦରୀ ସ୍ତ୍ରୀ ଟିଏ କ'ଣ ପାଇଥାନ୍ତା । ଲାଜରେ ମୁହଁକୁ ତଳକୁ ପୋତି ଲୁଚି ଲୁଚି ହସୁଥିଲା ରାଣୀ ।

ତାର ଏ ସୁନ୍ଦର ରୂପକୁ ଦେଖି ରାଜା ବାହାଘର ପାଇଁ ରାଜି ହେଇଯାଇଥିଲା । ସେ ବାହାହେଇ ରାଣୀକୁ ଘରକୁ ଆଣିଛି ବିନା ଯୌତୁକରେ । ବହୁତ ଝିଅ ରାଜାକୁ ପସନ୍ଦ କରୁଥିଲେ ବି ରାଜାର ପସନ୍ଦ ଥିଲା ରାଣୀ । ସେଥିପାଇଁ ସେ ଜିଦ୍ କରି ବାହା ହେଇଥିଲା ରାଣୀକୁ । ତାର ମାନ ସମ୍ମାନକୁ କେବେ ବି ତଳେ ପକାଇବାକୁ ଦେବନାହିଁ ବୋଲି ସବୁ ଜିନିଷ ଯୋଗେଇ ଦେଇଥାଏ ରାଜା ।



ଝରଣା ବାରିକ

ରାଜାର ମନ ଆକାଶରେ ଉଡୁଥାଏ । ରାଣୀକୁ ପାଇ ଧରାକୁ ସରା ମନେ କରୁଥାଏ ରାଜା । ତାର ଏତେ ଖୁସି ସହି ପାରନ୍ତି ନାହିଁ ପରିବାରରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କିଛି ଲୋକ । ସେ କଥାକୁ ଖାତିର ନଥାଏ ରାଜାର । କେହି କେହି ପଡିଶା ଲୋକମାନେ ବି କୁହା କୁହି ହୁଅନ୍ତି ଏତେ ସୁନ୍ଦର ଉପରଟା, ଭିତରେ କ'ଣ ଅଛି ଲୋ ମାଆ । କିଏ ଜାଣେ ଆଗକୁ ଏ ଘର ଭାଙ୍ଗିବ କି ରହିବ । ଯଦି ରାଜା ତା ବୁଦ୍ଧିରେ ପଡିଗଲାନା ସବୁ ସରିଲା କ'ଣ ହେବ ତୋ ଝିଅ ମାନଂକ ଅବସ୍ଥା । ଏ ସବୁ କଥା ରାଜା ମାଆ ଆଗରେ ଶୁଣେଇ ଶୁଣେଇ କୁହନ୍ତି ପଡିଶା ଘରର ସ୍ତ୍ରୀ ଲୋକମାନେ ।

ଆରମ୍ଭ ହେଇଯାଏ ରାଣୀ ଉପରେ ଅତ୍ୟାଚାର । ରାଜା ଆଗରେ ଭଲେଇ ହେଇ ପଛରେ ରାଣୀକୁ ପଛରେ ବହୁତ କଷ୍ଟ ଦିଅନ୍ତି ତା ପରିବାରର ଲୋକମାନେ ।

ସେ ସବୁକୁ ହସି ହସି ସହିଯାଏ ରାଣୀ । ରାଜାର ଭଲ ପାଇବା ତାକୁ ସବୁ କଷ୍ଟକୁ ସହିବାକୁ ଶକ୍ତି ଯୋଗାଇ ଦିଏ । ଦିନକୁ ଦିନ ଏ ସବୁ ଅସହ୍ୟ ହୋଇପଡିଲା ରାଣୀ ପାଇଁ । ରାଜା କାନରେ ମଧ୍ୟ ଏ କଥା ପଡ଼ିଲା । ଏସବୁ ରାଣୀ ମୁହଁରୁ ଶୁଣିବା ପାଇଁ ଜିଦ୍ କଲା ରାଜା । କିନ୍ତୁ ରାଣୀ ଗୋଟିଏ ବି ଶବ୍ଦ କାହା ନାଁରେ କହି ପାରିଲାନି । ସମସ୍ତେ ବହୁତ ଭଲ ବୋଲି ହିଁ କହୁଥାଏ ରାଣୀ । କିଛି ନ କହିଲେ ବି ସବୁ କଥା ସ୍ୱାମୀ ଆଗରେ କହୁଛୁ କହି ଝଗଡା କରନ୍ତି ଶାଶୁ ନଣନ୍ଦ ମାନେ । ଏମିତି ଦିନେ ଝଗଡା କରୁଥିବା ସମୟରେ ଶାଶୁ ହାତ ଉଠେଇ ମାରୁଥାନ୍ତି । ଏହି ସମୟରେ ରାଜା ଘରେ ପହଞ୍ଚିଗଲା ।

ଏକଥା ଦେଖି ରାଜା ଆଖିରେ ଲୁହ ରହିଲା ନାହିଁ । ରାଣୀକୁ ନେଇ ଅଲଗା ଭଡା ଘରେ ରଖିବାକୁ ମନସ୍ଥ କଲା । ରାଣୀ କିନ୍ତୁ ରାଜି ହେଲା ନାହିଁ । ତା ମନରେ ଗୋଟିଏ କଥା ଶୁଣୁଥାଏ ।

ଶାଶୁ ଘରେ ଛାଡି କି ଯିବାବେଳେ ମାମୁଁ କହିଥିଲେ । ଝିଅ ଆଜି ତୋ ରୂପକୁ ଯେମିତି ପ୍ରଶଂସା କରୁଛନ୍ତି । କାଲି ଯେତେବେଳେ ମୁଁ ଏଠିକି ଆସିବି ସେତେବେଳେ ତୋର ଗୁଣ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପ୍ରଶଂସା ଯେମିତି ଶୁଣେ । ଏଇ କଥା ପଦକ ସବୁବେଳେ ତା କାନରେ ଯେମିତି ବାଜି ଉଠେ ।

ସବୁ ଦୁଃଖ କଷ୍ଟକୁ ସହି ଦିନ ପରେ ଦିନ ବିତିଯାଏ ରାଣୀର । ସବୁ ନଣନ୍ଦ ମାନଙ୍କୁ ବାହାଘର କରି ଶାଶୁ ଘରକୁ ବିଦା କରେ । ସମସ୍ତଙ୍କ ଅଳି ଅର୍ଦ୍ଦଳି ବୁଝି ବୁଝି କେବେବି ଥକି ପଡେନି ସେ । ଶାଶୁ ଶ୍ୱଶୁର ଏସବୁ ଦେଖି ସଂପୂର୍ଣ୍ଣ ବଦଳି ଯାଆନ୍ତି । ଗାଁ ସାରା ତା ନାଁ ରେ ଚର୍ଚ୍ଚା ହୁଏ ।

ସତରେ ବୋହୂ ନୁହେଁ ତ ହୀରା ଖଣ୍ଡେ ।

ଏ ସବୁ କଥା  ଶୁଣି ଶାଶୁ ଶ୍ୱଶୁରଙ୍କ ଛାତି କୁଣ୍ଢେ ମୋଟ ହେଇଯାଏ । ଶାଶୁ ଶ୍ୱଶୁରଙ୍କୁ ସେ ଠିକ୍ ନିଜ ପିଲାଙ୍କ ପରି ସ୍ନେହ ଦିଏ ଗୁରୁଜନଙ୍କ ଭଳି ଭକ୍ତି ଓ ସମ୍ମାନ ମଧ୍ୟ କରେ ।

ଏ ସବୁ ଶୁଣି ଦେଖି ରାଜା ମଧ୍ୟ ବହୁତ ଖୁସି ହୁଏ । ଏଭଳି ଗୁଣବତୀ ସ୍ତ୍ରୀଟିଏ ପାଇଥିବାରୁ ନିଜକୁ ଧନ୍ୟ ମନେ କରେ ।

ରାଣୀ  କିନ୍ତୁ  ସବୁ  କ୍ରେଡିଟ ରାଜାକୁ ଦିଏ  ।

କୁହେ ତମେ ଯଦି ଭଲ ହୋଇ ନଥାନ୍ତ ଏସବୁ କେବେବି ସମ୍ଭବ ହୋଇ ପାରିନଥାନ୍ତା ।

ସତରେ ସବୁ କ୍ଷେତ୍ରରେ ଗୋଟିଏ ନାରୀ ଯଦି ସର୍ବସଂହା ହୁଏ ପୁରୁଷଟିଏ ବି ତାକୁ ସଂପୂର୍ଣ୍ଣ ଭାବରେ ସପୋର୍ଟ କରିବା ଆବଶ୍ୟକ । ତେବେ ନିଶ୍ଚୟ ଖୁବ୍ ସୁନ୍ଦର ଭାବରେ ଅସଜଡା ଜିନିଷ ସବୁ ସଜାଡି ହୋଇଯିବ ।

ଝରଣା ବାରିକ

ସମଲ, ତାଳଚେର, ଅନୁଗୋଳ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କାଲିର ଫକିର ଆଜିର ରାଜନ

ଆଜି ମୋନାଲିସା ଦାଣ୍ଡର ଭିକାରୁଣୀ ସଦୃଶ । ସ୍ୱାମୀ ତାକୁ ଘରୁ ବିତାଡ଼ିତ କରିଦେଇଛି । ସ୍ତ୍ରୀର ପରକ୍ରୀୟ ପ୍ରୀତି ସମ୍ବନ୍ଧରେ ଜାଣି ପାରି । କେତେ ଯେ ପୁରୁଷଙ୍କୁ ଯୌନ ପିଶାଚ ସାଜି ନିଜର କାମନା ମେଣ୍ଟାଇବା ସହିତ ଧନ ଉପାର୍ଜିତ କରିବାରେ ଥିଲା ଜଣେ ଦସ୍ୟୁ ସଦୃଶ । ଉପରକୁ କିନ୍ତୁ ଲାଗୁଥାଏ ଏକ ସତୀ ନାରୀ ।

ଏମିତି ବି ସେଦିନ ଜୀବନ ସହିତ ତାର ବିବାହ ପ୍ରସ୍ତାବ ପଡ଼ିଥିଲା ଆଉ ଜାଣିବାକୁ ପାଇଥିଲା ସେ ପୁଅ ଏକ ବଡ଼ କମ୍ପାନୀ ଚାକିରି କରିବା ସହିତ ଏକ ଭଲ ମଧ୍ୟବିତ୍ତ ପରିବାର ର ଆଉ ସ୍ୱାମୀ ଭଲ ଦୁଇ ପଇସା ରୋଜଗାର କରୁଛି । ଏହାର ଫାଇଦା ମାରି ସେଦିନ ମାଆ ର କଥା ରେ ବିବାହ ହୋଇଯାଇଥିଲା ।



ସରୋଜ କୁମାର
ଜେନା

ଏପଟେ କିନ୍ତୁ ବିବାହ ପୂର୍ବରୁ ଯେଉଁ ଖେଳ ମୋନାଲିସା ଖେଳିଥିଲା ତାହା କୌଣସି ଏକ କଥାଚିତ୍ର ଠାରୁ କମ୍ ହେବନି । ଦୀପଙ୍କର ନାମ ଭାବେ ଏକ ପୁଅକୁ ଭଲ ପାଉଥିଲା ଏବଂ ତାକୁ ପ୍ରତାରଣା ଦେଇ ସେହି ଜୀବନକୁ ବିବାହ କରି ନେଇଥିଲା ଏବଂ ଦୀପଙ୍କର କୁ ଯାଛାତ୍ ଗାଳି ଦେଇଥିଲା ।

ଯାହା ଥିଲା ଏଇ ଦୀପଙ୍କରର ଗରିବ ବୋଲି ଏବଂ ତାର ଭାବି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସ୍ୱାମୀ ସହିତ ସମଃସ୍କନ୍ଦ ନୁହେଁ ଏବଂ ତାଙ୍କ ନିଜ ଘର ସହିତ ସମଃସ୍କନ୍ଦ ନୁହେଁ ବୋଲି କହି ଦୂରେଇ ଅନ୍ୟତ୍ର ବିବାହ କଲା ।

ଦିନ ପରେ ଦିନ ବିତି ଚାଲିଲା ଏହି କଟୁ ଭାଷା ମୋନାଲିସାର ଦୀପଙ୍କରକୁ ଏକ ବଡ଼ ଶିକ୍ଷା ଦେଲା ଆଉ ବିଗତ ଦଶ ବର୍ଷ ମଧ୍ୟରେ ଏକ ବଡ଼ ଧନୀ ହୋଇ ଠିଆ ହେଲା ସମାଜରେ । ଦୀପଙ୍କର ଦିନେ ଭାବିଥିଲା ଏହି କଥାର ଜବାବ ଦିନେ ମୁଁ କାମରେ କରେଇ ଦେଖେଇବି । ଆଉ ଶେଷରେ ହେଲା ମଧ୍ୟ ସଠିକ୍ ।

ଅଚାନକ ଏକ ଦିନ ଏକ ମେଡିକାଲରେ ଦୀପଙ୍କର ଦେଖିବାକୁ ପାଇଥିଲା ମୋନାଲିସା ତାର ତିନି ବର୍ଷର ପୁତ୍ର ସନ୍ତାନକୁ ଧରି ବହୁତ ଡହଳ ବିକଳ ହୋଇ କାନ୍ଦୁଥାଏ ଠିକ୍ ସେହି ଦିନ ଉଭୟ ଦୀପଙ୍କର ଆଉ ମୋନାଲିସାର ଭେଟ ପଡ଼ିଗଲା ଆଉ ନ ଦେଖିଲା ଭଳି ମେଡିକାଲ୍ ଭିତରକୁ ଚାଲିଗଲା ଦୀପଙ୍କର ଭିତରେ ଯାଇ ଡାକ୍ତର ବାବୁଙ୍କ ନିଜ ବାପା ଦେହ ଦେଖାଇ ସାରିଲା ପରେ ପଚାରିଲା ଦୀପଙ୍କର ଡାକ୍ତର ବାବୁ ଏଇ ମୋନାଲିସା ଚୌଧୁରୀ କୁଆଡ଼େ ଆସିଥିଲା ? ଏହା ଶୁଣି ଡାକ୍ତର କହିଥିଲେ ହଁ ଦୀପଙ୍କର ବାବୁ ତାଙ୍କ ପୁଅ ଦେହ ବହୁତ ଖରାପ ତାଙ୍କ ପୁଅ ଗୋଡ଼ଟି ଭାଙ୍ଗି ଯାଇଛି । ଅସ୍ତ୍ରୋପଚାର ପାଇଁ କୋଡ଼ିଏ ହଜାର ଲାଗିବ । ଏହା ଶୁଣି ଦୀପଙ୍କର ଏକ କୋଡ଼ିଏ ହଜାର ଚେକ୍ ଦେଇଥିଲା ଡାକ୍ତରଙ୍କୁ ଆଉ କହିଥିଲା ତାର ଚିକିତ୍ସାର ବନ୍ଦୋବସ୍ତ କର ।

ଏହା ପରେ ଦୀପଙ୍କର ଘରକୁ ଯିବା ପୂର୍ବରୁ ଡାକ୍ତର ବାବୁ ମୋନାଲିସାକୁ ଡାକି ସବୁ କଥା କହିଥିଲେ । ଡାକ୍ତର ବାବୁଙ୍କ ଠାରୁ ସବୁ ଶୁଣିଲା ପରେ ଆସି ମେଡିକାଲ୍ ବାହାରେ ଦେଖିଲା ବେଳକୁ କାରରେ ଚଢ଼ି ଦୀପଙ୍କର ବାହାରୁଥାଏ ଯିବାପାଇଁ ଦୌଡ଼ି ଆସି ମୋନାଲିସା ଦୀପଙ୍କରକୁ କୁଣ୍ଢାଇ ପକାଇଲା । ଏହାପରେ ଦୀପଙ୍କର ତାକୁ କହିଲା ଆଙ୍କା

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଏହା ମୋର ଏକ କର୍ତ୍ତବ୍ୟ ଜଣେ ଅସୁବିଧା ଲୋକକୁ ସାହାଯ୍ୟ କରିବା ପାଇଁ । ଆଉ ଆଜି ତୁମକୁ ଧନ୍ୟବାଦ ଦେଉଛି ତୁମର ସେଦିନର ଗାଳି ଆଜି ମୋତେ ଏତେ ଉଚ୍ଚକୁ ଆଣି ପାରିଛି । ଆଉ ହଁ ମୁଁ ଜାଣିଛି ତୁମ ସ୍ୱାମୀ ତୁମକୁ ଛାଡ଼ପତ୍ର ଦେଇଛନ୍ତି । ଆଜିବି ସମୟ ଅଛି ମୋନାଲିସା ବିଗତ ଦିନ ଗୁଡ଼ିକୁ ଭାବିବାର । ଆସୁଛି ....

ଏହା ପରେ ଜଣେ ବୃଦ୍ଧା କହିଲେ ହଁ ରେ ମା ଏଇ ଦେଖେ ଏହି ପୁଅ ଦିନେ ଏତେ ଅସୁବିଧାରେ ଚଳୁଥିଲା ଦେଖେ ଭାଗ୍ୟ ସାଥି ସହିତ ନିଜ ପରିଶ୍ରମ ବଳରେ ଆଜି ସମାଜରେ ବଡ଼ ଧନୀ । ସେଥିପାଇଁ ମା କଥାରେ ଅଛି ଆଜି ଯେ ରାଜନ କାଲି ସେ ଫକିର । ଆଉ ଆଜି ଯେ ଫକିର କାଲି ସେ ରାଜନ । ଆଉ ଦେଖେ ଏହି ପୁଅ ଆଜି ଫକିରରୁ ରାଜନ ପାଲଟିଛି ।

ବାଲିଝରୀ, ନରସିଂହପୁର, କଟକ
ମୋ -୯୩୪୮୭୮୩୭୯୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ରାକ୍ଷୀ ପୂର୍ଣ୍ଣିମା

ସବୁ ଦିନ ରାକ୍ଷୀ ପୂର୍ଣ୍ଣମୀ ଆସିଲେ ଖୁସି ଆଖିରେ ଲୁହର ସାତ ଧାର ନଇ ବୋହିଯାଏ, ଦୀର୍ଘ ଷୋହଳ ବର୍ଷ ହେଲା ସେ ଆଉ ଚଳଚଞ୍ଚଳ ନାହିଁ, ସେ ଦିନଟି ସେ ବହୁତ କାନ୍ଦେ, ଆଉ ମନେ ପକାଏ, ସେଇ ସ୍ମୃତିର ହସ ଖୁସିର ଦିନ ସବୁକୁ, ସତରେ କେତେ ଭଲ ଥିଲା, ଖୁସି ଥିଲା ଖୁବ ଗେହ୍ଲେଇ, ଭାରି ଫୁଲେଇ ବି, ସବୁ ଭାଇ ଭଉଣୀଙ୍କଠୁ ସେ ଥିଲା ଟିକେ ନିଆରା, ତିନି ଭାଇ ତିନି ଭଉଣୀ, ବଡ଼ ଭାଇ ହାତରେ ସେ କେବେ ରାକ୍ଷୀ ବାନ୍ଧିଚି ସେ କଥା ମନେ ପଡେନି ଖୁସିର, ବଡ଼ ଭଉଣୀର ବାହାଘର ପରେ ଭାଇ ଭାଉଜ ବାହାରେ ରହୁଥିଲେ, ଗାଁ ଠୁଁ ଧୀରେ ଧୀରେ ସମ୍ପର୍କ କାଟି କାଟି ଚାଲିଥିଲେ, ଯିବା ଆସିବା ଖୁବ କମ, ଆଉ ଦି ଭାଇ କିନ୍ତୁ ଟିକେ ଅଲଗା, ହଠାତ ମାଆ ଚାଲିଯିବାଟା ଏଇ ଚାରି ଭାଇ ଭଉଣୀଙ୍କୁ ଖୁବ ଦୁର୍ବଳ ଆଉ ଦୁଃଖୀ କରିଦେଇଥିଲା, ଏଇ ଚାରି ଭାଇ ଭଉଣୀଙ୍କର ସ୍ନେହ ଟିକେ ଅଲଗା ଥିଲା, ଧୀରେ ଧୀରେ ଖୁସି ଘରର ସବୁ ଦାୟିତ୍ୱରେ ବାନ୍ଧି ହେଇଗଲା, ପ୍ରତି ବର୍ଷ ରାକ୍ଷୀପୂର୍ଣ୍ଣମୀରେ ଦି ଭାଇ ଯେତେ ଦୂରରେ ଥା'ନ୍ତୁନା କାହିଁକି, ଏଇ ଦିନ ଘରକୁ ଆସନ୍ତି, ଖୁସି ଗୋଡ଼ ସେଦିନ ଆଉ ତଳେ ଲାଗେନି ଆନନ୍ଦରେ, କେତେ ପ୍ରକାର ମିଠା, ଆଉ ପିଠା, କେତେ କଣ ଖୁସିରେ ସେ ନିଜକୁ ହଜେଇ ଦିଏ, ସମୟର ଉଜାଣି ପବନ କିନ୍ତୁ ଓଲଟା ବୋହିଥାଏ, ଖୁସିର ବାହାଘର ହେଇଗଲା, ଶାଶୁ ଘର ତା ପାଇଁ ବନ୍ଦୀଶାଳା ପାଲଟିଲା, ସେ ଦିନ ରାକ୍ଷୀ ବାନ୍ଧିବା ତ ଦୂରର କଥା,



ଆଦରମଣି ପ୍ରଧାନ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରାକ୍ଷୀଟିଏ ଭାଇ ପାଖକୁ ପଠାଇବା ବି ସମ୍ଭବ ହେଉ ନଥାଏ, ଶାଶୁ ଶଶୁର ଆଉ ପରିବାରର ନାଲି ଆଖି, ପାଶବିକ ଅତ୍ୟାଚାରରେ ସେ ଯେମିତି ନିଜ ମାନସିକ ସ୍ତରରେ ଖୁବ ଦୁଃଖୀ ରହୁଥିଲା, ନିଜ ଦୁଃଖ ବି ଘରକୁ ଜଣାଏନି, ଖୁସି ବୁଝି ପାରେନି, କି ନିଜକୁ ହଜାରେ ପ୍ରଶ୍ନର ଭିତରେ ବୁଝେଇ ପାରେନି,ଭାଇ ଭଉଣୀର ଏଇ ଅତୁଟ ବନ୍ଧନରେ, ଝିଅର ସ୍ଥାନ କଣ ସତରେ ସ୍ୱତନ୍ତ୍ର,,,,, ? ? ?

ଖୁସିର ସବୁ ଇଚ୍ଛା ଆଉ ଅନିଚ୍ଛାକୁ ସମାଧି ଦେଇ ଦିଏ ନିଜ ଭିତରେ, ଗୁମୁରି ଗୁମୁରି ଖୁବ କାନ୍ଦେ ସେ, ଖୁବ ମନେ ପଡେ ସାନ ଭାଇର ସେଇ ମିଠା ସ୍ନେହ ଆଉ ଆତ୍ମୀୟତାରେ ଲୁଚିଥିବା ଖୁବ ଆପଣାପଣ, ଆଉ ମଝିଆଁ ଭାଇର ତ ସେ ହସର ଆଞ୍ଜୁଳା, ବଜ଼ାରରେ କିଛି ଟିକେ ଖାଇଲେ, କି ସାଙ୍ଗ ମାନଙ୍କ ସହ ମିଶି କେବେ ଭୋଜି କଲେ ବି ସେ ଭୁଲି ନଥାଏ ଘରେ ସାନ ସାନ ଦି ଭଉଣୀ ଅଛନ୍ତି ବୋଲି, ଭାରି ଗେହ୍ଲା କରେ ସେ ଖୁସିକୁ, ଖୁସି ବି ନିଜ ନିଶ୍ୱାସରେ ରଖିଥାଏ ଦି ଭାଇଙ୍କୁ, ଖୁବ ଭଲ ପାଏ, ଆଜିବି ପୁଣି ଆସିଚି ସେଇ ଦିନ, ସେଇ ପ୍ରତୀକ୍ଷିତ ର ବନ୍ଧନ ଟାଣି ନିଏ ଖୁସିକୁ ନିଜ ଅତୀତ ପାଖକୁ, ହଜେଇ ଦେଇଥିବା ସେ ମୁହୂର୍ତ୍ତ ପାଖକୁ, ଲୁହ ଜୁଡୁ ବୁଡୁ ଆଜି ଖୁସିର ଆଖି, ସଂସାର ବନ୍ଧନର ଶିକୁଳି ଆଜି ଏମିତି ତାକୁ ମୁକ ଆଉ ପଙ୍ଗୁ କରି ଦେଇଛି ଯେ, ଆଜି ସେ ନିଜ ଇଚ୍ଛାରେ ହସି ପାରେନି, ସବୁ ଖୁସି ଆଜି ଖୁସିର ଆଖିରେ ଲୁହ ହେଇ ଝରି ପଡୁଛି, ଦି ଭାଇ, କି ବାପାଙ୍କର ସେଇ ସ୍ନେହର ପରଶ ତା ପାଇଁ ଆଜି ସାତ ସପନ ହେଇ ଯାଇଚି, ବାପାଙ୍କ ପାଖରେ ତାର ପିଲାଳିଆମୀର ସେଇ ଅଝଟ ଆଜି ଖୁବ ମନେ ପଡେ, ବଡ଼ ଭଉଣୀର ଆଦର ଉପଦେଶରେ ସେ ଆଜି ବ୍ରତୀ, ସାନ ଭଉଣୀର ଜିଦ ପାଖରେ ସେ ଜାଣି ଜାଣି ହାରିଯାଇ ଖୁସି ହୁଏ, ଆଜି ଆଉ ସେଇ ଦିନ ଭିତର ବହୁତ ବ୍ୟବଧାନ ଥିଲେବି, ନିଜକୁ ମୁକୁଳେଇ ପରିନି ଖୁସି ନିଜ ପରିବାର ଠୁ, ତଥାପି ଭାଇଙ୍କର ଶୁଭକାମନା କରି ରହିଛି ଖୁସି,

ସିଙ୍ଗିଟି, ମୋତୋ, ଚାନ୍ଦବାଲି, ଭଦ୍ରକ,

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜଳରାକ୍ଷସ

ପାହାନ୍ତିଆ ସକାଳ, ପୂରୁବ ଦିଗରୁ ବାଳାରୁଣ ଉଇଁ ଆସୁଥିଲେ, କୁକୁଡ଼ା ଡାକିଲା କୁକୁଡ୍ରୁ କୁ....

ରବି ବାବୁ ଘର କୁଳ ବୋହୁ ମାନିନୀ ତରତର ହୋଇ ଶେଯରୁ ଉଠିପଡ଼ିଲା, ରୋଷେଇ ଘରକୁ ଧାଇଁ ଯାଇ ପଶି ହାଣ୍ଡିରୁ ଡ଼ାଳ ବୁଡ଼ାଇ ପାଣି ଡ଼ାଳେ ବାହାର କରି ବାଡ଼ି ପଟେ ଯାଇ ମୁହଁ ଧୁଆ ଧୋଇ କଲା, ପୁଣି ଡ଼ାଳ ତଳେ ଥୋଇ ଦେଇ ହାଣ୍ଡି ଧରି ଦାଣ୍ଡକୁ ଦୌଡ଼ି ଦୌଡ଼ି ବାହାରି ପଡ଼ିଲା । ପାଣି ଟେପ୍ ଟେ ରହିଛି ସାହିର ଶେଷ ଭାଗରେ, ଭିଡ଼ କମ୍ ନୁହଁ, ସ୍ତ୍ରୀ ଲୋକ ଯେତେ ଛିଡ଼ା ହୋଇଛନ୍ତି ତାର ଆଠ କି ଦଶ ଗୁଣ ହାଣ୍ଡି ଥୁଆ ହୋଇଛି ଆଗରେ । ତାଙ୍କର ସରିଲେ ଯାଇ ମାନିନୀର ପାଳି ପଡ଼ିବ । ଦଶ ପନ୍ଦର ମିନିଟ୍ ଅପେକ୍ଷା କଲା ପରେ ପାଣି ଆସିଲା । ଅଧା ଲୋକ ସରିବା ବେଳକୁ ଖରା ଯାଇ ମୁହଁ ଉପରେ । ମାନିନୀର ପାଣି ଧରିବାର ସୁଯୋଗ ଆସିଲା, ପଛେ ଥାଇ ଜଣେ ସ୍ତ୍ରୀ ଲୋକ ପାଟି କରି କହୁଛି ଜଲଦି ଟିକେ କର, ତମେ ସବୁ ହାଣ୍ଡି ବାଲଟି ପୂରା କରି ଧରିଲେ ବାକି ଲୋକ କଣ ଧରିବେ । ଦୁଇ ଚାରିଟା ବାଲଟି ପାଣି ହାଣ୍ଡି ପୂରା କରି ଧରିଲା ପରେ ଆମକୁ ବି ଜାଗା ଟିକେ ଜାଗା ଦିଅ । ଯଦି ପାଣି ଧରିବା ପୂର୍ବରୁ ପାଣି ଆସିବା ବନ୍ଦ ହୋଇଯାଏ ତେବେ ଆମେ କଣ ରୋଷେଇ



ପ୍ରଦୀପ ଜିଲିକାରା

Listen to Odia Podcast on https://anchor.fm/aahwaan
ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

କରି ଖାଇବୁ । ଆମକୁ ବି ଖାଇବା ପାଇଁ ପାଣି ଦିଅ । ଏ କଥା ଶୁଣି ପଛେ ଚାହିଁ ମାନିନୀ ରାଗ ଗର ଗର ହୋଇ କହିଲା, ମୁଁ କଣ ପାଣି ପୋଫାଡ଼ିବା ପାଇଁ ନେଉଛି, ମୁଁ ମଧ୍ୟ ପାଣି ପିଇବା ପାଇଁ ରୋଷେଇ କରିବା ପାଇଁ ନେଉଛି । ପାଣି ଚାରି ହାଣ୍ଡି ପୂରା ହେଇଛି କି ନାହିଁ ପାଣି ଟିକେ ଧିମେଇ ଧିମେଇ ଅଳ୍ପ ଅଳ୍ପ ଆସିବାକୁ ଲାଗିଲା । ମାନିନୀ କହିଲା, ମୋର ମାତ୍ର ଏତିକି ପାଣି, ଏତକ ମୁଁ ଘରେ ରଖି ଆସେ, ଯଦି ପାଣି ଆସେ ତୁମେ ଧରୁଥାଅ, ମୁଁ ଘରେ ଯାଇ ଆସିଲେ ମୋର ବାକିତକ ହାଣ୍ଡି ବାଲଟିରେ ପାଣି ନେବି । ଏତିକି କହି ମୁଣ୍ଡରେ ଗୋଟେ ହାଣ୍ଡି ଓ ହାତରେ ଗୋଟେ ବାଲଟି ଧରି ଘର ମୁହାଁ ହେଲା ମାନିନୀ ।

ପାଣି ହାଣ୍ଡି ରୋଷେଇ ଘରେ ଥୋଇ ଦେଇ ପାଟି କରିଛି ତା କୁନି ପୁଅ ବବୁଲ୍ ଉପରେ । ପଲଙ୍କ ଉପରେ ଶୋଇ ରହିଥାଏ ବବୁଲ୍ । ତାର ଆଖି ଖୋଲୁନଥାଏ, ମା ଗାଳି ଶୁଣି ଉଠି ପଡ଼ି ପଲଙ୍କରେ ବସି ପଡ଼ି ଗୁମଉଥାଏ । ମାନିନୀ ଚିଲେଇ ଚିଲେଇ କହୁଥାଏ ତା ସ୍ୱାମୀକୁ, ତମେ ଏବେ କାମକୁ ବାହାରିବ, ଏ ଯାଏଁ ନ ଗାଧେଇ କଣ କରୁଛ, ବବୁଲ୍ ସ୍କୁଲ୍ ଯିବ ଆଉ ବାପା ମଧ୍ୟ ଗାଧେଇ ନାହାନ୍ତି । କାଲି ସନ୍ଧ୍ୟାରେ ବାଲଟି ମାନଙ୍କରେ ଥିବା ପାଣି ଯଦି ସମସ୍ତେ ଗାଧୋଇ ପଡ଼ନ୍ତ ତେବେ ସିନା ସେ ପାତ୍ର ଗୁଡ଼ାକରେ ଏବେ ହିଁ ପାଣି ଆସିଲା ବେଳକୁ ପୂରା କରି ଧରିଥାନ୍ତି । ଏବେ ପାଣି ଆସୁଛି, ପରେ ପାଣି ଆସିବା ବନ୍ଦ ହେଇଗଲେ ଆଜି ପାଇଁ କୋଉଠୁ ପାଣି ପାଇବି । ଯାଅ ଯାଅ ବାପ ପୁଅ ଗାଧୋଇ ପଡ଼, ମୋତେ ବହୁତ କାମ ପଡିଛି, ପାଣି ଧରି ସାରି ମୋତେ ଅନ୍ୟ କାମ ଯାକ ବି କରିବାକୁ ପଡ଼ିବ । ରୋଷେଇ କରିବାର ଅଛି ଆଉ ବାସନକୁସନ ଲୁଗା ବି ସଫା କରିବାର ଅଛି । ଶ୍ୱଶୁରଙ୍କ ଠାରୁ କିଛି ଦୂରରେ ଛିଡ଼ା ହୋଇ ଧୀର ସ୍ୱରରେ କହିଲା, ବାପା ଯାଆନ୍ତୁ ଗାଧୋଇ ପଡ଼ନ୍ତୁ, ମୁଁ ଆପଣଙ୍କ ପାଇଁ ପାଣି ଫୁଟେଇ ଗାଧୁଆ ଘରେ ରଖି ଦେଇଛି । ଏତିକି କହି ଦୁଇଟା ଖାଲି ବାଲଟି ଧରି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଆଉ ପାଣି ଆଣିବା ପାଇଁ ବାହାରି ପଡ଼ିଲା ।

ଶରତ ବାବୁ, ମାନିନୀର ଶ୍ୱଶୁର ଚେୟାରରେ ବସିଥାନ୍ତି । ନାତି ଟୋକା ବବୁଲ୍ ଅଜା ପାଖକୁ ଟିକେ ଗେହ୍ଲେଇ ଗେହ୍ଲେଇ କରି ପଳେଇଲା । ଅତି ଶରଧାର ସହିତ ଅଜା ନାତି ଟୋକାକୁ କୋଳେଇ ନେଲେ ହାତରେ ଧରି ପଢୁଥିବା ସମ୍ବାଦ କାଗଜ ଛାଡ଼ି । ନାତି ପଚାରିଲା, ଅଜା ଅଜା, ତମେ ଛୋଟ ବେଳେ ଗାଧୋଇବା ପାଇଁ କଣ ନିତି ଏ ପାଇପ୍ ପାଣି ଗାଧୋଉଥିଲ । ମା ମୋତେ ଅଧ ବାଲଟି ପାଣିରେ ମୋତେ ଗାଧୋଇ ଦିଏ, ଏ ପାଖକୁ ପାଣି ବାଜିଲେ ସେ ପାଖକୁ ନାହିଁ । ମୋତେ ତ ଘରେ ଗୋଧୋଇ ବହୁତ ବିଜାର ମଧ୍ୟ ଲାଗିଲାଣି । ଏତିକି ଶୁଣି ଅଜା ଟିକେ ମୁରୁକି ହସିଦେଲେ ଆଉ କହିଲେ, ନାତିରେ ମୁଁ ଯେତେବେଳେ ଛୋଟ ଥିଲି ଗାଧୋଇବା ପାଇଁ ପାଣିର ଅଭାବ ନଥିଲା । ସାଙ୍ଗ ସାଥି ମେଳରେ ଲୁଚି ଲୁଚି ମୁଁ ନିଇତି ନଦୀ ପୋଖରୀରେ ଗାଧୋଇବାକୁ ଧାଉଁଥିଲୁ । ଆମ ଗାଁ ପାଖରେ ଭରପୂର ଘଞ୍ଚ ଜଙ୍ଗଲ ଥିଲା । ସରୁଆ ନଈ ସରସର ହେଇ ବୋହିଯାଉଥିଲା, ସ୍ଫଟିକ କାଚକେନ୍ଦୁ ପରି ପାଣି । ପାଣି ଦେଖିଲେ ମୁହଁ ମାରି ପିଇଦେବାକୁ ମନ ଲାଗୁଥିଲା । ଚାରିଆଡ଼େ ସବୁଜିମା ଗଛପତ୍ର ଥିଲା ତା ସାଙ୍ଗକୁ ଶୀତଳ ପବନ ଆହା କି ସୁଖ, ଆନନ୍ଦ କହିଲେ ନ ସରେ । ଆମେ ତ ବଣରେ ବୁଲି ବୁଲି ନାନା ଜାତି କୋଳି, ଫଳ ସଂଗ୍ରହ କରି ଖାଉଥିଲୁ ଆଉ ଘରେ ଯାଇ ମା ହାତର ଛାଟରେ ମାଡ଼ ବି ଖାଉଥିଲୁ ଆମର ଦୁଷ୍ଟ କାମ ପାଇଁ ବୋଲି । ମୁଁ ଯେତେବେଳେ ପନ୍ଦର ବର୍ଷର ଥିଲି, ଦଶମ ଶ୍ରେଣୀରେ ପଢୁଥିଲି । ହାତ ଦେଖାଇ କହିଲେ ଦର ଖଣ୍ଡିଆ ପାହାଡ଼ ଆଡ଼କୁ, ଧୂସରିତ ତରୁଲତା ହୀନ ରୂପ । ଖଣ୍ଡ ବିଖଣ୍ଡିତ ଭଗ୍ନ ଶିଳା, ଧବଳ ଚୂନ ଆବୋରିତ ତନୁ । ଦେଖୁଛୁ ସେ ନିଷ୍ପ୍ରାଣ ବୁଢ଼ା ପାହାଡ଼କୁ, ଶୋକ ଜର୍ଜରିତ ପାଉଁଶିଆ ମୁଖ ମଣ୍ଡଳକୁ । ସେ ସମୟରେ ଗୋଟିଏ ଘରୋଇ କମ୍ପାନୀ ସେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପାହାଡ଼କୁ କିଣିନେଲା, ବିଜ୍ଞାନ ବଳରେ ସେମାନେ ଜାଣି ଯାଇଥିଲେ ସେମାନେ, ସେଠାରେ ପ୍ରଚୁର ପରିମାଣର କଞ୍ଚାମାଲ ଅଛି ବୋଲି, ଯାହାର ଆନୁମାନିକ ମୂଲ୍ୟ ପାଖାପାଖି ପନ୍ଦର ହଜାର କୋଟିରୁ ଅଧିକ ହେବ । ସେମାନେ ସରକାର ସହିତ ଚୁକ୍ତି କରି ପରିଶେଷରେ ସେ ପାହାଡ଼ଟିକୁ କିଣି ହିଁ ନେଲେ । ପାଖାପାଖି ଅଞ୍ଚଳର ଜନତା କେତେ ସ୍ୱର ଉତ୍ତୋଳନ କଲେ ମଧ୍ୟ କିଛି ଫଳପ୍ରଦ ହେଲା ନାହିଁ । ବହୁତ ପ୍ରକୃତି ପ୍ରେମୀ ଆନ୍ଦୋଳନକୁ ଓହ୍ଲାଇଲେ ମଧ୍ୟ ସବୁ ନିଷ୍ଫଳ ହୋଇଗଲା । ସେ ପାହାଡ଼ରେ ବହୁ ମୂଲ୍ୟବାନ୍ ଘଞ୍ଚ ଜଙ୍ଗଲ ଥିଲା ଯାହାର ଆର୍ଥିକ ମୂଲ୍ୟ ପାହାଡ଼ ଖୋଦନ କରି ଖଣିଜ ଉତ୍ତୋଳନ କରି ପ୍ରାପ୍ତ କରିଥିବା ଅର୍ଥ ଠାରୁ ମଧ୍ୟ ଅଧିକ ଥିଲା । ଏହା ଦ୍ୱାରା ଆଞ୍ଚଳିକ ଲୋକଙ୍କର ବହୁତ ଉପକାରିତା ହେଉଥିଲା । ହେଲେ କଣ କରିବା, ଦୁଷ୍ଟ ପ୍ରକୃତି ପିପାସୁ ରାକ୍ଷସ ମାନଙ୍କର ଲୋଲୁପ ଦୃଷ୍ଟି ପଡ଼ିସାରିଥିଲା ସେ ପାହାଡ଼ ଉପରେ । ପାହାଡ଼ ଶିଖରରୁ ଛୋଟ ଝରଣା ବାହାରି ଗାଁ ପାଖ ଦେଇ ବୋହିଯାଉଥିଲା । ଗାଁ ଲୋକ ସେ ନଦୀ ପାଣିରେ ସ୍ନାନ ଶୌଚ ଲୁଗା ସଫା ଆଦି ସବୁ କାର୍ଯ୍ୟ କରୁଥିଲେ । ପାହାଡ଼ ଦେହର ପଥର ଫଟେଇ, ମାଟି ଖୋଦନ କରି ଦେବା ଦ୍ୱାରା ସେ ଛୋଟ ଝରଣା ମଧ୍ୟ ଶୁଖି ଗଲା । କିଛି ବର୍ଷ ବିଗତ ହେଲା ପରେ ସେ ଅଞ୍ଚଳରେ ହାହାକର ପଡ଼ିଗଲା, ଜଳ ଅଭାବରୁ ମଡ଼କ ଦୁର୍ଭିକ୍ଷ ପଡ଼ିଲା । କୃଷି ହାନି ହେବାରୁ ଲୋକମାନେ ଅନ୍ୟତ୍ର ସ୍ଥାନାନ୍ତର ହେଲେ । ମୋ ବାପା ଏଇ ଜାଗାରେ ଆମକୁ ଧରି ଆସିଲେ, କେବଳ ମାତ୍ର ଜଳାଭାବ ପାଇଁ ନୁହଁ, ତାଙ୍କର ଚାକିରୀରେ ଏ ସହରରେ ବଦଳି ହେଲା ଓ ଆମର ମଧ୍ୟ ପାଠ ପଢ଼ା ସୁବିଧା ପାଇଁ ସମସ୍ତେ ଆସି ସହରର ଶେଷରେ ଏଇ ଜାଗାରେ ଘର କରି ରହିଗଲୁ । ମୋ ବାପା ମାଁ ଙ୍କ ଦେହାନ୍ତ ବେଳେ ତୁ ଜନ୍ମ ହେଇନଥିଲୁ, ତୋ ବାପା ନୂଆ କରି ମୋ ମାନିନୀ ବୋହୂକୁ ବିବାହ କରିଥିଲେ । ତୋ ବାପା ଏବେ ପରିବେଶ ସୁରକ୍ଷା ବିଭାଗରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କାର୍ଯ୍ୟରତ ଅଛନ୍ତି । କେବଳ ମାତ୍ର ସେ ପାହାଡ଼ ନୁହଁ, ଚାରିଆଡ଼େ ପାହାଡ଼ ପର୍ବତ ଟାଙ୍ଗରା ହେଉଛି, ପରିବେଶ ନିଃଶେଷ ହେଲାଣି । ଆଉ କେତେ ଦିନ ପରେ ଆଖିକୁ ଘାସ ଖୋଜି ପାଇବା ମଧ୍ୟ ବିରଳ ହୋଇଯିବ । ଏବେ ଯୋଉ ମାତ୍ରାରେ ତାପମାତ୍ରା ବଢ଼ିଲାଣି ତା ସାଙ୍ଗକୁ ବର୍ଷା ମଧ୍ୟ ହେବାର ନଜର ଆସୁନି । ଆଉ କିଛି ଦିନ ଅପେକ୍ଷା କରେ, ଜଳାଭାବରେ ଛଟପଟ ହୋଇ ଲୋକ ମାନେ ମାଛି ପୋକ ପରି ମରିବେ । ଯାହା ନଦୀ ଗୁଡ଼ାକ ଅଛି ତ, କଳକାରଖାନା ଆବର୍ଜନା ନିଷ୍କାସନ କରି ସେ ଜଳକୁ ବି ଦୂଷିତ କରିସାରିଲେଣି । ଆଉ ଏ ପୃଥିବୀରେ ରହିବା ଥୟ ନାହିଁରେ ନାତିଟୋକା । ଏତିକି କହି ବବୁଲ୍ କୁ କହିଲେ, ହୋଉ ଠିକ୍ ଅଛି ବେଟା ଯା ଗୋଧେଇବୁ, ସ୍କୁଲ୍ ଯିବା ସମୟ ହେଲାଣି । ପାଠ ପଢ଼ି ଚାକିରୀ କରିବୁ ଆଉ ପରିବେଶ ସୁରକ୍ଷା କରିବା ପାଇଁ ସ୍ୱର ଉତ୍ତୋଳନ କରିବୁ ଓ ଆମର ଆଗାମୀ ପିଢ଼ି କେମିତି ଗଛଲତା ସୁନ୍ଦର ନଦୀ ନାଳ ଦେଖି ପାରିବ ସେ ନେଇ ବହୁତ୍ କାମ କରିବୁ । ବବୁଲ୍ ଗାଧୁଆ ଘରେ ଦୌଡ଼ିଲା...

ସନ୍ଧ୍ୟାରେ କାମରୁ ଫେରି ବବୁଲ୍ ର ବାପା ବସିଥାନ୍ତି ତାଙ୍କ କକ୍ଷର ସୁପାତି ଉପରେ । ବାପା ଶରତ ବାବୁ ପୁଅ ପ୍ରମୋଦକୁ ବାରଣ୍ଡାରେ ଥାଇ ଡ଼ାକ ଛାଡ଼ିଲେ, “ପ୍ରମୋଦ” । ଆରେ ପ୍ରମୋଦ ତୁମ ଅଫିସ୍ ର ଯେଉଁ ଜଳଭଣ୍ଡାର ପ୍ରକଳ୍ପର କଣ ହେଲା । କିଛି ସୁଫଳ ହେଲା କି ନାହିଁ ଯେ ? ଟିକେ ବିଚଳିତ ହୋଇ ପ୍ରମୋଦ୍ ବାବୁ କହିଲେ, ନା ବାପା କାମ କିଛି ଶେଷ ହୋଇନି, ଓଲଟି ଅଧିକ ଚାପ ପଡ଼ିଲାଣି ମୋ ମୁଣ୍ଡରେ । ଯେଉଁ ଜାଗାରେ ବଡ଼ ମେସିନ୍ ଯୋଗେ ବଡ଼ ବୋର୍ ୱେଲ୍ ଖୋଲା ହେଲା, ପାଞ୍ଚଶହ ମିଟର ଗଭୀର ତଳକୁ ମଧ୍ୟ ପାଣି ନାହିଁ । ଆଉ ପାଣି ଟାଣିବ କଣ, ଖୋଦେଇ କରିବା ମେସିନ୍ ଓଲଟା ପଥର ନ କାଟି ପାରି ଖରାପ ହୋଇଗଲା । ଅଧ୍ୟୟନରୁ ଜଣାପଡ଼ିଲା କି ଯେ ଭୂତଳ ଜଳ ଦିନକୁ ଦିନ ଶୁଷ୍କ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ହେଉଛି । ଏଇଥି ପାଇଁ ଦାୟୀ ହେଉଛି ଆଜିର ବିଶୃଙ୍ଖଳିତ ମାନବ ସମାଜ । ତାର ଉଚିତ୍ ଦଣ୍ଡ ଆଜି ସେ ପାଉଛି, କିନ୍ତୁ ପ୍ରାୟଶ୍ଚିତ କରିବା ପାଇଁ ଆଉ କିଛି ନାହିଁ, କାଲି ଯାହା ପରିବେଶ ସୁରକ୍ଷା ଓ ଜଳସପରକ୍ଷା ପ୍ରତି ଯତ୍ନଶୀଳ ହେବାକୁ ପଡ଼ିବ । ମାନିନୀ ରୋଷେଇ ଘରେ ଥାଇ ଡ଼ାକ ଛାଡ଼ିଲା, ହେଇଟି ଶୁଣୁଛ, କିଛି ପରିବା ନାହିଁ । ବଜାର ଯାଇ କିଛି ପରିବା ଧରି ଆସିବ କି ! ଏତକ ଶୁଣି ପ୍ରମୋଦ ବାବୁ ପରିବା ମୁଣି ଧରି ବଜାରକୁ ବାହାରିଲେ ସଉଦା ନେଇ ଆସିବାକୁ ।

ତା ପର ଦିନ ସକାଳୁ ମାନିନୀ ସଜ ହୋଇ ତରବର ହୋଇ ବାହାରି ପଡ଼ୁଛି, ଏହା ଦେଖି ପ୍ରମୋଦ ବାବୁ ପଚାରିଲେ କଣ କି ହୋ, ଏତେ ତରବର ହୋଇ କୁଆଡ଼େ ବାହାରି ପଡିଲ କି ? ଏଇ ମହିଳା ସଶକ୍ତିକରଣ ସଙ୍ଘ ତରଫରୁ କିଛି ଯୋଜନା କରାଯାଇଛି, ଆମେ ସବୁ ଗାଁ ର ମହିଳା ମାନେ ମିଶି ବୃକ୍ଷରୋପଣ, ଜଳର ସୁବିନିଯୋଗ ଆଉ ଅନେକ ପରିବେଶ ସୁରକ୍ଷା ଓ ସମାଜଧର୍ମୀ କର୍ମରେ ନିଜକୁ ନିୟୋଜିତ କରିବୁ । ତା ନେଇ ଆଜି ମହିଳା ସଙ୍ଘ ପକ୍ଷରୁ ଏକ ସଭାର ଆୟୋଜନ ହେଉଛି, ଆଉ ସଙ୍ଘର ସଭାପତି ମଧ୍ୟ ମୁଁ ରହିଛି । ମୋତେ ହିଁ ସବୁ କାମ ତୁଲାଇବାକୁ ପଡ଼ିବ । ବୋହ୍‌ଯାଉଥିବା ନଦୀଜଳ, ବର୍ଷାଜଳକୁ ବୋହିଯିବାକୁ ନ ଦେଇ ତାର ସଂରକ୍ଷଣ କରିବା ଓ ଛାତର ପାଣିକୁ ବାରି ପଟେ ଗାତ କରି କିପରି ପାଣିକୁ ନଷ୍ଟ ହୋବାକୁ ନ ଦେଇ ମାଟି ଭିତରେ ଯିବାକୁ ଦେଲେ ଭୂତଳ ଜଳ ସ୍ତରରେ ଯେଉଁ ପତନ ଘଟୁଛି ତାହାର କିଛିଟା ଅସୁବିଧା ସମାଧାନ ହେବ । ଆମ ସଂଘ ଏକ କମ୍ପାନୀ ସହ ମଧ୍ୟ ଏକ ବୈଠକ କରିଛି । ଆମର ଏ ପାଖରେ ଯେଉଁ ନଦୀ ଅଛି, ସେଠାରେ ଏକ ବିରାଟ କୃତ୍ରିମ ଜଳାଶୟ ବା ଡ୍ୟାମ୍ ନିର୍ମାଣ ପାଇଁ ସେମାନେ ପ୍ରତିଶ୍ରୁତି ଦେଇଛନ୍ତି । ଯାହାଦ୍ୱାରା ସେ ପାଣିକୁ ବିଭିନ୍ନ କାମରେ ଲଗାଯିବ ଓ ଉପର ଅଞ୍ଚଳରେ ଯେଉଁ ଜଳାଭାବ ଦେଖାଯାଉଛି ଯାହାଦ୍ୱାରା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କି କୃଷି ହାନି ଘଟୁଛି, ସେହି ସମସ୍ୟାର ସମାଧାନ ହେବ ବୋଲି ଆଶା ରହିଛି । ହୋଉ ଠିକ୍ ଅଛି, ମୋର ସମୟ ହେଉଛି, ବବୁଲ୍ କୁ ମୁଁ ଗାଧୋଇ ଦେଇଛି, ବାପା ଆଉ ତୁମ ପାଇଁ ଗାଧୁଆ ଘରେ ପାଣି ରଖିଦେଇଛି । ଜଳଖିଆ ତିଆରି କରି ସମସ୍ତଙ୍କ ପାଇଁ ଟେବୁଲ୍ ଉପରେ ଥୋଇ ଦେଇଛି, ସମସ୍ତେ ଖାଇନେବ  । ବବୁଲ୍ ର ସ୍କୁଲ୍ ସମୟ ହେଲାଣି, ତୁମେ କାମରେ ବାହାରିଲା ବେଳେ ସେ ଆଡ଼ୁ ତାକୁ ସ୍କୁଲ୍ ରେ ନେଇ ଛାଡ଼ିଦେବ । ଏତିକି କହି ବାହାରି ପଡ଼ିଲେ ମାନିନୀ ଦେବୀ । ବାପା ପୁଅ ରାଜକିଶୋର ବାବୁ ଓ ପ୍ରମୋଦ୍ ପରସ୍ପର ମୁହଁକୁ ଅନାଇ ବସିଥିଲେ । ସ୍ମିତ ହାସ୍ୟରେ ଶରତ ବାବୁ କହିଲେ, ଦେଖାଯାଉ କଣ ହେଉଛି  । ଫଳେନ ପରିଚୟତେ.....

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ନିଶବ୍ଦ ମୁହୂର୍ତ୍ତର ଭିନ୍ନ ସଂପର୍କ

'ରୁପ୍ସା ମୃଣ୍ମୟୀ' ସଂପୂର୍ଣ୍ଣ କଲେଜର ଏକ ପରିଚିତ ନାମ । ପ୍ରାୟତଃ ସବୁ ପିଲାଙ୍କ ମୁଖରେ ରୁପ୍ସା ନାଁଟି ଥାଏ । ନାଁଟି ଯେମିତି ଚରିତ୍ରଟି ସେମିତି ଦମ୍‌ଦାର । ପ୍ରତିଟି ପିଲାଙ୍କ ହୃଦୟରେ ରାଜ କରେ । ଚଟୁଳତା ଅପେକ୍ଷା ବାସ୍ତବତାରେ ବିଶ୍ୱାସ କରୁଥିବା ରୁପ୍ସା ପ୍ରାୟତଃ ଅନ୍ୟମନସ୍କ ରହେ । କେଜାଣି, କାହିଁକି, କିପରି, କେଉଁ କାରଣ ପାଇଁ ରହେ ସମସ୍ତଙ୍କ ଦୃଷ୍ଟି ଅଗୋଚରରେ ରହେ । ଚିନ୍ତାଶୀଳ ଅଥଚ ନିଃସଙ୍ଗ ଶରୀରଟି ନେଇ ସେ ଚାଲିଥାଏ । କିନ୍ତୁ ପ୍ରତିଟି ମୁହୂର୍ତ୍ତରେ ସେ ସମସ୍ତଙ୍କ ଗହଣରେ ଉପସ୍ଥିତ ଥାଏ । କବିତାର ପଂକ୍ତି ପରି ତା'ର ଜୀବନଟି ମଧ୍ୟ । ଯେଉଁ ଜୀବନ କବିତାକୁ ସେ ପ୍ରତି ରାତିରେ ପଢ଼େ । ଦୃଢ଼, ଦାମ୍ଭିକ, ସରଳ, ନିଷ୍କପଟ ଚରିତ୍ର ଥିବାରୁ ବୋଧହୁଏ ସମସ୍ତଙ୍କ ଠାରୁ ଠକା ଖାଇ ଯାଉଥାଏ । ଜାଣିଲେ ମଧ୍ୟ କିଛିଟି ମୁହୂର୍ତ୍ତର ସେ ଆକ୍ରୋଶକୁ ଭୁଲିଯାଏ । ଅର୍ଥାତ୍ କହିବାକୁ ଗଲେ ତା'ର ନିଜର ଗୋଟିଏ ସବୁଜ ଓ ସତେଜ ବଗିଚା ଥାଏ । ତା' ଦୁନିଆ ଯେଉଁଠାରେ ସେ ନିଜ ସାଙ୍ଗେ କଥା ହୁଏ, ନିଜକୁ ଆବିଷ୍କାର କରେ, ନିଜର ଅସ୍ତିତ୍ୱକୁ ଖୋଜି ପାଏ । ସେଥିପାଇଁ ସମସ୍ତେ ତାକୁ ବେଳେବେଳେ 'ବାୟାଣୀ' କହି ଶ୍ରଦ୍ଧାରେ ଡାକି ଦିଅନ୍ତି ।



ଆର୍ଯ୍ୟ କୁମାରୀ ପ୍ରଜ୍ଞା ପରମିତା

ଜୀବନର ପ୍ରତିଟି ମୁହୂର୍ତ୍ତକୁ ଉପଭୋଗ କରି ବଞ୍ଚିବାକୁ ଚାହେଁ । ଅନ୍ଧ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରତିଶ୍ରୁତି ଦେଇ ନିଜକୁ କିମ୍ବା ଅନ୍ୟକୁ ଠକିବାର ଡାଆଣିଆ ମନ ତାର ନଥାଏ । ବରଂ ସେ କହେ 'ମୁହଁରେ ଏପରି ଏକ ହସ ରଖ ଏବଂ ଖୁସିରେ ଏମିତି ବଞ୍ଚ ଯେ କେହି ଦେଖିଲେ ଭାବିବ ଏଇଟା ହିଁ ପ୍ରକୃତରେ ଜୀବନ' । ପ୍ରତ୍ୟହିତ ଜୀବନର ଅଙ୍ଗୀକାରଗୁଡ଼ିକୁ ସାଙ୍ଗରେ ନେଇ ସୁଖ ସ୍ୱାଚ୍ଛନ୍ଦ୍ୟରେ ଦିନ ଅତିବାହିତ ହୋଇଯାଏ । କୌଣସି କାରଣବଶତଃ ତାର ଦେଖାହୁଏ ଜଗଦୀଶ ସଙ୍ଗେ । ଉଜ୍ଜ୍ୱଳକାନ୍ତ ଶରୀର, ସାଥେ ସାଥେ ଏକ ଭିନ୍ନ ଧରଣର ବ୍ୟକ୍ତିତ୍ୱ । ନାୟକ ସୁଲଭ ଗୁଣ ଥିବା ଚରିତ୍ରଟିଏ । ପ୍ରଥମ ଦେଖାରୁ ଦୁହିଁଙ୍କ ଭିତରେ ପ୍ରବଳ ଝଗଡ଼ା ଏମିତି କିଛି କାରଣ ନଥାଇ ବୈଶାଖରେ ଫୁଟିବା ଫୁଲ ଯେଉଁ ଭଳି ଶୀତରେ ଫୁଟେ ଦୁହିଁଙ୍କ ମଧ୍ୟରେ ସଂପର୍କର ଖିଅଟି ସେହିଭଳି । ସ୍ନେହ ରୂପକ ଗଣ୍ଠିଲି ମଧ୍ୟରୁ କେତେ ଯେ ସ୍ନେହ ଝରେ ତା'ର ଠିକଣା ନଥାଏ ।

ଦିନ ପରେ ଦିନ ବିତିଚାଲେ । ସଂପର୍କ ମଧ୍ୟ ନିବିଡ଼ ହୋଇଚାଲେ ଅଲକ୍ଷ୍ୟରେ । ରୁପ୍ସା ପସନ୍ଦ କରେ ଜଗଦୀଶକୁ, ଭାବିଥିଲା କେବେବି ପ୍ରେମରେ ପଡ଼ିବନି କୌଣସି ଅଯଥା ଝାମେଲାକୁ ଯିବନି କିନ୍ତୁ ବୟସ ଦୋଷର ବଶବର୍ତ୍ତୀ ହୋଇ ତାର ଅସହାୟ ନିରୀହ ମନଟି କିଛିକ୍ଷଣ ପାଇଁ ଦୁର୍ବଳ ହୋଇଯାଇଥିଲା । କେଜାଣି କାହିଁକି ସେ ସେହି ମୁହୂର୍ତ୍ତକୁ ନିଜ ଆୟତ୍ତରେ ରଖି ପରିସ୍ଥିତିକୁ ସମ୍ଭାଳି ନେଇଥିଲା ଏବଂ ସମସ୍ତଙ୍କ ଅଲକ୍ଷ୍ୟରେ ସବୁଜ ଶାନ୍ତ ନିରୀହ ସ୍ୱପ୍ନକୁ ଅଚିରେ ଭାଙ୍ଗିରୁଜି ଚୁରମାର କରିଦେଲା ତା'ର କାରଣ ଥିଲା ତା'ର ଏକ ନିକଟତର ବନ୍ଧୁ ଯାହାକୁ କି ଜଗଦୀଶ ପ୍ରେମ କରେ । ଦୈନିକ ଦୁହେଁ ପ୍ରେମାଳାପ କରନ୍ତି କିନ୍ତୁ ରୁପ୍ସା କେବେବି ଈର୍ଷା କରେନାହିଁ ବରଂ ଚପଳଛନ୍ଦା ତରୁଣୀଟିଏ ଭଳି ନିଜ ମନର ମିଥ୍ୟା ପରିସଂଖ୍ୟାନ ଗୁଡ଼ିକୁ ସତ୍ୟର ପ୍ରଲେପ ଦେଇ ନିଜକୁ ସର୍ବଦା ଚଳଚଞ୍ଚଳ କରି ରଖିବାର ପ୍ରୟାସ କରିଥାଏ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ନିଜକୁ ଦେଇଥିବା ସେଇ ସ୍ୱଗତୋକ୍ତି ନିଜ ଓଠରେ ଏକ ସ୍ମିତହାସ୍ୟକୁ ରଖିବାର ମୂଲ୍ୟବୋଧକୁ ଜୀବନର ମନ୍ତ୍ର କରି ଚାଲିଛି । ସମୟ ସୁଅରେ ଶୁଷ୍କତୃଣ ଭାସିଚାଲିଲା ପରି ଛିନ୍ନମୂଳ ବୟସ ଓ ସମୟ ଲକ୍ଷ୍ୟନିଷ୍ଠ ହୋଇଯାଇଛି । ଘଟଣା ସୁଅର ଏକ ଅବଲୁପ୍ତ ଚରିତ୍ର ନ ହୋଇ ବରଂ ଜଗଦୀଶ ଓ ଅନ୍ତରଙ୍ଗ ବନ୍ଧୁ ନୀଳିମାର ସ୍ନେହରୂପକ ସମୁଦ୍ର ମଧ୍ୟରେ ସାମାନ୍ୟ ମାତ୍ର ଯୋଗଫଳ ହୋଇ ରହିଯାଏ ଯାହାର କି ଭାଗ୍ୟ ହିଁ ଆସେନି । ସ୍ୱପ୍ନଜୀବୀ ରୋମାଣ୍ଟିକ ପ୍ରବଣ ରୁପ୍ସା ମଧ୍ୟାହ୍ନର ପ୍ରଖର ଅନ୍ଧକାର ମଧ୍ୟରୁ କିଞ୍ଚିତ ଆଲୁଅର ସନ୍ଧାନରେ ଲକ୍ଷ୍ୟସ୍ଥଳକୁ ପହଞ୍ଚିବାର ପ୍ରୟାସ କରି ଗୋଠ ବିଚ୍ୟୁତି ହୋଇଯାଏ । ଯାହାର ଫଳ ସ୍ୱରୂପ ଜଗଦୀଶ ଓ ନୀଳିମାର ଖବର ମଧ୍ୟ ସେ ରଖିପାରେନି ଏବଂ ବହୁବର୍ଷ ବିତିଯାଏ ।

ଅର୍ଥହୀନ ଓ ଅପ୍ରାସଙ୍ଗିକ ବିଷୟଠାରୁ ରୁପ୍ସା ବର୍ତ୍ତମାନ ବହୁ ଊର୍ଦ୍ଧ୍ୱରେ ଯାହାକୁ କି ଜୀବନର ଉତ୍ତୀର୍ଣ୍ଣ ବାସ୍ତବ ବି ସ୍ପର୍ଶ କରିପାରେନା । ବେଳେବେଳେ ସମୟ ମଣିଷର ସ୍ୱାଧିକାର ମାଗିବସେ କିନ୍ତୁ ନିଜସ୍ୱ ବ୍ୟକ୍ତିଗତ ଭାବନାଠାରୁ ଊର୍ଦ୍ଧ୍ୱକୁ ଯାଇ କୌଣସି ପରିକଳ୍ପନା କରାଯାଏନା ଠିକ୍ ସେହିପରି ନିର୍ଜନତାର ଅପେକ୍ଷାରେ ଚିରକାଳ ଶେଫାଳି ଫୁଲର ସ୍ମୃତିକୁ କାବୁ କରି ରଖାଯାଇପାରେନା ।

ଶବ୍ଦ ଓ ସ୍ପନ୍ଦନର ସମୁଦ୍ରକୁ ଅତିକ୍ରମ କରି ଦିନେ ଏକ ଫୋନ୍ ଆସେ ରୁପ୍ସା ପାଖକୁ । .....ନମ୍ବରରୁ ହାତ କମ୍ପିତ ହୋଇଯାଏ, ଶ୍ୱାସରୁଦ୍ଧ ହୋଇ ସମୟଗୁଡ଼ିକ ସମୟ ରୂପକ ଯନ୍ତ୍ର ସାହାଯ୍ୟରେ ପଛକୁ ଚାଲିଯାଏ ସେଇ କଳ୍ପନା ବିଳାସର ରଙ୍ଗୀନ ଦୁନିଆକୁ । ଯେଉଁଠାରେ ପ୍ରଜାପତିର ନିତ୍ୟ ନୂତନ ରୂପରେ, ବସନ୍ତର ଆଗମନରେ ସହକାର ବୃକ୍ଷରେ କୋକିଳର କୁହୁତାନ, ବର୍ଷା ରାତିରେ କୁମ୍ଭାଟୁଆର ଗର୍ଜନ, ଝିଙ୍କାରୀର ଚିଁ ଚିଁ ଶବ୍ଦ ମଧ୍ୟରେ ଗୁଞ୍ଜରି ଉଠେ ମନ ଓ ହୃଦୟ । ଫୋନ୍‌କୁ ଉଠାଇ ରୁପ୍ସା ଅତି ଧୀର ଗଳାରେ କହେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହାଲୋ..., ସେପଟରୁ ମଧ୍ୟମ ସ୍ୱରରେ ଆସେ କ'ଣ ଚିହ୍ନିପାରୁଚ ତ... ? ଏହି ପ୍ରଶ୍ନବାଚୀରୁ ପୁଣିଥରେ ଆରମ୍ଭ ହୁଏ ସେହି ଖଟାମିଠା ସଂପର୍କର ଅସ୍ୱୀକାର ବ୍ୟକ୍ତିଗତ ଜୀବନ । ପରିବର୍ତ୍ତନଶୀଳ ସମୟ ସତେ ଯେମିତି ସବୁ କିଛି ଚୋରାଇ ନେଇ ଯାଇଛି ବ୍ୟକ୍ତି, ବ୍ୟକ୍ତିତ୍ୱ ଏବଂ ବ୍ୟକ୍ତିର ସତ୍ତା । ଅନ୍ତରଙ୍ଗ ଅନୁଭୂତି ପ୍ରାକୃତିକ ଦୃଶ୍ୟରାଜି ମଧ୍ୟରେ ପ୍ରକୃତିସମ ଅନୁଭବ ହୁଏ କିନ୍ତୁ ସମୟର ଚାଲଗୁଡ଼ିକୁ ରୁପ୍ସାକୁ ବୁଝିବା ପାଇଁ ଆଉ ବେଶି ସମୟ ଲାଗିଲାନି । ଜଗଦୀଶ ଏବଂ ନୀଳିମାର ରାସ୍ତା ବର୍ତ୍ତମାନ ଗୋଟିଏ ନଦୀର ଦୁଇଟି ପାର୍ଶ୍ୱ । ନୀଳିମା ବର୍ତ୍ତମାନ ଶଙ୍ଖା, ସିନ୍ଦୁର ପିନ୍ଧିଥିବା ଗୋଟିଏ ସଧବା ନାରୀ ଯାହାରକି ଦୁଇଟି ଶିଶୁପୁତ୍ର । ଯାହାକୁ ନେଇ ବର୍ତ୍ତମାନ ସେ ସିଙ୍ଗାପୁରରେ ଅବସ୍ଥିତ ଏବଂ ଜଗଦୀଶ ଓଡ଼ିଶାର ନାମୀ ଦାମୀ ଶିଳ୍ପପତିମାନଙ୍କ ମଧ୍ୟରେ ଜଣେ ଶ୍ରେଷ୍ଠ ନାମଧାରୀ ପୁରୁଷ । ହଠାତ୍ ଏଇ ଦ୍ୱୈତ ବ୍ୟକ୍ତିତ୍ୱକୁ ସେ ସ୍ୱୀକାର କରିପାରେନି । ସେହି ସ୍ୱପ୍ନ ରାଜ୍ୟର ସଂପର୍କ ଗୁଡ଼ିକର କରୁଣ ପରିଣାମକୁ କୋହ ଆଉ ଅଭିମାନର ସହ ଲଣ୍ଠନରୁ ଲିଭି ଆସୁଥିବା ଆଲୁଅ ଭଳି ଆଖି ପିଛୁଳାକେ ନିରବତାକୁ ଭଙ୍ଗ କରି ପ୍ରକୃତିସ୍ଥ ହୋଇ ଜଗଦୀଶର ଭଲମନ୍ଦ ପଚାରି ବୁଝିଲା । ଦୁଃଖ ରୂପକ ବଳୟ ମଧ୍ୟରୁ ସାମାନ୍ୟ ଖୁସିର ହାଲୁକା ପ୍ରଲେପ ଦେଇ ଜଗଦୀଶ କଥା ହୋଇ ଚାଲିଲା ରୁପ୍ସା ସାଥିରେ । ଆକାଶ ପରି ନୀରବ ଥିବା ଜଗଦୀଶ ମନରେ ଖୁସିର ଜୁଆର ସ୍ମୃତି ବିସ୍ମୃତିର ସାକ୍ଷୀ ହୋଇ ତା' ସାମ୍ନାରେ ଉଦ୍ଭାସିତ ହୋଇ ଉଠୁଛି । ବନ୍ଧୁତ୍ୱର ଦ୍ୱାହିରେ ରୁପ୍ସା ବି କିଛିକ୍ଷଣ ବାର୍ତ୍ତାଳାପର ସରହଦ ମଧ୍ୟକୁ ଚାଲିଯାଏ । ଇତି ମଧ୍ୟରେ ଦୁହିଁଙ୍କର ସାଙ୍କେତିକ ଭାଷା ବୁଝିବା କଷ୍ଟକର; କାରଣ ନଥାଇ କାର୍ଯ୍ୟର ଉତ୍ପତ୍ତି ଭଳି ମାସ ମାସ ବିରତିରେ ଦୁହିଁଙ୍କର କଥା ସତେ ଯେମିତିକି ଯୁଗଯୁଗର ପ୍ରତିଶ୍ରୁତିକୁ ପୂର୍ଣ୍ଣ କଲାଭଳି ଏକ ଚୁମ୍ବକୀୟ ଆକର୍ଷଣରେ ଦୁହେଁ ଆକୃଷ୍ଟ ହୋଇ ଯାଇଛନ୍ତି । ବେଳେବେଳେ ବଉଦଗୁଡ଼ିକ ଆକାଶର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଯେପରି ଶୋଭାବର୍ଦ୍ଧନ କରନ୍ତି ଠିକ୍ ସେହିପରି କ୍ଳାନ୍ତିକର ଜୀବନରେ ଦୁହିଁଙ୍କର କିଛିକ୍ଷଣର କଥାବାର୍ତ୍ତା ବେଶ୍ ସ୍ୱଷ୍ଟ ଭାବେ ଅନ୍ତଃକରଣକୁ ସ୍ୱର୍ଶ କରୁଥିଲା ।

ଏପରି ଘଟଣା ବୋଧହୁଏ କେଉଁଠି ଘଟିନଥିବ । ଅତି ସାଧାରଣ ବିଷୟ ମଧ୍ୟରେ ଅସାଧାରଣ ସଂପର୍କ ମାସ ମାସ ଧରି କଥା ନହେଲେ ମଧ୍ୟ ଦୁହିଁଙ୍କ ମଧ୍ୟରେ ସଂପର୍କ ଅତି ନିବିଡ଼ । ସ୍ନେହ, ଶ୍ରଦ୍ଧା ଭଳି ଶବ୍ଦଗୁଡ଼ିକ ମଧ୍ୟ ଏହି ଅପ୍ରାକୃତ ସଂପର୍କ ମଧ୍ୟରେ ପ୍ରକୃତ ପ୍ରତୀୟମାନ ହେଉଥାଏ । ରାଗରୁଷା, ମାନ ଅଭିମାନ ଶବ୍ଦଗୁଡ଼ିକ ସତେ ଯେମିତି ତାଙ୍କର ଶବ୍ଦକୋଷରେ ଦେଖାଯାଏ ନାହିଁ । ଦ୍ୱନ୍ଦ୍ୱ ଓ ପ୍ରୟାସ ଭଳି ମନର ପ୍ରହେଳିକାଗୁଡ଼ିକୁ ନେଇ ନିର୍ଜନ ମନକୁ ଉପହାସ କରୁଥିବା ରଂଗୀନ ଚିତ୍ରପଟର ଚିତ୍ତ ଚାଞ୍ଚଲ୍ୟକାରୀ ମାନସିକତାରେ ଦୁହେଁ କରୁଛନ୍ତି ସମୟ ଅତିବାହିତ । ଅଦୃଶ୍ୟ ବନ୍ଧନ, ଅତୁଟ ସଂପର୍କ ପାଇଁ କୌଣସି ଦେଖାସାକ୍ଷାତ କିମ୍ବା ପାଖରେ ରହିବାର ଆବଶ୍ୟକତା ନାହିଁ ବରଂ ଦୁଇଟି ମନ ଓ ହୃଦୟରେ ଥିବା ପରସ୍ପର ପ୍ରତି ଅନୁରାଗ ହିଁ ନିଃଶବ୍ଦ ମୁହୂର୍ତ୍ତର ପ୍ରକୃତି ପରିଭାଷା ଅଟେ ଯାହାର ନାହିଁ ଅତୀତ, ନାହିଁ ଭବିଷ୍ୟତ । ବର୍ତ୍ତମାନର ସମୟ ସଚେତନ ଦାମ୍ଭିକତା ହିଁ କେବଳ ମାତ୍ର ଶ୍ରେୟ ।

ଅଧ୍ୟାପିକା, ଓଡ଼ିଆ ବିଭାଗ,
କେଶପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କେଶପୁର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ସମୟର ଚକ ଯାଏ ଘୁରି ଘୁରିକା

ନାଟକ:- (୨ୟ ଭାଗ)

। । ୬ଷ୍ଠ ଦୃଶ୍ୟ । ।

(କଏଦୀ ରୂପେଶ ଆଖିରେ ପଟି ବନ୍ଧା ହୋଇଥାଏ,ହାତରେ ହେଣ୍ଡ କପ । ପାଖରେ ଇନ୍ସପେକ୍ଟର ଅସିତ ଓ ସବ ଇନ୍ସପେକ୍ଟର ଅଭିଜିତ ଥାଆନ୍ତି)

(ଦ୍ୱେତ ମଞ୍ଚରେ ୪ଟି ମୃତ ପିଲାଙ୍କ ଶରୀର ପଡିଥାଏ ଏବଂ ଧଳା ଚାଦର ଢ଼ଙ୍କା ହୋଇଥାଏ ।)

ଅସିତ- ଆଚ୍ଛା ରୂପେଶ ! ତୁମେ କହିପାରିବ ଏବେ କୋଉଠି ଠିଆ ହୋଇଛ ?

ରୂପେଶ- ମା...ନେ.. ମୁଁ କିଛି ବୁଝି ପାରିଲିନି ।

ଅସିତ- ଆଖିର ଅନ୍ଧତ୍ୱ କେବେ କହିପାରେନି ମୁଁ କେଉଁ ସ୍ଥାନରେ ଅଛି ।



ସୁଧାଂଶୁ ଶେଖର ଦ୍ୱିବେଦୀ

ରୂପେଶ- ଦେଖନ୍ତୁ ଇନ୍ସପେକ୍ଟର ଆପଣ ଯେତେ କୌଶଳ କଲେବି ମୋ ପାଖରୁ ଅଣୁମାତ୍ର ପ୍ରମାଣ ପାଇବେନାହିଁ ।

ଅସିତ- ସେଇଥିପାଇଁ ତ ତୁମକୁ ଆଜି ସେଣ୍ଟ୍ରାଲ ହସ୍ପିଟାଲକୁ ନେଇ ଆସିଛି ।

ରୂପେଶ- ସେଣ୍ଟ୍ରାଲ ହସ୍ପିଟାଲ ! କିନ୍ତୁ କାହିଁକି ? କଣ ପାଇଁ ?

ଅସିତ- ଅଭିଜିତ...

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଭି- ଇଏସ ସାର !

ଅସିତ- ରୂପେଶ ଆଖିରୁ ପଟି ଖୋଲିଦିଅ । (ଅଭିଜିତ ରୂପେଶ ଆଖିରୁ ପଟି ଖୋଲିଦିଏ)ଏବେ କିଛି ଦେଖି ପାରୁଛ ରୂପେଶ ?

ରୂପେଶ- କଣ ଦେଖିବି ?

ଅସିତ- ବହୁତ କିଛି । ତୁମ ଆଖି ସମ୍ମାରେ କୋମଳ ଶିଶୁ ମାନଙ୍କର ଲାଶ । ଏମାନେ କେବଳ ଲାଶ ନୁହନ୍ତି ରୂପେଶ ଏମାନେ ଏ ଦେଶର ଗୋଟିଏ ଗୋଟିଏ ରତ୍ନ । କିନ୍ତୁ ସେମାନେ ଆଜି ନିସ୍ତବ୍ଧ, ଚୁପଚାପ, ଶୂନଶାନ । ନିରବି ଯାଇଛି ସେମାନଙ୍କର ଶ୍ୱାସ ପ୍ରଶ୍ୱାସ । ନିଥର ହୋଇ ଯାଇଛି ସେମାନଙ୍କ ଶରୀର । କଣ ପାଇଁ ଜାଣ ?

ରୂପେଶ- କଣପାଇଁ.. ?

ଅସିତ- କେତେ ଜଣେ ଦାନବଙ୍କର ବିଷାକ୍ତ ମେଡ଼ିସିନ ପ୍ରଭାବରେ ଏସବୁ ହୋଇଛି । ଆଉ ସେହି ଦାନବମାନେ କିଏ ତୁମେ ଭଲଭାବେ ଜାଣିଛ, ସେମାନଙ୍କୁ ଚିହ୍ନିଚ ଏବଂ ସେମାନଙ୍କର ଖେଳଣା କଣ୍ଢେଇ ହୋଇ ଏସବୁ କାମ କରୁଛ ।

ରୂପେଶ- ଜାଣିଥିଲେ ତୁମେ କଣ କରି ପାରିବ ? ମୋଠାରୁ ସେମାନଙ୍କ ନାମ ଆଦାୟ କରିବ, ଏଇଯାତ ? ହଉହେଲା ମୁଁ ସରମାନଙ୍କ ନାମ କହିଦେଲି । ତାପରେ ତୁମେ ସେମାନଙ୍କ ନାମ ଜାଣି ସାରିବା ପରେ ସେମାନଙ୍କର ଗୋଟେ ବାଳ ବି ବଙ୍କା କରି ପାରିବନାହିଁ ।

ଅଭିଜିତ- ରୂପେଶ ! ତୁମେ ଜାଣ କାହା ସହିତ କଥା ହେଉଛ ?

ରୂପେଶ- ହୁଁ ଜଣେ, ଜଣେ ସଚ୍ଚା ପୋଲିସ ଅଫିସର ସହିତ । ହେଲେ ଏ ଦୁନିଆରେ ସତ ବେଶୀଦିନ ରହେନାହିଁ । ମଉଳି ଯାଏ । ଆପେ ଆପେ ନ ମଉଳିଲେ ଜୋର ଜବରଦସ୍ତ ମଉଳି ଯିବାକୁ ବାଧ୍ୟ କରାଯାଏ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅସିତ- ହୋଇପାରେ ତୁମ କଥା ପୁରା ଠିକ । କିନ୍ତୁ ମୁଁ ଯଦି କହିବି ଏସବୁ ବିଷାକ୍ତ ମେଡ଼ିସିନ ତୁମ ବଶ କରୁନାହାନ୍ତି । ତୁମେ ଆଉ ତୁମ ପରି ଲୋକମାନେ କରୁଛନ୍ତି, ଯେଉଁମାନେ ସେଇ ମାନଙ୍କ ହାତ ମୁଠାରେ ପ୍ଲାଷ୍ଟିକ କଣ୍ଟେଇ । ଏଭଳି କୋମଳମତି ପିଲାଙ୍କର ଶବ ଦେଖି ତୁମ ମନ କଣ ବିଳପି ଉଠୁନାହିଁ ? ତୁମ ମନରେ କଣ ପ୍ରତିହିଂସା ଜାଗୁନାହିଁ ସେଭଳି ଜାନୁଆର ମାନଙ୍କୁ ଆଇନ ହାତରେ ଧରାଇଦେବା ପାଇଁ ?

ରୂପେଶ- ମୁଁ ଆପଣଙ୍କୁ ବହୁ ପୂର୍ବରୁ କହି ସାରିଛି ଇନ୍‌ସପେକ୍ଟର ସେସବୁ ମେଡ଼ିସିନ ତିଆରି ବିଷୟରେ କିଛି ଜାଣେନାହିଁ ।

ଅସିତ- ତୁମେବି କଳ୍ପନା କର ରୂପେଶ ତୁମର ମଧ୍ୟ ୧୦-୧୨ ବର୍ଷର ପୁଅଟିଏ ଥିବ ।

ରୂପେଶ- ଖବରଦାର ଇନ୍‌ସପେକ୍ଟର ! ମୋ ପୁଅ ବିଷୟରେ ଯଦି ଓଲଟା କଥା କହିବ ତାହେଲେ..

ଅସିତ- ଆଇନର ହାତକଡ଼ାକୁ ଖୋଲି ଯାଇ ପାରିବ ନାହିଁ ରୂପେଶ । ବହୁତ ଟାଇଟ ସିକ୍ୟୁରୀଟି ।

ରୂପେଶ- ଇନ୍‌ସପେକ୍ଟର.. !!

ଅସିତ- ସତ୍ୟ.. ନିରୋଳ ସତ୍ୟ । ଯାହା ଚିରନ୍ତନ ତାହା ଅସତ୍ୟ କେମିତି ହେବ ? ମୁଁ ଜାଣିଛି ତୁମ ପୁଅ କୁଆଡେ ଭୀଷଣ ରୋଗରେ ଆକ୍ରାନ୍ତ ହୋଇଛି ?

ରୂପେଶ- ମା..ନେ... ?

ଅସିତ- ସବୁ ମାନେର ସାରମର୍ମ ତୁମେ ଯଦି ବୁଝିପାରୁଥାନ୍ତ ତାହେଲେ ଆଜି....,

ରୂପେଶ-(କେବଳ ଏକ ଧ୍ୟାନରେ ଆସିତକୁ ଚାହିଁରହେ ।କିଛି କ୍ଷଣ ପରେ...)ମୋ ପୁଅର କଣ ହୋଇଛି ଇନ୍‌ସପେକ୍ଟର ?

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅସିତ- ତୁମ ପୁଅ ଆଉ କଦାପି ଭଲ ହୋଇ ପାରିବିନି ରୂପେଶ ।

ରୂପେଶ- ଇନ୍‌ସପେକ୍ଟର.... !(ଗର୍ଜନ କରେ)

ଅସିତ- ନିଜ ପୁଅ ବିଷୟରେ କହିଲେ କଲିଜା ଥରି ଉଠୁଛି ନୁହେଁ? କିନ୍ତୁ ଅନ୍ୟ ଲୋକମାନଙ୍କର ପିଲା ବିଷୟରେ କହିଲେ ନୋ ରିଏକ୍ସନ । ତୁମେ ଜାଣିଛ ରୂପେଶ ଯିଏ ଅନ୍ୟପାଇଁ ଖାତ ଖୋଳେ ସେଇ ଖାତରେ ସେ ନିଜେ ହିଁ ପଡେ ।

ରୂପେଶ- ଅସମ୍ଭବ ।ତଥାପି ମୁଁ କହିବି କିଛି ଜଣେନା ।

ଅସୁତ- ମୋତେ କିଛି ଜଣାଇବା ଆବଶ୍ୟକ ନାହିଁ ରୂପେଶ । ବୋଧହୁଏ ମୁଁ ସବୁ ଜାଣିପାସରିଛି । କେବଳ ଆଇନ ପାଇଁ ପ୍ରମାଣ ଦରକାର । ହେଲେ ତୁମେ ବୋଧହୁଏ ଜାଣିନାହଁ ତୁମରି ଦ୍ୱାରା ତିଆରି ବିଷାକ୍ତ ମେଡ଼ିସିନ ପ୍ରଭାବରେ ତୁମ ପୁଅକୁ ଡାକ୍ତରମାନେ ବଞ୍ଚେଇ ପାରିଲେ ନାହିଁ ।

ରୂପେଶ- ଓଃ ଇଉ ଷ୍ଟପ ଇଟ ଇନ୍‌ସପେକ୍ଟର । କାହିଁ? ମୋ ପୁଅ କାହିଁ? ମୋ ପୁଅର କଣ ହୋଇଛି ?

ଆସିର- ତୁମେ କରିଥିବା ପାପ ଆଜି ତୁମ ପୁଅ ଭୋଗ କରିଛି ।

ରୂପେଶ- ନା-ନା-ନା, ମୋ ପୁଅ କେବେ ମରିପାରେନା ଇନ୍‌ସପେକ୍ଟର । ମୋ ପୁଅ କେବେ ମରି ପାରେନା ।

ଅସିତ- ଯିଏ ଥରେ ଆରପାରିକୁ ଚାଲିଯାଏ ସେ ଆଉ ଫେରି ଆସେନା ରୂପେଶ ।

ରୂପେଶ- ହେ ଭଗବାନ! ଏସବୁ ମୁଁ କଣ ଶୁଣୁଛି । ଯେଉଁଥିପାଇଁ ମୁଁ ଆଜି ମୋ ପୁଅକୁ ହରାଇଛି ତାର କଳା କାରନାମାକୁ ମୁଁ ଏକ୍ସପୋଜ କରିବି ଇନ୍‌ସପେକ୍ଟର । ମୋତେ କୁହନ୍ତୁ କଣ ପ୍ରମାଣ ଚାହାନ୍ତି ଆପଣ?

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

(ଛଦ୍ମ ଡାକ୍ତର ଆବରଣରେ ଦେବ କୁମାର ଆସେ)

ଦେବ- ଏକ୍ସକ୍ୟୁଜ ଇନ୍‌ସପେକ୍ଟର ! ଆଜିର ମିଡ଼ିଆକୁ ଏ ସମ୍ବନ୍ଧରେ ଉତ୍ତର ଦେବାକୁ ହେବ । ମିଡିଆ ଲୋକମାନେ ମୋ ମୁଣ୍ଡ ଖରାପ କରି ସାରିଲେଣି । ପ୍ଲିଜ ଆପଣ ଯାଆନ୍ତୁ, ମିଡ଼ିଆବାଲାଙ୍କୁ ସନ୍ତୁଷ୍ଟ କରନ୍ତୁ । ତାପରେ ରୂପେଶ କଥା ବୁଝିବେ ।

ଅସିତ- ଆପଣ ଠିକ କହିଛନ୍ତି ଡକ୍ଟର । ମୁଁ ଏଇ ଜଷ୍ଟ ଆସୁଛି ।

ଅଭିଜିତ ତୁମେ ଏଇଠି ଥାଅ । ମୁଁ ମିଡ଼ିଆବାଲାଙ୍କ ଝମେଲା ଶେଷ କରି ଫେରୁଛି ।(ପ୍ରସ୍ଥାନ)

ଦେବ- ଏସ.ଆଇ.ଅଭିଜିତ ! ମୋର ଗୋଟେ କାମ କରିଦେବେ ?

ଅଭି- କୁହନ୍ତୁ ଡକ୍ଟର !

ଦେବ- ପ୍ଲିଜ କିଛି ମାଇଣ୍ଡ କରିବେ ନାହିଁ ଏଇ ଆସିଲାବେଳେ ମୋ କ୍ୟାବିନରେ ମୃତ ପିଲାମାନଙ୍କର ଏକଜାମିନ ରିପୋର୍ଟ ଗୁଡିକ ଛାଡ଼ିଆସିଲି । ପ୍ଲିଜ ଟିକେ ନେଇ ଆସନ୍ତୁ ଆପଣଙ୍କ ହାତରେ ଦେଇ ମୁଁ ନିଶ୍ଚିନ୍ତ ହେବି ।

ଅଭି- ଓକେ ଡକ୍ଟର ମୁଁ ଏଇ ସଙ୍ଗେ ସଙ୍ଗେ ନେଇ ଆସୁଛି ।(ପ୍ରସ୍ଥାନ)

ଦେବ- (ସହସା ଛୁରୀ ବାହାର କରି ରୂପେଶର ତଣ୍ଟି କାଟିଦିଏ)

(ରୂପେଶ ତଳେ ପଡି ଯନ୍ତ୍ରଣାରେ ଛଟପଟ ହୁଏ)ବେଇମାନ ଆମ କଥା ଏକ୍ସପୋଜ କରିବୁ ନୁହେଁ । ଏବେ କରୁଥା ।(ସହସା ପ୍ରସ୍ଥାନ କରେ)

ଅଭି- (ରାସ୍ତାରେ କହି କହି ଆସେ)ଡକ୍ଟର ! ସେସବୁ ରିପୋର୍ଟ... ରୂପେଶ !... ଆରେ ଏକଣ ହେଲା ତୁମର ? ଡକ୍ଟର କୁଆଡେ ଗଲେ ?

ରୂପେଶ- ସେ..ସେ ଡକ୍ଟର ନୁହେଁ ସେ....(ମୃତ୍ୟୁ)

ଅଭି- ରୂପେଶ ! ! !

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅସିତ- (ପ୍ରବେଶି)କଣ ହେଲା ଅଭିଜିତ । ଏମିତି ଚିତ୍କାର କଣପାଇଁ କରୁଛ ? ଆରେ-- ରୂପେଶର କଣ ହେଲା ?

ଅଭି- ହି ଇଜ ନୋ ମୋର ସାର ।

ଅସିତ- ହ୍ୱାଟ ନନସେନ୍ସ ! କଣ ତୁମେ କହିବାକୁ ଚାହଁ ?

ଅଭି- ସବୁ ଭୁଲ ମୋର ସର । ଆପଣ ଏଠାରୁ ଯିବାପରେ (ମାଇମ ଅଭିନୟରେ ଜଣାଏ)

ଅସୁତ- ଓଃ ମାଇଁ ଗଡ଼ । ତାହେଲେ ସେ ଡକ୍ଟର ନୁହେଁ । ଡକ୍ଟର ଆବରଣରେ ସଇତାନ । ଓକେ ସଇତାନ ଯେତେ ଚତୁର ହେଲେ ବି ଆଇନ ପାଖରେ ଦିନେ ଧରା ପଡିବ ।

(ମଞ୍ଚ ଅନ୍ଧର)

।।୭ମ ଦୃଶ୍ୟ ।।

(ପୋଲିସ ଥାନା । ଏସ.ପି.ମିଷ୍ଟର ପଣ୍ଡା ରାଗରେ ଟହଲ ମାରୁଥାନ୍ତି । ଇନ୍ସପେକ୍ଟର ଅସିତ ଦୋଷୀ ଭଳି ଛିଡା ହୋଇଥାଏ ।)

ମି:ପଣ୍ଡା- ଧିକ୍କାର ତୁମପରି ପୋଲିସ ଇନ୍ସପେକ୍ଟରକୁ । ଧିକ୍କାର ତୁମ ଭୀରୁତା ତୁମ କାପୁରୁଷତାକୁ !

ଅସିତ- ଆଇ ଆମ ଏକ୍ସଟ୍ରିମଲୀ ସରି ସାର !

ମି:ପଣ୍ଡା- କେବଳ ସରି କହିଦେଲେ ସବୁକିଛି ସମାଧାନ ହୋଇଯାଏନା ଇନ୍ସପେକ୍ଟର । ଆରେ ତୁମରି କଷ୍ଟଡି ଭିତରେ ଜଣେ ଲୋକକୁ ମର୍ଡର କରିଦିଆ ହେଉଛି ଅଥଚ ତୁମେ ମୋ ନିକଟରେ ସଫେଇ ଦେଉଛ ଆଇ ଆମ ଏକ୍ସଟ୍ରିମଲୀ ସରି । ଦେଖ ଇନ୍ସପେକ୍ଟର ଏମିତି ଖାମଖିଆଲି ହେଲେ ଇସ୍ତଫା ଦେଇ ଘରେ ବସିରୁହ । ତୁମେ ଜାଣ ଉପର ମହଲରୁ ମୋତେ କଣ କଣ ସବୁ ଶୁଣିବାକୁ ପଡୁଛି ?

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅସିତ- ସା.ର.. !

ମି:ପଣ୍ଡା- ହ୍ୱାଟ ସାର ? ଅପାରଗର ଅଭିନୟ କରିବା ଆବଶ୍ୟକ ନାହିଁ । ପ୍ଲିଜ ଅସିତ ବି ସିରିୟସ । କେବଳ ସେମାନଙ୍କୁ କେପଚର କରିବା ପାଇଁ ରୂପେଶ ହିଁ ଏକମାତ୍ର ବଳିଷ୍ଠ ପ୍ରମାଣ ଥିଲା । ତାକୁ ବି ତୁମେ ହାତଛଡା କରିଦେଲ ।

ଅସିତ- ସାର ଆଉ ଏମିତି ଭୁଲ ହେବନାହିଁ । ମୁଁ ଇନକ୍ୱାରି କରି ଜାଣିଛି ସେ ଯେଉଁ ଡକ୍ଟର ଆବରଣରେ ରୂପେଶକୁ ମର୍ଡର କରି ଚାଲିଗଲା ସେ ହେଉଛି ଦେବକୁମାର । ହସ୍ପିଟାଲରେ ଲାଗିଥିବା ସି ସି କେମେରାରେ ତା ନକଲି ଚେହେରାକୁ ପରଫେକ୍ଟ କଲା ପରେ ଜଣାପଡିଛି ।

ମି: ପଣ୍ଡା- ଓଃ ତାହେଲେ ଆମ ପ୍ଲାନ ପୂର୍ବରୁ ସେମାନେ ଜାଣି ଯାଇଥିଲେ । କିନ୍ତୁ ଅସିତ ଏଭଳି ହେବା କେବେ ସମ୍ଭବ ନୁହେଁ । ଆମ ମାନଙ୍କ ମଧ୍ୟରେ କେହି ବିଭୀଷଣ ଅଛି । ଯିଏ ଆମ ପ୍ଲାନ ପ୍ରୋଗ୍ରାମକୁ ସେମାସନଙ୍କ ନିକଟରେ ଜଣାଉଛି ।

ଅସିତ- ଆମ ଭିତରେ ବିଭୀଷଣ.. ?

ମି:ପଣ୍ଡା- ଇଏସ,ବିଭୀଷଣ ।ପ୍ରଥମେ ଆମକୁ ସେଇ ବିଭୀଷଣକୁ ଖୋଜି ବାହାର କରିବାକୁ ହେବ, ନହେଲେ ଆମେ କେବେ ବି ସକସେସ ହୋଇପାରିବା ନାହିଁ ।

ଅସିତ- ତାହେଲେ କିଏ ହୋଇପାରେ ସେଭଳି କୃତଘ୍ନ ?

ମି:ପଣ୍ଡା- ଏନିୱେ, ତୁମେ ସେ ଦାୟିତ୍ୱ ମୋ ଉପରେ ଛାଡିଦିଅ । ଖୁବ ଅଳ୍ପଦିନ ମଧ୍ୟରେ ମୁଁ ତା ଅସଲ ଚେହେରାକୁ ପଦାରେ ପକାଇବି ।

ଅସିତ- ସାର ! ମୁଁ ଶୁଣିଛି ହେଲେନା ନାମକ କେହି ଜଣେ ବେଶ୍ୟା ଡି.ଭି.ଡି.ଏନଙ୍କ ଅଣ୍ଡରରେ ରହି ପାର୍ଟନରସିପ କରୁଛି ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ମି:ପଣ୍ଡା- ହେଲେନା ?

ଅସିତ- ଇଏସ ସାର, ଯିଏ ପ୍ରତ୍ୟେକ ରାତିରେ ସେମାନଙ୍କ ନିମନ୍ତେ କଲଗାର୍ଲ ଯୋଗାଡ଼ କରିଥାଏ ।

ମି:ପଣ୍ଡା- ହାଓ ଷ୍ଟ୍ରେଞ୍ଜ ! ମୁଁ ଦେଖୁଛି ସାରା ଦୁନିଆକୁ ସେମାନେ କିଣି ସାରିଲେଣି । କିନ୍ତୁ ତୁମେ ଜମା ବିଳମ୍ବ କରନାହିଁ ଯଥାଶୀଘ୍ର ସେମାନଙ୍କ ହାତରେ ହାତକଡ଼ା ପକାଇବାକୁ ପ୍ରୟାସ କର ।

ଅସିତ- ଓକେ ସାର ।(ସେଲ୍ୟୁଟ ମାରି ପ୍ରସ୍ଥାନ)

ମି: ପଣ୍ଡା- (ହସ)ଧୂଆଁ...ଚାରିଆଡେ ଖାଲି ଧୂଆଁ ବୁଲୁଛି । ସେ ଧୂଆଁ ଭିତରେ ବିଚରା ପୋଲିସ ଇନ୍‌ସପେକ୍ଟର ଅସିତ ଚୌଧୁରୀ ଡି.ଭି.ଡି.ଏନଙ୍କୁ ଖୋଜୁଛି । ସାରା ଜୀବନ ଖୋଜିହେଲେ ବି ସେମାନଙ୍କୁ ଧରିବା ବଡ଼ ଦୁଃସାଧ୍ୟ । ଯେଉଁମାନେ ସାରା ଦୁନିଆରେ ରାଜ କରିଛନ୍ତି ସେମାନଙ୍କ ହାତ ମୁଠାରେ ନେତା, ମନ୍ତ୍ରୀଠାରୁ କେତେ କେତେ ବଡ଼ ଅଧିକାରୀ ଅଛନ୍ତି ।ଡି.ଭି.ଡି. ଏନଙ୍କୁ ଧରବା କଣ ଏତେ ସହଜ ?

(ମଞ୍ଚ ଅନ୍ଧାର)

।।୮ମ ଦୃଶ୍ୟ ।।

(ଆସିତର ରୁମ । ହେଲେନାର ଫଟୋକୁ ଏକ ଧ୍ୟାନରେ ଚାହିଁରହି ମନେ ମନେ କିଛି ତର୍ଜମା କରୁଥାଏ । ପଛପଟେ ଶ୍ରାବଣୀ ଛପି ଛପି ଆସି ଦେଖୁଥାଏ ।)

ଶ୍ରାବଣୀ- (ଫଟୋ ଛଡାଇ ନିଏ)

ଅସିତ- ଶ୍ରାବଣୀ ! ଆରେ..ରେ ସେ ଫଟୋଟା ଦିଅ ।

ଶ୍ରାବଣୀ- ଊଁ ହୁଁ ମୋତେ ନୁହେଁ ।(ପଛପଟେ ଲୁଚେଇ ଧରିଥାଏ)

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅସିତ-ଆରେ ସେଇଟା ପରା ବହୁତ ନେସେସରି ।

ଶ୍ରାବଣୀ- ଆଚ୍ଛା...ମୋଠୁ ବି ବେଶୀ ନେସେସରି ?

ଅସିତ-ଆରେ ତୁମେ ଦିଅନା--

ଶ୍ରାବଣୀ- ମୋତେ କହିଲ କିଏ ଏ ନାରୀ ?

ଅସିତ- ତାମାନେ....ତୁମେ ମୋତେ ସନ୍ଦେହ କରୁଛ ?

ଶ୍ରାବଣୀ- ଏ ଦୁନିଆର ସବୁ ବିବାହିତା ନାରୀ ତାଙ୍କ ପତିଙ୍କୁ ସନ୍ଦେହ ଦୃଷ୍ଟିରେ ଦେଖନ୍ତି । ମୁଁ ସେଥିରୁ ବାଦ ପଡିବି କିପରି ?

ଅସିତ- ଆଚ୍ଛା....ତାହେଲେ ମୁଁ ଯଦି କହେ ସେ ମୋର....

ଶ୍ରାବଣୀ- ଆରେ କୁହନା ୟା ସହିତ ତୁମର କଣ ସମ୍ପର୍କ ଅଛି ?

ଅସିତ- ତା ସହିତ ମୋର....ଉଁ ..ଉଁ..କହିଦେଲେ ତୁମେ ରାଗିବ ନାହିଁତ ?

ଶ୍ରାବଣୀ- ଦେଖ ସେମିତି କେହି ହୋଇଥିଲେ ରାଗିବି ନାହିଁ । ଆଉ ଯଦି...

ଅସିତ- ମୋ ପ୍ରମିକା ହୋଇଥିବ ?

ଶ୍ରାବଣୀ- ଓଃ ତାହେଲେ ଡ୍ରିଙ୍କିଙ୍ଗ ଡ୍ରିଙ୍କିଙ୍ଗ ସିକିଙ୍ଗ ମିଆଁଉ ।

ଅସିତ- ହଁ ସେଇୟା ଭାବିପାର ।

ଶ୍ରାବଣୀ- ଅସିତ ! ! ତୁମେ ଶେଷରେ..

ଅସିତ- ଆଚ୍ଛା ତୁମେ କୁହତ ଝିଅଟା ଦେଖିବାକୁ ସୁନ୍ଦରୀ ତ ?

ଶ୍ରାବଣୀ- ଦେଖ ଅସିତ ଯଦି ତୁମର ୟା ସହିତ କିଛି ସମ୍ପର୍କ ଥିବ ସତ କହୁଛି ମୁଁ...(ଫଟୋ ଚିରି ଫୋପାଡ଼ି ଦିଏ) (ପ୍ରବେଶ ଦ୍ୱାର ପାଖେ ଡିଶୋଜା ଛିଡା ହୋଇଥାଏ । ଚିରା ଫଟୋର ଟୁକୁରାକୁ ସାଉଣ୍ଟି ଆଣି ଷ୍ଟାଚ୍ୟୁ ଅବସ୍ଥାରେ ଠିଆ ହୋଇରହେ)

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅସିତ- ଆରେ ତୁମେ ଏ କଣ କଲ ଶ୍ରାବଣୀ ? ତୁମେ ଜାଣ ସେଇ ଫଟୋଟା ମୋ ପାଇଁ କେତେ ମୂଲ୍ୟବାନ ? ଓଃ ମାଇଁ ଗଡ଼ !

ଡିଶୋଜା- (ଷ୍ଟାଚ୍ୟୁରୁ ବାହାରି) ଓଃ ଗଡ଼ ! ତୁମେ ଆଜି ମୋ ଆଞ୍ଜୁଳାରେ ଏସବୁ କଣ ଭରିଦେଲ ? ଏସବୁ କଣ୍ଟା ନା ଫୁଲ ? ମୁଁ ତ କଣ୍ଟା ଚାହିଁନଥିଲି... ! (ବାହାରେ କବାଟ ବାଡେଇବାର ଅଭିନୟ)

ଅସିତ- କିଏ... ?(କବାଟ ଖୋଲିବା ପରେ)

ଡିଶୋଜା- (ଭିତରକୁ ଆସି ଶ୍ରାବଣୀକୁ ଏକ ଧ୍ୟାନରେ ଚାହିଁ ରହେ ।)

ଅସିତ- କିଏ ତୁମେ ?

ଡିଶୋଜା- ମୁଁ... ? ମୁଁ ଜଣେ ମଣିଷ । ହିରୋସିମା ନାଗାସାକୀ ବୋମିଙ୍ଗ ପରେ ପରେ ବଞ୍ଚି ଯାଇଥିବା ଜଣେ ବିକଳାଙ୍ଗ ମଣିଷ । ଖୋଜୁଛି, ଆଜିଯାଏ ଖୋଜି ଚାଲିଛି । ହେଲେ ଆଜି ପାଇଛି । ସେଇ ହିରୋସିମା ନାଗାସାକୀ ବୋମିଙ୍ଗ ପରେ ହଜି ଯାଇଥିବା ମୋ ଗୀତାକୁ ପାଇଛି ।

ଅସିତ- କାହାକୁ ଖୋଜୁଛ ? କିଏ ତୁମ ଗୀତା ?

ଡିଶୋଜା- ଗୀତା ! ! (ଶ୍ରାବଣୀ ପ୍ରତି) ଇଏ ମୋ ଗୀତା । ପାଇଛି ମୋ ଗୀତାକୁ ମୁଁ ପାଇଯାଇଛି । (ଶ୍ରାବଣୀକୁ ଭିଡି ଧରିବାକୁ ପ୍ରୟାସ)

ଅସିତ- ହ୍ୱାଟ ନନସେନ୍ସ ! (ଡିଶୋଜାକୁ ଠେଲିଦେଇ)ଗେଟ ଆଉଟ ! ଗେଟ ଆଉଟ ଫ୍ରମ ହିୟର । (ପେଲିଦିଏ ଡିଶୋଜା ତଳେ ପଡ଼ିଯାଏ)

ଡିଶୋଜା- (ଉଠିଆସି)ପ୍ଲିଜ ବାବୁ ! ଗୀତାକୁ ମୋଠାରୁ ଛଡାଇ ନିଆନ୍ତୁନି । ମୁଁ ହାତ ଯୋଡୁଛି ମୋ ଗୀତାକୁ ମୋତେ ଫେରାଇ ଦିଅନ୍ତୁ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅସିତ- ଏଠି କେହି ଗୀତା ଫିତା ନାହାନ୍ତି । ପାଗଳାମୀ ନକରି ଶୀଘ୍ର ଏଠାରୁ ପଳାଇଯାଅ ନହେଲେ ପିଟିପିଟି ତୁମ ପାଗଳାମି ଛଡ଼େଇଦେବି ।

ଡିଶୋଜା-(ଶ୍ରାବଣୀ ପ୍ରତି)ଆରେ ତୁମେ ସେଇବେଳୁ ଏମିତି ଚୁପ ଚାପ ଠିଆ ହୋଇଛ କଣପାଇଁ ? କିଛି କହୁନାହଁ କାହିଁକି ? ତୁମର କଣ କିଛି ମନେନାହିଁ ? ଆମ ଭଲପାଇବା, ଆମ ବିଭା ଘର, ଆମ ସଂସାର.. । ଏତେ ଶୀଘ୍ର କେମିତି ସବୁ ଭୁଲିଗଲ ଗୀତା ? କୁହ ? କିଛିତ ହେଲେ କୁହ ? କହିଦିଅ ଗୀତା ଏ ବାବୁଙ୍କୁ ସବୁ କଥା ଗୋଟି ଗୋଟି କରି କହିଦିଅ ।

ଶ୍ରାବଣୀ- ଆପଣ ଭୁଲ କହୁଛନ୍ତି ମୁଁ ଗୀତା ନୁହେଁ ।

ଡିଶୋଜା- ସେଦିନ ପରା ତୁମେ ମୋ ହାତ ସହିତ ହାତମିଶାଇ ଆଗେଇ ଆସିଥିଲ, ମୋତେ କଥା ଦେଇଥିଲ ସାରା ଜୀବନ ମୋ ହାତ ଛାଡ଼ିବ ନାହିଁ । ହେଲେ ସେ ମହାବଳ ବାଘଟା ତୁମକୁ ଟାଣିନେଲା । ହାଏ ଅଗନାଅଗ୍ନି ବନସ୍ତ ଭିତରକୁ ତାପରେ.., ତାପରେ ହୁଏତ ତୁମେ ସେ ଜଙ୍ଗଲର ଗୋଟେ ପରିତ୍ୟକ୍ତା ମୃଗୁଣୀ ହୋଇଗଲ ।

ଅସିତ- ଆରେ ତୁମେ କାହା କଥା କହୁଛ ? କାହାକୁ ଖୋଜୁଛ ସ୍ପଷ୍ଟ କହିଲେ ତ ବୁଝିହେବ ।

ଡିଶୋଜା-ନା ନା ମୁଁ କାହାରି କଥା କହୁନାହିଁ । ପବନର ବି କାନ ଅଛି । ସେମାନେ ଯଦି ଶୁଣିନେବେ ତାହେଲେ ମୋ ଗୀତାକୁ ମୋଠାରୁ ଛଡ଼େଇନେବେ । ପ୍ଲିଜ ମୋତେ କିଛି ପଚାରନ୍ତୁ ନାହିଁ । ମୁଁ କିଛି ଜାଣିନାହିଁ । ମୁଁ କିଛି ଜାଣିନାହିଁ ।(ସଙ୍କୁଚିତ ଅବସ୍ଥା)

ଅସିତ- ଶୁଣ– !ତୁମ ନାଁ କଣ ?

ଡିଶୋଜା- ପାଗଳ(ହସ)ପାଗଳ (ବାରମ୍ବାର କହିହୁଏ)

ଅସିତ- ଆଛା ଗୀତା ତୁମର କିଏ ହୁଏ ?

ଡିଶୋଜା- (ଶ୍ରାବଣୀ ପାଖକୁ ଭିଡିଯାଇ)ଏ ଗୀତା ! ତୁମେ କିଛି କହୁନାହଁ କାହିଁକି ? ବାବୁ ପରା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପଚାରୁଛନ୍ତି ତୁମେ ମୋର କଣ ହେବ ?

ଶ୍ରାବଣୀ- ଅନେକ ଥର କହି ସାରିଛି ମୁଁ ଆପଣଙ୍କ ଗୀତା ନୁହେଁ... ମୁଁ ଶ୍ରାବଣୀ ।

ଡିଶୋଜା- ଶ୍ରାବଣୀ ? ? ନା ମିଛ । ତୁମେ ମୋତେ ମିଛ କହୁଛ ।

ଅସିତ- ଓଃ ଇଉ ସେଟଆପ ! ସତକୁ କଣପାଇଁ ମିଛ ଭାବୁଛ । ସେ ମୋ ସ୍ତ୍ରୀ ଶ୍ରାବଣୀ ।

ଡିଶୋଜା- ଇଏ ତୁମ ସ୍ତ୍ରୀ ଶ୍ରାବଣୀ ?

ଅସିତ- ଇଏସ ଇଏ ମୋ ସ୍ତ୍ରୀ ଶ୍ରାବଣୀ ।

ଡିଶୋଜା- ତାହେଲେ ମୋ ଗୀତା କାହିଁ ? ମଣିଷ ଜଙ୍ଗଲ ଭିତର କୋଉଠି ହଜିଗଲା ମୋ ଗୀତା । ଗୀତା ...ଗୀତା...(ଡାକି ଡାକି ପ୍ରସ୍ଥାନ)

ଅସିତ- ବଡ଼ କନଫ୍ୟୁଜ କରିଦେଲା ଲୋକଟା । ହେଲେନା ଓ ଗୀତା । ଗୀତା ଓ ହେଲେନା ।

ଶ୍ରାବଣୀ- କଣ ଏମିତି ନିଜେ ନିଜେ କହିହେଉଛ ?

ଅସିତ- ବୋଧହୁଏ ହେଲାନା ଓରଫ ଗୀତା ଜଣେ ନାରୀ । ଅର୍ଥାତ ଗୀତା ଯିଏ ହେଲେନା ସିଏ ।

ଶ୍ରାବଣୀ- ମାନେ.. ?

ଅସିତ- ତୁମେ ଯେଉଁ ଫଟୋଟିକୁ ଆଉ ଟିକେ ପୂର୍ବରୁ ଚିରି ଫୋପାଡ଼ି ଦେଇଥିଲ, ଆଉ ସେଇ ଚିରା ଫଟୋକୁ ଏଇ ପାଗଳା ସାଉଣ୍ଟି ଆଣି ତୁମକୁ ଗୀତାର ଆଖ୍ୟା ଦେଉଥିଲା, ବୋଧହୁଏ ପାଗଳ ସହିତ ଗୀତା ଓରଫ ହେଲେନାର ନିବିଡ଼ ସମ୍ପର୍କ ଅଛି । ଓକେ ମୁଁ ଆସୁଛି ଶ୍ରାବଣୀ (ଯିବାକୁ ଉଦ୍ୟତ)

ଶ୍ରାବଣୀ- ଶୁଣ-

ଅସିତ- (ଫେରିଆସି)କଣ ହେଲା ?

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶ୍ରାବଣୀ- ତୁମର କଣ ସେଇ ଆଇନ କାନୁନ ବ୍ୟତୀତ ଆଉ କିଛି ମନେ ପଡେନି ?

ଅସିତ-ମୁଁ ତୁମକୁ ପ୍ରଥମରୁ କହିଛି ଶ୍ରାବଣୀ ମୋପାଇଁ ଫାଷ୍ଟ ଇଜ ଡିୟୁଟି ଦେନ ଲଭ ।

(ପ୍ରସ୍ଥାନ ସମୟେ ଶ୍ରାବଣୀ ଆସିତର ବାଟ ଓଗାଳି ଗୀତର ଛନ୍ଦରେ ନାଚିଉଠେ)

ଅସିତ-(ହାତ ଘଣ୍ଟାକୁ ଦେଖି)ଓଃ ଶ୍ରାବଣୀ ! ତୁମେ ବୁଝୁନାହଁ କାହିଁକି ? ଏଇ ଯେଉଁ ପାଗଳ ଏଠାକୁ ଆସିଥିଲା ମୋତେ ତା ବିଷୟରେ ଡିଟେଲ ରୋପୋର୍ଟ ସଂଗ୍ରହ କରିବାକୁ ହେବ । ପ୍ଲିଜ ମୋତେ ଯିବାକୁ ଦିଅ ।

ଶ୍ରାବଣୀ-(ପୁନଃ ଗୀତ ଛଳରେ ଆଟକାଏ)

(ଗୀତ ଶେଷରେ)

ଅସିତ-ଓକେ ତୁମେ କଣ ଭାବିଛ ମୁଁ ତୁମକୁ ଭୁଲିଯାଉଛି ।(ଦୁହେଁ ଆଲିଙ୍ଗନ)

(ମଞ୍ଚ ଅନ୍ଧାର)

କ୍ରମଶଃ.........

email-dwibedysudhansu@gmail.com

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# କବିତା ବିଭାଗ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅମରଜ୍ୟୋତି କାବ୍ୟ ସ୍ୱୟମ୍ବର



ଦେବଦତ୍ତ ସୁନା

ପ୍ରଥମ ଛାନ୍ଦ

ଦ୍ୱିତୀୟ  ଅଧ୍ୟାୟ (ଭାଗ "୩")

ଅକସ୍ମାତ କିଛି ନୟନ ଦେଖିଛି
ଅତ୍ୟନ୍ତ ଅଦୂରେ ତାର,
ଅନେଇ ତାହାକୁ ଯାଆନ୍ତି ପାଖକୁ
କ୍ଷୀପ୍ର ବେଗେ ତରବର  ।
ଅଶ୍ରୁଳ ନୟନେ ଏଣିକି ସମ୍ପୁର୍ଣ୍ଣ
ସ୍ୱଷ୍ଟ ଭାବେ ଶୁଭୁଥିଲା,
ଅନେଇ ଖୋଜିଲେ ଆଲୋକରେ ତିଳେ
ଆଖି କି କିଛି ଦିଶିଲା  ।
ଅଦୂରେ ତାଙ୍କର ନର୍ଦମା ଜହର
ସହରର ରହିଥିଲା,
ଅଳିଆ ଅସନା ସମସ୍ତ ପୁରୁଣା
ଭଙ୍ଗାରୁଜା ପଡ଼ିଥିଲା  ।
ଅସନା ବାସନା ନାଶିକାରେ ଶିନା
ଭାସି ଆସି ପଶୁଥିଲା,
ଅସହ୍ୟ ହେଲେବି ସହୁଥିଲେ କବି
ଦେଖନ୍ତି ସର୍ବ ମଇଳା  ।
ଅସନା ନର୍ଦମା ମଧ୍ୟରେ ଗରିମା
କେହି ବସି କାନ୍ଦୁଥିଲା,
ଅଳିଆ ମଧ୍ୟରେ ନିଲୋତ୍ପଳ ଥରେ
କେବେ ଆସି ଫୁଟିଥିଲା  ।
ଅଦୂରେ ଚାହାଁନ୍ତି କେହି ବସିଛନ୍ତି
ଗାଢ଼ କୃଷ୍ଣ ବସ୍ତ୍ର ପିନ୍ଧି,
ଅଳିଆ ମଧ୍ୟରେ ମସ୍ତକ ଆଣ୍ଠୁରେ
ମୋଡ଼ି ଥୋଇ ଏହି କାନ୍ଦି  ।
ଅଡୁଆ ଲାଗିଛି ପ୍ରଥମେ ଶୁଣିଛି
ସ୍ୱର ଯେ ଶିଶୁର ଥିଲା,
ଅଦ୍ୟରେ ତାଙ୍କର ଯୁବତୀର ସ୍ୱର
ପରିକା ଏବେ ଲାଗିଲା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅସନା ମଧ୍ୟରେ ରହିଲାକ ପରେ
ଯେମନ୍ତ ଶୁଭ୍ର ମଇଳା,
ଅନ୍ଧାରରେ ସିନ ଦୀପକ ବନ୍ଦନା
ସେପରି ସେଠି ନୋହିଲା ।
ଅଙ୍କ ପାଲଟିଲେ ଖାଲି ଚାହିଁଥିଲେ
ସମସ୍ତ କୃଷ୍ଣ ବରଣ,
ଅସୁନ୍ଦର ହେଲେ ସୁନ୍ଦରତା ଖେଳେ
ଅଛବେ ଶୁଭ୍ର ବଦନ ।
ଅନୁଧ୍ୟାନ ବେଲ ଯାହା ତ ଦେଖିଲେ
ଚକିତ କରିଲା ତାଙ୍କୁ,
ଅଙ୍ଗେଅଙ୍ଗେ ପୁଣି ମଳିନ କି ଜାଣି
ବୋଲିଛି ଲାଗେ ତାହାଙ୍କୁ ।
ଅଧୁନା ତ ସ୍ୱର ବୃଦ୍ଧିରେ ଏ ବର
କିଏ ବୋଲି ପଚାରିଲେ,
"ଅସନା ମଧ୍ୟରେ ରହିଲାକ ପରେ
ଅଙ୍ଗରେ ମଳି ଲାଗିଲେ ।"
ଅଚାନାକ କାହିଁ କ୍ରନ୍ଦନ ଥମଇ
ଅଟକିଗଲା ଯେମିତି,
ଅଶ୍ରୁ ଥମିଗଲା କ୍ରନ୍ଦନ କମିଲା
ବସିଥିଲା ତ ସେମିତି ।
ଅସ୍ୱଚ୍ଛ ଭିତରେ ଦୁର୍ଗନ୍ଧ ଅନ୍ଧାରେ
ଅନାଦର ଏ ମୁରତି,
ଅଚାନକ ଯେବେ ସିଏ ଉଠିଗଲେ
ଦେଖିଲେ ସତେ ଯୁବତୀ ।
ଅସୁସ୍ଥ ଶରୀର ଦିଶେ ଅସୁନ୍ଦର
କେଶ ମୁକୁଳା ରହିଛି,
ଅନୁରୂପ ମୁଖେ କେଶ ପାଖେପାଖେ
ସଂପୂର୍ଣ୍ଣ ଢାଙ୍କି ରଖିଛି ।
ଅନାବୃତ ଅଙ୍ଗେ ଖାଲି କୃଷ୍ଣ ଲମ୍ବ
ମଳିନ ବସ୍ତ୍ର ଢାଙ୍କିଛି,
ଅନ୍ୟଜେ ହାତରେ ବସ୍ତ୍ରକୁ ଅଙ୍ଗରେ
ଅଂସ ବକ୍ଷକୁ ଧରିଛି ।
ଅନୁରାଗେ ପୁଣି ପଚାରନ୍ତି ତୁନି
କାହିଁ ସିଏ ଛିଡ଼ାହେଲେ,
"ଅଦ୍ଭୁତ ରୂପରେ ଗୋଟି ନର୍ଦ୍ଦମାରେ
ବସିଛନ୍ତି ଏକାବେଳେ ।
(କ୍ରମଶଃ )

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୁମ ଜନ୍ମଦିନେ



ଶିବ ନାରାୟଣ ଦାଶ

ଛତିଶିଟି ବସନ୍ତର ବାସନ୍ତୀକୁ ଛୁଇଁ
ସାଉଁଟିଲ ତୁମେ ଯେତେ ହସ ଆଉ ଅଶ୍ରୁର ଶାମୁକା,
ଶୈଶବ ଓ କୈଶୋରର ନଦନଦୀ ପାରି
ଜୀବନର ମଧ୍ୟାହ୍ନରେ ତୁମେ ଯେବେ ଛିଡାହେଲ ଆସି,
ଜୀବନର ସାଗର ମନ୍ଥନୁ
ବିଷ ଆଉ ପିୟୁଷର ଆହରିଲ ଅଦ୍ଭୁତ ମଣୋହି ।

ବସନ୍ତ କୁହ ବା ତାକୁ କୁହ ତୁମେ ବୈଶାଖ ସଖୀ -
ଜୀବନର ପଥ ପରେ ସେହି ଏକା କଷଟି ପଥର
ଆପଣା ଭିତରେ ଥରେ ଆପଣାକୁ ଚେତାଇବା ପାଇଁ ।
ତୁମ କାନ୍ତି ଉଠିଛି ଉଜଳି,
ତୁମରି ଢ଼ିଭାରେ ତୁମେ ହୋଇଅଛ ଆୟୁଷ୍ମାନ - ସୂର୍ଯ୍ୟସ୍ନାତ ମହୋଦଧି ପରି ।

ତୁମକୁ ବା ଦେବି ମୁହିଁ କେଉଁ ଉପହାର !
ଦେବି କେଉଁ ରତ୍ନହର ସୁବର୍ଣ୍ଣ ଭୂଷଣ,
ତୁମରି ଭିତରେ ତୁମେ ରଖିଅଛ ଯେଉଁ ଗନ୍ତାଘର -
ହୀରା, ନୀଳା ମାଣିକ୍ୟର ଅସରନ୍ତି ଅମାପ ଭଣ୍ଡାର ।
ତା ସମକ୍ଷେ ତୁଚ୍ଛ ସବୁ -

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅର୍ବାଚୀନ ଯେତେକ ପାର୍ଥିବ,
ତୁମରି ଅନ୍ତରେ ତୁମେ ନିଜେହିଁତ ପୂର୍ଣ,
ହିରଣ୍ମୟ ବିସ୍ମୟର ସୁନୀଳ ମାଧବ ।

ଯନ୍ତ୍ରଣା ତ ଜୀବନର ନୁହେଁ ଭିନ୍ନ ନାମ,
କାନ୍ଦିବା ଅବଶ୍ୟ ନୁହେଁ ହସିବାର ପୂର୍ବରାଗ କେବେ,
ସୁଖ ଆଉ ଦୁଃଖ ସତେ ଚେତନାର ବିଭ୍ରାନ୍ତ ଦ୍ୱିରୂପ,
ମିଛ ମାୟା ଖେଳ ଖେଳି
ବିକଶଇ ଚୈତନ୍ୟମୟ କୈବଲ୍ୟ-ସ୍ୱରୂପ ।

ଜନ୍ମଦିନ ନୁହେଁ ତୁମ ଜୀବନର ଆଦ୍ୟ ବର୍ଣ୍ଣବୋଧ,
ନୁହେଁବିତ ଏ ଯାତ୍ରାର ସମାହିତ ଶେଷ ପୂର୍ଣ୍ଣଚ୍ଛେଦ ।
ଜୀବନରୁ ଜୀବନକୁ ଛୁଇଁ ବହିଯାଏ ଯେଉଁ ଅନ୍ତଃସୁର,
ତୁମେ ତାର ସୁଯୋଗ୍ୟ ଦାୟାଦ ।
ତୁମ ମଧ୍ୟେ ଜନ୍ମ ଲଭୁ ସେ ସୁରର ଅମିୟ ଝଙ୍କାର,
ଅମୃତ-ଇଶ୍ୱରୀ ପଦେ ଅଞ୍ଜଳିର ଭବ୍ୟ ଉପହାର ।

ଅବସରପ୍ରାପ୍ତ ସାଧାରଣ ପ୍ରବନ୍ଧକ (ଅର୍ଥ)
ଇଣ୍ଡିୟନ୍ ଅଏଲ୍ କର୍ପୋରେସନ୍ ଲି., ନୂଆ ଦିଲ୍ଲୀ
ଭ୍ରାମ୍ୟଭାଷ : ୯୯୯୯୦୨୪୬୫୬

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଆମେ ଆଫଗାନୀସ୍ତାନର ଝିଅ



ପ୍ରଶାନ୍ତ କୁମାର ବେହେରା

ଆଚ୍ଛା ଶୁଣ ସମସ୍ତେ
ଆମେ ଆଫଗାନୀସ୍ତାନର ଝିଅ କହୁଛୁ ......

ଆଚ୍ଛା ଶୁଣ ସମସ୍ତେ
ଆମେ ଆଫଗାନୀସ୍ତାନର ଝିଅ କହୁଛୁ
ଆମେ ସେଇ ଝିଅ ତ
ଯିଏ ଇଶ୍ୱର ଅବା ଆଲ୍ଲାଙ୍କ ସୃଷ୍ଟିର ଖୁବ୍ ଆକର୍ଷଣୀୟ
ମନୋମୁଗ୍ଧକର ସୁନ୍ଦର ସୁ-କୋମଳ
ରୂପ ପ୍ରାଚୁର୍ଯ୍ୟରେ ଭରା
କମନୀୟ ଚେହେରାର ପ୍ରତୀକ କୁଆଡ଼େ ?

ଆଚ୍ଛା ଶୁଣ ସମସ୍ତେ
ଆମେ ଆଫଗାନୀସ୍ତାନର ଝିଅ କହୁଛୁ
ଧୀରେ ଧୀରେ ଆମେ ସବୁ ଯିବୁ ମରି
ଆମେ ଏଣିକି ମଣିଷରେ ଆଉ ଗଣା ହେବୁ ନାହିଁ
କାନ୍ଦ ବି ଆମର କେବେ ବନ୍ଦ ହେବ ନାହିଁ
କେହି ତ ଆମ ବିଷୟରେ ଏତେ ଟିକେ ବି ଚିନ୍ତା କରୁନାହିଁ
ଧୀରେ ଧୀରେ ଆମେ ଇତିହାସରୁ ଯିବୁ ଲିଭି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯେହେତୁ ତାଲିବାନ ରଚୁଛି ଭୟଙ୍କର ତାଣ୍ଡବ ଏଠି ।

ଆଚ୍ଛା ଶୁଣ ସମସ୍ତେ
ଆମେ ଆଫଗାନୀସ୍ତାନର ଝିଅ କହୁଛୁ
ଆମ ହୃଦୟରେ ସାଇତାଥିବା  ସ୍ୱପ୍ନ ସବୁ ଯାଉଛି ଭାଙ୍ଗି
ଫେରିଛି ଆଫଗାନୀସ୍ତାନରେ ତାଲିବାନୀ ଶାସନ ଆଜି
ସୋଭିଏତ୍ ଓ ଆମେରିକା ସେକିସାରି ତାଙ୍କ ସ୍ୱାର୍ଥର ରୋଟି
ଚାଲିଗଲେ ଏଠୁ ଆମକୁ ଅସହାୟ କରି
ଆଉ ସବୁ ପୃଥିବୀର ଦେଶ ଦୁନିଆ ଆମକୁ ଆଜି କରି ଅସଫଳ
ଆମେ ପାଇବୁନି ଶିକ୍ଷା ଓ ଅନାନ୍ୟ ସୁବିଧା
ଆମ ଘର ବାଲକୋନୀରେ  ଠିଆ ହେବୁନାହିଁ
ହାଇହିଲ୍ ପିନ୍ଧିବା ଏଣିକି ଆମ ଭାଗ୍ୟରେ ବି ନାହିଁ
ଚାକିରି କରିବା ଆଉ  ଆମ ଜାତକରେ ନାହିଁ
ବିନା ପୁରୁଷ ସାଥିରେ ଆମକୁ ବାହାରକୁ ଯିବା ମନା
ବୁର୍ଖା ପିନ୍ଧିବାକୁ ହେବ ଏଣିକି ଜୀବନ ସାରା ।

ଆଚ୍ଛା ଶୁଣ ସମସ୍ତେ
ଆମେ  ଆଫଗାନୀସ୍ତାନର ଝିଅ କହୁଛୁ
ଯୌନଦାସୀ ପାଲଟିବୁ ଆମେ
ଲିଭାଇ ଚାଲିବୁ ତାଲିବାନୀର କାମନାର ନିଆଁ
ଲମ୍ପଟ ପୁରୁଷର ପଣ୍ୟଶାଳାରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅସହାୟ ବନ୍ଦିନୀ ସାଜିବାକୁ ହେବ
ଅତି ନଗନ୍ୟ ଓ ନଗ୍ନ ହୋଇ
ନିଜ ଭିତରେ ଚପାଇ ରଖିଚାଲିବୁ
ନିର୍ଯ୍ୟାତନାର ସେଇ କରୁଣ କାହାଣୀ ସବୁକୁ ?

ଆଚ୍ଛା ଶୁଣ ସମସ୍ତେ
ଆମେ ଆଫଗାନୀସ୍ତାନର ଝିଅ କହୁଛୁ
ନିଜ ହୃଦୟକୁ ଚୁର୍ ଚୁର୍ କରି
କାମୁକ ପୁରୁଷର ଯାବତୀୟ
ଯୌନ ବିକୃତିକୁ ସ୍ୱୀକୃତି ଦେଇ
କେତେଦିନ ସହ୍ୟ କରିଚାଲିବୁ
ଆମ ନିଭୃତ ନାରୀତ୍ୱର
ସେଇ ବିଭତ୍ସ ବ୍ୟଥା ମାନଙ୍କୁ ?
ଅତ୍ୟାଚାରିତା, ଶୋଷିତା, ଲାଞ୍ଛିତା ଆଦି
ଶବ୍ଦସବୁ ଅହରହ ଆମସହ ଏଣିକି ହୋଇଗଲା ଯୋଡ଼ି .....

ଅଧ୍ୟାପକ ପ୍ରଶାନ୍ତ କୁମାର ବେହେରା
ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ,
ସ୍ୱାମୀ ବିବେକାନନ୍ଦ ସ୍ମାରକ ସ୍ୱୟଂଶାସିତ ମହାବିଦ୍ୟାଳୟ,
ଜଗତସିଂହପୁର ।
ଦୂରଭାଷ - ୯୪୩୭୧୩୫୯୧୬

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଦୁହିତାର ଶେଷ ଚିଠି



ପଙ୍କଜ କୁମାର ମଙ୍ଗଳ

ଜନମ ଦେଇଛ ଜିଅନ୍ତା ଇଶ୍ୱର ଥରେ ବୁଝିଲନି ମନ ଦୁହିତାର,
ଅଧିକାର କହି ଶେଷୋକ୍ତି ବାଢିଲ ସେ ହେବେ ଜୀବନ ସାଥି ମୋର ।
ଚିହ୍ନିନି ଯାହାକୁ ଭରଷା ପାଉନି ଚାଲି ପାରିବି କି ଏତେ ଦୂର,ପଦାର୍ଥ ନୁହଁ
ସେ ଆଉ ଏକ ବାଛିବି ଯଦି ଥିବ ଦୋଷ ତ୍ରୁଟି ତାଙ୍କର ।
ସଭିଙ୍କୁ କହିଲି କେହି ଶୁଣିଲନି ଯେ ବିବାହ ଦିଅନି ସେଠି,
ବାଧ୍ୟହୋଇ ମୁଁ ଏ ନିଷ୍ପତ୍ତି ନେଲି ଛାଡି ଯାଉଛି ତମ ଦୁହିତାର ଶେଷ ଚିଠି ।

ସାମାନ୍ୟ ଖେଳନା ଦି ଦିନେ ତୁଟିବ ହେଲେ କିଣୁଥାଅ ମନ ଜାଣି,
ତମେ ସେହି ବାପା ମାଆ କର୍ତବ୍ୟଟେ ଭାବି ଥରେ ମୋ ମତ ବୁଝିଲନି ।
ଏତେ ବଡ଼ ଘର ଭଲ ପରିବାର ରହିଲେ କି ସ୍ୱର୍ଗ ମିଳିବ,
କେମିତି ଚଳିବି ଅଜଣା ରାଇଜେ ଯଦି ସ୍ୱାମୀ ପର କରି ଦେବ ।
ବହୁ ଭାବିଚିନ୍ତି ନିଷ୍ପତ୍ତି ନେଇଛି ଆମେ ରହିପାରିବୁନି ଏକାଠି,
ହୃଦୟ ବେଦନା ପଢିଲେ ଜାଣିବ ଯେବେ ପାଇବ ତୁମ ଦୁହିତାର ଶେଷ ଚିଠି ।

ତୁମପରି ସିନା ଅଭିଜ୍ଞତା ନାହିଁ ହେଲେ ଏବେ ଭୁଲ ଠିକ୍ ଜାଣିଲିନି,
ଯାହା ଦଣ୍ଡ ଦେବ ସବୁ ସହି ଯିବି ହେଲେ ରାଜି ହୋଇ ପାରିବିନି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲୋଡା ନାହିଁ ମୋର ଧନସମ୍ପତ୍ତି ସେ ଆଜି ଅଛି କାଲି ନଥିବ,
ପାଇସାରିଛି ମୁଁ ଏମିତି ହୃଦୟ ଯେ ସବୁବେଳ ପାଖେ ଥିବ ।
ଯାଉଛି ଆଜି ତାଙ୍କ ହାତ ଧରି ଆସିବିନି ପୁଣି ଲେଉଟି,
ହୋଇପାରିବ ତ କ୍ଷମା କରି ଦେବ ପଢ଼ି ତୁମ ଦୁହିତାର ଶେଷ ଚିଠି ।

ଈଶ୍ୱର ଗଢ଼ିଲେ ମାନବ ସମାଜ ନିଜର ସନ୍ତାନ ଭାବି,
ଶ୍ରେଷ୍ଠ ପ୍ରାଣୀ ଆଜି କଜିଆ କରନ୍ତି ମୁଁ ଉଚ୍ଚ ତୁ ନୀଚ ଜାତି କରି ଦାବି ।
ହୁଏତ ମାନନ୍ତି କଥାକୁ ତୁମ୍ଭର ଯଦି ଦୋଷ ନ ଦେଖନ୍ତ ତାଙ୍କ କୁଳରେ,
ଜନମ ପୂର୍ବରୁ କେହି ବାଛି ହିଁ ନଥାନ୍ତି ଜନମିବେ କେଉଁ ଜାତିରେ ।
ଅଜାତି ବୋଲି କହି କେମିତି ଭାଙ୍ଗିବ ଆମ ପବିତ୍ର ସମ୍ପର୍କଟି,
ବିଶ୍ୱାସ ମୋ ଅଛି ତମେ ଦିନେ ବୁଝି ପାରିବ ପଢ଼ି ତୁମ ଦୁହିତାର ଶେଷ ଚିଠି ।

ବଡ଼ପାହି, ଭୋଗରାଇ, ବାଲେଶ୍ୱର
ଦୂରଭାଷ-୭୭୪୯୯୩୬୭୮୧

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ମାଟି ମମତା



ଦୁଷ୍ମନ୍ତ ବେହେରା

ଶତାବ୍ଦୀ ପୃଷ୍ଠା ଅପେକ୍ଷା କରିଛି
ଦେଖିବ ମାଟି ତୁମ ମମତା
ବାସ୍ନା ତୁମ ମହକି ଉଠିବ ଭୂମିଭମ
ମଗ୍ନ ଅର୍ଦ୍ଧ ସ୍ୱପ୍ନ ସୁରି !

ବଳିଷ୍ଠ ତୁମ ମମତାକୁ ମୁଠାଇ ଧରି
ଖୋଜେ ମୁଁ ଶତ୍ରୁ ସଂହାର
ରକ୍ତ ଲେପନ ଦେଇ ଲେଖିବି ତୁମ ନାମ
ଇତିହାସ ଦେଖିବ ଗାଥା !

ମାତୃ ଭୂମି ରକ୍ଷା ସାଜିବି ଦେବି
ମୋ ଜୀବନ ରକ୍ତ ଚୁରା
ଜନ୍ମ ନେବି ପୁଣି ତୁମ କୋଳେ ମୁଁ
ତୁମ ଚରଣ ସେବା ପାଇଁ !

ମାଟି ତୁମ ମମତା ଛାତି ରେ ଧରି ଜନ୍ମ
ନେବେ ହଜାର ହଜାର
ସନ୍ତାନ ମା"ଆ ମାଟି ତୋଅ କୋଳେ
ଧରୀ ହସିବୁ ମିଠା ହସ !

ଇତିହାସ ଦେଖିବ ଲେଖିବ ପୃଷ୍ଠା
ମହାନତା ତୋର ବୀର
ସୁରଙ୍ଗନା ସ୍ମୃତି ଲେଖନି ଅସିଆ
ବିଧ ର ପୁରୁଣା ଗାର !

ଶାନ୍ତି ମୈତ୍ରୀ ଭାବ ଦେଖାଇ
ଶତ୍ରୁ ଠୁ ରକ୍ଷା କରିବି
ଧର୍ମ ଦେଶେ ଥାଇ ଧର୍ମ ବିଚାର କରି
ଦେଶ ର ଟେକ ରଖିବି !

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜାତି ଧର୍ମ ର ଏକତା ରଖିବି

ମିତ୍ର ମିତ୍ର ଭାବ ରଖି

ଉତ୍କଳଭୂଇଁ ସ୍ୱାଭିମାନ ରକ୍ଷା ସାଜିବି

ଗୌରବ ସମ୍ମାନ ରଖି !

ଦେଶ ମାତୃଭୂମି ମାତୃକାରେ ଥାଇ

କହୁଥିବି ଭାରତ ମାତ

କି ଜୟ ହାତ ଟେକି ମଥା ଟେକି

ମାଟି ମମତା ରେ ମନ ପ୍ରାଣ !

ଶରୀର ମିଶିବ ଦେହ ବି ମିଶିବ

ମିଶିଯିବ ରକ୍ତ ମାଂସ

ପାଉଁଶ ତଳୁ ଉଠି ଦେଖିବି ବିଜୟ

ମୁରୁକି ମୁରୁକି ହସି ଦେଇ !

ମହାପୁରୁଷ ମହା ଆତ୍ମା ତୁମେ

ବୌଥା ଯାଏନା ବଳିଦାନ

ମନ ଉଙ୍କି ମାରେ ଛବି ଚିହ୍ନ କହେ

ଶତାବ୍ଦୀ ପୂଷ୍ଠା ଇତିହାସ !

ଲିଭୁ ମୋ ଚିହ୍ନ ଲିଭୁ ମୋ ମନ

ଲିଭିଯାଉ ମୋ ଆତ୍ମା

ମାଟି ମମତା କୋଳେ ଜନ୍ମ ନେବି

ଦେଖିବ ଜଗତ ଜନ !!

ରାସୋଳ-ମୁଣ୍ଡିଆପଷି

ଢେଙ୍କାନାଳ

ପିନ୍-୭୫୯୦୨୧

ମୋ ନଂ-୯୯୩୭୭୫୭୫୦୪

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାଟିକାନ୍ଥ



ସରୋଜ କୁମାର ସାହୁ

ମାଟିକାନ୍ଥ ମୋର ଲାଗଇ ସୁନ୍ଦର
ଗାଏ ଅତୀତର ଗାଥା
ପୂନେଇ ପରବ ଅବା ଶୁଭଦିନେ
ପଡୁଥିଲା ଝୋଟିଚିତା ।
ଭାସି ବୁଲୁଥିଲା ମାଟିର ମହକ
ଗୋବରରେ ଭରା ଦେହ
ସହି ଅଛି ସିନା ଦୁଃଖର ଯନ୍ତ୍ରଣା
ଢାଳିନାହିଁ ଟୋପେ ଲୁହ ।
ଖରା ବରଷାକୁ ସହିଛି ଆନନ୍ଦେ
ପରିବାର ଖୁସି ପାଇଁ
ଛାଇପରି ସଦା ରହିଅଛି ଜଗି
ମୁରବୀର ହାତ ନେଇ ।

ହସକାନ୍ଦ ସବୁ ଦେଖିଛି ଆମରି
ତଥାପି ରୁଷିନି ଥରେ
ପିଲାବେଳ ସହ ଯୌବନ ବାର୍ଦ୍ଧକ୍ୟ
କଟିଅଛି ଏଇ ଘରେ ।
ଅଲୋଡା ରହିଛି ଆଜିବି ତାପାଖେ
ସୁଖ ସ୍ୱାଛନ୍ଦର ଭାବ
ଶାନ୍ତ ପରିବେଶ ମନରେ ଭରିଣ
ସଭିଁଙ୍କୁ ଆଦରି ନେବ ।

ଆଠଗଡ,କଟକ
୯୩୪୮୫୭୫୨୨୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଏଇ କ'ଣ ସ୍ୱତନ୍ତ୍ର ଭାରତଭୂମି ? ? ?



ଅଲେଖ ମେହେର

ଏଇ କ'ଣ ସ୍ୱତନ୍ତ୍ର ଭାରତ ଭୂମି ?
ଅହିଂସା ଖୋଳରେ ଭ୍ରମୁଅଛି କାମି
ବିହରିତେ ଛାଏ ଶକୁନିର ପଶା
ଅଟ୍ଟହାସ୍ୟ କରେ ମାନୀ ସାଥେ ଦୁଃସା
ଯୋଗୀ ବେଶଧରି ଦ୍ୱାର ଦ୍ୱାର ବୁଲି
ରାବଣ ହସଇ ମନପ୍ରାଣ ଖୋଲି
ସୁନାମ ଭିତରେ ଲୁଚିଛି ସୁନାମୀ
ଦାଦା ହସେ ପ୍ରାଚୁର୍ଯ୍ୟରେ ଝୁମିଝୁମି ।
ଚଉଦିଗେ ଚାଲେ ତୁମୁଳ ସଂଗ୍ରାମ
ବାହୁବଳୀ ଜିଣେ ସସାଗରା ଧାମ
ନ୍ୟାୟ ମାଗି ଦୀନ ଦୁଃଖି ମରେ ଖେଦେ
ଅଧର୍ମୀ ହସଇ ଅଶନୀ ର ନାଦେ
ସଂପ୍ରଦାୟ ମଧ୍ୟେ ଲାଗିଛି ଲଢେଇ
ଉଚ୍ଚ ନୀଚ ଭେଦ ଭାବର ବଢେଇ
ପିତାମାତା ଛାଡି ପୁଅର ଗୁଲାମି
ପତ୍ନୀର ପଦକୁ ସ୍ୱାମୀ ଯାଏ ଚୁମି ।
ଉପକାର ଭୁଲି ସ୍ୱାର୍ଥରେ ମାତାଳ
ଅପକାରେ ମାତି କରେ କଳିଗୋଳ
ଧର୍ମକୁ ମାରଇ ସଦା ଆଖି ଠାର
ଆନ୍ଦୋଳନ ଆଳେ କୁଟନୀତି ଘୋର
ଅଫିସରେ ଚାଲେ ବାହାରି ଭିତିରି
ନେତା ନାମକରା ହକରା ତାଙ୍କରି
ଜବରଦସ୍ତି ଧୁର୍ତ୍ତ ମାଡି ବସେ ଜମି
ଭୋଟ ବ୍ୟାଙ୍କ ପାଇଁ ଉଚ୍ଛେଦ ଅକାମୀ ।
ନ୍ୟାୟ ମାଗି ମାଗି ଗ୍ରାସି ନିଏ କାଳ
କୋର୍ଟରେ ଝୁଲଇ ତାରିଖର ମାଳ
ଆକାଶ ସାଉଁଟେ ଦରିଦ୍ରର ବାଳ
ଆଉଟୁ ପାଉଟୁ କ୍ଷୁଧାରେ ବ୍ୟାକୁଳ
ଯୋଜନା ରହିଲା ଫାଇଲ ଭିତରେ
ହକ୍ ପାଇଁ ଲଢି ଦୁଃଖି ଝୁରିମରେ
ଦେବ ପ୍ରତିମାଙ୍କୁ କରି ଅଭଦ୍ରାମି
ଭାଙ୍ଗିଦିଏ ଖଳ ଅତର୍କିତେ ଗମି ।

ସୋହେଲା ବରଗଡ
ମୋ-୬୩୭୦୨୨୦୫୫୯

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ରଥ ପଥ ଜଗନ୍ନାଥ



ରାମଚନ୍ଦ୍ର ପ୍ରଧାନ

କାଇଁଚ ମାଳିଆ ହେ ଜଗାକାଳିଆ
ଯଶୋଦା ମା' ର କହ୍ନେଇଁ
ରଥ ପଥ ଆଜି ଜଗନ୍ନାଥମୟ
ତୁମରି ଦର୍ଶନ ପାଇଁ ।
ପଣ୍ଡା ପଢ଼ିଆରୀ ସେବାୟତ ଭିଡ଼େ
ଝୁଲି ଆସ ବଡ଼ଦାଣ୍ଡେ
ଶଙ୍ଖ ହୁଳହୁଳି ହରିବୋଲ ଧ୍ୱନି
ଶୁଭୁଥାଏ ଭକ୍ତ ତୁଣ୍ଡେ ।
ଭାବ ବିନୋଦିଆ ଭାବର ଠାକୁର
ତୁମ ପରି ନାହିଁ କେହି
ତୁମେ ଦାରୁବ୍ରହ୍ମ ତୁମେ ପରଂବ୍ରହ୍ମ
ଭାବସିନ୍ଧୁ ଭାବଗ୍ରାହୀ ।
ଦୁଃଖ ବିନାଶନ ହେ କଳା ବଦନ
ଦୀନବନ୍ଧୁ ଦଇତାରୀ
ଏ ବିଶ୍ୱ ବ୍ରହ୍ମାଣ୍ଡେ ତୁମ୍ଭଶ୍ରୀ ଚରଣୁ
ଝରାଅ କରୁଣାବାରି ।
ଚତୁର୍ଦ୍ଧା ମୂରତି ଆହେ ବିଶ୍ୱପତି
ଚକାଆଖି ଚକାଡୋଳା
ତୁମେ ନ ଚାହିଁଲେ ଏ ଭବ ସଂସାରେ
ବୁଡ଼ିବ ସଭିଙ୍କ ଭେଳା ।
ଏତିକି ମିନତି ଏ ରଥଯାତରେ
ତୁମ ପାଦେ ଜଗନ୍ନାଥ
ବଧିର ନ ହୋଇ ଶୁଣବାରେ ପ୍ରଭୁ
ଡାକେ ଆଜି ଏ ଅନାଥ ।
ଲୋପ ପାଇଯାଉ କଳିରେ କରୋନା
ନ ରହୁ ଅଜ୍ଞାତ ଭୟ
ହଜିଥିବା ଖୁସି ପୁଣି ଫେରିଆସି
ଧରମର ହେଉ ଜୟ ।

ଶିକ୍ଷକ, ସାନ୍ତରାପଲ୍ଲୀ, ଗଞ୍ଜାମ
ମୋ:୯୮୬୧୭୩୮୭୩୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନୂଆବୋଉ



ବନ୍ଦନା ନାୟକ

ଦୂର ତାଳ ବଣ ପାହାଡ଼ ଫାଙ୍କରୁ
ଉଇଁ ଆସୁଥାନ୍ତି ଭାନୁ,
ଅଳସ ଶେଯରେ କଡ଼ ଲେଉଟାଏ
ନୁଅବୋଉ ତାର ତନୁ ।

କୁକୁଟ ରାବରେ ଚୁଡ଼ା ପାହର ରେ
ଭାଙ୍ଗି ଯାଏ  ନିଦ ତାର,
ସଅଳ କରିବ ବାସି ପାଇଟି ସେ
ହୁଏ ଭାରି ତରତର  ।

ନଣ୍ଡାଏ ଗୋବର ନୋଟାଏ ପାଣିରେ
ଛେରା ପହଁରା ସେ କରେ,
ଦାଣ୍ଡ ଦୁଆର ରୁ କୁଅମୂଳ ଯାଏ
ପବିତ୍ରତା ଭରିଯାଏ  ।

ପାଣି ନୋଟା ଥୋଇ ଦାଣ୍ଡ ପିଣ୍ଡାପରେ
ନଈ କୁ ଗାଧୋଇ ଯାଏ
କୁଆବୁଡ଼ ଦେଇ ଫେରିଲା ବେଳକୁ
କୁଆଁ ତାରା ଲିଭୁ ଥାଏ  ।

ଠାକୁରଙ୍କ ଘରୁ ଭାସି ଆସେ ଯେବେ
ଘାଣ୍ଟି ଆଉ ଶଙ୍ଖ ଧ୍ୱନି,
ପରିବାର ଲୋକେ ବିଳି ବିଳି ହୋଇ
ଘାଲେଇ ପଡନ୍ତି ପୁଣି  ।

ରୋଷେଇ ଶାଳ ରୁ ନାକରେ ବାଜିଲେ
ଭୁରୁ ଭୁରୁ ଚା' ଗନ୍ଧ,
ଧଡ଼ ପଡ଼ ହୋଇ ସଭିଏ ଉଠନ୍ତି
ନିଅନ୍ତି ଚା'ର ସ୍ୱାଦ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପିଠା ,ଭଜା କରି ସକାଳ ଖାଦ୍ୟରେ
ସଭିଙ୍କୁ ପରଷି ଦିଏ
ନୂଆ ବୋଉ କଣ ଖାଇଲା ନଖାଇଲା
ବୁଝନ୍ତିନି ଜଣେ କିଏ
ଭାତ ପାଣି ଚୁଲି ଉପରେ ବସେଇ
ରଗଡ଼ଇ ବସି ଜାଇ,
ବାଡ଼ି ରୁ ତୋଳଇ ଶାଗ ,ବାଇଗଣ
ଲାଉ ଓ ସଜନା ଛୁଇଁ
ଚୁଲିରେ ମୁହାଣେ ଜାଳ ପେଲିଦେଇ
ଘସି ଆଉଜେଇ ଦିଏ ,
ସେ ଚୁଲି ନିଆଁରେ ନୂଆବୋଉ ସ୍ୱପ୍ନ
ହୁତୁ ହୁତୁ ଜଳୁଥାଏ ।
ହସି ମିଠା କଥା ସଭିଙ୍କୁ କହଇ
ନିଅଇ ମନକୁ କିଣି,
ଅନ୍ତରେ ଅନ୍ତରେ ଅନ୍ତର କାନ୍ଦଇ
କେହି ନ ପାରନ୍ତି ଜାଣି ।

ସକାଳରୁ ସଂଜ ରାନ୍ଧିବା, ବଢିବା
ସକଳ ପଇଟି ସାରି,
ଶୋଇବା ଶେଯରେ ଭାଇ ଫଟୋ ଧରି
ମନେ ହେଉ ଥାଏ ଘାରି ।
ପରଦେଶୀ ଭାଇ ଚିଠି ଲେଖିଛନ୍ତି
ଆସିବାକୁ ଏଇ ସନ,
ଭରା ଯଉବନ ନୁଆବୋଉ ମନ
ହେଉଥାଏ ଛନଛନ ।
ହାତେ ଓଢଣୀ ରେ ନୁଆବୋଉ ମୁହଁ
କେହି ନ ପାରନ୍ତି ଦେଖି,
ଝରକା ଫାଙ୍କରେ କଦବା କେମିତି
ପଡ଼ିଯାଏ କାହା ଆଖି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

*********O*******

ସେକାଳ ପଖାଳ ସପନ ହୋଇଛି
ଯୁଗ ତ ବଦଳି ଗଲାଣି,
ନିପଟ ଗାଁ ରୁ ନୂଆବୋଉ ଆସି
ସହରରେ ରହିଲାଣି ।
କାଲି ସିନା ଥିଲା କାହାର ବୋହୂ ସେ
ଆଜି ଆଉ କା'ର ଶାଶୂ ହୋଇଛି
ଯୁଗ ସଙ୍ଗେ ତାଳ ଦେଇ ନୁଆବୋଉ
ନିଜକୁ ବୁଝେଇ ଦେଇଛି
କାଲି କରୁଥିଲା ବାସି ପାଇଟି ସେ
ଗୋବର କୁ ପାଣି କରି
ଆଜିବି କରୁଅଛି ଘରକୁ ପବିତ୍ର
କେମିକାଲ ସ୍ପ୍ରେ ଧରି
ନୂଆଉ ମଥାରୁ ଓଢଣୀ ଖସୁନି
ତା ବୋହୂ ହଟ୍ ପ୍ୟାଣ୍ଟ ପିନ୍ଧୁଛି
ପଢାଲେଖା ପିଲା କହି ନୁଆବୋଉ
ଆଖି ମଳି ମଳି କାନ୍ଦୁଛି
କାଲି ରାନ୍ଧୁଥିଲା ଚୁଲି ମୁଣ୍ଡେ ବସି
ଆଜି ଗ୍ୟାସ୍ ଚୁଲିରେ ରାନ୍ଧୁଛି,
ହାତରୁ ରୋଷେଇ ଯିବନହିଁ କେବେଁ
ନୁଆଉ ଫୋନରେ କହୁଛି ।

ଭୁବନେଶ୍ୱର, ଖୋର୍ଦ୍ଧା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କିଏ ତୁମେ ?



ଦେବାଶିଷ
ମହାପାତ୍ର

ମୁଁ ତୁମକୁ ଚିହ୍ନିନି

ଯଦିଓ ତୁମେ ମୋ ସହ

ସବୁବେଳେ ଥାଅ

ମୋ ଶୋଇବା ଘରେ

ଖାଇବା ଟେବୁଲ୍ ରେ

ପଢ଼ା ଘରେ

ପ୍ରେମିକାର ଚିଠିରେ

ଗାଁ ମାଟିରେ

କବିତାର ପ୍ରତିଟି ଶବ୍ଦରେ ।।

କିନ୍ତୁ କାହିଁକି ?

ମୁଁ କିଏ ତୁମର ?

ମୁଁ ଏତିକି ଜାଣେ

ତୁମକୁ ଚିହ୍ନି ହେବନାହିଁ

ହୁଏତ ତୁମେ

ଚିହ୍ନେଇହେବାକୁ ଚେଷ୍ଟା କରୁଥାଇପାର

ଏକ ପରିଚୟ ବିହୀନ

ଠିକଣା ନେଇ ।।

ଅତିଥି ଅଧ୍ୟାପକ, ଗଣିତ ବିଭାଗ

ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, ବଲାଙ୍ଗୀର

ମୋ - ୯୭୬୬୩୪୯୭୨୨

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ମୁଁ ଗଛଟିଏ



ମନୀଷ କୁମାର ପଣ୍ଡା

ସୂର୍ଯ୍ୟର ପ୍ରଚଣ୍ଡ ତାପ ହେଉ
କିମ୍ବା ବର୍ଷାର କରାଳ ରୂପ ।
କାଳ ବୈଶାଖୀର ଲୁ ହେଉ
ଅବା ଲଘୁଚାପ ମହାବାତ୍ୟା ।।
ମୁଁ ସ୍ଥାଣୁ, ମୁଁ ଅବିଚଳିତ ମୁଁ ଠିଆ ହୋଇଛି,
ମୁଁ ଗଛଟିଏ.....
ମୁଁ ଗଛଟିଏ.....
ମୁଁ ଗଛଟିଏ..... ୧
ପଥିକଙ୍କ ମାର୍ଗର ଛାଇ ହେଉ
ଅବା ଉଡାପକ୍ଷୀର ବାସସ୍ଥାନର ପ୍ରବନ୍ଧ ।
ଫୁଲ ଫଳରେ ମନ ମୋହି ହେଉ
ଅବା ସୃଷ୍ଟି ଆରମ୍ଭରୁ ଜୀବନ ସନ୍ଦର୍ଭ ।।
ମୁଁ ଜୀବନ ସୃଷ୍ଟିର କାରଣ,
ମୁଁ ଗଛଟିଏ.....
ମୁଁ ଗଛଟିଏ......
ମୁଁ ଗଛଟିଏ...... ୨
ଅମ୍ଳଜାନର ପ୍ରବାହ ହେଉ
ଅଙ୍ଗାରକାମ୍ଳର ପାଚନ ।
ଅଗ୍ନିର ଉତାପ ହେଉ କି ପବନ
ଭଗବାନଙ୍କ ଅମୂଲ୍ୟ ଅବଦାନ ।।
ମୁଁ କରେ ଖାଦ୍ୟର ଆବଶ୍ୟକତା ପୂରଣ,,,
ମୁଁ ଗଛଟିଏ.....
ମୁଁ ଗଛଟିଏ.....
ମୁଁ ଗଛଟିଏ..... ୩
ପ୍ରକୃତିକୁ ସବୁଜ ସୁନ୍ଦର ହେଉ
ଅବା ଫୁଲର ସେ ମଧୁର ବାସ ।
ମୃତ୍ତିକାର ନିୟନ୍ତ୍ରଣ ହେଉ
ଅବା ତାପମାତ୍ରା ସନ୍ତୁଳନ ।।
ମୁଁ ଜୀବନ, ମୁଁ ହିଁ ସୃଷ୍ଟିର କାରଣ,
ମୁଁ ଗଛଟିଏ ....
ମୁଁ ଗଛଟିଏ.....
ମୁଁ ଗଛଟିଏ..... ୪

ମାଣତିରି,ଯାଜପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସହୀଦ୍ ୧୫



ସ୍ମୃତିରଞ୍ଜନ ବାରିକ

ସ୍ୱାଧୀନ ଚିତ୍ତର ସ୍ୱାଧୀନ ହସ୍ତରେ,
ସ୍ୱାଧୀନ କରଇ ଯୁଦ୍ଧ;
ପରାଧୀନ ଗ୍ଲାନି ପରର ଗୋଲାମୀ,
ସ୍ୱାଧୀନ ମାଗଇ ସୁଧ ।.......୧

ସ୍ୱାଧୀନ ଜନ୍ମଇ ସ୍ୱାଧୀନ ବଢଇ,
ସ୍ୱାଧୀନତା ପରିଚୟ;
ଭାବନା ସ୍ୱାଧୀନ କର୍ମରେ ସ୍ୱାଧୀନ,
ପରାଧିନ ଦେହେ ଭୟ ।......୨

ସ୍ୱାଧୀନ ମନରେ ସ୍ୱାଭିମାନୀ ଚାଲେ,
ସ୍ୱାଧୀନକୁ କରି ଅସ୍ତ୍ର;
ପରାଧୀନତାର କୁଠାର ନିନ୍ଦାକୁ,
ସ୍ୱାଧୀନ ତଡ଼ଇ ଶସ୍ତ୍ର ।........୩

ସ୍ୱର୍ଣ୍ଣର ଚଢେଇ ନାମରେ ବିଖ୍ୟାତ,
ସ୍ୱାଧୀନ ବିଶାଳ ଦେଶ;
ପଞ୍ଜୁରୀ ଭିତରେ ପକ୍ଷୀ ଛଟପଟ,
ବନ୍ଦୀର ଫାଶରେ ଝାସ ।.....୪

ମୁକ୍ତିର ବିହଙ୍ଗ ଖୋଜେ ଆଜି ଗୃହ,
ସ୍ୱୟଂ ଗୃହେ ଅନ୍ଧକାର;
ଶାଖାର ଶାଖାକୁ ଉଡି ନ ପାରଇ,
ଖଣ୍ଡାଅଗ୍ରେ ଚାଲେ ଧାର ।......୫

ସ୍ୱାର୍ଥର ବାହନ ଏକତା ବିହୀନ,
ଟାଣେ ପରାଧୀନ ଗାର;
ଅଜ୍ଞାନ ଜ୍ଞାନରେ ସାରଥୀ ଟାଣଇ,
ପ୍ରବଞ୍ଚକ, ମିଥ୍ୟାଚାର ।.......୬

ଦ୍ୱନ୍ଦ୍ୱ ଯୁଦ୍ଧେ ଲିପ୍ତ ଦେଶର ସମ୍ରାଟ,
ପରସ୍ପର ମଧ୍ୟେ ଝାସ;
ବିରୋଧ ଭାବର ଫାଇଦା ବିରୋଧୀ,
ଦେଶ ମଧ୍ୟେ କରେ ନାଶ ।.......୭

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଅତ୍ୟାଚାରୀ ଫାଶେ ଫଶଇ ସମଗ୍ର,
ଉଦର ଫାଟଇ ଅନ୍ତେ;
କେତେଯେ ଜୀବନ ଅଗ୍ନିରେ ମିଶଇ
ଇହଲୀଳା କରେ ସତେ ।......୮

କ୍ରୁରର କ୍ରୁରତା ଛୁଏଁ ଶୀର୍ଷ ସୀମା,
ଧରିତ୍ରୀ ହୁଅଇ ବ୍ୟସ୍ତ;
ଗର୍ଭଚିରି ଭୂଇଁ ବୀରକୁ ଜନ୍ମାଇ,
ଚାହେଁ ଅନ୍ୟାୟର ଅସ୍ତ ।.......୯

କେତେଯେ ବୀରତ୍ୱ ମାଟିରେ ମିଶଇ,
ନୂତନ ପ୍ରଭାତ ନିଶା;
ପିଣ୍ଡର ପରାଣ ଭୂମିରେ ଚରଣ,
ଧୂଳି ବୋଳିଦିଏ ଆଶା ।........୧୦

ବରଷ ବରଷ ପରାଧୀନ ଧ୍ୟାନ,
ରୁଧିର ପୋଛଇ ଲୁହ;
ସତ୍ୟର ପଥରେ ଅହିଂସା ଅସ୍ତ୍ରରେ
ମୋହ ଧରିଥାଏ କୋହ ।.........୧୧

ଭଗତ୍ ଆତ୍ମା ରେ ସୁଭାଷ ନେତାରେ,
ଗଢିଦିଏ ଏକ ସୌଧ;
ମାଡି ଚାଲିଯାଏ ରକତ ନଦୀରେ,
ସହୀଦ ମାଂସର ପଥ ।.......୧୨

ସ୍ୱାଧୀନ ଆସଇ ସ୍ୱାଧୀନ ଫେରଇ
ବୀରର ଭୂମିକୁ ପରେ;
ସ୍ୱାର୍ଥର ନିଶାରେ ଜାତିର ଭେଦରେ,
ବିଭାଜିତ ଦେଶ ଥରେ ।.......୧୩

ସ୍ୱାଧୀନ ମିଳଇ ସ୍ୱାଧୀନ ଜିହ୍ୱାରେ,
ଦରିଦ୍ର ମାଗଇ ମୂଲ;
କାଗଜ କଲମେ ଲେଖାହୁଏ ଖାଲି,
ଆମେତ ସ୍ୱାଧୀନ ଚାଲ ।.......୧୪

କାନ୍ଦଇ ଅଗଷ୍ଟ ଝରାଏ ଅଗଷ୍ଟ,
ଅଶ୍ରୁପୂର୍ଣ୍ଣ ଅଭିଶାପ;
କେତେଯେ ଅଗଷ୍ଟ ବଳିପଡିଯିବେ,
ତାରିଖ ପନ୍ଦର ଶାପ ।.......୧୫

ଗ୍ରାମ:-ଅନୁପଲା,ପୋ:-ଅନ୍ତେଇ,
ଜିଲ୍ଲା:-ଜଗତସିଂହପୁର,
smrutiranjanbarik.smruti@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍ୱାମୀ ବିବେକାନନ୍ଦ



ଆଶୁତୋଷ ଠାକୁର

ଭାରତ ମାତାର ସୁଯୋଗ୍ୟ ସନ୍ତାନ
ତୁମେ ହେ ! ବିବେକାନନ୍ଦ,
ବିବେକବନ୍ତ ଭକ୍ତିରେ ଆନନ୍ଦିତ
ଛାଡ଼ି ମାୟା ମୋହ ଛନ୍ଦ ।

ରାମକୃଷ୍ଣଙ୍କର ପରମ ଭକତ
ମାଆ ଶାରଳାଙ୍କ ପ୍ରିୟ,
ବିଶ୍ୱନାଥ ପିତା ଭୁବନଶ୍ୱରୀ ମା'
କୋଳରେ ଥାପିଲ ପାଦ ।

ସଂସ୍କାର ଆଣିଲ ଦାର୍ଶିନିକ ହେଲ
ପୃଥିବୀ ଭ୍ରମଣ କରି,
ଭାରତ ମାତାର ଯଶ ଉଡାଇଲ
ନିଜ ଧରମକୁ ବରି ।

ଚିକାଗୋ ସହର ଆଜିବି ହେଜୁଛି
ତୁମ ବାକ୍ୟବାଣ ନୀତି,
ରାଗ-ହିଂସା-ଲୋଭ ମୋହଠୁ ଦୂରେଇ
ହୋଇଥିଲ ବିଶ୍ୱପତି।

ତୁମରି ନାମରେ କେତେ ଅନୁଷ୍ଠାନ
ଦେଶରେ ମଥା ଟେକିଛି,
ତୁମେସିନା ନାହଁ ତୁମରି ପ୍ରେରଣା
ସର୍ବ ହୃଦେ ରହିଅଛି ।

ହିନ୍ଦୁ ଧରମକୁ ବିଶ୍ୱ ଦରବାରେ
ତୁମେ କରି ପରିଚୟ,
ବାନା ଉଡ଼ାଇଲ ଭାରତ ଦେଶର
ପୂଣ୍ୟପ୍ରାଣ ସ୍ମରଣୀୟ ।

ମଣ୍ଡଲ, ବଲାଙ୍ଗିର,
୯୯୩୭୯୩୩୧୧୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ରଥାରୂଢ଼ ମହାବାହୁ



ମନୋରଞ୍ଜନ
ସୁରୁଜାଳ

ଜଗତ ମୋହନ ଆହେ ଜନାର୍ଦ୍ଦନ
ଶଇଳ କନ୍ଦର ବାସୀ,
ମହୋଦଧି ତୀର ଶିରି ଶଂଖ କ୍ଷେତ୍ର
ହୃଦୟ ଗଗନ ଶଶି । (୧)
ଷାଠିଏ ପଉଟି ରାଜ ଭୋଗ ଅନ୍ନ
ଆନନ୍ଦ ବଜାର ସରି,
ବସିକି ମଣ୍ଡନ କରୁଛ ଶାସନ
ରତ୍ନ ସିଂହାସନ ପାରି । (୨)
ଭାଇ ଓ ଭଉଣୀ ସଙ୍ଗେ ବିଜେ ରଥେ
ଭକତ ଦର୍ଶନ ପାଇଁ,
ତାଳଧ୍ୱଜ ଦେବଦଳନ ସଙ୍ଗ ରେ
ନନ୍ଦିଘୋଷେ ଭବସାଇଁ ।(୩)
ପଲକ ନ ପଡେ ଭକତ କୁ ଲୋଡେ
ଜକେଇ ଆସଇ ଲୁହ,
ଟେକି ବେନି ଭୁଜ ଭକତ ସୁମରେ
ଦରଶନ ଟିକେ ଦିଅ । (୪)
ପାଖରୁ ଦର୍ଶନ କି ଝରିବ ଲୁହ
ମୋ ଦୁଃଖରେ ହେବ ଦୁଃଖୀ,
ଲୁଚେଇ ଗଡାଏ ଆଖିରୁ ଲୋତକ
ଅଜଣା କି ଚକାଆଖି ? (୫)
ଭକତ ବିହିନ ବଡଦାଣ୍ଡ ଆଜି
ପାଖେ ପଣ୍ଡା ପଡିହାରୀ,
ଦଇତା ସେବକ ସେବାୟତ ସଙ୍ଗେ
ରଥ ଟାଣ ହେ ମୁରାରୀ । (୬)
ଆର ବରଷକୁ କଥା ଦିଅ ପ୍ରଭୁ
ଭକ୍ତ ସଂଗେ ରଥଯାତ
ନ କରିବ ହେଳା ଆହେ ଚକାଡୋଳା
ଯୋଡୁ ଅଛୁ ଦୁଇ ହାତ । (୭)
ରଥରେ ପଥରେ ଚାହିଁଛି ଭକତ
ଏତିକି ମାଗୁଣି ହେଉ,
ବାଞ୍ଛା କରି ପୂର୍ଣ୍ଣ ଦେବ ହେ ଦର୍ଶନ
ରଥାରୂଢ ମହାବାହୁ । (୮)

ଆଇଁଲାପାଲି, ଧମା, ସମ୍ବଲପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଟିକି ଟିକି



ଝରଣା ବାରିକ

ଟିକି ଟିକି ତାରା ଫୁଲେ
ଆକାଶଟା ସୁନ୍ଦର
ଟିକି ଟିକି ଫୁଲ ଫୁଟି
ବଗିଚା ମୋ ସୁନ୍ଦର ।
ଟିକି ଟିକି ପିଲା ମେଳେ
ଘର ଦିଶେ ସୁନ୍ଦର ।
ଟିକି ଟିକି ପକ୍ଷୀ ମାନେ
ଉଡୁଥିଲେ ସୁନ୍ଦର ।

ଟିକି ଟିକି ଧୂଳି ପାଇଁ
ଗାଆଁ ଦାଣ୍ଡ ସୁନ୍ଦର,
ଟିକି ମହୁ ମାଛି ପାଇଁ
ମହୁ କେଡେ ସୁନ୍ଦର ।

ଟିକି ଝରଣା ଟି ପାଇଁ
ପରବତ ସୁନ୍ଦର,
ଟିକି ଟିକି ନଦୀ ପାଇଁ
ସାଗର ଟି ସୁନ୍ଦର ।

ଟିକି ସାମୁକାର ଦେହେ
ମୁକୁତା ଟି ସୁନ୍ଦର,
ଟିକି କାଗଜ ଡଙ୍ଗାଟି
କୁନି ହାତେ ସୁନ୍ଦର ।
ଟିକେ ଟିକେ କହୁଥିଲେ
କଥା କେଡେ ସୁନ୍ଦର
ଟିକି ଓଠେ ହସ ଥିଲେ
ଦୁନିଆଁ ଟା ସୁନ୍ଦର ।

ସମଲ, ତାଳଚେର, ଅନୁଗୋଳ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଖାଲି ଖାଲି



ନିରଞ୍ଜନ ସାହୁ

କବିତା ସହିତ ବେଳେବେଳେ ଭେଟ
ହୋଇଥାଏ ଆଜିକାଲି
କେତେବେଳେ ହସେ କେତେବେଳେ କାନ୍ଦେ
କେବେ ରାଗେ ହୁଏ ନାଲି ।

ସମୟ ଅଭାବ ଦର୍ଶାଇ ସିନା ମୁଁ
କବିତାଠୁଁ ଦୂରେ ଯାଏ
କବିତା ସର୍ବଦା ମୋହରି ସାନ୍ନିଧ୍ୟ
ଏକାନ୍ତରେ ଖୋଜୁଥାଏ
ଇଚ୍ଛା ରଖିଥାଏ ବେଳ ଅବେଳରେ
ମୋ ପାଖେ ଆସନ୍ତା ଚାଲି ।

କବିତାକୁ ସିନା ଭଲପାଏ ହେଲେ
ପାରେନା ଆଦର କରି
କବିତା ପାଖକୁ ଯାଇପାରେ ନାହିଁ
ଭାବନା ଯାଏ ମୋ ମରି
ତଥାପି କବିତା ବିନା ଏ ଜୀବନ
ଲାଗିଥାଏ ଖାଲିଖାଲି ।

ନିହଲପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ–୭୫୯୦୧୬
ଦୂରଭାଷ – ୯୯୩୮୭୪୧୫୮୩

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ରାକ୍ଷୀ



ସନାତନ ମହାକୁଡ଼

ବରଷକୁ ଥରେ ରାକ୍ଷୀ ଆସିଥାଏ
ଏଇ କଥା କହିବାକୁ
ମୁହିଁ ଖାଲି ନୁହେଁ ସୂତା ଖିଅଟିଏ
ହାତରେ ବନ୍ଧା ହେବାକୁ ।
ରାକ୍ଷୀଟିଏ ମୁହିଁ ସାକ୍ଷୀଟିଏ ହୋଇ
କରୁଅଛି ଏଇ ଅଳି
ମୋର ପାଇଁ ଭାଇ ଶପଥ କରଇ
କାଳିଆ ସୁଭଦ୍ରା ଭଳି ।
ଭଲମନ୍ଦ ଆଉ ବିପଦ ବେଳରେ
ରଖିବ ଭଉଣୀମାନ
ତୁଚ୍ଛ ହୋଇଯାଉ ସଂପର୍କ ପାଖରେ
ଯେତେ ସବୁ ଜ୍ଞାନ ଧନ ।

ଭଉଣୀ ସେମିତି ଭାଇର ହାତରେ
ରାକ୍ଷୀକୁ ବନ୍ଧନ କରି
ଶୁଭ ମନାସଇ ଈଶ୍ୱର ପାଖରେ
ଶୁଣ ପ୍ରଭୁହେ ଗୁହାରି ।
ଆସୁ ଏ ଜୀବନେ ଯେତେ ଝଞ୍ଜା ଝଡ଼
ଡର ନାହିଁ କାହାରିକୁ
ଭାଇ ପରା ଅଟେ ଆକାଶଠୁ ବଡ଼
ଛାଇ ପରି ରହିବାକୁ ।

*ଗ୍ରାମ/ପୋ. ଅ: ଢେରୁଆଁବାରୀ
ଜିଲ୍ଲା:ନୟାଗଡ଼- ୭୫୨୦୮୨,ଓଡିଶା ।
ଦୂରଭାଷ: ୯୩୩୯୬୧୦୧୨୮
ଇମେଲ୍: sanmahakud@gmail.com
www.sanatanmahakud.in

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ସମ୍ପର୍କର ଡୋରି



ଶଶିକାନ୍ତ ମେହେର

ସମ୍ପର୍କ ର ଡୋରି ଏମିତି ନୁହଁଇ
ଯାହା ଦୁଇ ଦିନପରେ ଛିଣ୍ଡି ଯାଏ !

ଯାହା ସହ ସମ୍ପର୍କ ଯୋଡ଼ିହୋଇ ଗଲେ
ସେ ସମ୍ପର୍କର ଡୋରି ସବୁଦିନ ବନ୍ଧା ରହେ !

ସମ୍ପର୍କର ଡୋରି ଏମିତି ଶକ୍ତ ଡୋରି ଅଟେ
ଯାହା ସବୁଦିନ ବହୁ ସଶକ୍ତ ରହିଥାଏ !!

ଜନ୍ମ ହେଲା ମାତ୍ରେ ସମ୍ପର୍କ ଡୋରୀରେ
ସମସ୍ତେ ବନ୍ଧା ରହିଥାନ୍ତି ଯାହା ଆଜୀବନ ରହେ !!

ସମ୍ପର୍କର ଡୋରି ସମସ୍ତଙ୍କ ସହ ବନ୍ଧା ରହିଥାଏ
ସଂସାରେ କୁଟୁମ୍ବ ଆଉ ବନ୍ଧୁ ସମସ୍ତଙ୍କ ସହ ବନ୍ଧା ରହେ !!

ଗ୍ରାମ- ଜମଲା, ବ୍ଲକ- ପଦ୍ମପୁର, ଜିଲ୍ଲା - ବରଗଡ଼,
ପିନ୍ - ୭୬୮୦୪୯ , ମୋବାଇଲ୍ ନମ୍ବର - ୮୦୧୮୧୬୮୯୬୮

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରେମ ମଇତ୍ରୀ



ଗୁପ୍ତେଶ୍ୱର ଚାନ୍ଦ

ସତରେ ଆଜି କି ଖୁସିର ଦିନ,
ଆନନ୍ଦ -ସରସୀରେ ମନ -ମୀନ ।
ଅଜଣା ପୁଲକେ ଏ ମୋ' ପରାଣ,
ରୋମାଞ୍ଚିତ ଶରୀର ସର୍ବାଙ୍ଗୀନ ॥୧

ପରାଧୀନତାର ଶକ୍ତ ଶିକୁଳି,
ବିଦେଶୀମାନଙ୍କ ବନ୍ଧୁକ ଗୁଳି ।
ଭ୍ରୁକ୍ଷେପ ନ କରି ନିଜକୁ ବଳି,
ଦେଇ ମୁକ୍ତି-ଫଳ ଆଣିଲେ ତୋଳି ॥୨

ବିଜୟ କେତନ ଉଡ଼ାଇ ନଭେ ,
କେତେ ବୀର ପୁତ୍ର କାଳ ଗରଭେ ।
ହଜି ଗଲେ ରଖି ଯଶ କୀରତି,
ତ୍ରିରଙ୍ଗା ଧ୍ୱଜା ତା' ଅମ୍ଳାନ ସ୍ମୃତି ॥୩

ପୂର୍ବପୁରୁଷ ଙ୍କୁ ଦେବା ସମ୍ମାନ,
ଜାତୀୟ ସଙ୍ଗୀତ କରିବା ଗାନ ।
ସଭିଙ୍କୁ ଏକତା-ସୂତ୍ର ରେ ବାନ୍ଧି,
ଆଦର୍ଶ ରଖିଲେ ମହାତ୍ମା ଗାନ୍ଧୀ ।
ଶ୍ରୀ ନେହେରୁ, ଶାସ୍ତ୍ରୀ, ନେତାଜୀ ଆଦି
ମୁକ୍ତି ସଂଗ୍ରାମୀ ପିନ୍ଧିଥିଲେ ଖଦୀ ॥୪

ତାଙ୍କରି ପବିତ୍ର ଆତ୍ମା କୁ ଶାନ୍ତି ,
ମିଳିବ ନିଶ୍ଚେ ଏ ସତ୍ୟ ଭାରତୀ ।
ଭାରତ ବାସୀ ସ୍ଥାପିବା ଆମେ ହେ
ସମଗ୍ର ବିଶ୍ୱରେ ପ୍ରେମ-ମଇତ୍ରୀ ॥୫

ଗ୍ରାମ /ପୋଷ୍ଟ :-ସମାସିଂହା,
ଜିଲ୍ଲା :-ଝାରସୁଗୁଡା, ମୋ.୭୬୮୩୮୪ ୧୦୬୪.

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ହେ ମଙ୍ଗଳମୟ



ସରୋଜିନୀ ମିଶ୍ର

ଜଗତ୍  ପିତା ତୁମେ
ଜଗତ୍ ମାତା ତୁମେ
ଭକତ  ବାନ୍ଧବ
ଦୁଃଖ  ହାରି ତୁମେ
ପ୍ରଳୟ  କରତା
ସୃଷ୍ଟି କର୍ତ୍ତା  ତୁମେ
ତୁମଲୀଳା  କିଏ ବୁଝିବ
ଦେବେ ଅଗୋଚର ତୁମ ଲୀଳାଖେଳା
ଅକିଞ୍ଚନେ କିବା ସମ୍ଭବ   ?

କେଉଁ ଲୀଳା କର
କରୋନାକୁ  ଛାଡି
ଯାତରା କରୁଛ
ଭକତଙ୍କୁ  ତଡି
ବିଶ୍ୱପ୍ରାଣ ବିଶ୍ୱ
କାନ୍ଦୁଅଛି ଆଜି
କିଏ ଆଉ  ଦୁଃଖ  ହରିବ
ମାୟାଧର  କେଉଁ ମାୟା ଲଗାଇଛ
ମାୟାର  ଡୋରି କେ କାଟିବ   ?

ଦୀନବନ୍ଧୁ ଦୁଃଖ
ହର  ଜଗନ୍ନାଥ
ନିବେଦନ ଶୁଣ
ନକର  ଅନାଥ
ବିଶ୍ୱ ପାରାବାରେ
ଖୁସିର  ଲହରୀ
ଛନ୍ଦା ଚରଣ  ଖେଳାଇବ
ହେ ମଙ୍ଗଳମୟ  ମଙ୍ଗଳ  ଆଳୟ
ଦୀନଜନେ  ଦୟା  କରିବ   ।

ଆଲୋକନଗର,  ଆମ୍ବପୁଆ
ବ୍ରହ୍ମପୁର, ଗଞ୍ଜାମ
ଭ୍ରାମ୍ୟ ଭାଷ : ୯୯୩୮୪୬୫୨୦୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଝରକା ସେପାଖର ଇନ୍ଦ୍ରଧନୁ



ରୋଜାଲିନ୍
ବେହେରା

ରାତି ଠିକ୍ -୧୦:୨୦
ରାୟଗଡା ଷ୍ଟେସନର
ଘୁମେଇଲା ଘୁମେଇଲା ପ୍ଲାଟଫର୍ମ,
ହୀରାଖଣ୍ଡର କ୍ଲାନ୍ତ ଲମ୍ବିତ କାୟା,
ଚାଇଁ ନିଦରେ ଗୁମୁରୁଥିବା
ମୋ ପୋଡ଼ିଲା ପୋଡ଼ିଲା ଆଖି ।

ବଗି ଭିତରର ଜୁକୁଜୁକୁ ଆଲୁଅ,
ବାସ୍ ନିଜ ସିଟ୍ ଚିହ୍ନିବା ପାଇଁ ଯଥେଷ୍ଟ...
ବାହାରର କୋହଲା ସିରି ସିରି ପବନରେ
ଥରିଉଠୁଥିବା ଦର ଓଦା ପ୍ଲାଟଫର୍ମ୍ ।

ଚାଏ ଚାଏର ଝାପସା କୋଳାହଳ,
ଧାଁ ଧପଡ଼ ଚା'ବିକାଳୀ ଗୁଡ଼ାଙ୍କର
ଡଗ ଡଗ ଚାଲି ଭିତରେ ବାରିହେଇପଡୁଥିବା
କ୍ଲାନ୍ତ କୁନି ବେପାରୀଟି ,
ମୁଣ୍ଡରେ ଦରତିନ୍ତା କସରିଆ ଗାମୁଛା ଖଣ୍ଡକ,
ବକଲ୍ ମୋଡା ପ୍ୟାଣ୍ଟ ପିନ୍ଧା
କଙ୍କାଳିଆ ଜୀର୍ଣ୍ଣଶୀର୍ଣ୍ଣ ଛୁଆଟା ।

ବୟସ ସମ୍ପୂର୍ଣ୍ଣ ଅସ୍ପଷ୍ଟ..
୧୧ ବି ହେଇପାରେ, ୨୧ ବି ହେଇପାରେ ।
ଦଳାକୁଚା ବୋତାମଫିଟା ସାର୍ଟରୁ
ଚା, କଫିର ଦୁଧିଆ ଦୁଧିଆ ଗନ୍ଧ ।
"ନନୀ, ଚାଏ ଏକ୍ ଠୋ, ଲେ.. ନା"

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗରମ ଚା' କୁ ତା' କୋଲମରା ହାତ,

ବୋଧହୁଏ ଦିନଯାକର ବର୍ଷା ମାଡ଼ ।

ହାତରେ ମୋର ୨୦୦ ଟଙ୍କିଆ ନୋଟ୍ ,

"ଚିଲରା ଦେ ନନୀ..ପାଞ୍ଚ୍ ଟାକା" ...

ମୁହଁରେ ମୋର ଥକ୍କାଳିଆ ହସ ,

"ପାଞ୍ଚ ଟଙ୍କା ତ ନାହିଁରେ ବାବା ,,,

ଏଇ ନେ ଗୋଟେ ବିସ୍କୁଟ ପାକେଟ୍ "..

ଗହଳି କାଟି ପିଲାଟି ଚାଲୁଥିଲା ଆଗକୁ

ଆଗକୁ..

ବଗି ଭିତରୁ ଓହ୍ଲେଇବା ଯାଏଁ.. ।

ଆଉ ତା'ପରେ.., ହାୟ ! !

ଝରକା ସେପାଖର ସେହି

ଅନିନ୍ଦ୍ୟ ଅଲିଭା ଶେଷ ଦୃଶ୍ୟ,,

ଦ୍ୱାରିକା ପତିଙ୍କ ଖୁଦ ମୁଠାକର ତୃପ୍ତି ଭଳି

ଆଃ ! !,,ଖାଦ୍ୟ-କ୍ଷୁଧାର୍ଥର ଅପୂର୍ବ ମିଳନ,

ପାଖରେ ଉଡୁଥିବା ଫୁଲେଇ ବିସ୍କୁଟ ଜରି.. ।

ହର୍ଣ୍ଣ ମାରି ମନ୍ଥର ଗତିରେ

ଗଡିବାକୁ ଆରମ୍ଭ କରୁଥିବା

ହୀରାଖଣ୍ଡର ଯାନ୍ତ୍ରିକ ଚେହେରା ଖଣ୍ଡକ ।

ଝରକା ଏପାଖରେ

ଚରମ ତୃପ୍ତିର ବିସ୍ତୀର୍ଣ୍ଣ ଫୁଲ ଶେଯ,

ମୁହଁ କାଢି ଧନ୍ୟବାଦ ଦେଉଥିବା

ମୋ ପାପୁଲି ଭିତରର

ପାଞ୍ଚ ଟଙ୍କିଆ କଏନ ଟା,

ଆଉ କୋହଲା ପାଗର କାଲୁଆ

ଛାଟ ଖାଇ ଖାଇ ଆଗକୁ ଦୌଡୁଥିବା

ହୀରାଖଣ୍ଡ ଟ୍ରେନଟା.... । ।

ପାଟସୁନ୍ଦର ପୁର, କଟକ

୭୩୭୭୯୩୧୩୮୦

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଅସ୍ତିତ୍ୱ



ସତ୍ୟରଞ୍ଜନ ଘିଭାଲା

ଅସ୍ତିତ୍ୱର ନଜିର୍ ରହେନା ଯେବେ
ଥାଏ ତାହା ଅତି ନିକଟତର,,
ଭାରି ବିଚଳିତ ଭରା ମନେପଡେ
ଯେବେ ତାହା ବଢିଯାଏ କିଛି ଦୂର......
ମୂଲ୍ୟ ବୁଝିହୁଏନା ସେହି
ଅମୂଲ୍ୟ ମୁହୂର୍ତ୍ତର,,
ଯେବେ ଯାଏଁ ସମୟ ନ କରିଛି
ସ୍ମୃତି ଗୁଡ଼ିକର ଯେ ପରିହାର......
ନିର୍ଜନତାରେ ଦୃଶ୍ୟମାନ ହୁଏ
ସେହି ଅଲିଭା ଦିନମାନ ,,
ଇଚ୍ଛା ହୁଏ ସେହି ସମୟକୁ
ଫେରାଇଆଣି କରିବାକୁ ଥରେ ଆଲିଙ୍ଗନ......
ପୋଛି ଦେଇ ପାରିଲେ
ନିଜ ମନୁ ସବୁ ଅହଙ୍କାର,,
ପୁଣି ଥରେ ଫେରି ପାଇବା ସେହି
ସମ୍ପର୍କ ଯାହା ଲାଗେ ଅତି ଆପଣାର...... ।

ଢେଙ୍କାନାଳ
୯୩୪୮୯୦୮୨୫୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ରାକ୍ଷୀ ପୂର୍ଣ୍ଣିମା



ସୁରେଶ ଚନ୍ଦ୍ର ପାଢ଼ୀ

ଆସିଛି ଆଜି ରାକ୍ଷୀ ପୁର୍ଣିମା

ଭଉଣୀ ସ୍ନେହର ନାହିଁ ସୀମା

ଭାଇ ହାତରେ ଭଗ୍ନି ରାକ୍ଷୀ

ବାନ୍ଧି ଦିଅଇ

ଭାଇର ମଙ୍ଗଳ ପାଇଁ ନୀତି

ମନାସଇ

ରାକ୍ଷୀର ଡୋରି ରକ୍ଷା କରିବ ଭାଇକୁ

ରାକ୍ଷୀର ପାଉଣାରେ ଭାଇ ରଖିବ

ଭଉଣୀର ମାନକୁ

ଦେବା ନେବାର ପରବ ଏ ତ ନୁହଁଇ

ଅତୁଟ ବନ୍ଧନେ ଏଇ ପରବ ବାନ୍ଧି

ଦିଅଇ

ବଳଦେବ ଏହି ପୁର୍ଣିମାରେ ଅବତାର

ନେଲେ

ଦୃଷ୍ଟଙ୍କୁ ନାସି ସେତ ଭକତକୁ ରକ୍ଷା କଲେ

ଗହ୍ମାପୂର୍ଣିମା ନାମରେ ଏ ପର୍ବ ପରିଚିତ ଅଟଇ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଗୋମାତାଙ୍କୁ ହଳ ଲଙ୍ଗଳକୁ ଏ ପର୍ବରେ କୃଷକ  ପୂଜଇ

ଶ୍ରାବଣ ମାସରେ ଏହି ଅନ୍ତିମ ଦିନରେ

କାଉଡିଆ ଭାଇ ଜଳ ଲାଗି କରେ

ମହାଦେବ ଙ୍କୁ ଆନନ୍ଦ ମନରେ

ଏହି ଦିନରେ ଜଗନ୍ନାଥ ବଳଭଦ୍ର

ନୀଳ ହଳଦିଆ ରଙ୍ଗର ପାଟ ସୁତାରେ ରାକ୍ଷୀ ପିନ୍ଧନ୍ତି

ଶ୍ରୀ ମନ୍ଦିରରେ ବଳଦେବଙ୍କ ଜନ୍ମ

ଉତ୍ସବ ସେବାୟତ ମାନେ ପାଳନ

କରନ୍ତି

ବଳି ରାଜାକୁ ମହାଲକ୍ଷ୍ମୀ ଆଜିର

ଦିନରେ ରାକ୍ଷୀ ବାନ୍ଧି ଥିଲେ

ବାମନରୂପୀ ବିଷ୍ଣୁଙ୍କୁ ନିଜ ଧାମକୁ

ସାଥେ ଆଣିଥିଲେ

ଜାତି ଧର୍ମ ନିର୍ବିଶେଷରେ ସଭିଏଁ

ପରସ୍ପରକୁ ରାକ୍ଷୀ ବାନ୍ଧନ୍ତି

ରାକ୍ଷୀ ବନ୍ଧନ ପବିତ୍ର ବନ୍ଧନ ସାରା ଜଗତ ଜାଣନ୍ତି

ବୁଗୁଡ଼ା, ଗଞ୍ଜାମ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅବାରିତ ଅନାହତ



ପିନାକୀ ମିଶ୍ର

ପ୍ରେମ କ'ଣ ପୋଖରୀ
ଯେ ନିଦାଘ ରଡରେ ଶୁଖିଯିବ !
ସ୍ୱପ୍ନମାନେ ଚିତଳପରି ଛଟପଟ ହେବେ !

ପ୍ରେମ କ'ଣ ନଈ !
କାଲିର କଥା ଆଜିକି ନାହିଁ
କୃଷ୍ଣକଜଳ ରାତିରେ
ଲୁହବନ୍ୟା ଭସେଇନେବ ଗୋପନସାଇତା ।

ପ୍ରେମ କ'ଣ
ସବୁ ସୁରିଲା ଚାହାଁଣି !
ସକାଳ ସଜଫୁଟା ସଂଜକୁ ଝାଉଁଳା ।

ପ୍ରେମ କ'ଣ ପ୍ରତିଶ୍ରୁତି !
କଥା ରଖି ନପାରିଲେ
ଦବିଯିବ ପୃଥିବୀର ଛାତି ।

ପ୍ରେମ କ'ଣ
ଗୋପଗାଁ ତୁଣ୍ଡବାଇଦ !
ପାଖରୁ ଘୁଞ୍ଚିଗଲେ ଘନେଇବ କଳାବଉଦ ।

ପ୍ରେମ କ'ଣ
ବାସରଶେଜ ମହୁଆ ଆକର୍ଷଣ !
ଆଲୁଅ ଫିଟିଲେ
ମାଛିଅଂଧାର ଡାକିନେବ ଗାଧୁଆତୁଠକୁ,
ଅନଳ୍ପତୃପ୍ତିର ମୁଦିଲାଆଖିର ଶିହରଣକୁ
ଅଂଧାର ଧରି ଛୁ
ଲୋଚାକୋଚା ଚଦରରେ ସରମ ଲୁଚିଥିବ ।

ପ୍ରେମ କ'ଣ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କଦମ୍ବପସରା ରୂପଲାବଣ୍ୟ !
ଯେ ଖରାରେ ଫିକା ପଡିବନି !

ପ୍ରେମ କ'ଣ
ପ୍ରତୀକ୍ଷାର ଉଜାଗର ରାତି !
ଯଂତ୍ରଣାନଈର ତୁଠେ
ଲୁହ ଲେଖୁଥାଏ ଚିଠି ।

ପ୍ରେମ ତ ପାଚେରୀଡିଆଁ
ପାରିଲାର ବାଚାଳ ନୁହଁ,
ମଦାଳସୀ ଅମୃତହିୟାରେ
କାଠିକୁଟାର ଘର ବି ତ ନୁହଁ ,
ଅଭିମାନ କୂଳଲଂଘିପାରେ ।

ପ୍ରେମ
ଅଣଚାଷ ଉପବାସର ସୁଜାତା କ୍ଷିରୀ
ଗଛମୂଳ ପ୍ରଗାଢ ନୀରବତା
ଦୀପ୍ତଭାରତ ପାଇଁ ରାତିଅଧ ନଈପହଁରା
ସାତଲହଡି ମଠର ମରମ

ମାଟିପିଣ୍ଡାର ଅଂଧଅକ୍ଷର
ଦେଉଳବେଢା ଜୀବନଚର୍ଯ୍ୟା
ଫୁଲକୁଆଁରୀର ପବନଦୋଳି
ବୀଣା ଝଂକାର ବାଉଳିମନର ଉଡାଣ ।

କିଏ କହିଲା
ସାଥୀ, ସଖା ପାଖରେ ଥିବା ଜରୁରୀ !!
ଶିଳା ଚନ୍ଦନବୋଳା
ମାଟି କଳାରବିଭୁତି
ଦୁର୍ଭାଗା ଓଠର ଡାକ
ଛାଁ କୁ ଛୁଁ ଥିବା ଶୀତଳପବନ
ଯୋଜନଦୂରରେ ଥାଇ ବି -
ମିଳେ ଶ୍ରୀମୁଖସାନ୍ତ୍ୱନା
ପ୍ରେମ ତ୍ୟାଗର ସଫଳକୋଟିକମ ।

ଚର୍ଚ୍ଚ ପାଖ, ଜେଲ୍ ରୋଡ, କେନ୍ଦୁଝର-୧
ମୋ ୯୪୩୮୧୯୮୩୯୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନୀଳ ପ୍ରେମିକ : ୧



ସୁଧିରାଜ ରାଉତ

ଶବ୍ଦସବୁ ସରିଗଲା ପରେ
ଭାବନାସବୁ ମରିଗଲା ପରେ
ତୁମ ବଂଶୀ ଶୁଭେ

ତୁମ ବଂଶୀଶୁଭେ
ମୋ ଦିଗ୍ ବଳୟ ସେପାରିରୁ
ମୋ ଭିତର କେଉଁ ଦୂର ଗହୀରରୁ ।

ତୁମେ କଣ
ମରୀଚିକା ନାଁ ମାୟାମୃଗ !

ଦୂରେଇ ନେଉଛ ପ୍ରତିମୁହୂର୍ତ୍ତ
ମୋତେ ମୋ ଠାରୁ ।

ହେ ନୀଳ ମରୀଚିକା !

ମୁଁ କେଉଁ
ମୁଁ ହୋଇଅଛି ଯେ
ମୋତେ ଦୂରାଇ ନେବ

ମୁଁ 'ତ
ମୁଁ ଆଉ ତୁମ ମଧ୍ୟରେ
ଅସ୍ପଷ୍ଟ ବିନ୍ଦୁଟିଏ
ଯିଏ, ନିଜ ପରିଚୟ ନିଜେ ଲିଭାଇସାରିଛି

ମୁଁ ତ
ଅତିକ୍ରମିଥିବା ଧୂସର ଅତୀତ
ପ୍ରିୟ ନୀଳ ଭବିଷ୍ୟତ
ଏହି ସଂଯୋଗ ଛାୟାପଥେ
ଚାଲୁଥିବା ଦେହଟିଏ
ଯାର ଦେହ ନାହିଁ, ଦାହନାହିଁ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୋ ଧୂସର ରଙ୍ଗସବୁ
ଆକର୍ଷଣ ଆଟିକାମାନ ମେଲି
ଆକଟୁଥିଲେ ଅନେକ

ମୋ ପଛେ ଅନେକ ଦୂରଆସି
ଫେରିଗଲେ

ସେମାନଙ୍କୁ କହିଛି
ଫେରିବି, ନୀଳ ନେଇ ଫେରିବି
ଧୋଇଦେବି
ତୃଷ୍ଣାସବୁ, ଧୂସର ଧୂଳିସବୁ

ଦେଖିବ
ମାଟି ବି ଆକାଶ ଭଳି ନୀଳ ହେବ
ନିଶ୍ଚେ ହେବ ...
ଫେରିବି, ନୀଳ ନେଇ ଫେରିବି ।

ହେ ନୀଳ ମରୀଚିକା !
ଏତେ ଦୂର ଆସିବି
ଦେହ ଡେଇଁ, ଦାହ ଡେଇଁ
ଏତେ ଦୂର ଆସିବି

ଏବେ ବି ଲାଗୁଛି

ତୁମ ବଂଶୀ ଶୁଭେ
ମୋ ଦିଗ୍ ବଳୟ ସେପାରିରୁ
ମୋ ଭିତର କେଉଁ ଦୂର ଗହୀରରୁ ।

ପ୍ରକଟ ହୁଅ !
ଜାଣେ, ତୁମେ ନୀଳ ମରୀଚିକା ନୁହଁ
ତୁମେ ତ
ମୋ କୋଷରେ, ମୋ ପ୍ରଶ୍ୱାସରେ
ନୀଳ ବାସ୍ତବତା ।

ପ୍ରକଟ ହୁଅ !
ମୁଁ ଯେ ନୀଳ ନେଇ ଫେରିବାର ଅଛି

ସେମାନେ ଅପେକ୍ଷାରେ ଥିବେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବଞ୍ଚିବି ମୁଁ ଏକା ଏକା



ଶାନ୍ତନୁ କୁମାର ରାଉତ

ତୁମ ନୀରବତା ଲାଗେ ଆଜି ମୋତେ
ଦିଗନ୍ତ ପର୍ବତ ପରି
ସମୟ ସୁଅରେ ଭାସି ବୁଲିଛି ମୁଁ
ଖେଳିବାକୁ ମିଛ ହୋରି

ତୁମ ସହ ପଦେ କଥା ହେଇଗଲେ
ହେଇଯାଏ କେତେ ଖୁସି
ଦୁର୍ବଳତା ମୋର ଧରିନେଲ ତୁମେ
କନ୍ଦାଉଛ ହସି ହସି

ତୁମ ହସ ମୋତେ ଏତେ ଭଲ ଲାଗେ
ମାନେ ନାହିଁ ବାଡ଼ ବନ୍ଧ
ଆଜି ମୁଁ ବୁଝୁଛି ତୁମକୁ ଗୋ ପ୍ରିୟା
ଭଲ ଲାଗେ ମୋ କାନ୍ଦ

ଲୋଡ଼ା ନାହିଁ ମୋର କା ସାଥେ ରହିବା
ବଞ୍ଚିବି ମୁଁ ଏକା ଏକା
ତୁମ ହୃଦୟଟା ତ୍ରିକୋଣୀୟ ନାବ
ପ୍ରେମ ମଲା ମରୀଚିକା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିରହ



ରୋହିତ ସେଠୀ

ମୁଁ ଏଠି ଜଳୁଛି ବିରହ ଅଗ୍ନିରେ
ଅନେକ ଯନ୍ତ୍ରଣା ପାଇ
ଖୋଜୁଛି ତୁମର ପ୍ରୀତି ଆଶ୍ୱାସନା
ନିମିଷେ ଦେବ ଲିଭେଇ,
ପ୍ରୀତି ପୂଜାରିଣୀ ସାଜି
ପ୍ରେମର ଛିଟାକୁ ଛାଟିଦିଅ ଦେହେ
ଧିରେ ଧିରେ ଯିବି ଭିଜି ।

ଜହ୍ନ ଜୋଛନାଟା ଦେହକୁ ପରଶି
ବିରହ ବଢ଼େଇ ଦିଏ
ନିରୋଳାରେ ବସି ବିରହ ସଂଗୀତ
ଗୁଣୁଗୁଣୁ ହୋଇ ଗାଏ,
ତୁମକୁ ମନେ ପକାଏ
ପୁରୁଣା ସ୍ମୃତିକୁ ଅକାରଣେ ଭାବି
ଆଖିରୁ ଲୁହ ଝରାଏ ।

ତୁମେ ଥିଲେ ସିନା ପାଖରେ ମୋହର
ଲୋଡ଼ନ୍ତି ତୁମରି ପ୍ରୀତି
ତୁମେ ନାହଁ ବୋଲି ଅନୁଭବ କରେ
ନିଷ୍ଠୁର ବିରହ ତାତି,
ବିତୁଥାଏ ପ୍ରତି ରାତି
ପ୍ରତୀକ୍ଷାରେ ଥାଏ ପଥ ଚାହିଁ, ତୁମ
ଆଗମନେ ହେବ ଇତି ।

ଦୁତିମେଣ୍ଡୀ, ଖଜୁରୀପଡ଼ା,କନ୍ଧମାଳ
ସମ୍ପର୍କ-୭୭୩୫୨୦୪୩୭୯

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ତୁମେ ନାହଁ ବୋଲି



ଡଃ ମାଙ୍ଗଳିକା ମହାପାତ୍ର

ତୁମେ ନାହଁ ବୋଲି
ମୌସୁମୀ ଆଜି ଅନିୟମିତ
ଅନିୟନ୍ତ୍ରିତ ...ଅସୁରକ୍ଷିତ
ତୁମେ ନାହଁ ବୋଲି ଆଜି
ଚଇତାଳି ବା ରେ ବେଗ ନାହିଁ
ତୁମେ ନାହଁ ବୋଲି ଆଜି
ଖବର କାଗଜ ପୃଷ୍ଠା
ଓଲଟେଇବାର ସ୍ପୃହା ନାହିଁ
କାରଣ ସକାଳୁ ଚାହା କପ୍ ସହିତ
ଖବର ପଢ଼ିବାର ତୁମର ଆଗ୍ରହ
ସ୍ମୃତିରୁ ବିସ୍ମୃତ ହୋଇପାରିନାହିଁ

ତୁମେ ନାହଁ ବୋଲି ..
ଜୀବନକୁ ଉପଭୋଗ
କରିବାକୁ ଇଚ୍ଛା ନାହିଁ
ବୈଶାଖୀ ର ତାତି ରେ ଶୀତଳତା
ଖୋଜିବାର ଆଗ୍ରହ ନାହିଁ
ବର୍ଷାରେ ଭିଜିବାକୁ ଆସକ୍ତି ନାହିଁ
ଜଣାନାହିଁ ତୁମେ କୋଉଠି ଅଛ
ମତେ ଭୁଲି କାହାର ଆଶ୍ରୟ ଖୋଜୁଛ
ହେଲେ ଲାଗୁଛି...
ତୁମେ ସବୁଠି ଦିଶୁଛ
ସବୁଠି ହସୁଛ ...

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସକାଳର କଅଁଳ କିରଣରେ

ଶିଶିର ଭିଜା ଫୁଲ ପାଖୁଡ଼ାରେ

ପତ୍ରର ଢଳ ଢଳ କାକର ବିନ୍ଦୁରେ

ଦିପହର ସୂର୍ଯ୍ୟଙ୍କ ତାତି ରେ

ସାୟାହ୍ନ ଆକାଶର ଲାଳିମାରେ

ସନ୍ଧ୍ୟା ଦୀପର ଆଲୋକରେ

ଉଙ୍କିମାରି ...

ବୋଧହୁଏ ମୋ ପରି କାହାକୁ ଖୋଜୁଛ

ମୁଁ ବି ତୁମକୁ ଖୋଜି ଖୋଜି

ନିଜକୁ ହଜାଇ ଦେଇଛି

ଆଉ କିଏ ଜାଣୁ ବା ନ ଜାଣୁ

ତୁମେ ଜାଣ ...

ମୋର ଏଇ ଖୋଜା ଲୋଡା ପଣ

କେତେ ସତ କେତେ ମିଛ ... ! !

କିଟ୍ ବିଶ୍ୱବିଦ୍ୟାଳୟ, ଓଡ଼ିଶା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କୃଷ୍ଣ ସୁଦାମା



ନାରାୟଣ ଚନ୍ଦ୍ର
ସେନାପତି

ଯେଉଁଠି ଶୁଭେ ବନ୍ଧୁତ୍ୱର ଶୁଭ ଶଙ୍ଖଧ୍ୱନି
ସେଇଠି ହୁଅନ୍ତି କୃଷ୍ଣ ସୁଦାମା ଆବିର୍ଭାବ
ପରସ୍ପର ଝୁରି ହୁଅନ୍ତି ପାଇବାକୁ ଟିକିଏ ସାନ୍ନିଧ୍ୟ
ପ୍ରକୃତି ବି  ହୋଇଯାଏ ପ୍ରକୃତିସ୍ଥ
ଦେଖି ଦୁଇ ହୃଦୟର ଅପର୍ଯ୍ୟାପ୍ତ ଆତ୍ମୀୟତା ଭାବ
ଜୀବନ ଧନ୍ୟ ହୋଇଯାଏ ସାଉଁଟି ସାଉଁଟି
ପ୍ରକୃତ ଦୁଇ ଅନ୍ତରଙ୍ଗ ବନ୍ଧୁଙ୍କର
ଏଇ ଅନାବିଳ ସ୍ନେହ ମମତା ଭରା ଅକୃତ୍ରିମ ସଦ୍ଭାବ ।

ସେଦିନ ସୁଦାମା ଆସିଛି ଶବ୍ଦ ଯେବେ
କୃଷ୍ଣଙ୍କ କର୍ଣ୍ଣରେ ହୋଇଥିଲା ଶ୍ରବଣ
ଦ୍ୱାରିକା ରାଜବାଟୀରେ ହୋଇଥିଲା ହୃତ କମ୍ପନ
ତ୍ୟାଗ କରି ରତ୍ନ ପଲଙ୍କ ସ୍ୱର୍ଣ୍ଣ ସିଂହାସନ
ଫିଙ୍ଗିଦେଇ ରାଜ ମୁକୁଟ
ଦ୍ରୁତଗାମୀ ଅଶ୍ୱ ସମ ଦ୍ୱାରିକାଧୀଶ କରିଥିଲେ ଗମନ
ଚାରି ଛଳ ଛଳ ଚକ୍ଷୁରେ ଆନନ୍ଦାଶ୍ରୁ
ଆଚମ୍ବିତ ହେଲା ଦେଖି ପ୍ରେମ ଆଲିଙ୍ଗନ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସଭିଙ୍କ ସ୍ମିତହାସ୍ୟ ଠାରୁ କେବଳ ଶୁଭୁଥିଲା

ଧନ୍ୟ କୃଷ୍ଣ ସୁଦାମା

ଧନ୍ୟ ତୁମ ବନ୍ଧୁତ୍ୱ ଧନ୍ୟ ।

ଜଣେ ଆର୍ଯ୍ୟାବର୍ତ୍ତର ଶ୍ରେଷ୍ଠ କୁବେର ଭଗବାନ

ଆଉ ଜଣେ ଆର୍ଯ୍ୟ ସମାଜର ଶ୍ରେଷ୍ଠ ଦରିଦ୍ର କୁଳୀନ ବ୍ରାହ୍ମଣ

ମଝିରେ ଗୋଟିଏ ସଂଯୋଗ ରେଖାଖଣ୍ଡ

ନାଁ ତା'ର ବନ୍ଧୁତ୍ୱ

କୃଷ୍ଣଙ୍କର ଆଖିର ଲୁହ ଧୋଇ

ଭଲ କରିଥିଲା ସୁଦାମାଙ୍କ ପାଦର କ୍ଷତ

ପୀତ ବସନ ହୃଦୟୀ ବନ୍ଧୁର ପାଦକୁ ଦେଇଥିଲା ମଧୁ ଚୁମ୍ବନ

ସୁଦାମାର ସରାଗର ଖୁଦ ମୁଠା

ଷାଠିଏ ପଉଠି ଠୁ ବି ତାଙ୍କୁ ଲାଗିଥିଲା ସୁଆଦ

ସବୁ ଖାଇ କୃପଣ ସମ ରାଣୀଙ୍କୁ କରିଥିଲେ ସମର୍ପଣ  ବନ୍ଧୁଙ୍କ ପ୍ରେମବୋଳା ଖୁଦ

ତ୍ରିଲୋକ ବାସୀ ଦେଖି ଭାବି ଅନ୍ତଃକରଣ କରିଥିଲେ ଏ ଭାବ

ଶୁଭୁଥିଲା ହସୁଛି ଆନ୍ତରିକତା ନାଚୁଛି ସ୍ୱାଭିମାନ

ଅନ୍ତର୍ଯ୍ୟାମୀ ଦର୍ଶାଇଛନ୍ତି ବନ୍ଧୁତ୍ୱର ବସ୍ତୁତ୍ୱ ଓଜନ ସବୁ ସମାନ

କେଉଁଠିବି ନାହିଁ ଛିଦ୍ର

ଅଭେଦ ଅନାବିଳ ନିସ୍ୱାର୍ଥପର ଏହି ଭାବ

ସଭିଙ୍କ ମନ ହୃଦ ଆତ୍ମାକୁ କରିଥିଲା ଆର୍ଦ୍ର ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଯେଉଁ ବନ୍ଧୁତ୍ୱରେ ନ ଥିଲା ଅପମିଶ୍ରଣ
ସେ ତ କୃଷ୍ଣ ସୁଦାମାଙ୍କ ମନ ମିଳନ
ଯେଉଁଠି ଥିଲା କେବଳ ଉତ୍ସର୍ଗୀକୃତ ମନୋଭାବ
ଶୁନ୍ୟଥିଲା ପାଇବାର ଭାବ
ସେ ତ କୃଷ୍ଣ ସୁଦାମାଙ୍କ ଦାନ ପ୍ରତିଦାନ
ଯେଉଁ ସମ୍ପର୍କ ସଭିଙ୍କ ପାଇଁ ନମୁନା ଜୀବନ୍ତ ଉଦାହରଣ
ଯେଉଁ ବନ୍ଧୁତ୍ୱର ତତ୍ତ୍ୱ ପ୍ରତ୍ୟେକଙ୍କ ପାଇଁ ଆଦର୍ଶ
ସେହି ଅନ୍ତରଙ୍ଗ ଭାବରେ ଉଲ୍ଲସିତ ହୁଏ ବିଶ୍ୱ
ସେଇତ କୃଷ୍ଣ ସୁଦାମାଙ୍କ ପବିତ୍ର ବନ୍ଧନ
ଯେଉଁ ବନ୍ଧୁତ୍ୱରେ ଲୁଚିଯାଏ ଗୀତା ବେଦ ଭାଗବତ
ସେଇଠି ପହଁରୁଥାଏ ବାଇବେଲ କୋରାନ
ସେହି ବନ୍ଧୁତ୍ୱକୁ ସଲାମ କରନ୍ତି ସବୁ ଧର୍ମ
ଲାଗେ ସତେକି ଏ ବିଶ୍ୱଭ୍ରାତୃତ୍ୱର ଏକ କଙ୍କଣ
ମୁକ୍ତ ଗଣତନ୍ତ୍ରର ଉପହାର ସ୍ୱାଧୀନ
ଆଉ ସବୁ ମଧୁ ଆବେଗରେ ଗଢ଼ା
ପ୍ରୀତି ପ୍ରଣୟର ସମ୍ବିଧାନ ।

ଜମ୍ବୁରା, କେନ୍ଦୁଝର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୁଁ ବସଷ୍ଟପର ଯାତ୍ରୀଟିଏ



ବୀଣା ସାହୁ

ମୁଁ ଜଣେ ଯାତ୍ରୀ
କୌଣସି ଯାତ୍ରା ଆରମ୍ଭ କରିବା ପୂର୍ବରୁ
ବସଷ୍ଟପରେ ଅପେକ୍ଷା କରେ,
ଉଚିତ୍ ସମୟରେ ଯେତେବେଳେ
ବସ୍ ଟି ଆସିଲା
ମୁଁ ତା ଭିତରେ ପ୍ରବେଶ କଲି
ଯେମିତି ମା ଗର୍ଭରୁ ବାହାରି ଶିଶୁଟି
ସଂସାର କୁ ପ୍ରବେଶ କରେ ।

ଚାହିଁ ରହିଛି ବସ୍ ଟି କେତେବେଳେ ଆସିବ
ବସ୍ ନ ଆସିବାରୁ ମନରେ
ଯେତେ ବିରକ୍ତି ଆସେ
ସେତିକି ଉତ୍କଣ୍ଠା ବି ଆସେ
ବସଟି ଆସିଲେ
ଶୀଘ୍ର ବସି ଗନ୍ତବ୍ୟ ସ୍ଥଳରେ ପହଞ୍ଚି
ପାରିବ
ସଂସାର ଯାତ୍ରା ତ ଠିକ୍ ସେହିଭଳି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆମେ କେତେବେଳେ ଚଢିବା ଆଉ କେତେବେଳେ ଓହ୍ଲାଇବା ।

ଯାତ୍ରା କଲା ସମୟ ରେ ବିଭିନ୍ନ

ପ୍ରକାରର ପରିସ୍ଥିତି ର ସମ୍ପର୍କ ରେ

ଆସିବାକୁ ହୁଏ

ପ୍ରକୃତି ମଣିଷ ପଶୁ ପକ୍ଷୀ

ବୃକ୍ଷ ଲତା ନଦୀ ନାଳ ପାହାଡ଼ ପର୍ବତ,

ଯାତ୍ରା କରୁ କରୁ ବହୁ ପ୍ରକାର

ମଣିଷର ସଂସ୍ପର୍ଶରେ ଆସି

ଆବାଳବୃଦ୍ଧବନିତା ପର୍ଯ୍ୟନ୍ତ

ସଭିଙ୍କୁ ପ୍ରେମର ବନ୍ଧନରେ ବାନ୍ଧିବାକୁ ହୁଏ ।

ମୁଁ ଯେତେବେଳେ ଉପରୋକ୍ତ ସଂସ୍ପର୍ଶରେ ଆସେ

ସେତେବେଳେ ମୁଁ ସେହି ଭଳି

ଅଭିନୟ କରେ

ଶେଷରେ ଯେତେବେଳେ ବୃଦ୍ଧ

ବୃଦ୍ଧା ଙ୍କ ସାଙ୍ଗରେ ନିଜେ ସେହି ଭଳି

ଅଭିନୟ କରିବାକୁ ଚେଷ୍ଟା କରେ

ସେତେବେଳେ ମୁଁ ଦେଖେ ଯେ

ସମୟ ସହିତ ଚକ ଗଡି ଗଡି ବସ୍ ଟି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତାର ଶେଷ ବସ୍ ଷ୍ଟପରେ ପହଞ୍ଚି

ଯାଇଛି,

ଏବଂ ମୁଁ ପ୍ରକୃତ ରେ ବୃଦ୍ଧା ହୋଇଯାଇଛି

ଓଠ ଚାପି ମୁରୁକି ହସା ମାରିବାକୁ ହୁଏ ।

ଜୀବନ ଟା ତ ଏୟା

ଆସିବା ଯିବା ସର୍ବଦା ଲାଗି ରହିଥାଏ

ଯେ ଆସେ ସେ ତ ନିଶ୍ଚୟ ଯାଏ

ଶେଷ ଯାତ୍ରା ପର୍ଯ୍ୟନ୍ତ ଯାତ୍ରୀଟିଏ

ହୋଇ ସଂସାର ପଥରେ ଅପେକ୍ଷା

କରିବାକୁ ପଡ଼ିଥାଏ

ଆଉ ବସ୍ ଷ୍ଟପ ସହ ନାହିଁ ନ ଥିବା ସ୍ମୃତି

ସବେ ଯେମିତି ଯୋଡି ହୋଇଥାଏ ।

ଟାଟାଷ୍ଟିଲ, ବିଲେଇପଦା, କେନ୍ଦୁଝର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମୌସୁମୀ ଗୋ...



ଅମୂଲ୍ୟ କୁମାର ପଣ୍ଡା

ମୌସୁମୀଗୋ ତୁମେ ଜ୍ୱଳନ୍ତ ପ୍ରାଣର
ନୀଳ ଜଳ ରାଶି ସିନ୍ଧୁ
ମନ ଉପବନେ ଶୀତଳ ପରଶ
କୋଟିଏ ପ୍ରାଣର ବିନ୍ଦୁ

ମୌସୁମୀଗୋ ତୁମେ ଦୂର ଅକାଶରେ
ଚାତକର ଦିବ୍ୟ ଦୃଷ୍ଟି
ମରୁ ପ୍ରାନ୍ତରରେ ଆଶାର କିରଣ
ସବୁଜ ବନାନୀ ସୃଷ୍ଟି

ମୌସୁମୀଗୋ ତୁମେ ଚାଷୀର ଭରଷା
ସୁବର୍ଣ୍ଣ କ୍ଷେତର ଆଶା
ମରତ ଭୂଇଁରେ ମାଟିର ମହକ
କବିର ହୃଦୟ ଭାଷା

ମୌସୁମୀଗୋ ତୁମେ ବେଙ୍ଗୁଲୀ ରାଜ୍ୟର
କୋଳାହଳ ଭରା ହାଟ
ମଖମଲି ଘାସ ଗାଲିଚା ଉପରେ
ସାଧବ ବୋହୂର ପାଟ

ମୌସୁମୀଗୋ ତୁମେ କୁନି ପିଲାଙ୍କର
କାଗଜର ଭସା ନାଆ
ମନ୍ଦ ମନ୍ଦ ହସ ଖରାର ଉହଙ୍କେ
ଜୀବନ ଶୀତଳ ବାହା

ଅରଙ୍ଗାବାଦ, ବରୀ, ଯାଜପୁର
ମୋବାଇଲ - ୯୯୩୮୯୦୬୦୭୦

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କିଛି କଥା ଥାଏ ଅକୁହା



ଦିନେଶ୍ ମେହେର

ହସୁଥିବା ଚେହେରାଟେ ଦେଖି
ଦୁନିଆ ଭାବୁଥାଏ ନିୟତିର
ସବୁ ସୁଖ ଲାଭକରି ମଣିଷଟି
ସୁଖରେ ଜୀବନ କାଟୁଛି ।
କିନ୍ତୁ
ସେ ହସୁଥିବା ମଣିଷଟେ
ନିଜେ ଜାଣିନି କେମିତି ହସୁଛି
ଦୁନିଆ ଆଗରେ ଲୁହକୁ ଲୁଚେଇ
ସୁଖୀ ମଣିଷର ଅଭିନୟ କରୁଛି ।

ସେ ପ୍ରତାରିତ ମଣିଷଟେ
ଏକା ନିଜେ ଜାଣିଛି ତାହାରି ଲୁହ
ପୁଣି ବେଶ୍ ଭଲରେ ଜାଣିଛି
ମନ ଭିତରେ ଚାପି ରହିଥିବା
ଲୁହର କୋହ ।

ଏମିତି କିଛି ଅକୁହା କଥା
ମନ ଭିତରେ ଚାପି ହୋଇ
ପ୍ରତି ମୁହୂର୍ତ୍ତରେ ଦାଉ ସାଧି
ଦେଉଥାଏ ମନକୁ ବଥା ।

ପଳାସ, କଳାହାଣ୍ଡି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଇନ୍ଦ୍ରଧନୁ



ପ୍ରକାଶ ଚନ୍ଦ୍ର ପ୍ରଧାନ

ସାତରଙ୍ଗ ରଙ୍ଗେ ତୋର ଦେହଟି ସଜା
ସାତସୁର ସୁରେ ତୋର ମନଟି ଗଢ଼ା ।।

ଝିପିଝିପି ବରଷାରେ ମେଘ ଉହାଡ଼େ
ସୁରୁଯ କିରଣେ ଦିଶୁ ତୁ ଦିଗବଳୟେ ।।

କେତେ ଅସୁମାରୀ ସ୍ୱପ୍ନ କେତେ ଯେ କଳ୍ପନା
ମନ ମୋର ଦେଖିବାକୁ ହୁଏ ଆନମନା ।।

ପ୍ରକୃତିର ସୁନ୍ଦରତାର ତୁ ଏକ ନମୁନା
ଯେତେ ଦେଖୁଥିଲେ ବି ମନଲାଗେ ଊଣା ।।

ତୁ ମୋତେ ଲାଗୁ ସତେ ମୋ ମନର ପ୍ରେୟସୀ
ଅପଲକ ନୟନ ମୋ ଯାଇଛି ତ ଲାଖି ।।

ମୋ ମନର ଇନ୍ଦ୍ରଧନୁ ତୋ ରୂପରଙ୍ଗ ଛଟା
ତୋ ଚାହାଣୀରେ ଅଛି ସବୁ ଅତ୍ମୀୟତା ।।

ବାସ୍ତବ ଆଉ କଳ୍ପନାରେ ତୋ କଳେବର
ମନ ଆଇନାରେ ତୁ ଇନ୍ଦ୍ରଧନୁ ମୋର ।।

ତୁଷୁରା, ବଲାଙ୍ଗୀର
ମୋ : ୯୮୫୩୭୨୮୧୨୦

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରତୀକ୍ଷା



ସଞ୍ଜୟ ପ୍ରଧାନ

ମୁଦିର କରିଛି ଆମରି ପ୍ରତୀକ୍ଷା,
କେବେ ଦୁହିଁଙ୍କ ମିଳନ ହେବ ।
ଶୀତଳ ବିନ୍ଦୁ ସଲିଳ ସେ ,
ଆମ ଉପରେ ବର୍ଷା କରିବ ।।
କୁସୁମ କରିଛି ଆମରି ପ୍ରତୀକ୍ଷା,
ତା ମୁକୁଳ ରୂପ କୁ ନେଇଁ ।
ଆମ ଦୁହିଁଙ୍କର ପବିତ୍ର ସ୍ପର୍ଶରେ ,
ସେ ଚାହେଁ ଫୁଟିବା ପାଇଁ ।।
ନିର୍ଝରିଣୀ ରଖିଛି ତା' ସ୍ରୋତକୁ ,
ଆମ ଦୁହିଁଙ୍କ ପ୍ରତୀକ୍ଷାରେ ।
ପ୍ରବାହ ହେବ ବୋଲି କହୁଛି ଗୋ ପ୍ରିୟା ,
ଆମ ପ୍ରେମର ବାରିଧିରେ ।।
ଖଗ କରିଛି ଆମରି ପ୍ରତୀକ୍ଷା,
ସ୍ତବ୍ଧ ହୋଇ ତରୁଲତାରେ ।
ଆମ ଦୁହିଁଙ୍କର ପ୍ରେମ ଚରିତ ,
ଗାଇବ ବୋଲି, ତା' ମଧୁର ସ୍ୱରେ ।।

ସମୀର କରନ୍ତି ଅଭିମାନ ଆଜି ,
ପ୍ରତୀକ୍ଷା ଆମରି ତାଙ୍କୁ ।
ଶୀତଳ ମରୁତ ଛୁଆଁ ଦେଇ ଯିବେ ,
ବୋଲି ଆମ ପବିତ୍ର ସମ୍ପର୍କକୁ ।।
ହେଲେ ଏମାନଙ୍କୁ କେମିତି କହିବି ,
ତୁମେ ମୋ'ର ହୋଇ ଆଉ ନାହଁ ।
ଆଉ କାହା ବାହା ରେ ରହିଣ ,
ମୋ ମନେ ଦରଦ ଦିଅ ।।
ଜଳନ୍ତି ଯେପରି ଦିନମଣି ସ୍ୱର୍ଗେ ,
ଆଜି ମୋ ହୃଦୟ ଜଳୁଚି ମର୍ତ୍ତ୍ୟେ ।
ମୋ ଭଲ ପାଇବା କାହାପାଇଁ ଯଦି ମିଛ,
ହେ ପାବକ ! ପାଉଁଶ କରିଦିଅ ମତେ
।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦକ୍ଷିଣା ପବନ



ପୁଷ୍ପାଞ୍ଜଳୀ ପଣ୍ଡା

ଏକୁଟିଆ ସଂଜ ବେଳେ
ଚୁପଚାପ ବସିଥିଲେ
ଭାବେ ତୁମ କଥା ।।

ଭାବନା ରୁ ଫେରିଦେଖେ
ଥମଥମ ମୁହଁ ମୋର
ଓଦା ଆଖି ପତା ।।

ତୁମେ ଯେତେ ମନେପଡ଼
ସବୁ କାମ ଗଡ଼ବଡ଼
ମୋର ହୋଇଯାଏ ।।

ସଂଜ ଯାଇ ଆସେ ରାତି
ବୁକୁତଳେ ଉଠେ ତାତି
ସମୟ ବି କଡ଼ ଲେଉଟାଏ ।।

ତୁମ ସହ ବିତିଥିବା
ସଂଜୁଆ ଲଗନ
ମାନେନାହିଁ ଅଘୋଷିତ ନିଷିଧ୍ୟ ନିୟମ
ମାଡ଼ି ଚାଲେ ପଛକୁ ପଛକୁ ।।

ମଧୁର ସ୍ମୃତିରେ ଭରା
ଦଖିଣା ପବନ ତୁମେ
ଶୀତଳାଇ ଦିଅ ମୋର
ତତଲା ମନକୁ ।।

ଷ୍ଟାଟିଷ୍ଟିକାଲ୍ ଅଫିସର
ଯାଜପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅଳି



ବାସନ୍ତୀଲତା ଜେନା

ପିଲା ଦିନ ସ୍ମୃତି ଅପାସୋରା ମୋର
କରୁଥିଲି କେତେ ଅଝଟ ଅଳି
ମା କାନି ପଣତ ଧରି ଚାଲୁ ଥିଲି
କୋଳରେ ତାହାର ଖେଳିଛି ଦୋଳି ॥

ଶରଦ ଶଶୀକୁ ହାତେ ଧରିବାକୁ
ଅଳି କରୁଥିଲି ଜେଜେମା ପାଶେ
ମାଆ କହୁ ଥିଲା ଜହ୍ନ ମାମୁଁ ସିଏ
ଆକାଶ ରାଇଜେ ଉଜ୍ଜ୍ୱଳ ଦିଶେ ॥

ଗପ ପେଡି ଥିଲା ଜେଜେମା ପାଖରେ
ଶୁଣିବାକୁ ଅଳି କରେ ମୁଁ ନିତି
ଜେଜେଙ୍କ ପିଠିକୁ ଘୋଡା କରୁଥିଲି
ମୋତେ ବୋହିବାକୁ ନ ଥିଲା ଶକ୍ତି ॥

ବାପା ହାତ ଧରି ମେଳା ଯାଉ ଥିଲି
ଖେଳନା ଦୋକାନେ ଅଟକୁ ଥିଲି
ବନ୍ଧୁକଟେ ମୋତେ କିଣି ଦିଅ ବାପା
ପୋଲିଶ ହୋଇକି ମାରିବି ଗୁଳି ॥

ମିଠା ଚକୋଲେଟ ପ୍ରିୟ ଥିଲା ମୋର
ଅଳି କରୁ ଥିଲି ଖାଇବା ପାଇଁ
ବଣ ବୁଦା ବୁଲି କୋଳି ତୋଳୁ ଥିଲି
ଖରା ବେଳେ କେବେ ନ ପଡେ ଶୋଇ ॥

କାଶତଣ୍ଡି ଫୁଲ ତୋଳିବା ପାଇଁକି
ନଈ ପାଖେ ଯିବା ହୁଏ ମୋ ମନ
ନାନୀ କହୁ ଥିଲେ ବଡ଼ ହେଲେ ଯିବୁ
ଭୂତ ଅଛି ଦେଖି ଡ଼ରିବୁ ଧନ ॥

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଜିଦ କରୁଥିଲି ଗାଳି ଖାଉଥିଲି
ରୁଷି ବସୁଥିଲି ଘର କୋଣରେ
ମା ଖୋଜୁ ଥିଲା ଏ ପାଖ ସେ ପାଖ
ଡାକ ଛାଡୁ ଥିଲା ଘର ଭିତରେ ॥

ସେ ଦିନ ତ ପରା ଆଜି ଆଉ ନାହିଁ
ପିଲା ଦିନ ମୋର ହୋଇଛି ଶେଷ
ବଡ଼ ହୋଇ ଆଜି ଅତୀତ ଖୋଜୁଛି
ମୁଠା ମୁଠା ସ୍ମୃତି ଅଳି ପିୟୁଷ ॥

ଅଳି ହୋଇ ଥାଏ ଭିନ୍ନ ଭିନ୍ନ ପୁଣି
ସ୍ଥାନ ବିଶେଷରେ ସେ ସ୍ଥାନ ପାଏ
ପୁଅ ଝିଅ ଅଳି ଲାଗେ ଭାରି ମିଠା
ଭାଇ ଭଗ୍ନୀ ଅଳି ଆନନ୍ଦ ମନ ॥

ପତ୍ନୀଙ୍କର ଅଳି ହୃଦୟର ଖୁସି
ସ୍ମିତ ହସ ତାର ମନ ଲୋଭଏ
ଶାଳୀଙ୍କର ଅଳି ତା ଠାରୁ ମଧୁର
ହସ ଦେଖି ଦେଲେ ମୋହିତ ହୁଏ ॥

ପ୍ରଭୁଙ୍କ ନିକଟେ ଅଳି କରୁ ଥିଲେ
ସାହା ହୋଇ ଥାନ୍ତି ଆରତ ତ୍ରାଣ
ବିପଦ ସମୟେ ପାଖରେ ଥାଆନ୍ତି
ଶକ୍ତି ଦେଇ ଥାନ୍ତି ସେ ଭଗବାନ ॥

ଗାନ୍ଧିନଗର, ନବରଙ୍ଗପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଲକ୍ଷେହୀରା



ବାଲାଜୀ ସେଠୀ

ଓଠ ମଧୁରସ ପିଆଇ ଢୋକେ
ପରଷ ପୀରତି ଅଙ୍କ ପଲଙ୍କେ
ଉତ୍ତାଳ ଯୌବନ ଭରି ତନୁରେ
ଆବୃତ୍ତା ପତନି ଝିନ ତୁଷାରେ
ଉଛୁଳା ନଈ
ଦୁଗ୍ଧ ସରସୀରେ ଯାଆଁଳା କଇଁ ।।

କୁନ୍ତଳ ଖୋଷା କି ପରାଗୀ ଭାନୁ
ତୀବ୍ର ପଞ୍ଚବାଣ ଦୁଇ ନୟନୁ
ନାକ ସୁନାଦଣ୍ଡ ଶାଣିତ ଖଡ୍ଗ
ଉଦଣ୍ଡ ଭ୍ରୁଲତା ଧାବ ତୁରଗ
ଜବା ଅଧରୀ
ସ୍ମିତହାସ୍ୟ ମର୍ମେ କନ୍ଦର୍ପ ଛୁରୀ ।।

କେଶରୀ କଟିନୀ କ୍ଷୁଦ୍ର ଉଦରୀ
ନାଭି କନ୍ଦ ଶୋହେ କୃଷ୍ଣ ଭ୍ରମରୀ
ମନ୍ଦ ଗମା ଦେହୁ ପଙ୍କଜ ବାସ
ପାଖ ଗଲା ଲୋକ ହୋଇବେ ବଶ
ଛନ୍ଦ ଭାଷିନୀ
ଛାଡି ବାଦ୍ୟ ହେବେ ଗନ୍ଧର୍ବେ ତୁନି ।।

କଟି ପାଟ କୁଞ୍ଜ ପୀତ କେତକୀ
ପଦପାତେ କଞ୍ଚି ପଡେ ଛିଟିକି
କମ୍ପେ ଘନ ଶୁଣି ପାଦମଞ୍ଜୀର
ତପୀ,ତାପୀ ଦେଖି ଚିତ୍ତ ବିଥିର
ରତୀ କୁଶଳା
ପ୍ରୀତି ଖଞ୍ଜି ନାଶ ତୁ ହୃଦ ଜ୍ୱାଳା ।।

ପ୍ରୀତି ବିଶାରଦା ଅଭିସାରିକା
ବିପଣୀ ଗଣିକା ନୁହେଁ, ରସିକା
ନାରୀ ନାରାୟଣୀ ସୁଖେ ଇନ୍ଦିରା
ପ୍ରମୋଦା କଞ୍ଚାନ ତୁ "ଲକ୍ଷେହୀରା"
ହେଲେ ବିଳମ୍ବ
ରାତି ସାଥେ ଚାନ୍ଦ କାଟିବ ଭାବ ।।

ଚିତ୍ରକୋଣ୍ଡା, ମାଲକାନଗିରି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅଟକିଥିଲା ସେଇଠି



ସୁଦିପ୍ତା ବେହେରା

ସେ ଅଟକି ଥିଲା ସେଇଠି
ଯେଉଁଠି ତା ଚପଳତା
ଠୁକୁ ଠୁକୁ ଚାଲି ପକାଇ
ସାଉଁଟୁ ଥିଲା ଶୈଶବକୁ
ସାରା ଅଗଣା...
ଅଗଣା କୋଣରେ ତାର କାଠ ଶଗଡ଼ି
ମୌନ ମୁନି ପ୍ରାୟ ଖୋଜୁଥିଲା ତା'କୁ...
ସେଇ ଖାଁ ଖାଁ ମଝି ଅଗଣା
ଖରାକୁ ପିଠି ଦେଖେଇ
ଜେଜେମା ସାରୁରୁ ଚୋପା ଛଡାଉ ଥିଲା
ପନିକି ଧରି...
ପାନ ଖିଆ ତା' ର ଲାଲ୍ ପାଟି
ଭାରି ସୁନ୍ଦର ଲାଗୁଥିଲା ।
କାନ୍ଥ ଖୁଣ୍ଟି କୁ ଲାଗି ପଡ଼ିଥିବା
ପଥର ଶିଳରେ....
ବିରି ଚାଉଳ ବାଟୁ ଥିଲା ବୋଉ
ପିଠା କରିବ ତା ' ଜନ୍ମ ଦିନରେ
ସାରା ଘର ଲିପା ପୋଛା ଗୋବରରେ
ଝୋଟି ଦିଆ ଏରୁଣ୍ଡି ବନ୍ଧ ରେ
ଫୁଲ କ୍ଷୀର ଚାଉଳ
ଆଉ ସାହି ନୀଳକଣ୍ଠ ମନ୍ଦିରରେ
କ୍ଷୀର ବେଲ ପତ୍ର ଜଳ ସାଇ ସାରି
ବୋଉର ତର ତର ଚାଲି
ସୂରୁଜ ନ ଉଠୁଣୁ
ବାପା ଦାଦା ଙ୍କର କାଳିଆ କସରା କୁ
ଜୁଆଳି ରେ ବାନ୍ଧି... ମୁହାଁଉ ଥିଲେ
ସଅର ସାହି ତଳ ବିଲ ଆଡ଼େ
କେତେ ସୁନ୍ଦର ଥିଲା ସେ ସବୁ
ମହ ମହ ସମୟ.....
ଫେରି କି ବି ଫେରି ନ ଥିଲା ସେ..
କେଜାଣି କେମିତି ଆପେ ଆପେ
ଟାଣି ହୋଇ ଆସୁଥିଲା ସେ ପଛକୁ
ଆଉ ଅଟକି ଥିଲା ସେଇଠି... ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭଲ ବନ୍ଧୁ



ହରେରାମ ପଣ୍ଡା

ବନ୍ଧୁତା ପରି ମଧୁର ସମ୍ପର୍କ
ଦୁନିଆରେ କିଛି ନାହିଁ ,
ଦେବତା ନିଅନ୍ତି ମରତେ ଜନମ
ତା ସ୍ୱାଦୁ ଚାଖିବା ପାଇଁ ।
ବନ୍ଧୁପରି ସିନା ବନ୍ଧୁଟେ ମିଳିଲେ
ସମ୍ପର୍କ ହୁଏ ମଧୁର ,
ମୁଖରେ ଅମୃତ ହୃଦେ ହଳାହଳ
ଯା'ପାଇଁ ସବୁ ଅସାର ।
ସୁଖ ସମ୍ପଦରେ ଉତ୍ସବ ବେଳରେ
ଯେଉଁ ବନ୍ଧୁ ଠିଆହୁଏ ,
ଅଭାବ, କଷଣ, ବିପଦ କାଳରେ
ଦୁଃଖରେ ସେ ସାହାହୁଏ ।

ବନ୍ଧୁତାର ମୋହ ଏଡ଼ାଇ ନଦେଇ
ଦେଖାଦିଏ ରାଜଦ୍ୱାରେ ,
ଆଖିରୁ ଲୋତକ ପୋଛିଦେଇ ବନ୍ଧୁ
ସାଥିହୁଏ ଶ୍ମଶାନରେ ।
କୃଷ୍ଣ ସୁଦାମାଙ୍କ ବନ୍ଧୁତାକୁ ବାବୁ ,
ଆଖିଖୋଲି ଥରେ ଦେଖ !
ବନ୍ଧୁତା ସତତ ଅକ୍ଷୟ କବଚ
ତାଙ୍କଠାରୁ କିଛି ଶିଖ !

କୁଆଁସ, ମେର୍ଦ୍ଧା କାଟିଆଛକ, ଯାଜପୁର ।
ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ,
ମଧୁପୁର ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ ।
ଆଳାପ - ୯୪୩୮୦୬୫୧୯୫ .

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅପାଶୋରା ଫଗୁଣ



ବିଶ୍ୱଜିତ ନାଥ

ହସୁଛି ମେଦିନୀ ଆଜି
ହସେ ପୁନେଇଁର ଜହ୍ନ
ଫୁଲର ଗଭାରେ ସ୍ମୃତିକୁ ସାଉଁଟି
ଆସିଅଛି ପ୍ରୀତିର ଫଗୁଣ - ୧

ନିର୍ମଳ ଗଗନେ ଆଜି
ପ୍ରୀତିର କାନଭାସ ଆଙ୍କି
ମନ ମୋର ପ୍ରଫୁଲ୍ଲ
କୁସୁମ ସମ୍ଭାରକୁ ଦେଖି - ୨

ବସନ୍ତ ବନରେ ଏବେ
ମଳୟ ପବନ ସୁଅ
ଛନ୍ଦ ରାଗିଣୀରେ
ଅବାକ୍ ପ୍ରକୃତିର ମୋହ - ୩

ମୋହରୁ ଝରୁଅଛି
ମଧୁର ସ୍ୱରର ମହୁ
ବଣ ପାହାଡ଼ରେ ଶୁଭେ
କୋକିଳର ମିଠା କୁହୁ - ୪

ନାଚୁଛି ଝରଣା ଆଜି
ସାତ ସୁରେ ମୁରୁଜ ବୁଣି
ଫଗୁଣ ବନେ ଘୁରିବୁଲେ
ଫୁଲ ପାଖେ ଭ୍ରମର ପୁଣି - ୫

ଶାଶ୍ୱତ ପ୍ରେମରେ ଏବେ
ମିଳନର ତିଥି
ପ୍ରୀତିର ପୀୟୂଷ ପାଇଁ
ଫୁଲ ପାଖେ ପ୍ରଜାପତି - ୬

ଋତୁରାଜର ପୁଷ୍ପିତ ବନେ
ପ୍ରୀତିର ଅପାସୋରା ଫଗୁଣ
ଅନ୍ତ ସବୁ ପ୍ରତୀକ୍ଷା ଆଜି
ଯୁଗାନ୍ତର ଫଗୁ ମିଳନ - ୭

ଉଲ୍ଲୋଳ, ଘଷିପୁରା, କେନ୍ଦୁଝର
ଜିଲ୍ଲା ମୁଖ୍ୟ ଶିକ୍ଷଣ ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ
କେନ୍ଦୁଝର ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜେନା ସ୍ତୁତି



କୁମରଲାଲ ରଣା

ଜୟ ଜୟ ଜେନା ବୁଢ଼ା ଜୟ କୁଳ ଇଷ୍ଟ
ଦ୍ୱାର ପାଳେ ରୂପେ ପ୍ରଭୁ ହେଇ ଅଛ ଜାତ ।
ଖଡ଼ିଆଳ ଗଡ଼ ମଧ୍ୟେ ହେଲ ଉତପତି ।
ବିସ୍ତାର କରିଲ ଦେବ ଚାରି ଦିଗ ମାତି ।
କନ୍ଧ ଘରେ ଜାତ ହୋଇ ଥିଲା ତୁମ ବଂଶ
ଜେନା ବୁଢ଼ା ବୋଲି ହେଲ ପାଇ ନାମ ଯଶ ।
ଗ୍ରାମର ସୁରକ୍ଷା ବଳ ତୁମ ଦେହୁ ଜାତ
ସୁରକ୍ଷା ଦେଉଛ ପ୍ରଭୁ ଏ ଗ୍ରାମ ଜଗତ ।
ବୁଢାରଜା ସଙ୍ଗତରେ ତୁମରି ଭ୍ରମଣ ।
ଦେଖାଇ ଦିଅ ଶତ୍ରୁର ଭାଙ୍ଗି ବଡ଼ପଣ ।
ଦୁଲହା ଦେବତା ସଙ୍ଗେ ଭାବ କୀର୍ତି ଯୋଡ଼ି ।
ଜଗତମଧ୍ୟରେ ଦିଅ ଶତ୍ରୁ ପଣ କାଢି ।
ଧନ ବାହୀ ଦେବୀ ସଙ୍ଗେ ଭ୍ରମଣ କରିଣ
ଗ୍ରାମର ସୁମଙ୍ଗଳ ରହିଛି ବିଧାନ ।
ଲଙ୍କେଶ୍ୱରୀ ଦେବୀଙ୍କର ଦ୍ୱାରପାଳ ରହି ।
ଟେକ ରଖି ଥିଲ ଦେବ  ଗୁଣ ଯଶ ବହି ।
ଲଙ୍କେଶ୍ୱରୀ ଦେବୀଙ୍କର ବୋଏଲ ଯାତ୍ରାରେ
ଦ୍ୱାରପାଳ ରହି ଥାଏ ଜେନା ବୁଢ଼ା ଭଲେ ।
କୁମ୍ଭାରଙ୍କ ଜେଜେରାଣ ବଂଶରେ ଜାଗ୍ରତ ।
ରକ୍ଷାକାରୀ ଦେବତାଏ ହେଲ ବଳବନ୍ତ ।
ବୁଦା ଛାଗ ବଳି ଭୋଗେ ରକ୍ତ ଜରଜର
ମୁଣ୍ଡ ବିହୀନ ଦେବତା ହୋଇଛ ଅମର ।
ବିପଦ ବେଳେର ସାହା ହୁଅ ପ୍ରଭୁ ତୁମେ ।
ଡାକି ଥାଉ ନାମ ତୁମ ଜେନା ବୁଢ଼ା ନାମେ ।
ମୁହଁରୁ ରକତ ଗାର ବହେ ଧାର ଧାର ।
ବୋଏଲ ବୁଲାରେ ପ୍ରଭୁ ହୁଅ ଅଗ୍ରସର ।
ଆଶ୍ୱିନ ମାସର ଶୁକ୍ଳ  ନବମୀ ତିଥିରେ ।
ଗଢ଼ୀଏନ ଦେବୀଙ୍କର ବଡ଼ ଯାତ୍ରା କାଳେ ।
ଭକତ ଗଣେ ଗୁହାରି କରନ୍ତି ତୋ ଗୁଣ ।
ଧୂପ ଦୀପ ଗନ୍ଧ ଘିଅ ଘେନି ଭକ୍ତ ଗଣ ।
ପାଦେ ପଡ଼ି ତହିଁ ପୁଣି  ନିଅନ୍ତି ଶରଣ ।
କୁମର ମଣି ଜପଇ ତୁମରି ଚରଣ

ମହୁଆ ଭଟା ନୂଆପଡ଼ା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପିଲାଦିନ



ମଞ୍ଜୁରାଣୀ ମିଶ୍ର

ବଣକୁ ଯିବୁ କୋଳି ଖାଇବୁ
ବାଘ ଆସିଲେ ଡ଼ରିବୁନି
ବରଗଛ ଛାଇରେ ମିଛିମିଛିକା ବାହାଘର
ନଅ ଭଜା ଛଅ ତିଅଣ
ମନେପଡେ ପିଲାଦିନ
ସଞ୍ଜ ନବୁଡ଼ୁଣୁ ଅଗଣାରେ ପକାହୁଏ ସଅପ
ପାନ କୁଟୁ କୁଟୁ ଆଇମା କହେ
ହଇରେ ଫୁଲଗଛ କାହିଁକି ମଲୁ
କଲୁରେଇ ବେଣ୍ଟ ବଉଳା ଗାଇର ଗପ
ଗାଁ ଗୋହୀରୀରେ ବିଲୁଆର ଡାକ
ପହରିକିଆ ରାତିର ଭାତଖିଆ ବେଳ
ଛୋଟ ମୁଣ୍ଡରେ ପଶେ ନାହିଁ କେତେ ଧାନରେ କେତେ ଚାଉଳ
ପିଲାଦିନ
ପଦ୍ମ ପୋଖରୀରେ ସ୍ନାନ
ତୁଠ ପାହାଚ ତୁଳସୀ ଚଉରା ମୂଳେ ସକାଳ ମୁରୁଜ
ବିଲ ପାହାଡ ଡ଼େଇଁ ହସୁଥାଏ ନୂଆ ସୁରୁଜ
କିଆଫୁଲର ବାସ୍ନା ଘଞ୍ଚ ହେନ୍ତାଳ ବଣ
ସବୁଜିମାର ଭାଷା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସହି ସଙ୍ଗାତ କେତେ ଅଭିମାନ ଆଉ ରାଗରୁଷା
ମାମୁଁଘର ଗାଁ ଆମ୍ବତୋଟା
ଫୁଲେଇ ନଇରେ ଠିଆ ପହଁରା
ଗଡ ଜିଣିବାର ହସ ମେଳା ମଉଛବ ଜାନି ଯାତରା
ବେଳେ ବେଳେ ଉଡିଆସେ ପିଲାଦିନର ମହକ
ଦେହ ମନରେ ବୋଳିଦିଏ ଅଜଣା କୁହୁକ
ଆଉ ଥରେ ଫେରିଆସନ୍ତାକି ?
ଶୈଶବର ସମ୍ମୋହନ ସପନର ପାରିଜାତ ବନ
କଳ୍ପନାର କଳ୍ପବଟ ବୃକ୍ଷ
ଆଶା ଆଶ୍ୱାସନାର ମେଘନାଦ ପ୍ରାଚୀର
ଭୁଲିଯାଇଥିବା କାହାଣୀ ପାର୍ବଣ ଋତୁର
ଏବେ ତ ସହରର ଆଲୁଅରେ ଦରଲିଭା ଗାଁ ର ଠିକଣା
ବୟସର ବିଳମ୍ବିତ ପ୍ରହରରେ
ନଇଁ ଆସୁଥିବା ରାତ୍ରୀର ଓଢଣା
ଲୁଚକାଳି ଖେଳୁଥାଏ ସ୍ମୃତିର ରୂପାଜହ୍ନ
ହାତଠାରେ ଫେରି ଚାହୁଁଥିବା ବସନ୍ତ
ମନ ତଳେ ଛୁଇଁଯାଏ ମୁଠା ମୁଠା ମଧୁର ସ୍ପନ୍ଦନ

ହାଇଦ୍ରାବାଦ
୭୩୮୦୨୨୬୫୭୬୯

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତମେ ଏଠି ନାହଁ ବୋଲି



ଡା ନୀଳମାଧବ କର

ତମେ ଏଠି ନାହଁ ବୋଲି ବୋଧେ
ମୁଁ ଏତେ କବିତା ଲେଖୁଛି
କବିତାକୁ ଆଦରି ମୁଁ
ତମ ଅବର୍ତ୍ତମାନରେ
ନିଜକୁ ସମ୍ଭାଳିଛି
...
କବିତା ତୁମ ସଉତୁଣୀ ନୁହଁ
ରାଗି ତାକୁ ଫୋପାଡ଼ି ଦେବନି
ତମକୁ ଭଲ ଲାଗୁ ନଥିବା
ମୋର ଆଉ ଆଉ କଥା ପରି
କବିତାକୁ ଆଡ଼ ଆଖିରେ
ନ ଅନେଇବ ନାହିଁ, ହେଲେ
ତା ଗଳାରେ ଦଉଡ଼ି ଦେବନି

କବିତା ମୋ ଜୀବନ ବୋଲି
ପରତେ ନ ହେଲେ ବି
ଆକାଶରୁ ଝୁଲେଇ ତାକୁ
ମୋ ପରୀକ୍ଷା ନେବନି
...
ତମେ ଏଠି ନାହଁ ବୋଲି
ମୋ ବିରହ ମୁହୂର୍ତ୍ତମାନ ଏବେ
କବିତାର କୋଳରେ କଟୁଛି
ପାଶେ ଥାଇ ଜଳିବାଠୁ ତମର ପ୍ରେମରେ
ସହିବାଠୁ - ତମ ନା' ନା' -
ବରଂ ଭଲ କବିତାର କୋଳ
...
ତମଠି ମୋର ଆଶା ଅଛି ବୋଲି
ଦୁଃଖ ଅଛି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

...

ତମ ଦୁନିଆରେ

ଦିଆନିଆ, ଭାଗବଣ୍ଟା ଅଛି ବୋଲି

କଳିଗୋଳ, ଅଶାନ୍ତି ରହିଛି

...

ଆଉ ତମର ଇଛାସବୁ ଅଛି ଥାକ ଥାକ

ଅନେକ, ଅପୁରନ୍ତ

କେବେ ବି ପୁରା ହେଇ ନ ପାରିବା ଇଛା ସବୁ

ତମ ମନେ ବସା ବାନ୍ଧନ୍ତି କେମିତି କେଜାଣି !

...

ତମ ଇଛା ପାଇଁ ଦୌଡିବାକୁ

ମନ ଆଉ ନାହିଁ ମୋର,

ହାରିବାର ନିଶ୍ଚିତତାରେ

ଲୀନ ହେଇ ଯାଇଛି ବୋଧେ

ଶେଷ କିଛି ମାଦକତା

...

ଏଠି କିନ୍ତୁ, ସବୁବେଳେ

ତା ଦୁଆର ମୋ ପାଇଁ ଖୋଲା

କବିତା କେବଳ ଦିଏ,

ଆଲିଂଗିଥାଏ ନିଶଂକୋଚେ

ଉତ୍ସାହରେ ନିଶାଶକ୍ତ କରି ରଖିଥାଏ

ହଜାରେ ମୋ ଅପୂର୍ଣ୍ଣତା-ସବୁକୁ ଘୋଡେଇ

ମୋତେ ପୂର୍ଣ୍ଣ କରିଦିଏ

...

ଏଣିକି ଏଣିକି

ତମ ଅବର୍ତ୍ତମାନରେ

ମୋ ଅନ୍ଧତ୍ୱ କଟି କଟି ଯାଏ ...

ତମେ ମୋ ଚାରିଆଡେ

ମିଛ ମିଛ ମାୟା ଜାଲ ଗୁଡ଼େଇଛ

ଢୋକେ ଦେଇ, ଦଣ୍ଡେ ଜିଏଇଁ ରଖୁଛ

...

ମୁକ୍ତି କାହିଁ, ସୂର୍ଯ୍ୟୋଦୟ କାହିଁ

ଏ କି ଆକର୍ଷଣ ତୁମର ଯେ

ଘାଣ୍ଟି ଚକଟି,

ଅଣନିଶ୍ୱାସୀ ହେଇ ଯାଉଛି ମୁଁ ...

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ତମ କବଳରେ  !

...

ତମ ଅବର୍ତ୍ତମାନରେ ହିଁ,

ଏସବୁ ମୋ ଆଖିରେ ଦିଶୁଛି

ଆମ ସଂପର୍କସବୁର ମିଥ୍ୟା

ମୋତେ ପରତେ ହେଉଛି

...

ତମେ ମୋତେ ଅନ୍ଧ କଲ ବୋଲି ବୋଧେ

ମୁଁ ଆଲୁଅର ମହତ ବୁଝିଲି

ତମର ପରଶା ଏ ଅନୁଭବ ପାଇଁ

ସତରେ ମୁଁ ତମ ପାଖେ ଋଣୀ

...

ଏଣିକି ମୁଁ ଆଲୋକର ସନ୍ଧାନରେ ଯିବି

ସଳିତାଟିଏ ହେଇ ବରଂ

ମୁଁ କେବଳ ଆଲୋକ ଖୋଜିବି

...

ଆଉ କି ପାରିବ ବାନ୍ଧି ମୋତେ ତମେ

ଅନୁଭବି ମୁଁ ଯେ ଆଲୋକର ଯାତ୍ରୀ

ମାୟା ମୋହ ଆଉ ଜୀବନ ଜଂଜାଳ ଯେତେ

ବାନ୍ଧି ଦେଇ ତମ ଅଞ୍ଚଳରେ

ମୁଁ ଯିବି ସନ୍ୟାସୀଟେ ହେଇ

...

ନା' ମୋ ଆଶା ଥିବ ତମ ଆମନ୍ତ୍ରଣରେ

ନା' ମୋ ଦରଦ ଥିବ ତମ ଉପେକ୍ଷାରେ

ଆଲୋକ ବର୍ତ୍ତିକାଟେ ଥିବ -

ବୈରାଗ୍ୟର,

ହୁଏତ ବୁଦ୍ଧତ୍ୱ ଥିବ

ଅମଳିନ ହସଟେ ଥିବ ହୁଏତ

***

ଓଲଭରହାମ୍ପଟନ, ଇଂଲଣ୍ଡ

nmadhab@yahoo.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆଜି ବି ଖୋଜୁଛି, ପାଇନି



ଅନସୂୟା ପଣ୍ଡା

ଆଜିବି ଖୋଜୁଛି ଏମିତି ବନ୍ଧୁତ୍ୱଟିଏ,
ସବୁ ସମ୍ପର୍କ ଠାରୁ ଉର୍ଦ୍ଧ୍ୱରେ
ପୁରା ଖୋଲାମେଲା, ପାପପୂଣ୍ୟ, ଭୁଲ୍ ଠିକ୍, ସଂଯମ ଅସଂଯମ,
କଥାକୁ କହିପାରିବା ପରି ସଖାଟିଏ
କହି ପାରୁଥିବା ମନର ଦେହର ଅଭାବ ବୋଧ
ଅନେକ ଅଦୃଶ୍ୟ ଯନ୍ତ୍ରଣା ମି..ଠୁ  କଥା  ।
ଅନ୍ତର ମନରୁ ଶୁଣୁଥିବ ବୁଝୁଥିବ ବିନା ବିଦ୍ୱେଷରେ
ଈର୍ଷା ପରାୟଣତା  ନଥିବ କି,
ନଥିବ  ଦେବା ନେବାର ପ୍ରଥା ଚରିତ୍ର ଭିତରେ
ସବୁ ଉପସ୍ଥାପନା  କରି ପାରୁଥିବ ବିଶ୍ୱାସ ଆଉ  ଭରସାରେ
ବାଣ୍ଟି ପାରୁଥିବା  ଅବଣ୍ଟା କଥାକୁ ଅସ୍ୱସ୍ତିରେ ।
ଇଏତ ଅଜବ ମଣିଷର ଦୁନିଆ,
ସଜ  ମାଛରେ ପୋକ ପକେଇବା ,
ଚରିତ୍ରରେ କଳାବୋଳିବା, ଦୁଃଖର ମାନଚିତ୍ରକୁ ଭିନ୍ନ ରୂପଦେଇ
ଚିତ୍ରଣ କରିବାରେ ପାରଦର୍ଶୀ ଅଜୁବା
ଅନ୍ୟର ଦୁର୍ଦ୍ଦିନକୁ  ହାଟରେ ବିକିବେ କଳଙ୍କର ଦ୍ୱାହି ଦେଇ  ।
ସେମିତି ଜଣଙ୍କୁ ଖୋଜୁଛି ଆଜିଯାଏ
ଯାହା ସାଥେ  କଥା ହୁଏ ନିର୍ଦ୍ଦୋଷ ମଣିଷ କହି ଉପସ୍ଥାପନ କରନ୍ତି ନିଜକୁ
କେହି କେହି ତ ସତୀ ସୀତା କୃଷ୍ଣା  କହି ଉତ୍ଥାପନ କରନ୍ତି ନିଜକୁ
ମନ ନରମିଯାଏ, ସରମି ବି ଯାଏ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତେବେ ମୁଁ  କଣ କେବଳ ଦୋଷରେ ଲଟର ପଟର ମଣିଷଟିଏ  ।
ଭଗବାନଙ୍କ ସାଙ୍ଗରେ ଲଢି ପଡେ
ମୋ ଠାରେ କମ୍ କରି ତିଆରିବା ପାଇଁ
ଅଭିଯୋଗର ଦାବିପତ୍ର ବାଢେ ମୋ ଭିତରେ ଖୁନ୍ଦିଥିବା
ମୋହ ଦ୍ୱେଷ ପାପର ରଙ୍ଗକୁ ବୋଳିବା ପାଇଁ
ଏବେବି ଖୋଜୁଛି ବନ୍ଧୁଟିଏ ଅନ୍ତକରଣକୁ ବାଣ୍ଟିବା ପାଇଁ  ।
କେତେ ବଡପଣ ଜ୍ଞାନ ଢେଉ  ହେଇ ମାଡିଆସେ
ମୁଁ ମୁଣ୍ଡ ନଇଁ ଦିଏ ଅଭାବ ବୋଧରେ
ସମ୍ପୂର୍ଣ ସ୍ୱୟଂଭୂ ମଣିଷର ଅହଂକାର ପାଖରେ
ମନ ଶିକୁଳିଯାଏ ମୋ ମୂର୍ଖତା ଚାଦର ଭିତରେ ଛୋଟ ହେଇ  ।
ମୁଁ ପାରେନି ଏବେ ଯାଏ ବନ୍ଧୁଟେ  ତିଆରି
ବିଶ୍ୱାସ ପରାହତ ହେବା  ପରେ
ଆତ୍ମବିଶ୍ୱାସ ରେ ପୁଣି ଖୋଜେ
ଆପଣା ପରି ମଣିଷ ଟିଏ  ।
ଆଜିବି ଖୋଜୁଛି ପାଉନି
ଯାହା ଭିତରେ ଥିବ ଦୁଃଖ ସୁଖର, ଭୁଲ୍ ଠିକ୍ ର ବଗିଚା ଟିଏ
ବଙ୍କା ତେଢା  ରାସ୍ତାକୁ ସଳଖିବାର ଚାରୁ କଳା, ଆଉ
ତୁମ ପାଇଁ ସମୟ ଥିବ
ବ୍ୟସ୍ତ ଭିଡ ସ୍ୱାର୍ଥୀ ଦୁନିୟାର ଦୌଡରେ ................ □

ଭିସୁଟ୍ କଲୋନୀ, ବୁର୍ଲା, ଭ୍ରାମ୍ୟଭାଷ : ୯୪୩୯୭୧୯୯୭୧

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଇଏ କେମିତିକା କେଜାଣି



ଡଃ ଆଭାଞ୍ଜଳି ଶତପଥୀ

ଇଏ କେମିତିକା ମଉଜ କେଜାଣି ବଞ୍ଚିବାରେ ସଂଶୟ ଆସିଥାଏ ।

ଇଏ କେମିତିକା ସମ୍ପର୍କ କେଜାଣି  ବିଶ୍ୱାସର ସେତୁ ଭାଙ୍ଗିଯାଏ  ।

ଇଏ କେମିତିକା  ଆକାଂକ୍ଷା କେଜାଣି ବିବେକଟି ହଜିଥାଏ  ।

ଇଏ କେମିତିକା ପ୍ରଶଂସା କେଜାଣି ଅପର ମନକୁ ଆଘାତ ଦିଏ   ।

ଇଏ କେମିତିକା  ସାମାଜିକ ସଂସ୍ଥା କେଜାଣି  ଅନିୟମ ନିୟମ ବନିଥାଏ  ।

ଇଏ କେମିତିକା ପ୍ରେମ ଯେ କେଜାଣି ପାଇବାର ଅଙ୍କ କଷୁଥାଏ ।

ଇଏ  କେମିତିକା ଦାନ କେଜାଣି କଳା ପଇସାରୁ ଦିଆ ହୁଏ ।

ଇଏ କେମିତିକା ଜୟ କେଜାଣି   ଅପର  ପରାଜୟେ ଲବ୍ଧ ହୁଏ ।

ଇଏ କେମିତିକା ନିର୍ଭୟ  କେଜାଣି  ପ୍ରତି ମୁହୂର୍ତ୍ତରେ ଭୟ ଦିଏ  ।

ଇଏ କେମିତିକା ମଉନତା  କେଜାଣି   ମନେ   ଭାବନାର କୋଳାହଳ ଖେଳୁଥାଏ ।

ରେଳକୁଟୀର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

ଇମେଲ୍ - avanjali@yahoo.co.uk

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆତ୍ମସମୀକ୍ଷାର ବେଳ



ରାଧାମୋହନ
ପୂଜାହାରୀ

ସୂର୍ଯ୍ୟ ଅସ୍ତମିତ ଗୋଧୂଳି ସମୟେ
ପତ୍ନୀ କୋଳେ ମୁଣ୍ଡ ଥୋଇ,
ପ୍ରେମାଳାପେ ଦିନେ ମଜ୍ଜି ଯାଇଥିଲି
ଭାବ ଦିଆନିଆ ହୋଇ ।

ସରାଗେ କହିଲି ମୁଁ ପ୍ରିୟାକୁ ମୋର
ଆଣ ଟିକେ ମୁଢ଼ି ଭଜା,
ଗରମ ପକୁଡ଼ି ସାଥେ ଟିକେ ହେଲେ
ଆହୁରି ଲାଗିବ ମଜା ।

ପ୍ରିୟା ମୋ କହୁଛି ମଥାକୁ ଆଉଁସି
ମୋ ସୋନପୁରିଆ ଧନ !
ଚାଉଳ ବରା ଓ ଚଟଣୀ ଖୋଇବି
ପକୁଡ଼ିରେ କିଆଁ ମନ !

କଟକରୁ ଝିଅ ଖୋଜି ବାହା ହେଲି
ସ୍ତ୍ରୀ ମୋ ଖାଣ୍ଟି କଟକିଆ,
କଟକିଆ ଜ୍ୱାଇଁ ହେଲି ସିନା ମୁହିଁ
କିନ୍ତୁ ମୁଁ ସୋନପୁରିଆ ।

ଆମ ରସାୟନ ବୁଝନ୍ତିନି କେହି
ବୁଝି ବି ପାରିବେ ନାହିଁ,
ହସ ମାଡ଼େ କିନ୍ତୁ ଅସଭ୍ୟ ଲୋକଙ୍କ
ନିର୍ଲଜ୍ଜ ମୁହଁକୁ ଚାହିଁ ।

ଖୋର୍ଦ୍ଧା, ବାଲେଶ୍ୱର, ଭଦ୍ରକ, କଟକ
ନୟାଗଡ଼, କେନ୍ଦ୍ରାପଡ଼ା,
ସମ୍ବଲପୁର ଓ ବୌଦ୍ଧ, ବରଗଡ଼
ବଲାଙ୍ଗୀର, ନୂଆପଡ଼ା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପୂରୁବ ପଶ୍ଚିମ ପ୍ରାନ୍ତେ ଭେଦଭାବ
ସଦା ଥାଏ ଓଡ଼ିଶାର,
ସଭିଙ୍କ ହୃଦୟେ ଭାଷା ସଂସ୍କୃତିର
ରହିଛି ବାଛ ବିଚାର ।

ବିନା ଦୋଷେ କିଏ ଗାଳି ଦିଏ ଯେବେ
ମନ କଷ୍ଟ ହୁଏ ଭାରି,
ମାଆ ନାମେ ଥାଏ ସେ ଅଶ୍ରାବ୍ୟ ଭାଷା
ବଳି ପଡୁଥାଏ ନାରୀ ।

ପଶ୍ଚିମ ପ୍ରାନ୍ତର କେହି ସହୃଦୟ
ଯଦି କରେ ଭୁଲ୍ କାମ,
ପୂର୍ବ ପ୍ରାନ୍ତେ କିନ୍ତୁ ବଦନାମ୍ ହୁଏ
ସମ୍ବଲପୁର ର ନାମ ।

ପୂର୍ବ ପ୍ରାନ୍ତେ କେହି କୁକର୍ମ ରଚିଲେ
ଅନ୍ୟାୟ ରେ ଲିପ୍ତ ଥାଇ,
ଏଠି କିନ୍ତୁ ସଦା ବଦନାମ୍ ହୁଏ
ଆମ କଟକିଆ ଭାଇ ।

ପ୍ରାନ୍ତ ନାମେ ଏହି ଦୋଷ ଲଦାଲଦି
ଚାଲୁଅଛି କେଉଁ କାଳୁ,
ଏ ପ୍ରଥାକୁ ଆମେ ବଜାୟ ରଖିକି
ମାନବ ଧରମ ପାଳୁ !

ଜାତି ଧର୍ମ ପ୍ରାନ୍ତ ଭେଦେ ଆମର ଏ
ବିତିଯାଏ କାଳ ଅଧେ,
ଭାବେ ମୁଁ କଟକେ ବିବାହ କରିକି
ଭୁଲ୍ କରିଦେଲି ବୋଧେ !

ପରିବର୍ତ୍ତନକୁ ଭୁଲି ଆଜି ଆମେ
ଆମରି ଭାବେ ଅଟଳ,
ବସୁଧୈବକୁଟୁମ୍ବକ ର ଭାବନା
ହୋଇଛି କିନ୍ତୁ ବିଫଳ ।

ଦେଶ ଜାତିର ଏ ଉନ୍ନତି ପଥରେ
ବୃଦ୍ଧି ପାଉ ନୈତିକତା,
ସମାଜ କଲ୍ୟାଣ ପାଇଁକି ବଦଳୁ
ଆମରି ମାନସିକତା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଖି ବନ୍ଦ କରି ଭାବନା ରାଇଜେ
ମୁଁ ଯେ ହଜି ଯାଇଥିଲି,
ପ୍ରିୟାର ଅଙ୍ଗୁଳି ପରଶେ ନିଜକୁ
ସଚେତ ମୁଁ ପାଇଥିଲି ।

ଆଖି ଖୋଲି ଦେଖେ ପତ୍ନୀ ହାତେ ମୋର
ଥିଲା ମୁଢ଼ି ଥାଳିଆ ଟି,
ଚାଉଳ ବରା ଓ ଚଟଣୀ ବାସ୍ନାରେ
ଆପେ ଖୋଲିଗଲା ପାଟି ।

ଭଜା ମୁଢ଼ି ମୁଠେ ପାଟିକୁ ପକାଇ
ଭାବନାକୁ ବିରାମିଲି,
ନିଜେ ଭଲ ଥିଲେ ଦୁନିଆ ଟା ଭଲ
ଏ କଥା ମନେ ଭାବିଲି ।

ବୀରମହାରାଜପୁର (ସୋନପୁର)
ଦୂରଭାଷ : ୮୯୧୭୪୧୬୮୫୨

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବଡ଼ପଣିଆ ଡିଙ୍ଗର ଓଡ଼ିଆ



ପ୍ରଦୀପ କୁମାର
ଜିଲିକାରା

( ବ ଅନୁପ୍ରାସରେ )
ବଡ଼ ମୁଣ୍ଡିଆ ହେ ଶରୀର ଖଣ୍ଡିଆ ଓଡ଼ିଆ ଜାତିର ଦମ୍ଭ,
ବଡ଼ିମା ଦେଖାଇ ଲବଣ ଜଳରେ ଶର୍କରା କରୁଛ ଦ୍ରବ ।

ବକ୍ର ହୋଇଗଲେ ଶ୍ରବଣ ଗହ୍ୱର ଜଡ଼ା ତେଲ ଦେବ ଲେଶି,
ବନ୍ଧୁ ଉତ୍କଳର କ୍ଷମା କରିଦେବ ମୋତେ ହୋଇଯିବ ଫାଶି ।

ବଙ୍କା ହୋଇଯିବ ଦେଉଳର ନେତ ପାଙ୍କା ପଡ଼ିଲାଣି କ୍ଷେତ,
ବିଦୁଷ କବିଙ୍କୁ କୁହ ଲେଖା ଛାଡ଼ି ଚାଷେ କରୁ ମନ ଜାତ ।

ବଡ଼ିମା ତ ଖାଲି ମୁଁ ଓଡ଼ିଆ ବୋଲି ମଧୁର ମୋହର ଭାଷା,
ବକ ଧର୍ମୀ ହୋଇ ଶ୍ରେଷ୍ଠ ଧର୍ମ ଭୁଲି ଖାଉଛନ୍ତି ମାଂସ ଖୋଷା ।

ବରଗଛ ପରି ଓଡ଼ିଆ ଜାତିକୁ ଦୁର୍ବାଦଳ କନ୍ଧ ମୁହିଁ,
ବରଜି ନିଜର ଜନନୀ ଭାରତୀ ଓଡ଼ିଆ କହୁଛି କାହିଁ ?

ବାରଣ ଲାଗିଛି ତୋର ଚରଣରେ ଦେବା ପାଇଁ ଭାବ ଲୟ,
ବାଛବିଚାର ତ ପ୍ରବଳ ତୋ କୁଳେ ଧର୍ମାଧର୍ମ ଯୁଦ୍ଧ ଭୟ ।

ବରଜ ବିଳାସୀ ତୋର ଟାଣ ପଣ ନିଶ୍ଚେ ହେବ ଦିନେ ଚୂନା,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିବେକ ନଥିବା ବିଷଧର ପାଲୁ ହେବୁ ଦିନେ ତନାଘନା ।

ବିକି ଦେବେ ତୋର ଭାଷା ଭିଟାମାଟି ଲଙ୍ଗଳା ବୁଲିବୁ ରହ,
ବରି ବରି ପୁଣି ମହଣ ମହଣ ସ୍ୱର୍ଣ୍ଣେ ବିକିବେ ତୋ ଦେହ ।

ବିଚାର କରନ୍ତି ପର ଜାତି ଧର୍ମ ଭେଦଭାବ ଭିନ୍ନାଭିନ୍ନ,
ବେଗେ ତଡ଼ ୟାଙ୍କୁ ଶତ୍ରୁ ଆଚରଣ ଖଣି ଖାଦନ ଖୋଦନ ।

ବୁଡ଼ିଯିବ ତୋର ଧରମ ନଉକା ଦିନରେ ପଡ଼ିବ ଡକା,
ବୋକା ପରି ଚାହିଁ ରହିଥା ରେ ଧନ ଓଡ଼ିଆ ତ ମାଛରଙ୍କା ।

ବଦନ କାଳିଆ ପାଉଁଶିଆ ହେବ ଏବେ ଜଗି ରଖି ଚଳ,
ବିଲେପ କରିବେ କଳଙ୍କ କାଦୁଅ ନ ମାନିବେ ରାଜାବଳ ।

ବିଲୋକନ କର ଆଜି ଯା ଚାଲିଛି କହିଦେଲି ତୋର କାନେ,
ବିରାଡ଼ି ବୈଷ୍ଣବ ଭାରି ଦୁଷ୍ଟ ଖଳ କୁଳ ତୋର ରଖ ମନେ ।

ବଙ୍କା ନ କରନ୍ତୁ ମୋର ଚୁଟି ଲୋମ ଦେଖି ମୋର ଦୋଷ ତ୍ରୁଟି,
ବୁଝାଇ କହିଦେ ନିରଳସ ମୁହିଁ ନ ଚିପନ୍ତୁ ମୋର ତଣ୍ଟି ।

ଜୟ ଜଗନ୍ନାଥ ଜୟ ଜଗନ୍ନାଥ ଜୟ ଜଗନ୍ନାଥ ଜୟ ଜଗନ୍ନାଥ । ।

ହାଡ଼ଶିଙ୍ଗୁଲା, ରାୟଗଡ଼ା ଦୂରଭାଷ- ୮୨୪୯୪୩୯୯୩୯

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ବିନାୟକ ବିଘ୍ନନାଶକ



ରାଜେନ୍ଦ୍ର ବୋଡ଼କିଆ

ହେ ବିନାୟକ ବିଘ୍ନନାଶକ ପାର୍ବତୀ ନନ୍ଦନ
ପ୍ରଭୁ
ପ୍ରଣାମ ଘେନ ମୋର ହେ ଲମ୍ବୋଦର
ତୁମ ପାଦ ତଳେ କରୁଛି ମିନତି
ଉଦ୍ଧାର କର ପ୍ରଭୁ ଏ ଭବସାଗରୁ
ସ୍ଥାନ ଦିଅ ମତେ ତୁମ ପାଦ ତଳେ
ତୁମ ପାଖେ କରୁଛି ମୁଁ ଦଣ୍ଡବତ । ।୧ । ।
ତୁମେ ଜ୍ଞାନଦାତା ତୁମେ ବୁଦ୍ଧିଦାତା
ତୁମେ ହିଁ ଜଗତ କରତା
ସାରା ଜଗତ ଗାଏ ତୁମ ଗୁଣ
ବୁଦ୍ଧିରେ ତମ କିଏ ସରି ପୁଣ
ଯୁଦ୍ଧରେ ପ୍ରଭୁ ପିତା ଠାରୁ ଜୟ
ପ୍ରତିଯୋଗିତାରେ ଦେବ ଠାରୁ ଜୟ
ତୁମେ ପ୍ରଭୁ ସର୍ବବିଦିତ । ।୨ । ।
ଅବୋଧ ଅଜ୍ଞାନ ବାଳକ ମୁହିଁ
ଜାଣେ ନାହିଁ ତମ ପୂଜାର୍ଚ୍ଚନା
ଖାଲି ଏତିକି ଜାଣିଚି ପ୍ରଭୁ
ତୁମକୁ ପୂଜିଲେ ପୂର୍ଣ୍ଣ ହୁଏ ମନସ୍କାମନା ।
 ।୩ । ।
ତୁମେ ଅଟ ପ୍ରଭୁ ଦୟାର ସାଗର
ଦୟାଟିକେ କର ଏ ମୂର୍ଖ ଉପରେ
ତମ କୃପା ହେଲେ ପାରି ହୋଇଯିବି
ସାତ ସମୁଦ୍ର ତେର ନଈ । ।୪ । ।
ଦିଅ ମୋତେ ଜ୍ଞାନ ଦିଅ ମୋତେ ଶକ୍ତି
ସେବା କରିବି ମୁଁ ପିତାମାତାଙ୍କର
ରଖିବି ତାଙ୍କ ଯଶ ଯୁଗେଯୁଗେ
କର ପ୍ରଭୁ ମୋତେ ଏତିକି ଦୟା । ।୫ । ।
ଜାଣି ଅଛି ପ୍ରଭୁ କିଛି ଜାଣି ନାହିଁ
ତଥାପି ଲେଖିଲି ଦି ' ପଦ
ହେ ବିନାୟକ ଥିଲେ ମୋର ଦୋଷ
ଏ ମୂର୍ଖକୁ ନ କରିବ ରୋଷ । ।୬ । ।

କଳାହାଣ୍ଡି ବିଶ୍ୱବିଦ୍ୟାଳୟ, ଭବାନୀପାଟଣା, ଓଡ଼ିଶା
ସ୍ନାତକ ତୃତୀୟ ବର୍ଷ (ଓଡ଼ିଆ ବିଭାଗ)
କଦଲୀମୁଣ୍ଡା, କଳାହାଣ୍ଡି, ଓଡ଼ିଶା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମନେପଡ଼େ ଆଜି ସେଦିନ କଥା



ଅଭିଜିତ୍ ସାହୁ

ନା କାଉର କର୍କଶ ରାବ ନା କୁମ୍ଭାଟୁଆ ବଣି,
କୋଇଲିର କୁହୁକୁହୁ ସ୍ୱର, ଆଉ ତ ଶୁଭୁନି ।

ଶୁଭୁ ନାହିଁ ଆଉ ଗୋରୁ ଗୋଠ ହମା ରଡି,
ନାହିଁ ଯେ ବସନ୍ତ, ନା ଅଛି ଶୀତର କୁହୁଡି ।

ନା ବସନ୍ତର ଆମ୍ବ ବଉଳ ନା ଗ୍ରୀଷ୍ମର ଆମ୍ବତୋଟା,
ନାହିଁ ଯେ ଚାଳ ଛପର ସବୁଆଡେ ଖାଲି ବଡ କୋଠା ।

ଖାଇଲାଣି ନଦୀ ଆଉ ନାହିଁ ଯେ ପୋଖରୀ
ମିଳୁନି ଆଉ ତାଳ ସଜ, ନା ମିଳୁଛି ଖଜୁରୀ ।

ନାହିଁ ପୂଜା, ନାହିଁ ଓଷା ନାହିଁ ଯେ ହୁଳହୁଳି,
ନାହିଁ ପିଠାପଣା ଆଉ ନା ରଜର ଦୋଳି ।

ମିଳୁନି ଯେ ଗାଈ କ୍ଷୀର, ନା ଦହି ଲହୁଣି
ନା ବାଟି ଖେଳ ଆଉ ହାରିଲେ କହୁଣି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନା ପାହାନ୍ତିଆ ରବି,  ନା ସକାଳୁ ଗାଧୁଆ,
ଅତର ଲଗାଇ ପୁଅ ଆଜି ମିଛୁଆ ରାଧୁଆ  ।

ନାହିଁ ବରଗଛ ତଳ ସଂଧ୍ୟା ତାସର ଖଟି,
ନାହିଁ ଆଉ ଭାଇଚାରା  ଲୋକେ ଦେଖି ଯାନ୍ତି ଉଠି  ।

ନାହିଁ ବୋହୂଚୋରି ନା ଖୋଖୋ ଓ ବାଗୁଡି
ପବଜି ଫିଫା ଖେଳି ପିଲା ଗଲେଣି ବିଗିଡି  ।

ନା ଚାଲିଛି ଶଗଡ ନା ଅଛି ମାଟି ରାସ୍ତା
ସବୁଆଡେ ପକ୍କା, ପିଚୁ ଗାଡି ହେଲାଣି ଯେ ଶସ୍ତା  ।

ନାହିଁ କେଉଟର ଜାଲ ନା ଚାଲୁଛି ଆଉ ଡଙ୍ଗା,
ଇନ୍ଦିରା ଆବାସ ଆଜି ଆଉ ଘର ନାହିଁ ଭଙ୍ଗା  ।

ନାହିଁ ଚୁଲି ପୋଡା ଆଳୁ ନା କନ୍ଦମୂଳ ସିଝା,
ଖାଉଛନ୍ତି ଲୋକେ ଆଜି ବର୍ଗର ଆଉ ପିଜା  ।

ଆରିସା, ଏଣ୍ଡୁରି, ମଣ୍ଡା, ପୋଡ ଓ କାକରା ,
ମୋମସ୍, ଚାଉମିନ୍ ଆଉ ସୋଡା ଦିଆ ବରା  ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନାହିଁ ବାଇଗଣ ପୋଡା ଆଉ ଅରୁଆ ଟମାଟୋ
ସ୍ପିଗି, ଓବର୍ ଇଟସ୍, ଫୁଡ ପାଣ୍ଡା ଓ ଜମାଟୋ ।

ବଡିଚୁରା, ଶୁଖୁଆ ଓ ସେ କାଳ ପଖାଳ,
କର୍ଣ୍ଣଫ୍ଲେକ୍ସ, ବ୍ରେଡରେ ଆଜି କଟୁଛି ସକାଳ ।

ବହୁଦୂରୁ ଦିଶୁଥିଲା ଗାଁ ମନ୍ଦିରର ନେତ,
ଚାରିଆଡେ କୋଠାଘର ଭାଗ ଲାଗେ କ୍ଷେତ ।

ନା ଦୀପାଳିରେ ଦୀପ ନା ଫଗୁଣରେ ଫଗୁ,
ନା କାର୍ତ୍ତିକରେ ଡଙ୍ଗା ନା ନିର୍ଜଳାରେ ସାଗୁ ।

ଯୁଗ ସାଙ୍ଗେ ଚାଲିଗଲେ ଗେଣ୍ଡାଳିଆ ଉଡି,
ନା ସାମ୍ବରେ ଖିଚୁଡି ନା ମକରରେ ଗୁଡି ।

ନାହିଁ ଆଉ ପରମ୍ପରା ନା ଅଛି ଯେ ସଂସ୍କୃତି,
ଯେତେ ଭାଇ ସେତେ ଘର ନା ପ୍ରେମ ଆଉ ପ୍ରିତି ।

ବଦଳୁଛି ଗାଁ ମୋର ହେଉଛି ସହର,
ନାହିଁ ଆଉ ପ୍ରେମ ଏଠି କେହି ନୁହେଁ କାହାର ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ରକ୍ତଦାନ ମହାପୂଣ୍ୟ



କୈଳାଶ ଚନ୍ଦ୍ର ସାହୁ

ରକ୍ତ ଦାନ ଅଟେ ମହତ ଦାନ
ରକ୍ତ ଦେବାପାଇଁ ଡରିବ ନାଇଁ,
ରକ୍ତ ଦାନ କଲେ ମିଳେ ଆତ୍ମସନ୍ତୁଷ୍ଟି
ଏ କଥା କେବେ ଭୁଲିବ ନାଇଁ ।

ଦୁନିଆଁ ରେ ଅଛି ଯେତେ ଦାନ
ସବୁଠାରୁ ବଡ ରକ୍ତ ଦାନ ,
ରକ୍ତର ମୂଲ୍ୟ ଯିଏ ଜାଣିଛି
ସବୁବେଳେ ରକ୍ତ ଦେବାକୁ ଆଗଭର ସିଏ ହେଇଛି ।

ରକ୍ତ ଦାନ ଯଦି ଥରେ କରିବ
ଜୀବନ ଗୋଟିଏ ବଞ୍ଚିବ,
ଯିଏ ବଞ୍ଚିଥିବ ତୁମ ରକ୍ତରେ
ତାହାରି ଆତ୍ମାଟି ତୁମକୁ ସର୍ବଦା ଝୁରିବ ।

ରକ୍ତ ଦାନ ଦ୍ୱାରା ଅନ୍ୟର ଜୀବନ ବଞ୍ଚିବ
ନିଜ ସ୍ୱାସ୍ଥ୍ୟ ମଧ୍ୟ ଠିକ ରହିବ,
ରକ୍ତଦାନ ଦ୍ୱାରା ନାନାଦି ରୋଗରୁ ରକ୍ଷା ପାଇବ
ଶରୀରରେ ନୂଆ ରକ୍ତ ବି ତିଆରି ହେବ ।

ଆସ ଆଜି ଶପଥ ନେବା
କାହାକୁ ରକ୍ତ ଅଭାବରୁ ମରିବାକୁ ନଦେବା,
୩ ମାସ ଅନ୍ତରରେ ରକ୍ତ ଦାନ କରିବା
ସମସ୍ତଙ୍କ ମୁହଁରେ ହସ ଫୁଟାଇବା ।

ରକ୍ତ ଦାନ ଏକ ମହତ ଦାନ । ଏହାଦ୍ୱାରା ଏକ ନିରୀହ ଜୀବନ ବଞ୍ଚିବା ସହ ନିଜକୁ ଆତ୍ମସନ୍ତୁଷ୍ଟି ମିଳିଥାଏ । ଆଜିର ଦିନରେ ଏଇ କୋରନା ମହାମାରୀ ସମୟରେ ରକ୍ତ ସଙ୍କଟକୁ ଦୂର କରିବା ପାଇଁ ଯୁବପିଢ଼ି ଆଗେଇ ଆସିବା ଉଚିତ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍ୱାଧୀନ ତ୍ରିରଙ୍ଗା



ଦଣ୍ଡାସି ପ୍ରଧାନ

ଆଜି

ଉଡୁଛି ତ୍ରିରଙ୍ଗା ପଲ୍ଲୀରୁ _

ଦିଲ୍ଲୀ ମୁକ୍ତ ଆକାଶ ,

ଶ୍ରଦ୍ଧାଞ୍ଜଳି ଅର୍ପି ସହୀଦେ _

ସର୍ବେ ଭାରତ ବର୍ଷ ।

ଭାଗ୍ୟବାନ ଆମେ ଅମର-

ବୀର ଦାୟଦ ବୋଲି ,

ସତ୍ୟ ଅହିଂସା ଶାନ୍ତିର_

ବାର୍ତ୍ତା ଦେଇଛୁ ମେଲି ।

ସ୍ୱାଭିମାନ ଆମ ସଙ୍କଳ୍ପ _

ରୀତି ନୀତି ସଂସ୍କୃତି,

କାହିଁ କେତେ କାଳୁ ଜଳୁଛି _

ମୁକ୍ତି ମଶାଲ ଖ୍ୟାତି ।

ସୁପୁତ୍ର ବୀର ଯବାନ_

ସେବା ଅମର ଧାମ ,

ସୁସଜ୍ଜିତେ ସଦା ଜାଗ୍ରତ _

ଦିବା ରାତ୍ରି ତମାମ ।

ହୃଦୟରୁ ଝରେ ସମ୍ମାନ _

ଶ୍ରଦ୍ଧାନନ୍ଦ ଝରଣା ,

ଆଜିର ଦିବସେ ଭାରତୀ _

ସ୍ମରି ଶୁଭ କାମନା ।

ସ୍ୱାଧୀନତା ସାଥେ ସମୃଦ୍ଧି _

ବିଶ୍ୱେ ଶାନ୍ତି ବାରତା,

ସୁଧାର ଉଦ୍ଧାର ନିମିତ୍ତ_

ପଥେ ଉଦାର ବାର୍ତ୍ତା ।

ସୁଦକ୍ଷେ ଭାରତ ବାଣ୍ଟିଛି_

ପ୍ରୀତି ମୈତ୍ରୀ ବାଣୀ ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯୁଗେ ଯୁଗେ କୀର୍ତ୍ତି ପୃଷ୍ଠାରେ

ଅଭିନବ କରଣି ।

ସ୍ୱାଧୀନ ଏ ମାଟି ସ୍ୱାତନ୍ତ୍ର୍ୟ

ଯା'ର ଭାଷା ବୈଭବ,

ସଂସ୍କୃତି ସାହିତ୍ୟ ସଙ୍ଗୀତ

ନାଟ୍ୟ କଳା ସୌରଭ ।

ପ୍ରାକୃତିକ ଶୋଭ ଭଣ୍ଡାର-

ଖାଦ୍ୟ ପେୟ ଚଳଣି,

ବିବିଧତା ମଧ୍ୟେ ଏକତ୍ୱ

ଆମ ଅମୃତ ବାଣୀ ।

ବାଦପୁର, ୮୭୬୦୧୯୪୯୬୭

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶରତର ଶୋଭା



ଦିଲ୍ଲିପ କୁମାର ଜେନା

ଶ୍ରାବଣର ଧାରା ଶୁଖିଆସେ ଧିରେ
ବରଷାର ଅଭିମାନେ
କାଶତଣ୍ଡି ହସେ ତୁଷାର ଧବଳେ
ଶରତର ଆଗମନେ □

ଆଗନ୍ତୁକ ମନ ସୁନୀଳ ଗଗନେ
ଭାସେ ମେଘ ନିରିମଳେ
ବୋଇତର ସମ ଅଭାସର ଚିତ୍ର
ଦିଶେ ତରଙ୍ଗର ଜଳେ □

ତରୁ ଗଛଲତା ଗିରି ବନଲତା
ସତେକି ସଜେଇ ବସେ
ବିହଙ୍ଗର ସାଥେ ହସ ଲୁଚକାଳି
ଆନନ୍ଦରେ ଦିନ ହସେ □

ପ୍ରକୃତିର ସତେ ଆଭାର ସମ୍ଭାରେ
ଋତୁଚକ୍ର ପୁରି ଉଠେ
ପୁରପଲ୍ଲୀ ଶୋଭା ମଣ୍ଡିତ ଆଭାରେ
ସୁସଜ୍ଜିତ ହୋଇ ଉଠେ □

ଧରଣୀ ସଜେଇ କାଶତଣ୍ଡି ଫୁଲେ
ସଜେଇ ଧାଡ଼ିକି ଧାଡ଼ି
ଗାଆଁ ହିଡଧାର ମଣ୍ଡିତ ଶୋଭାରେ
ମନକୁ ନିଅଇ ଭିଡ଼ି □

ସବୁଜିମା କ୍ଷେତ ଚାରିଆଡ଼େ ଦିଶେ
ଗାଆଁ ଗହୀରର ମାଳେ
ଦୂରକ୍ଷେତ ଧାରେ ତାଳଗଛ ଡାଳେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବାଇୟାର ନୀଡ ଝୁଲେ □

ଶରତ ଶିଶିର ଆଗମନ ପାଇଁ
ସଜେଇ ହୁଅଇ ଧରା
ସକାଳର ଖରା ଘାସର ଶେଯରେ
ଅଳସ ଭାଙ୍ଗଇ ପରା □

ହଂସ ହଂସରାଳି ଜଳରେ ଭାସନ୍ତି
କରନ୍ତି ଜଳରେ କ୍ରୀଡା
ପକ୍ଷୀ ଗଛଡାଳେ ମଧୁର ଗୀତରେ
ମନରୁ ହରନ୍ତି ପୀଡ଼ା □

ପରବର ଋତୁ ପାର୍ବଣ ସଜ୍ଜାରେ
ପୂଜା ପର୍ବାଣୀରେ ଭରା
ଗାଆଁଠୁ ସହର ସବୁଠି ଖୁସିରେ
ଆନନ୍ଦେ ରାଇଜ ସାରା □

ଦିଲ୍ଲୀପ କୁମାର ଜେନା ( କଳା ଶିକ୍ଷକ )
ଓଡ଼ିଶା ଆଦର୍ଶ ବିଦ୍ୟାଳୟ
ରାୟଗଡ଼, ଗଜପତି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସନ୍ଦେହର ପରିଭାଷା



ଶୁଭମ୍ କୁମାର ସାହୁ

ମନରେ ଉଙ୍କି ମାରୁଥିବା ପ୍ରଶ୍ନ

କେବଳ ମନକୁ ପଚାର

ଭାବନା ତ ବାହାନା କରିବ ;

ଆଖିରେ ଆସୁଥିବା ସ୍ୱପ୍ନ

କେବଳ ଆଖିକୁ ପଚାର

ଓଠ ତ କାହାଣୀ କହିବ

ସନ୍ଦେହ ପ୍ରଶ୍ନରେ

ଉତ୍ତର ଖୋଜିଲେ ହେବ ନା ?

ସାଗର କଣ ପାଣି ବିନା ରହିପାରିବ

ଏ ହୃଦୟ କଣ ମନ କୁ ଛାଡ଼ି ବଞ୍ଚିପାରିବ

ତଥାପି,

ସନ୍ଦେହ ର ପରିଭାଷା ରେ ବୋଧେ

ମୁଁ ତୁମଠାରୁ ବହୁ ଦୂରେ .......

ଗୀତିକବି ତଥା ପ୍ରୋଗ୍ରାମ୍ ଅଫିସର

ଠିକଣା :

ସା : ପଦାପଡ଼ା, ପୋ : ଗୁଡ଼ିଖାଳ

ଜିଲ୍ଲା : ବାଲେଶ୍ୱର, ୭୫୬୭୦୩୦

ଭ୍ରାମ୍ୟଭାଷ : ୮୧୧୭୫୧୨୭୪୭

ଇମେଲ୍ : sahoosubham603@gmail.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଝୁରେ ସେଇ ପିଲାଦିନ



ଅଜିତ କୁମାର ଚର୍ଚ୍ଚି

ଶୈଶବ ପୃଷ୍ଠାର ଅଧାଗଢ଼ା ସ୍ମୃତି
ରହିଗଲା ମାଆ କୋଳେ
ବାଳୁତ ବେଳର ବାଳୁଙ୍ଗାମୀ ସବୁ
ଚାଲିଗଲା ବାଲିଖେଳେ ।

ଯୌବନ ବୟସେ ଜୀବନ ସାଗରେ
ଆସେ ଝଡ଼ଝଞ୍ଜା ନିତି
ବାଳୁତ ବେଳର ପିଲାଳିଆମୀ ସବୁ
ଲାଗେ ସତେ ଏକ ସ୍ମୃତି ।

ବାଳୁତ ବେଳରେ ଯୌବନର ଆଶା
ଲାଗୁଥିଲା ଆକର୍ଷିତ
ଯୌବନ ରାଇଜେ ପଦାର୍ପଣ କରି
ହେଲି ମୁହିଁ ମର୍ମାହତ ।

ବାଲି, ଧୁଳି ବୋଳା ଧୁଳିଖେଳରେ ଯେ
ନଥିଲା ଆକାଂକ୍ଷା କିଛି
ଯୌବନର ଖେଳ ଏତେ ଯେ କଠିନ
ଆଜି ମୁଁ ଭାଙ୍ଗି ପଡ଼ିଛି ।

ମନେପଡ଼େ ସେହି ମା'ର ପଣତ
ବାପାଙ୍କ ଗାଳିକୁ ଝୁରି
ପୁଣିଥରେ ସେଇ ବାଳୁତ ସମୟ
ସତେକି ଆସନ୍ତା ଫେରି ।

ପିତା ମାତାଙ୍କର ଆଶ୍ରିତ ତଳେ ବି
ଖୋଜୁଥିଲି ସ୍ୱାଧୀନତା
ଦାଣ୍ଡେ ଗୀତ ଗାଇ ନାଚିଖେଳି ଡେଇଁ
ମାନେ ନାହିଁ ବାଡ଼ବତା ।

ଆଜି ପୁଣି ଏତେ ସ୍ୱାଧୀନତା ପାଇ
ଲାଗେ କାହିଁ ପରାଧୀନ
ଚାହିଁଥିଲି ଯାହା ସବୁକିଛି ପାଇ
ଖୋଜେ ସେଇ ପିଲାଦିନ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସଂବଲପୁରୀ

# ବିଭାଗ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଚାଷୀ ଆତ୍ମହତ୍ୟା



ବିଶ୍ୱନାଥ ଭୁଏ

"ହେ ଭଗବାନ୍ ଏତେ ବର୍ଷା । ଠିକ୍ ଧାନ୍ କାଟ୍'ବାର୍ ସମିଆଁ କେ ଫେର୍ । ଇ ଥର ଭାବିଥିଲି ଧାନ୍ ଟିକେ ହେଲେ ବିକିବୁକା କରି ଯେତେ ଲୁକ୍'କର୍ ନୁ ଉଧାର୍ ଆନିଛେଁ ସବୁ ଟଁକା ସୁଧ୍ ମୂଲ୍ ସାଂଗେ ସୁଝି ଦେମି । ଛୁଆକର୍ ଲାଗି ନୂଆଁ ସାର୍ଟ୍ କୁର୍ତ୍ତା ଘିନି ଦେମି । ହେଲେ ଇ ବର୍ଷା ମୋର୍ ସବୁ ସପନ୍, ଆଶାକେ ବୁଡ଼େଇ ନଉଛେ ଗା । ନିଜର୍ ଜମି ନାନ ବଲିକରି ଅଲ୍'ଗା ଲୁକର୍ ଜମିନୁ ଚାଷ୍ କରି ପରିବାର୍ ପୁଷୁଛେଁ । ଯାହା ବି ଧାନ୍ ହେସି ଅଧା ଭାଗ୍ ଜମି ମାଲିକ୍ କେ ଦିଆହେସି । ଏତେ ବର୍ଷା ଥି ଧାନ୍ କାଣେ ହେବା ଯେ ? ଇ ବର୍ଷା ତ ସବୁ ...... ! "- ଏନ୍ତା କେତେ କଥା ଗୁଟେ ଝଲ୍'ଙ୍ଗୋ ଖଟେ ଶୁଇକରି ସାଧୁ ଭାବୁଛେ ।

ସକାଲ୍ ହେଲା । ସଭେ ନିଜର୍ ନିଜର୍ ଜମି ନୁ । ଅଲ୍'ଗା ଲୁକର୍ ଜମି ଥୁରୁ ସାଧୁ ଯେନ୍ ଜମିନୁ ଚାଷ୍ କରିଥିଲା ସେନୁ ଜହଁ ପାଏନ୍ । ଧାନ୍ ସବୁ ପାଏନ୍ ଥି ବୁଡ଼ି ରହିଛେ । ଇଟା ଦେଖିକରି ତା'ର୍ ମୁଡ୍ ଭିତ୍'ରେ ଚିନ୍ତାର୍ ଗହଲ୍ ଚହଲ୍ ହେଇ ବସ୍'ଲା । ଇଥର ସର୍ବନାଶ୍ ହେଇଗଲା । ଲୁକ୍'କର୍ ନୁ ଉଧାର୍ ଆନ୍'ଲା ପଇସା କେନ୍ତା କରି ସୁଝ୍'ମି ? ଛୁଆମାନେ ମୋର୍ କେନ୍ତା କର୍'ବେ ? ସବୁ ସପନ୍, ଆଶା ଭାଙ୍ଗି ଦେଲା ଇ ବର୍ଷା । ଜୀବନ୍'ଟା କୁହୁଲି ବସ୍'ଲା । ଦୁନିଆଁ ଭି ହେଇଗଲା ଅନ୍ଧାର୍ । ସେଥିର୍ ଲାଗି ବୋଧେ ସାଧୁ ଦୁନିଆଁକେ ଛାଡ଼ି ଚାଲିଗଲା ପୋକ୍ ମରା ଉଷୋ ପିଇ କରି । ହେଲେ ଭାବିନେପାର୍'ଲା ସ୍ତ୍ରୀ ସାଙ୍ଗେ ଛ' ଛୁଆ ଅନାଥ୍ ହେଇଯିବେ । ଦୁଖର୍ ସମୁଦର୍ ଥି ବୁଡ଼ିକରି ଉଟୁସ୍ ପୁଟୁସ୍ ହେବେ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସତ୍ ଆଏ ଆଏଜ୍ କେଲ୍ ଇ ଚାଷୀ ଆତ୍ମହତ୍ୟାଟା କେଥି'ନିକେତେ ନିରୀହ ପରିବାର୍ ର ଜୀବନ୍ କେ ବର୍'ବାଦ୍ କରି ପକଉଛେ । ସେମାନ୍'କର୍ ସପନ୍, ଆଶାସବୁ ନା'କେ ଆଏ । ହଠାତ୍ ଧୂଏଲ୍ ବାଗିର୍ କେନ୍ ଆଡ୍ ଉଡ଼ି ଯଉଛେ । ଫୁକା ବାଗିର୍ ଫାଟି ଯଉଛେ । ଇତାର୍ ପ୍ରତିକାର୍ ଲାଗି କା'ଣେ ଅଲ୍'ଗା ବିକଳ୍ପ ନା ନ ?

କେଶାଇପାଲି, ଭଟଲି

ଜିଲ୍ଲା - ବରଗଡ଼, ମୋ-୯୭୭୮୮୭୮୫୮୮

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ସୁଆଧିନ୍ ଦେଶର୍ ପାଁଚଟା ସ୍କେଚ୍



ପ୍ରସନ୍ନ ପ୍ରୟାସ ଭୁଏ

୧

ଇସ୍କୁଲ୍ ଯିବାର୍ ବଏସେ
ଗୋଟ୍ ଜଗୁଆ ନାଗରର୍ ପୁଓ
ଟାନ୍ ଖରାର୍ ହଲାଖେତେ
ମୁଁଡର୍ ଛାଏଁ ଥି
ଆଶରା ଖୁଜା ।

୨

ମୁହୁଁକେ ଦବାବାର୍ ଲାଗି
କୁଣା ଝିଟା ପ୍ରଲୋଭନେ
ମାତାଲ୍ ସିଘାମାନେ
ଭୁର୍ତଉଥିଲେ ସୁତର୍ ମାନକେ
ଦାବିକେ ଦେଇଥିଲେ ଦାବି
ତସୁର୍ ଖୁଦ୍ ମୁଠେ ଥି ।

୩

ଦେଶଦ୍ରୋହୀର୍ ଉପାଧି ପାଏଲା ଉତାରୁ
ଅନିଏ ଅତ୍ୟାଚାରର୍ ଚୁଲହି
ଭାଜି ହେଲେ ମେସେଲ୍
ଆବାଜ୍ କେ ଜିଭ୍ ତଲେ ଜାଁକବାର୍
ଚିହ୍ନା ନୁହେଁ
ହଇ ନାଇଁ ପାରେ କେଭେ
ଗୁଟେ ଦେଶ୍ ଭକତର୍ ।

୪

ଅପମାନ୍ ତୋର୍ ନାଇଁ ପାରେ ସହି
ମାଟି ଠିଆ ହଇ ଆକାଶେ ଉଡ଼
ତୋର୍ କହଁରକେ ପବନ୍

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଦଶି ଦିଗେ ଫଏଲାଇ

ଶାନ୍ତି ମଏତରୀ ପିରତୀର୍ ଭାବନା

କଥାନୀ ଗୁନଗୁନାଇ ସୁନାଉଥାଉ ।

୫

ଅନ୍ଧାରକେ,

ଆସ ଉକିଆ କରମା

ତମେ, ମୁଇଁ, ଆମେ ସଭେ

ହାତେ ସାହେଜର୍ ଦୀପଟେ ଜାଲି

ମେଟେଇ ଦେମା ତାକର୍

ଜନମର୍ ଶତରୁକେ

ଗରିବ୍ ଭୋକ୍ ।

ପ୍ରଧାନପାଲି, ସମ୍ବଲପୁର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗାର୍



ମନୋରଞ୍ଜନ
ସୁରୁଜାଳ

ଗାର କାଟି ଦେଇ ଭାଗଲି କରିଛୁଁ
ଏଖେଇ ଗୁଟା ପୁରଥି,
ତୋର ମୋର ବଲି ମୁନୁସ ହଁକାର
ଇ ଗୁଟାମୁଟା ଧରତି ।
ବୁହି ଯାଉଛେ ନଏଦ ଖଲଖଲ
ରାଏଜୁଁ ଦେଶନୁ ଦେଶ,
ଉଡି ଯଉଛନ ଚେରେ ଚିରଗୁନ
କାଏଁ ରଂଗ ରୂପ ଭେସ ?
ମନା ନାଇଁନ ତ ସିମାନା ଦରଜା
ତାର ଭାବେଁ ହେ ପବନ,
ମାରେ ହୁରହୁର ସଭୁ ଗଲିକନ୍ଦି
ସଭେ ସମାନ ତାର ନ ।
ଧରତି ମାଆଁକେ କଲାଁ ଖଁଡ ଖଁଡ
କାଟି ଦେଇ କରି ଗାର,
ଭାଇ ଭାଗ ସିନେ ଡିବି ଧରା ଧରି
ଆମେ ଛୁଏ ଗୁଟେ ମାଁର ।

ସୁରୁଷ୍ଟି ଯାକର ଗୁଟେ ନ କୁଟୁମ
ପୁଛି ଦେଲୁଁ କାଏଁ ମନୁ,
ଗୁଟେ ଦିନ ରାତ ଉକିଆ ସମାନ
ନିଥରେ ସୁରୁଜ ଜହ୍ନୁ ।
ପାନିର ଗାର ତ ମେଟସି ଘାଏକେ
ନି ମେଟେ ପଥର ଗାର,
ମାକଡ ନୁ ଦେଖ ମନୁସ ହେଇଛୁଁ
ଫିରି ଯିମା କେଁ ହେ ଝାର ?
ମୁନୁସ ପୁତଲା ହାତେଁ ଗଢି କରି
ହୁରଦେ ଭରିଛେ ଗ୍ୟାନ,
ଛପନା କୁଟିର ଗୁଟେ ଖେଲ ଘର
ସମକର ହୁର୍ଦେ ଠାନ ।

ଅଇଁଲାପାଲି, ଧମା, ସମ୍ବଲପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭାବର ବନ୍ଧନ ରାକ୍ଷୀ



ଭକ୍ତବନ୍ଧୁ ସାହୁ

ସରାବନ ପୁନି ଆଇଛେଯେ ଫିରି
ଆନିଛେ ଆଖେଁ ସପନ
ବୁହେନ ବାଂଧବା ଭାଏ ହାତେ ରାଖି
କରିଛେ କେତେ ଯତନ ।
ଭାଏର ମଂଗଲ ମନାସି ବୁହେନ
ହାତେ ବାଂଧିଦେବା ରାଖି
ବୁହେନର ମାନ ରଖବା ଭାଏଯେ
ରାଖି ଅଛେ ତାର ସାଖି ।
ରେଶମର ସୁତା ନୁହେ ଆଏ ରାଖି
ଭାବର ଟାନ୍ ବଂଧନ
ଭାଏ ବୁହେନର ଭାବ ଗଂଗା ଜଲ
ମହମହ ବାସ ଚଂଦନ ।
ପୁରାନ କହେସି ରାଖିର ମହିମା
ଇତିହାସ ଅଛେ ସାଖି
ଭାଏ ବୁହେନର ମଧୁର ଭାବର
ଚିନ୍'ହାଁ ସାଜିଛେ ରାଖି ।

ଦଦା ମାଏନ କରି ବଲିର ହାତେ
ବାଂଧଲେ ଲଖ୍'ମି ରାଖି
ଭେଟିର ଉଧେ ଫିରାଲା ନାରାୟନ
ବୁହେନର ମାନ ରଖି ।
ଦୁର୍'ପଦି ବାଂଧଲେ କୃଷ୍ଣଁର ହାତେ
ଛିଁଡେଇ ପନତ କାନି
କୁଟି ବସତର ଢାପି ମାନ ରଖଲେ
ବୁହେନର ଡାକ ଶୁନି ।
ଭାଏ ବୁହେନର ଭାବର ବଂଧନ
ଯୁଗଯୁଗ ରହିଥଉ
ଭାବ ବିଶାସ୍ ର ସାଖି ରହୁ ରାଖି
ଶୁଭେ ଦିନ୍ ବିତିଯଉ ।

କପସିଲା (ତୁଷୁରା),ବଲାଂଗିର
ମୋନଂ-୯୯୩୮୮୧୯୪୧୨

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନୂଆଖାଇ



ରୋହିତ
ପଟ୍ଟନାୟକ

ଆଇଲା ଆଇଲା ରେ କୋସିଲି ପରବ

କୋସିଲି ପୁହେ ର ଗୁରୁଦୁ ଟେ ଗରବ ।

ମା ବୁହେନ୍ ଲିପା ପୋଛା ରେ ହର୍ବର୍

ମୁନସ ପିଲା ର ଘିନା ବିକା ନାଇଁ ନ ଫୁରସତ ।

ନୂଆଁ ଧାନର ନୂଆଁ ଚାଉଳ ଦିଶୁଛେ କେଡେ ଫୁରୁତ୍

ଖାଇ ଦେଲେ ସର୍ ସର୍ ଲାଗବା କେଡେ ସୁରୁତ୍ ।

ଛେଟକା ଧାନ ର ଫଳ କେ କୁରେ ପତର ଦନା

ଜୁହାର ଭେଟ ମାନତା ଦେସି ଗାଁ ର ପୂଜାରୀ ନନା ।

ଦିନ ଉତାରୁ ଗାଁ ଖୁଲୀ ନେ ଗାଁ ଗନ୍ତିଆ ରଡ଼ି

ରାଇତ ହେଲେ ଗାଁ ର ଗଣା ବାଜା ଧରି ଛାଡୁଛେ ରଡି ।

ସୁନ--ସୁନ ଗାଁ ର ଲୋକ ଗନ୍ତିଆ ବୁଢ଼ା ଡାକୁଛେ--

କାଇଲ ସକାଳେ ଦିନ ଥାଉଁନ 10 ବଜେ ନୁଆ ଖାଉଛେ ।

ସଭେନ ନୂଆ ଧାନର, ନୂଆ ଲୁଗା ପିନ୍ଧି ନୂଆ ଖାଇଲେ

ପିଲା ନୁ ବୁଢ଼ା ଗାଁର ଖୁଲି ମଜା ବି ମାଇଲେ ।

ନୂଆଖାଇ ଟା ଉସତ୍ ଲଗଲା

କୋରୋନା ବେମାର ଦେଲା କାଳ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜୟ ଯବାନ୍ ଜୟ କିଷାନ୍



ରାଧାମୋହନ ପୂଜାହାରୀ

ଭାବ୍'ଲେ ଆଏଜ୍ ଦୁଃଖ୍ ଲାଗୁଅଛେ
ଆମର୍ ଇ ଦେଶର୍ କଥା,
ହୀନ୍ ରାଜ୍'ନୀତି ଦେଖିକରି ଲାଜେ
ଲୁଇଁ ଯାଉଛେ ମୋର୍ ମଥା ।
କହେଲେ କହେବା କହୁଛେ,
"ଜୟ ଯବାନ୍ ଜୟ କିଷାନ୍" ନାଁ ଥି
ଚୁଛାଟାରେ ହାଙ୍କା ବହୁଛେ ।

ଆମର୍ ଦେଶର୍ ଚଷା ଭାଇ ମାନେ
ବିକ୍'ଲେ ଯାଉଛନ୍ ମରି,
ବେଂକୁ ନେଉଥିଲା ଲାଗର୍ ଭାର୍ କେ
ନାଇଁ ଶୁଝି ପାରି କରି ।
ସରକାର୍ ସବ୍ ଦେଖୁଛେ,
ସେଁର୍'ରିଆ ମୁହେଁ ଚାଷୀ ମୃତ୍ୟୁ ହାର୍
କାଗଜ୍ କଲ୍'ମେ ଲେଖୁଛେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଯବାନ୍ ଭାଇ ଇ ଦେଶର୍ ସୀମା ଥି
ଦିନ୍ ରାଏତ୍ ଲଢୁଛନ୍,
ନେତା ତାକର୍ କାନ୍ଧେ ବନ୍ଧୁକ୍ ରଖି
ଆମର୍ ଦେଶ୍ ଗଢୁଛନ୍ ।
ଯବାନ୍ ଆମର୍ ମଲେନ,
ରକ୍ଷକ୍ ନାଁ ଥି ଭକ୍ଷକ୍ ସାଜି ନେତା
ଦେଶ୍ କେ ଖୁଂଖ୍'ଡ଼ା କଲେନ ।

"ଜୟ ଯବାନ୍ ଜୟ କିଷାନ୍" ନାରା
ଦେଉଥିଲେ କାଣା ହେବା ??
ଅନ୍ନଦାତା କିମ୍ବା ପ୍ରାଣଦାତା ଯଦି
ଅକାରଣେ ଜୀବନ୍ ଦେବା !
ଦିନେର୍ ଲାଗି କଲେ ସୁର୍,
ହେତୁ ରଖ୍ ଦେଶ୍ ବିକାଶର୍ ପଥୁ
କେଥ୍'ନି କେତେ ଅଛେ ଦୂର୍ ।

ବୀରମହାରାଜପୁର (ସୁବର୍ଣ୍ଣପୁର)
ଦୂରଭାଷ : ୮୯୧୭୪୬୮୫୨

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରବନ୍ଧ ବିଭାଗ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଭଗବତ୍ ଜ୍ଞାନ

ଓଁ ନମଃ ଭଗବତେ ବାସୁଦେବାୟ !

ନାରାୟଣଂ ନମସ୍କୃତ୍ୟଂ ନରଂଚୈବ ନରୋ[3]ମଂ

ଦେବୀଂ ସରସ୍ୱତୀଂ ବ୍ୟାସଂ ତତୋଜୟ ମୁଦିରୟେତ୍ ।

ମୁକଂ କରୋତି ବାଚାଳଂ ପଙ୍ଗୁଂ ଲଙ୍ଘୟତେ ଗିରିଂ

ଯତ୍କୃପା ତମହଂ ବନ୍ଦେ ପରମାନନ୍ଦ ମାଧବଂ ।

ନିଗମକଳ୍ପତରୋର୍ଗଳିତଂ ଫଳଂ ଶୁକମୁଖାଦମୃତଦ୍ରବସଂଯୁତମ୍ ।

ପିବତ ଭାଗବତଂ ରସମାଳୟଂ ମୁହୁରହୋ ରସିକା ଭୁବି ଭାବୁକାଃ । ।

ଶ୍ରୀମଦ୍ଭାଗବତ ମହାପୁରାଣର ୭ମ ସ୍କନ୍ଧ ବିଷୟସୂଚୀ ଏବଂ ଅଧ୍ୟାୟଗତ ସାରାଂଶ -



ସହଦେବ ପ୍ରଧାନ

ଶ୍ରୀମଦ୍ଭାଗବତ ମହାପୁରାଣର ୧୨ଟି ସ୍କନ୍ଧ ମଧ୍ୟରୁ ଏହି ସଂସ୍କରଣରେ ୭ମ ସ୍କନ୍ଧ ବିଷୟରେ ସବିସ୍ତୃତ ବିବରଣ ପ୍ରଦାନ କରାଯାଉଛି । ସପ୍ତମ ସ୍କନ୍ଧର ବିଷୟ ସୂଚୀଠାରୁ ଆରମ୍ଭ କରି ସର୍ବମୋଟ ୧୫ଟି ଅଧ୍ୟାୟର ସାରାଂଶ ଏଠାରେ ବର୍ଣ୍ଣନା କରା ଯାଉଛି । ତେଣୁ ହେ ପ୍ରିୟ ପାଠକବୃନ୍ଦ - ଭାଗବତରୂପୀ ଅମୃତ ପାନ କରିବା ହୁଅନ୍ତୁ ।

ଆନନ୍ଦେ କର ସୁଧା ପାନ । ଯେଣେ ପାଇବ ଦିବ୍ୟ ଜ୍ଞାନ ।।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସପ୍ତମ ସ୍କନ୍ଧ - ୧୫ ଟି ଅଧ୍ୟାୟ (ଉତି)  ଭାଗବତର ୫ମ ଲକ୍ଷଣ

| ସଂଖ୍ୟା | ଅଧ୍ୟାୟ | ବିଷୟ ବସ୍ତୁ |
|---|---|---|
| ୧ | ପ୍ରଥମ | ହିରଣ୍ୟାକ୍ଷ ଓ ହିରଣ୍ୟକଶିପୁ ଜନ୍ମ ବୃତ୍ତାନ୍ତ ତଥା ପ୍ରହ୍ଲାଦ ଚରିତ ଉପକ୍ରମ । |
| ୨ | ଦ୍ୱିତୀୟ | ହିରଣ୍ୟାକ୍ଷ ବଧ ପରେ ମାତା ଦିତିଙ୍କୁ ଓ ଜ୍ଞାତିମାନଙ୍କୁ ହିରଣ୍ୟକଶିପୁର ସାନ୍ତ୍ୱନା । |
| ୩ | ତୃତୀୟ | ହିରଣ୍ୟକଶିପୁର ତପସ୍ୟା ଓ ବରପ୍ରାପ୍ତି । |
| ୪ | ଚତୁର୍ଥ | ହିରଣ୍ୟକଶିପୁର ଅତ୍ୟାଚାର ଓ ପ୍ରହ୍ଲାଦ ଗୁଣାବଳୀ । |
| ୫ | ପଞ୍ଚମ | ପ୍ରହ୍ଲାଦଙ୍କ ବିଦ୍ୟାଶିକ୍ଷା ଓ ହିରଣ୍ୟକଶିପୁର ପ୍ରହ୍ଲାଦବଧ ଉଦ୍ୟମ । |
| ୬ | ଷଷ୍ଠ | ଅସୁର ବାଳକଙ୍କୁ ପ୍ରହ୍ଲାଦଙ୍କ ଉପଦେଶ । |
| ୭ | ସପ୍ତମ | ମାତୃଗର୍ଭରେ ଥାଇ ପ୍ରହ୍ଲାଦ ନାରଦଙ୍କ ଠାରୁ ପାଇଥିବା ଉପଦେଶର ବର୍ଣ୍ଣନା ଓ ଦୈତ୍ୟପୁତ୍ରଙ୍କୁ ପ୍ରହ୍ଲାଦଙ୍କ ହରିବାଣୀ ବର୍ଣ୍ଣନ । |
| ୮ | ଅଷ୍ଟମ | ନୃସିଂହଙ୍କ ଆବିର୍ଭାବ, ହିରଣ୍ୟକଶିପୁ ବଧ ଓ ବ୍ରହ୍ମା, ରୁଦ୍ର, ଇନ୍ଦ୍ର, ଋଷି, ପିତୃଗଣ, ସିଦ୍ଧ, ବିଦ୍ୟାଧର, ମନବ, ପ୍ରଜାପତିଗଣ, ଗନ୍ଧର୍ବ, ଚାରଣ, କିଂପୁରୁଷ, ଯକ୍ଷ, ବେତାଳ, କିନ୍ନର ଓ ବିଷ୍ଣୁପାର୍ଷଦଙ୍କ ସ୍ତୁତି । |
| ୯ | ନବମ | ପ୍ରହ୍ଲାଦଙ୍କ ନରସିଂହଙ୍କୁ ସ୍ତୁତି । |
| ୧୦ | ଦଶମ | ପ୍ରହ୍ଲାଦଙ୍କ ରାଜ୍ୟାଭିଷେକ ତଥା ଶିବଙ୍କ ଦ୍ୱାରା ତ୍ରିପୁର ଦହନ ଓ ମୟ ବଧ । |
| ୧୧ | ଏକାଦଶ | ଯୁଧିଷ୍ଠିର ନାରଦ ସଂବାଦେ ସଦାଚାର ନିର୍ଣ୍ଣୟ – ମାନବ ଧର୍ମ, ବର୍ଣ୍ଣ ଧର୍ମ ଓ ସ୍ତିରୀ ଧର୍ମ ନିରୂପଣ । |

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

୧୨ ଦ୍ୱାଦଶ ଯୁଧିଷ୍ଠିର ନାରଦ ସଂବାଦେ ସଦାଚାର ନିର୍ଣ୍ଣୟ – ବ୍ରହ୍ମଚର୍ଯ୍ୟ, ଗୃହସ୍ଥ, ବାନପ୍ରସ୍ଥ ଓ ସନ୍ନ୍ୟାସ ୮ ଆଶ୍ରମର ନିୟମ ବର୍ଣ୍ଣନ ।

୧୩ ତ୍ରୟୋଦଶ ଯୁଧିଷ୍ଠିର ନାରଦ ସଂବାଦେ ଯତିଧର୍ମ ନିରୂପଣ ଓ ପ୍ରହ୍ଲାଦ-ଅବଧୂତ (ଦତ୍ତାତ୍ରେୟ) ସମ୍ବାଦ ।

୧୪ ଚତୁର୍ଦ୍ଦଶ ସଦାଚାର ନିର୍ଣ୍ଣୟ – ଗୃହସ୍ଥ ଧର୍ମର ବିଧାନ ବା ଗୃହସ୍ଥାଶ୍ରମ ନିୟମ ବର୍ଣ୍ଣନ ।

୧୫ ପଞ୍ଚଦଶ ଯୁଧିଷ୍ଠିର ନାରଦ ସଂବାଦେ ସଦାଚାର ନିର୍ଣ୍ଣୟ – ଗୃହସ୍ଥଙ୍କ ନିମନ୍ତେ ମୋକ୍ଷଧର୍ମ ବର୍ଣ୍ଣନ ।

**ସପ୍ତମ ସ୍କନ୍ଧ ଅଧ୍ୟାୟଗତ ସାରାଂଶ**

ପ୍ରଥମ ଅଧ୍ୟାୟରେ ଦିତିର ଗର୍ଭରେ ଜୟ ବିଜୟ, ହିରଣ୍ୟାକ୍ଷ ଓ ହିରଣ୍ୟକଶିପୁ ରୂପରେ ଜନ୍ମ ହେଲେ । ହିରଣ୍ୟାକ୍ଷକୁ ବିଷ୍ଣୁ ଶୁକର (ବରାହ) ଅବତାରରେ ବଧ କଲେ । ହିରଣ୍ୟକଶିପକୁ ନରସିଂହ ରୂପରେ ବଧ କଲେ । ହିରଣ୍ୟକଶିପୁର ପୁତ୍ର ପ୍ରହ୍ଲାଦ ।

ଏମନ୍ତ କୃଷ୍ଣର ବିଷୟେ । ସେ ମାୟା ମନୁଷ୍ୟର ଦେହେ । ।
ବଇରି ପଣେ ତାକୁ ଚିନ୍ତି । ନିର୍ମଳ ହୃଦୟେ ପଶନ୍ତି । ।
ଏ ଘେନି କାମ କ୍ରୋଧ ଭୟେ । ଯେ ଭଜନ୍ତି ମିତ୍ରସ୍ନେହେ । ।
କୃଷ୍ଣ ବିଷୟେ ଚିତ୍ତ ଦେଇ । ଅନେକ ଗଲେ ମୋକ୍ଷ ହୋଇ । ।

ଦମଘୋଷର ସ୍ତ୍ରୀ (କୁନ୍ତିଙ୍କ ଭଉଣୀ) ଗର୍ଭରୁ ୨ ପୁତ୍ର ଦନ୍ତବକ୍ର ଓ ଶିଶୁପାଳ ଜନ୍ମ ହେଲେ । ଦନ୍ତବକ୍ର ଓ ଶିଶୁପାଳ ପୁର୍ବେ ବୈକୁଣ୍ଠର ଦ୍ୱାର ଦେଶରେ ଦ୍ୱାରପାଳ ହୋଇ ଥିଲେ । ଜୟ ବିଜୟ ନାମରେ ଦୁଇ ଦ୍ୱାରପାଳ ସନକାଦି ୪ ଭାଇଙ୍କୁ ଉଲଗ୍ନ ଦେଖି ଏବଂ ବାଳକ ଭାବି ଅନ୍ତଃପୁରକୁ ନ ଛାଡ଼ିବାରୁ ତାଙ୍କ ଶାପରେ ସେମାନେ ଦିତି ଗର୍ଭରୁ ହିରଣ୍ୟାକ୍ଷ ଓ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ହିରଣ୍ୟକଶିପୁ ନାମରେ ଦୁଇ ରାକ୍ଷସ ଜନ୍ମ ହେଲେ । ଅର୍ଥାତ୍ ଜୟ ବିଜୟରୁ ହିରଣ୍ୟାକ୍ଷ ଓ ହିରଣ୍ୟକଶିପୁ । ତା'ପରେ ରାବଣ ଓ କୁମ୍ଭକର୍ଣ୍ଣ ଏବଂ ତା ପରେ ଦନ୍ତବକ୍ର ଓ ଶିଶୁପାଳ (ଚେଦିର ରାଜା ଶିଶୁପାଳ) ।

ଦ୍ୱିତୀୟ ଅଧ୍ୟାୟରେ ହିରଣ୍ୟାକ୍ଷ ବ୍ରହ୍ମାଙ୍କ ବରରେ ବଳିଆନ ହୋଇ ଦେବଙ୍କୁ ଅତ୍ୟାଚାର କରିବାରୁ ବିଷ୍ଣୁ ବରାହ ରୂପରେ ତାକୁ ବଧ କଲେ । ହିରଣ୍ୟକଶିପୁର ଅନୁଜ ହିରଣ୍ୟାକ୍ଷର ପତ୍ନୀ ଋଷାଭାନୁଙ୍କୁ ହିରଣ୍ୟକଶିପୁ ସାନ୍ତ୍ୱନା ଦେଇ କହିଲେ ଯେ ସେ ଭ୍ରାତୃହନ୍ତାର ପ୍ରତିଶୋଧ ନେବେ । ହିରଣ୍ୟକଶିପୁ ନିମ୍ନ ପ୍ରକାରେ କହିଲେ -

ଏ ଭବ ସଂସାର ସାଗର । ପ୍ରାଣୀଙ୍କ କ୍ରୀଡ଼ାର ମନ୍ଦିର । ।
ଏ ଭାବେ କିଛି ସ୍ଥିର ନୋହେ । ପଥେ ପଥିକୀଜନ ପ୍ରାୟେ । ।
ଜଳଛତ୍ରରେ ପ୍ରାଣୀ ଯେହ୍ନେ । ଶ୍ରମେ ମିଳନ୍ତି ଜଳ ପାନେ । ।
ବସିଣ ଜଳ ପାନ କରି । ତହୁଁ ଚଳନ୍ତ ଶ୍ରମ ସାରି । ।
ସେ ଯେହ୍ନେ ନୁହଇ କାହାରି । ସଂସାରେ ଘଟେ ସେହି ପରି । ।୭/୨/୨୧
ଉପାଧି ବସ୍ତୁ ନାଶ ଯାଇ । ଆତ୍ମା କେବେହେଁ ନ ମରଇ । ।
ଏ ଆତ୍ମା ନିତ୍ୟ ସର୍ବଗତ । ଅବ୍ୟୟ ଶୁଦ୍ଧଗୁଣ ସତ୍ତ୍ୱ । ।
ସର୍ବଙ୍କ ସର୍ବପରେ ରହେ । ଆତ୍ମାରୁ ଆତ୍ମାରୂପ ବହେ । ।୭/୨୨୨
ବୃକ୍ଷର ଛାଇ ଜଳେ ଥିଲେ । ସେ ଜଳ ପବନେ ଚଳିଲେ । ।
ବୃକ୍ଷ ଚଳିଲା ପ୍ରାୟ ଦିଶେ । ସେ ଯେହ୍ନେ ଉଦକେ ନ ମିଶେ । ।
ବାଳକେ କ୍ରୀଡ଼ାରେ ଘୁରନ୍ତି । ଭ୍ରମିଣ ଭୂମିରେ ପଡ଼ନ୍ତି । ।
ଚାହାନ୍ତେ ଘୁରଇ ସଂସାର । ଏମନ୍ତେ ମାୟା କ୍ରୀଡ଼ା-ଘର । ।୭/୨/୨୩
ଏଣୁ ଏ ଭ୍ରମଗୁଣ ଦୋଷେ । ମନ ନ ରହଇ ବିଶ୍ୱାସେ । ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ଅଦେହ ହୋଇ ଦେହବନ୍ତ । ଅଜ୍ଞାନୀ ଜନଙ୍କର ମତ ।।
ଅର୍ଜିଲା କର୍ମଫଳ ବଳେ । ପ୍ରାଣୀ ଭ୍ରମନ୍ତି ମହି ତଳେ ।।
ସଂସାର ସଂଯୋଗ ବିଯୋଗେ । ଶୋକ ହରଷ ବେନି ମାର୍ଗେ ।।୭/୨/୨୪-୨୬

ସୁଯଜ୍ଞ ନାମକ ରାଜାର ମୃତ୍ୟୁରେ ପରିବାରବର୍ଗ କ୍ରନ୍ଦନ କରି ଶବ ସତ୍କାର ନ କରିବାରୁ ଯମ, ବାଳକ ରୂପଧରି ଆସି କପୋତ ଉପାଖ୍ୟାନ ମାଧ୍ୟମରେ ତାଙ୍କୁ ସାନ୍ତ୍ୱନା କରିଥିଲେ ।

ତୃତୀୟ ଅଧ୍ୟାୟରେ ହିରଣ୍ୟକଶିପୁ ବ୍ରହ୍ମାଙ୍କୁ ନିମ୍ନ ପ୍ରକାରେ ବର ମାଗିଲେ ଏବଂ ବ୍ରହ୍ମା ବି ତାକୁ ଏ ପ୍ରକାର ବର ଦେଲେ ।

ବ୍ରହ୍ମାଣ୍ଡ ଅନ୍ତର ବାହରେ । ରଜନୀ କିବା ଦିବସରେ ।।
ନାନା ଆୟୁଧ ଛନ୍ତି ଯେତେ । କେବେହେଁ ନ କାଟିବେ ମୋତେ ।।
ପଶୁ ଅଥବା ନରହସ୍ତେ । ଭୂମି ଅଥବା ଶୂନ୍ୟପଥେ ।।
ଜୀବ ଅଜୀବେ ନ ମରିବି । ନିତ୍ୟେ ନିର୍ଭୟେ ମୁଁ ବଞ୍ଚିବି ।।
ସୁର ଅସୁର ସର୍ପାଘାତେ । ବିଯୋଗ ନ କରିବେ ମୋତେ ।।
ସମରେ ମୋର ତୁଲେ ବଳେ । କେହି ନୋହିବେ ଏ ଶୟଳେ ।।

ଚତୁର୍ଥ ଅଧ୍ୟାୟରେ ହିରଣ୍ୟକଶିପୁର ଅତ୍ୟାଚାର ଏବଂ ପ୍ରହ୍ଲାଦଙ୍କର ଗୁଣ ବର୍ଣ୍ଣନା କରାଯାଇଛି । ଅର୍ଥାତ୍ ବ୍ରହ୍ମାଙ୍କ ଠାରୁ ବର ପାଇ ହିରଣ୍ୟକଶିପୁ ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳକୁ ଜୟ କଲା । ଇନ୍ଦ୍ର ସମେତ ଦେବାଦେବୀମାନେ ଭୀତତ୍ରସ୍ତ ହେଲେ । ମୁନି, ଋଷି, ବ୍ରାହ୍ମଣ ତଥା ବିଷ୍ଣୁଭକ୍ତମାନଙ୍କୁ ଅନେକ ପୀଡ଼ା ଦେଉଥିଲେ ।

ହିରଣ୍ୟକଶିପୁର ଚାରି ପୁତ୍ର ମଧ୍ୟରେ ପ୍ରହ୍ଲାଦ ସୁଗୁଣବାନ୍ ବିଷ୍ଣୁଭକ୍ତ ଥିଲେ । ବାଲ୍ୟ କାଳରୁ ହିଁ ସେ ସର୍ବ ସୁଗୁଣର ଅଧିକାରୀ ଥିଲେ । ସେ ସଦା ସର୍ବଦା ହରିଙ୍କୁ ହିଁ ସ୍ମରଣ ଧ୍ୟାନ କରୁଥିଲେ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପଞ୍ଚମ ଅଧ୍ୟାୟରେ ପ୍ରହ୍ଲାଦ ପିତା ହିରଣ୍ୟକଶିପୁଙ୍କୁ ଗୁରୁ ନିକଟରେ ଶିଖିଥିବା ବିଦ୍ୟା କହିବାକୁ ଯାଇ ନବଧା ଭକ୍ତି ଅର୍ଥାତ୍ ଭକ୍ତିର ନବ ଲକ୍ଷଣ ବର୍ଣ୍ଣନା କରିଛନ୍ତି । ଯଥା –

**ଶ୍ରବଣ** - ଧାର୍ମିକ ଗ୍ରନ୍ଥ ପଢ଼ିବା, ଶୁଣିବା ବା ସଂକୀର୍ତ୍ତନରେ ଭାଗ ନେବା ।

**କୀର୍ତ୍ତନ** - ଏକୁଟିଆ ବା ଅନ୍ୟଲୋକମାନଙ୍କ ସହ ଈଶ୍ୱରଙ୍କ ପ୍ରାର୍ଥନାରେ ଲୀନ ରହିବା ।

**ସ୍ମରଣ** - ଈଶ୍ୱରଙ୍କ ନାମ ଓ ତାଙ୍କର ଲୀଳା ଶ୍ରବଣ ବା ପଠନ କରି ସର୍ବଦା ସ୍ମରଣ କରିବା

**ପାଦସେବନ** - ଆରାଧ୍ୟ ଦେବତାଙ୍କର ମୂର୍ତ୍ତିର୍ର ପାଦକୁ ଶ୍ରଦ୍ଧାର ସହିତ ଦର୍ଶନ କରିବା ଓ ତାଙ୍କ ସେବାରେ ଲୀନ ହୋଇଯିବା ।

**ଅର୍ଚ୍ଚନା** - ଈଶ୍ୱରଙ୍କ ସ୍ୱରୂପକୁ ନିଜ ହୃଦୟରେ ରଖି ତାଙ୍କୁ ହିଁ ସମ୍ପୂର୍ଣ୍ଣ ସୃଷ୍ଟିର କର୍ତ୍ତାରୂପେ ପୂଜା କରିବା ।

**ଦାସ୍ୟ (ସେବକ)** - ନିଜ ଇଷ୍ଟ ଦେବତାଙ୍କର ସେବା କରିବା ଓ ତାଙ୍କର ଆଜ୍ଞା ପାଳନ କରିବା

**ଆତ୍ମନିବେଦନ (ସମର୍ପଣ)** - ସୁଖ, ଦୁଃଖ, ଯଶ, ଅପଯଶ ଆଦି ପ୍ରତ୍ୟେକ ସ୍ଥିତିକୁ ସ୍ୱୀକାର କରି ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖି ନିଜକୁ ସମର୍ପଣ କରିବା ।

**ସଖାତ୍ୱ (ସଖା)** - ଈଶ୍ୱରଙ୍କ ମହିମା ଜାଣି ତାଙ୍କ ସହିତ ସଖା ପରି ବ୍ୟବହାର କରିବା ।

**ପ୍ରେମ** - ଭଗବାନଙ୍କ ଅସ୍ତିତ୍ୱ ଉପରେ ପ୍ରଶ୍ନ ନ କରି ଅନ୍ଧଭାବରେ ଭଗବାନଙ୍କୁ ଭକ୍ତି ଓ ପ୍ରେମ କରିବା ।

ଏଥିରୁ କୌଣସି ଗୋଟିଏ ନିଷ୍ଠାର ସହିତ ଅନୁସରଣ କଲେ ଶ୍ରୀ ପରମାତ୍ମା ଦର୍ଶନ ଲାଭ କରିପାରିବ । ତଥା -

ଯେ ପ୍ରାଣୀ ବ୍ରହ୍ମହତ୍ୟା କରେ । ସେ କ୍ଷୟରୋଗୀ ଜନ୍ମାନ୍ତରେ ।।
ଯେ ନିତ୍ୟେ ମଦ୍ୟପାନ କରେ । ବିକଟଦନ୍ତ ତା ଅଧରେ ।।
ସୁବର୍ଣ୍ଣ ହରି ଥାଇ ଯେବେ । କୁନଖୀ ହୋଇ ଜନ୍ମ ଲଭେ ।।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗୁରୁକାମିନୀ ଯେବେ ରତେ । ଧବଳ ହୋଇ ମୁଖ ହସ୍ତେ । ।୭/୫/୨୮(ଜ)

ଫଳରେ ହିରଣ୍ୟକଶିପୁ ରାଗିଯାଇ ପ୍ରହ୍ଲାଦକୁ ନିଜ କୋଳରୁ ଫୋପାଡ଼ି ଦେଲେ । କହିଲେ ଯେ ନିଜ ଲୋକ ହୋଇ ବି ଯେ ଅହିତ ଚିନ୍ତେ ସେ ଶତ୍ରୁ ଅଟେ, ଅନ୍ୟ ପ୍ରକାରେ ପର ହୋଇ ବି ଯେ ହିତ କରେ ସେ ବନ୍ଧୁ ଅଟେ । ଯେପରି କି -

ଯେ ହିତ କରେ ପର ହୋଇ । ତା ତହୁଁ ଆର ବନ୍ଧୁ କାହିଁ । ।
ଅହିତ କରେ ବନ୍ଧୁ ଯେବେ । ତାହାକୁ ଲେଖି ଶତୃଭାବେ । ।
ଯେ ଅଙ୍ଗ ସର୍ପ ଘାତ କରେ । ସେ ଅଙ୍ଗ ଦୋଷେ ପ୍ରାଣୀ ମରେ । ।
ସେ ଅଙ୍ଗ ଛେଦି ପକାଇଲେ । ଦେହେ ଜୀବନ ରହେ ଭଲେ । ।
ଦେହରୁ ବ୍ୟାଧି ଜନ୍ମ ହୋଇ । ଆତ୍ମା ସହିତେ ସଂହରଇ । ।
ଅରଣ୍ୟୁ ଅଉଷଧି ଆଣି । ରୋଗ-ସଙ୍କଟୁ ତରେ ପ୍ରାଣୀ । ।୭/୫/୩୬,୩୭

ଷଷ୍ଠ ଅଧ୍ୟାୟରେ ପ୍ରହ୍ଲାଦ ଅସୁର ବାଳକଙ୍କୁ ତତ୍ତ୍ୱବାଣୀ ଶୁଣାଇଛନ୍ତି । ପ୍ରାଣୀ ବୟସ ଥାଉଁ ଥାଉଁ ହିଁ ହରିଙ୍କୁ ସ୍ମରଣ ତଥା ଧ୍ୟାନ କରିବା ଉଚିତ । କେତେବେଳେ ପ୍ରାଣ ଚାଲିଯିବ କେହି ଜାଣେନା । ତେଣୁ ଭାଗବତରେ ପ୍ରହ୍ଲାଦଙ୍କ ଉପଦେଶ ଛଳରେ କୁହାଯାଏ-

ମରଣ ନିତ୍ୟେ ସନ୍ନିହିତ । ତା ମୁଖେ ନ ପଡ଼ ଯନ୍ତ୍ରିତ । ।
ଯାବତ ସୁସ୍ଥ ଏ ଶରୀର । ବୃଦ୍ଧ ଅବସ୍ଥା ଅଛି ଦୂର । ।
ଯାବତ ଏ ଦୁର୍ଲଭ ଦେହେ । ଇନ୍ଦ୍ରିୟ ଶକ୍ତି ନଷ୍ଟ ନୋହେ । ।
ଯାବତ ଜୀବନ ଏ ଦେହେ । କାଳର ବଳେ କ୍ଷୟ ନୋହେ । ।
ତାବତ ଆତ୍ମା ନିସ୍ତାରଣେ । ଯତ୍ନ କରିବ ଅନୁକ୍ଷଣେ । ।
ତେବେ ଆତ୍ମାର ହିତ କରେ । ଦୁର୍ଲଭ ମାନବ ଶରୀରେ । ।
ଏ ଜ୍ଞାନ ନ ବୁଝି ଯେ ହେଲେ । ବୋଲେ ସାଧିବି ବୃଦ୍ଧକାଳେ । ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗୃହେ ଲାଗିଲେ ଅଗ୍ନି ଯେହ୍ନେ । ଉଦ୍ୟମ କୂପର ଖନନେ । ।୭/୬/୫

ମଣିଷର ୧୦୦ ବର୍ଷ ଆୟୁଷ ମଧ୍ୟରେ ୭ଟି ଅବସ୍ଥା ଓ ସେ ମଧ୍ୟରେ ମଣିଷର ଗତି ଓ କର୍ମ । ଜନ୍ମ ପରେ ୭ଟି ଅବସ୍ଥା ଦେଇ ମାନବର ଗତି – ୧. ବାଲ୍ୟ, ୨. ଶୈଶବ, ୩. କୈଶୋର, ୪. ପୌଗଣ୍ଡ, ୫. ଯୌବନ, ୬. ପ୍ରୌଢ଼ ଓ ୭. ବାର୍ଦ୍ଧକ୍ୟ ।

ଆତ୍ମା ସ୍ୱରୂପେ ସର୍ବଦେହେ । ଦୃଶ୍ୟ ଅଦୃଶ୍ୟ ଭାବେ ରହେ । ।
ନିର୍ଦ୍ଦେଶ ଅନିର୍ଦ୍ଦେଶ ମତେ । କଳି କେ ପାରିବ ଜଗତେ । ।
କେବଳ ଆନନ୍ଦାନୁଭବେ । ଅଶେଷ ଦେହେ ସର୍ବ ଜୀବେ । ।
ବାହ୍ୟ ଅନ୍ତରେ ବ୍ୟାପି ରହେ । ଐଶ୍ୱର୍ଯ୍ୟ ଗୁଣ ସଙ୍ଗେ ବହେ । ।୭/୫/୨୨,୨୩

ସପ୍ତମ ଅଧ୍ୟାୟରେ ହିରଣ୍ୟକଶିପୁ ଯେତେବେଳେ ତପସ୍ୟା କରିବାକୁ ଯାଇଥିଲେ, ଇନ୍ଦ୍ର ଭବିଷ୍ୟତରେ କୟୁଧ ଗର୍ଭରୁ ପୁତ୍ର ଜନ୍ମ ହୋଇ ଇନ୍ଦ୍ରପଦ ଛଡ଼ାଇ ନେଇଯିବ ଭାବି ତାହା (ଗର୍ଭ) ନଷ୍ଟ କରିବାକୁ ଯିବାରୁ ନାରଦ ଇନ୍ଦ୍ରଙ୍କୁ ବୁଝାଇ କୟୁଧକୁ ରକ୍ଷା କରିଥିଲେ ଏବଂ କୟୁଧଙ୍କୁ ଧର୍ମତତ୍ତ୍ୱ କହିଥିଲେ । ତାହା ପ୍ରହ୍ଲାଦ, ମାତାଙ୍କ ଗର୍ଭରେ ରହି ଶ୍ରବଣ କରିଥିଲେ ।

ଷଡ଼ବିକାର – ଜନ୍ମିବା, ସ୍ଥିତି ଦେଖାଯିବା, ବୃଦ୍ଧିପ୍ରାପ୍ତ ହେବା, ପରିବର୍ତ୍ତିତ ହେବା, କ୍ଷୟ ପ୍ରାପ୍ତ ହେବା, ଓ ବିନାଶ ଘଟିବା ।

'ଜାୟତେଽସ୍ତି ବିପରିଣମତେ ବର୍ଦ୍ଧତେଽପକ୍ଷୀୟତେବିନଶ୍ୟତି ।' (ନିରୁକ୍ତ ୧/୧/୨) ।

ବୃକ୍ଷର ଫଳ ଯେହ୍ନେ କାଳେ । ପାଚି ପଡ଼ଇ ମହୀ ତଳେ । ।
ଷଡ଼ ବିକାରେ ନାଶ ଯାଇ । ଶରୀର ସ୍ୱଭାବଟି ସେହି । ।
ଗର୍ଭୁଁ ଶରୀର ଜନ୍ମ ହୋଇ । ବାଳକ ରୂପେଣ ବଢ଼ଇ । ।
ପୌଗଣ୍ଡ କିଶୋର ତରୁଣ । ଜରାନ୍ତେ ଲଭଇ ମରଣ । ।
ଏ ଷଡ଼ ବିକାରେ ଶରୀର । ଆତ୍ମା ସ୍ୱଭାବେ ନିର୍ବିକାର । ।୭/୭/୧୮

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଅଷ୍ଟପ୍ରକୃତି – ମୂଳପ୍ରକୃତି, ମହତ୍ତ୍ୱ, ଅହଂକାର ଏବଂ ପତନ୍ମାତ୍ରା (ଶବ୍ଦ, ସ୍ପର୍ଶ, ରୂପ, ରସ ଓ ଗନ୍ଧ) । ଷୋଡ଼ଶ ବିକାର - ଦଶଇନ୍ଦ୍ରିୟ, ପଞ୍ଚମହାବୂତ ଓ ମନ । ଷଡ଼ବର୍ଗ – କାମ, କ୍ରୋଧ, ଲୋଭ, ମୋହ, ମଦ ଓ ମାତ୍ସର୍ଯ୍ୟ । ଷୋଡ଼ଶ ସଂସାର ଚକ୍ର – ୧୧ ଇନ୍ଦ୍ରିୟ ଓ ପତନ୍ମାତ୍ରାରୂପୀ ୧୬ ଅରବିଷିଷ୍ଟ ସଂସାରଚକ୍ର ।

ବାଳକେ ମୋର ବୋଲ କର । ବେଳହୁଁ ଗୋବିନ୍ଦ ସୁମର । ।୭/୭/୩୭
ହରିଙ୍କି ଭଜ ଦୃଢ଼ ମନେ । କି ଦୁଃଖ କୃଷ୍ଣ-ଉପାସନେ । ।
ହରି ଅଶେଷ ପ୍ରାଣୀ ଦେହେ । କ୍ଷୁଦ୍ର ଆକାଶ ପ୍ରାୟେ ରହେ । ।
ଆତ୍ମାର ସଖା ପଦ୍ମନାଭ । ଅନ୍ୟ ଭଜନେ କିବା ଲାଭ । ।୭/୭/୩୮
ଦେଖ ଏ ଧନ ଦାରା ସୁତ । ପଶୁ କୁଞ୍ଜର ଗୃହ କ୍ଷେତ୍ର । ।
ନାନା ସମ୍ପଦ ଅର୍ଥ କାମ । କ୍ଷଣଭଙ୍ଗୁର ଯେ ଏମାନ । ।
ସ୍ୱପ୍ନର ପ୍ରାୟେ ମିଥ୍ୟା ହୋନ୍ତି । ଜୀବକୁ କିବା ଏ କରନ୍ତି । ।
ସମ୍ପଦ ନୁହଇ ନିଶ୍ଚଳ । ଯେସନେ ସମୁଦ୍ର ଉଲ୍ଲୋଳ । ।୭/୭/୩୯
ଦୁଃଖବିନାଶେ ସୁଖ ଅର୍ଥେ । ପ୍ରାଣୀ ଭ୍ରମଇ ଏ ଜଗତେ । ।
ବାଞ୍ଛିତେ ଦୁଃଖ ଭୁଞ୍ଜେ ନିତ୍ୟେ । ସୁଖେ ବଞ୍ଚଇ ଅବାଞ୍ଛିତେ । ।୭/୭/୪୨

ଅଷ୍ଟମ ଅଧ୍ୟାୟରେ ନୃସିଂହ ଭଗବାନଙ୍କର ଆବିର୍ଭାବ, ହିରଣ୍ୟକଶିପୁ ବଧ ଏବଂ ବ୍ରହ୍ମାଦି ଦେବତାମାନଙ୍କର ଭଗବାନଙ୍କୁ ସ୍ତୁତି ବିଷୟ ବର୍ଣ୍ଣନା କରାଯାଇଛି । ଯେତେବେଳେ ହିରଣ୍ୟକଶିପୁ ପହ୍ଲାଦଙ୍କୁ ପଚାରିଥିଲା, ହରି କେଉଁଠାରେ ଅଛି, ଉତ୍ତରରେ ପ୍ରହ୍ଲାଦ କହିଥିଲେ ଯେ ହରି ସର୍ବତ୍ର ବିଦ୍ୟମାନ ଏପରି କି ସଭାଗୃହର ସ୍ତମ୍ଭରେ ମଧ୍ୟ । ସେତେବେଳେ ହିରଣ୍ୟକଶିପୁ ରାଗିଯାଇ ସେହି ସ୍ତମ୍ଭକୁ ଗଦା ପ୍ରହାର କରିବାରୁ ସେଥିରୁ ଯେଉଁ ଗର୍ଜନ ବାହାରିଥିଲା ତାହା ଶୁଣି ହିରଣ୍ୟକଶିପୁ ସତରେ ଡ଼ରି ଯାଇଥିଲେ । ତା'ପରେ ସେ ନିଜ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପୁତ୍ରକୁ ରାଜନୀତି ଶିଖାଇ ଯୁଦ୍ଧ ନିମନ୍ତେ ବାହାରହେଲା । ନୃସିଂହ ଅବତାରରେ ହରି ତାକୁ ବଧ କରିଥିଲେ । ହିରଣ୍ୟକଶିପୁର ବଧ ପରେ ବ୍ରହ୍ମାଦି ଦେବତାମାନେ ଭଗବାନ ନୃସିଂହକୁ ସ୍ତୁତି କଲେ । ସେତେବେଳେ ରୁଦ୍ର, ଇନ୍ଦ୍ର, ଋଷିମୁନି, ପିତୃଗଣ, ସିଦ୍ଧ, ଚାରଣ, ବିଦ୍ୟାଧର, ନାଗ, ସମସ୍ତ ମନୁ, ସମସ୍ତ ପ୍ରଜାପତି, ଗନ୍ଧର୍ବ, କିନ୍ନର, ଯକ୍ଷ, କିମ୍ପୂରୁଷ, ବୈତାଳିକ ତଥା ଭଗବାନଙ୍କର ପାର୍ଷଦମାନେ ସମସ୍ତେ ଭଗବାନଙ୍କୁ ସ୍ତୁତି କରିବାକୁ ଲାଗିଲେ ।

ନବମ ଅଧ୍ୟାୟରେ ନୃସିଂହ ଭଗବାନଙ୍କୁ ପ୍ରହ୍ଲାଦଙ୍କର ସ୍ତୁତି ବିଷୟ ବର୍ଣ୍ଣନା କରାଯାଇଛି । ଅର୍ଥାତ୍ ବ୍ରହ୍ମା ସମେତ ରୁଦ୍ର, ଇନ୍ଦ୍ର, ଋଷିମୁନି, ପିତୃଗଣ, ସିଦ୍ଧ, ଚାରଣ, ବିଦ୍ୟାଧର, ନାଗ, ସମସ୍ତ ମନୁ, ସମସ୍ତ ପ୍ରଜାପତି, ଗନ୍ଧର୍ବ, କିନ୍ନର, ଯକ୍ଷ, କିମ୍ପୂରୁଷ, ବୈତାଳିକ ତଥା ଭଗବାନଙ୍କର ପାର୍ଷଦମାନେ ସମସ୍ତେ ଭଗବାନଙ୍କୁ ସ୍ତୁତି କଲା ପରେ ବି ଭଗବାନ ନୃସିଂହଙ୍କ କ୍ରୋଧ୍ୟ ଶାନ୍ତ ନ ହେବାରୁ ଲକ୍ଷ୍ମୀଙ୍କୁ ଅନୁରୋଧ କରିବାରୁ ସେ ବି ଭୟରେ ତାଙ୍କ ପାଖକୁ ଯାଇପାରିଲେ ନାହିଁ । ଶେଷରେ ବ୍ରହ୍ମାଙ୍କ ନିର୍ଦ୍ଦେଶ କ୍ରମେ ପ୍ରହ୍ଲାଦ ଯାଇ ତାଙ୍କ ପାଦ ତଳେ ପଡ଼ିଗଲେ । ବାଳୁତ ପ୍ରହ୍ଲାଦକୁ ଦେଖି ଭଗବାନ ନୃସିଁହଙ୍କ କ୍ରୋଧ ଶାନ୍ତ ହୋଇଗଲା । ସେ ତାଙ୍କୁ କୋଳେଇ ଧରି ତାଙ୍କ ଶିରରେ କରକମଳ ରଖି ଦେଲେ । ପ୍ରହ୍ଲାଦ ନୃସିଂହନାଥଙ୍କୁ ସ୍ତୁତି କରି ତାଙ୍କ ଗୁଣ ଗାରିମା, ମହିମା ତଥା ତାଙ୍କର ପରାକ୍ରମ ଆଦି ବର୍ଣ୍ଣନା କଲେ । ସେ ଭଗବାନଙ୍କର ମହିମା ସନ୍ଦର୍ଭରେ କହିଛନ୍ତି ଯେ, ଭଗବତ୍ ମହିମା ଗାନର ପ୍ରଭାବ ଏପରି ଯେ, ଅବିଦ୍ୟାବଶତଃ ସଂସାରଚକ୍ରରେ ପଡ଼ିଯାଇଥିବା ମନୁଷ୍ୟ ମଧ୍ୟ ସେହି ଗାନଦ୍ୱାରା ତତ୍କାଳ ପବିତ୍ର ହୋଇଯାଆନ୍ତି । ଯଥା –

ଅବିଦ୍ୟା ବଳେ ଏ ସଂସାରେ । ଏ ଜୀବ ଅଶେଷ ଶରୀରେ । ।
କର୍ମର ବଳେ ସରଇ । ତୋର ଭଜନେ ସେ ତରଇ । ।୭/୯/୧୭

ଦୁଇ ହାତ କୁଣ୍ଡେଇ ହେଉଥିବା ବ୍ୟକ୍ତି ସେହି ଦୁଇ ହାତକୁ କୁଣ୍ଡଉଥିବା ସମୟରେ ସୁଖ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପାଏ, କିନ୍ତୁ ପରେ ଜ୍ୱାଳା ଅସହ୍ୟ ହୁଏ । କିନ୍ତୁ କୁଣ୍ଡିଆକୁ ସହ୍ୟ କରିବା ବ୍ୟକ୍ତି ଜ୍ୱାଳାର ଶିକାର ହୁଏ ନାହିଁ । ଧୀର ଜ୍ଞାନୀମାନେ କୁଣ୍ଡେଇ ନ ହୋଇ କୁଣ୍ଡିଆର ଆବେଗକୁ ସହ୍ୟ କରିଯାଆନ୍ତି ।

ଏ ଗୃହେ ମୈଥୁନାଦି ସୁଖେ । ପ୍ରାଣୀ କ୍ରୀଡ଼ନ୍ତି ଦୁଃଖ ଶୋକେ । ।
କଣ୍ଡୁ ଯେସନେ ନଖ ମାଝେ । ନିମିଷେ କୋଟି ସୁଖ ବୁଝେ । ।
କଣ୍ଡୁ ଅନ୍ତରେ ମହାଦୁଃଖ । ତେସନେ ଗୃହବନ୍ଧ ସୁଖ । ।
ଏଣେ ନ ରମେ ଜ୍ଞାନୀଜନ । ତୋ ପାଦପଦ୍ମେ ଦେଇ ମନ । । ୭/୯/୪୫

ଦଶମ ଅଧ୍ୟାୟରେ ପ୍ରହ୍ଲାଦଙ୍କର ରାଜ୍ୟାଭିଷେକ ଏବଂ ତ୍ରିପୁର ଦହନ କଥା ବର୍ଣ୍ଣନ ଅଛି । ଅର୍ଥାତ୍ ପ୍ରହ୍ଲାଦଙ୍କ ସ୍ତୁତିରେ ନୃସିଁହ ଶାନ୍ତ ଓ ସନ୍ତୁଷ୍ଟ ହୋଇ ପ୍ରହ୍ଲାଦଙ୍କୁ ବର ଯାଚିଲେ । ପ୍ରହ୍ଲାଦ, ତାଙ୍କ ପିତା ମୁକ୍ତି ପାଆନ୍ତୁ ବୋଲି ବର ମାଗିଲେ । ଭଗବାନ ପ୍ରହ୍ଲାଦଙ୍କୁ ଧନ୍ୟ ଧନ୍ୟ କହି ତାଙ୍କ ଇଚ୍ଛା ପୁରଣ ହେଉ ବୋଲି କହିଲେ । ଏହି ଅଧ୍ୟାୟରେ ପ୍ରହ୍ଲାଦଙ୍କର ରାଜ୍ୟାଭିଷେକ ହୋଇଛି । ବ୍ରହ୍ମା ହିରଣ୍ୟକଶିପୁ ଦେଇଥିବା ଭଳି ବର ଆଉ କାହାକୁ ନ ଦିଅନ୍ତୁ ବୋଲି ନୃସିଂହ, ବ୍ରହ୍ମାଙ୍କୁ କହି ସେଠାରୁ ଅନ୍ତର୍ଦ୍ଧାନ ହୋଇଯାଇଛନ୍ତି ।

ଏହି ଅଧ୍ୟାୟରେ ଆହୁରି ବର୍ଣ୍ଣନା କରାଯାଇଛି ଯେ, ଥରେ ଭଗବାନ୍ ଶ୍ରୀକୃଷ୍ଣଙ୍କ ଠାରୁ ଶକ୍ତି ଲାଭ କରି ଦେବତାମାନେ ଅସୁରମାନଙ୍କୁ ଯୁଦ୍ଧରେ ଜିତିଗଲେ । ଅସୁରମାନେ ମୟ ଦାନବର ଶରଣ ଯିବାରୁ ମୟ ତିନୋଟି ବିମାନ ତିଆରି କଲେ । ସେହି ବିମାନ ସାହାଯ୍ୟରେ ଅସୁରମାନେ ସମସ୍ତଙ୍କୁ ବିନାଶ କରିବାକୁ ଲାଗିଲେ । ଏହି ତିନୋଟି ବିମାନ ତିନୋଟି ପୁର ସଦୃଶ ଥିଲା । ତେଣୁ ଭୟରେ ସମସ୍ତେ ଯାଇ ଶିବଙ୍କୁ ପ୍ରାର୍ଥନା କରିବାରୁ ମହାଦେବ ମୟ ଦାନବ ସମେତ ତ୍ରିପୁରକୁ ଅଗ୍ନିବାଣରେ ଜାଳି ଧ୍ୱଂସ କରିଦେଲେ ।

ଏକାଦଶ ଅଧ୍ୟାୟରେ ମାନବଧର୍ମ, ବର୍ଣ୍ଣଧର୍ମ ଓ ସ୍ତ୍ରୀଧର୍ମ ବିବରଣ କରାଯାଇଛି, ଯଥା;

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସତ୍ୟଂ ଦୟା ତପଃ ଶୌଚଂ ତିତିକ୍ଷେକ୍ଷା ଶମୋ ଦମଃ ।

ଅହିଂସା ବ୍ରହ୍ମଚର୍ଯ୍ୟଂ ଚ ତ୍ୟାଗଃ ସ୍ୱାଧ୍ୟାୟଃ ଆର୍ଜବମ୍ ।।ଶ୍ଳୋକ ୮

ସନ୍ତୋଷଃ ସମଦୃକ୍ ସେବା ଗ୍ରାମ୍ୟେହୋପରମଃ ଶନୈଃ ।

ନୃଣାଂ ବିପର୍ଯ୍ୟୟେହେକ୍ଷା ମୌନମାତ୍ମବିମର୍ଶନମ୍ ।।ଶ୍ଳୋକ ୯

ଅନ୍ନାଦ୍ୟାଦେଃ ସଂବିଭାଗୋ ଭୂତେଭ୍ୟଶ୍ଚ ଯଥାର୍ହତଃ ।

ତେଷ୍ୱାତ୍ମଦେବତାବୁଦ୍ଧିଃ ସୁତରାଂ ନୃଷୁ ପାଣ୍ଡବ ।।ଶ୍ଳୋକ ୧୦

ଶ୍ରବଣଂ କୀର୍ତ୍ତନଂ ଚାସ୍ୟ ସ୍ମରଣଂ ମହତାଂ ଗତେଃ ।

ସେବେଜ୍ୟାବନତିର୍ଦାସ୍ୟଂ ସଖ୍ୟମାତ୍ମସମର୍ପଣମ୍ ।।ଶ୍ଳୋକ ୧୧

ନୃଣାମୟଂ ପରୋ ଧର୍ମଃ ସର୍ବେଷାଂ ସମୁଦାହୃତଃ ?

ତ୍ରିଂଶଲ୍ଲକ୍ଷଣବାନ୍ ରାଜନ୍ ସର୍ବାତ୍ମା ଯେନ ତୁଷ୍ୟତି ।।ଶ୍ଳୋକ ୧୨

ଅର୍ଥାତ୍, ଶାସ୍ତ୍ରମାନଙ୍କରେ ବର୍ଣ୍ଣିତ ମାନବଧର୍ମର ୩୦ଟି ଲକ୍ଷଣ, ନାରଦ ଯୁଧିଷ୍ଠିରଙ୍କୁ ନାରଦ-ଯୁଧିଷ୍ଠିର ସଂବାଦ କ୍ରମରେ କହିଲେ ।ସେ ଗୁଡ଼ିକ ହେଲା – ୧. ସତ୍ୟ, ୨. ଦୟା, ୩. ତପସ୍ୟା, ୪. ଶୌଚ, ୫. ତିତିକ୍ଷା (କ୍ଷମା), ୬. ଉଚିତ-ଅନୁଚିତ ବିଚାର, ୭. ମନସଂଯମତା, ୮. ଇନ୍ଦ୍ରିୟସଂଯମତା, ୯. ଅହିଂସା, ୧୦. ବ୍ରହ୍ମଚର୍ଯ୍ୟ, ୧୧. ତ୍ୟାଗ, ୧୨. ସ୍ୱାଧ୍ୟାୟ, ୧୩. ସରଳତା, ୧୪. ସନ୍ତୋଷ, ୧୫. ସମଦର୍ଶୀ ମହାତ୍ମାମାନଙ୍କର ସେବା, ୧୬. ସାଂସାରିକ ଭୋଗପ୍ରାପ୍ତିରୁ ନିବୃତ୍ତି, ୧୭. ଅଭିମାନପୂର୍ଣ୍ଣ ପ୍ରଯତ୍ନର ବିପରୀତ ଫଳ – ଏପରି ବିଚାର, ୧୮. ମୌନ, ୧୯. ଆତ୍ମଚିନ୍ତନ, ୨୦. ପ୍ରାଣୀମାନଙ୍କ ମଧ୍ୟରେ ଅନ୍ନ ଆଦିର ଯଥାଯୋଗ୍ୟ ବନ (ବିଭାଜନ), ୨୧. ସମସ୍ତଙ୍କଠାରେ ଇଷ୍ଟଭାବ ପୋଷଣ, ୨୨. ଭଗବତ୍ ନାମ-ଗୁଣ-ଲୀଳା ଆଦି ଶ୍ରବଣ, ୨୩. କୀର୍ତ୍ତନ, ୨୪. ସ୍ମରଣ ୨୫. ପ୍ରଭୁସେବା, ୨୬. ପୂଜା, ୨୭. ନମସ୍କାର କରଣ, ୨୮. ଭଗବାନଙ୍କ ପ୍ରତି ଦାସ୍ୟଭାବ, ୨୯. ଭଗବାନଙ୍କ ପ୍ରତି ସଖାଭାବ ଏବଂ ୩୦. ଭଗବାନଙ୍କ ଠାରେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଆତ୍ମସମର୍ପଣ ।

ବର୍ଣ୍ଣଧର୍ମ - ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର ମାନଙ୍କର ଧର୍ମ ତଥା ଲକ୍ଷଣ ।

ସଂସ୍କାରା ଯଦବିଚ୍ଛିନ୍ନାଃ ସ ଦ୍ୱିଜୋଽଜୋ ଜଗାଦ ଯମ୍ ।

ଇଜ୍ୟାଧ୍ୟୟନଦାନାନି ବିହିତାନି ଦ୍ୱିଜନ୍ମନାମ୍ ।

ଜନ୍ମକର୍ମାବଦାତାନାଂ କ୍ରିୟାଶ୍ଚାଶ୍ରମଚ୍ଚୋଦିତାଃ । । ଶ୍ଳୋକ ୧୩

ଅର୍ଥାତ୍ ଯେଉଁମାନଙ୍କର ବଂଶରେ ଅଖଣ୍ଡରୂପରେ ସଂସ୍କାର (ଗର୍ଭଧାନାଦି) ରହି ଆସିଛି ଏବଂ ଯେଉଁମାନଙ୍କୁ ବ୍ରହ୍ମା ସଂସ୍କାର ଯୋଗ୍ୟ ବୋଲି ସ୍ୱୀକାର କରିଛନ୍ତି, ସେମାନଙ୍କୁ ଦ୍ୱିଜ କୁହାଯାଏ ।

ବ୍ରାହ୍ମଣଙ୍କ ନିମନ୍ତେ ଉଦ୍ଦିଷ୍ଟ ୬ଟି କର୍ମ - ଅଧ୍ୟୟନ, ଅଧ୍ୟାପନ, ଦାନ, ଦାନଗ୍ରହଣ, ସ୍ୱ-ଯଜ୍ଞକରଣ ଓ ପରାର୍ଥେ ଯଜ୍ଞକରଣ ।

କ୍ଷତ୍ରିୟ ନିମନ୍ତେ୬ କର୍ମ– ରାଜ୍ୟଶାସନ, ରାଜ୍ୟସୁରକ୍ଷା, କରଆଦାୟ, ପ୍ରଜାରକ୍ଷଣ, ଦାନ ଓ ଦୋଷୀକୁ ଦଣ୍ଡପ୍ରଦାନ । ଶ୍ଳୋକ ୧୪

ବୈଶ୍ୟ ନିମନ୍ତେ ଉଦ୍ଦିଷ୍ଟ କର୍ମ – ବ୍ରାହ୍ମଣ ଓ କ୍ଷତ୍ରିୟର ଅନୁଗାମିନୀ ହେବା, କୃଷି ଏବଂ ବାଣିଜ୍ୟ । ଶ୍ଳୋକ ୧୫

ବ୍ରାହ୍ମଣଙ୍କ ଜୀବନ ନିର୍ବାହ ପାଇଁ ୪ ପ୍ରକାର ବୃତ୍ତିର ବ୍ୟବସ୍ଥା ରହିଛି । ଯଥା –

**ବାର୍ତ୍ତା** - ଯଜ୍ଞ ଓ ଅଧ୍ୟୟନାଦି କରାଇ ଧନ ଅର୍ଜନ (ପ୍ରମୃତ) ।

**ଶାଳୀନ** - ନ ମାଗୁଣୁ ଯାହା ମିଳିଲା, ତାକୁ ନେଇ ଚଳିଯିବା (ଅମୃତ) ।

**ଯାଯାବର** - ପ୍ରତ୍ୟହ ତଣ୍ଡୁଳ-ଧାନ୍ୟାଦି ମାଗି ନେବା (ମୃତ) ।

**ଶିଳୋଞ୍ଛନ** - କ୍ଷେତରୁ ଶସ୍ୟ ସଂଗ୍ରହ କରି ଉଠାଇ ନେଇଯିବା ପରେ ପଡ଼ି ରହିଥିବା ଅବଶିଷ୍ଟ ଶସ୍ୟକୁ (ଲୁଣ୍ଠକା)କୁ ଶିଳ କୁହାଯାଏ ଏବଂ ହାଟ ବଜାରରେ ପଡ଼ିଯାଇଥିବା ଶସ୍ୟକୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଉଞ୍ଛ କୁହାଯାଏ । ଶିଳ ଓ ଉଞ୍ଛ ସଂଗ୍ରହ କରି ଜୀବିକା ନିର୍ବାହ କରିବାକୁ ଶିଳୋଞ୍ଛନ କୁହାଯାଏ (ଋତ) । ଶ୍ଳୋକ ୧୬

ବ୍ରାହ୍ମଣ ଓ କ୍ଷତ୍ରିୟମାନେ ଋତ, ଅମୃତ, ମୃତ, ପ୍ରମୃତ ଓ ସତ୍ୟାନୃତ ବୃତ୍ତିର ଆଶ୍ରୟରେ ଜୀବିକା ନିର୍ବାହ କରିଥାନ୍ତି । ଶ୍ଳୋକ ୧୮

ବାଣିଜ୍ୟକୁ ସତ୍ୟାନୃତ କୁହାଯାଏ । ବୈଶ୍ୟମାନେ ସତ୍ୟାନୃତ ବୃତ୍ତି କରିଥାନ୍ତି । ନିମ୍ନବର୍ଣ୍ଣ ବର୍ଗର ଲୋକଙ୍କ ଦ୍ୱାରା ଉଚ୍ଚବର୍ଣ୍ଣର ଲୋକଙ୍କ ସେବା କରିବା ବୃତ୍ତିକୁ ଶ୍ୱାନବୃତ୍ତି କୁହାଯାଏ । ବ୍ରାହ୍ମଣ ଓ କ୍ଷତ୍ରିୟମାନେ ଶ୍ୱାନବୃତ୍ତି କରିବା ଅନୁଚିତ, କାରଣ ସେମାନେ ସର୍ବଦେବମୟ । ଶ୍ଳୋକ ୨୦

୪ ବର୍ଣ୍ଣର ଲକ୍ଷଣ –

ବ୍ରାହ୍ମଣର ଲକ୍ଷଣ – ଶମ, ଦମ, ତପ, ଶୌଚ, ସନ୍ତୋଷ, କ୍ଷମା, ସରଳତା, ଜ୍ଞାନ, ଦୟା, ଭଗବତ୍-ପରାୟଣତା ଓ ସତ୍ୟ । ଶ୍ଳୋକ ୨୧

କ୍ଷତ୍ରିୟର ଲକ୍ଷଣ - ଯୁଦ୍ଧରେ ଉତ୍ସାହ, ବୀରତ୍ୱ, ଧୀରତା, ତେଜସ୍ୱିତା, ତ୍ୟାଗ, ମନୋଜୟ, କ୍ଷମା, ବ୍ରାହ୍ମଣଙ୍କଠାରେ ଭକ୍ତି, ଅନୁଗ୍ରହ ଏବଂ ପ୍ରଜାପାଳନ (ଶ୍ଳୋକ ୨୨) । ଅର୍ଜୁନଙ୍କର ମହାଭାରତ ଯୁଦ୍ଧ ଆରମ୍ଭ ହେବାର କିଛି ମୂହୂର୍ତ୍ତ ପୂର୍ବରୁ ହାନୀ ହୋଇ ଥିବା ଲକ୍ଷଣ ଗୁଡ଼ିକ ହେଲା – ଉତ୍ସାହ, ମନୋଜୟ, ବୀରତ୍ୱ ଓ ତେଜସ୍ୱିତା । କିନ୍ତୁ ବୃହନ୍ନଳା ସାଜିଥିବା ସମୟରେ କୌଣସି ଲକ୍ଷଣ ହାନୀ ହୋଇ ନ ଥିଲା । ସେ ନିଜର କ୍ଷତ୍ରିୟ ଲକ୍ଷଣ ଗୁଡ଼ିକୁ ସେହି ସମୟରେ ଦମନ କରି ରଖିଥିଲେ ।

ବୈଶ୍ୟର ଲକ୍ଷଣ – ଦେବତା, ଗୁରୁ ଓ ଭଗବାନଙ୍କ ପ୍ରତି ଭକ୍ତି; ଅର୍ଥ, କାମ ଓ ଧନ – ଏପରି ୩ ପୁରୁଷାର୍ଥ ରକ୍ଷାକରିବା; ଆସ୍ତିକତା, ଉଦ୍ୟମଶୀଳତା ଓ ବ୍ୟାବହାରିକ ନିପୁଣତା । ଶ୍ଳୋକ ୨୩

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶୂଦ୍ରର ଲକ୍ଷଣ – ବିନମ୍ରତା, ପବିତ୍ରତା, ସ୍ୱାମୀ (ମାଲିକ)ଙ୍କ ନିଷ୍କପଟ ସେବା, ବୈଦିକ ମନ୍ତ୍ରବିହୀନ ଯଜ୍ଞ, ଅଚୌର୍ଯ୍ୟ, ସତ୍ୟ ତଥା ଗୋ-ବ୍ରାହ୍ମଣଙ୍କ ରକ୍ଷା । ଶ୍ଳୋକ ୨୪

ସ୍ତ୍ରୀଧର୍ମ –

ପତିବ୍ରତା ଧର୍ମ - ପତିସେବା, ପତିଙ୍କୁ ଅନୁକୂଳ ହୋଇ ରହିବା, ପତିଙ୍କ ସମ୍ପର୍କୀୟମାନଙ୍କୁ ପ୍ରସନ୍ନ ରଖିବା ଓ ପତିଙ୍କୁ ଈଶ୍ୱର ବୋଲି ମାନିବା । ଶ୍ଳୋକ ୨୫

ଗୃହିଣୀ ଧର୍ମ – ଗୃହର ପରିଷ୍କାର-ପରିଚ୍ଛନ୍ନତା ରକ୍ଷା କରିବା । ଶ୍ଳୋକ ୨୬

ସେବା ଧର୍ମ – ସ୍ୱାମୀଙ୍କ ଇଚ୍ଛା ପୂରଣ କରିବା, ସ୍ୱାମୀ ପରିବାର ସଦସ୍ୟମାନଙ୍କୁ ସେବାରେ ସନ୍ତୁଷ୍ଟି କରିବା, ବିନମ୍ରତା, ମନ ଓ ଇନ୍ଦ୍ରିୟ ସଂଯମତା, ସତ୍ୟବାଦିନୀ ଓ ପତିପ୍ରେମ । ଶ୍ଳୋକ ୨୭

ସହିଷ୍ଣୁତା ଓ କର୍ତ୍ତବ୍ୟ ପାଳନ ଧର୍ମ - ଯାହା ମିଳିଲା ସେଥିରେ ସନ୍ତୁଷ୍ଟି, ଅନ୍ୟ ସହ ତୁଳନା ନ କରିବା, ଲୋଭ ନ କରିବା, କଟୁବାଣୀ ବର୍ଜନ, ସତ୍ୟ ଓ ପ୍ରିୟ ବଚନ କହିବା, କର୍ତ୍ତବ୍ୟ ପାଳନ ଏବଂ ସ୍ନେହଶୀଳତା ଆଚରଣ । ଶ୍ଳୋକ ୨୮

ଯେଉଁ ସ୍ତ୍ରୀ ଲକ୍ଷ୍ମୀଙ୍କ ସମାନ ପତିପରାୟଣା ହୋଇ, ନିଜ ସ୍ୱାମୀଙ୍କୁ ସାକ୍ଷାତ୍ ଭଗବାନଙ୍କର ସ୍ୱରୂପ ବୋଲି ଜାଣି ତାଙ୍କର ସେବା କରନ୍ତି, ତାଙ୍କ ସ୍ୱାମୀ ବୈକୁଣ୍ଠଲୋକରେ ଭଗବତ୍ ସାରୂପ୍ୟ ପ୍ରାପ୍ତ ହୁଅନ୍ତି ଏବଂ ସେ ଲକ୍ଷ୍ମୀଙ୍କ ପରି ତାଙ୍କ ସହିତ ଆନନ୍ଦରେ ରହନ୍ତି ।

ଦ୍ୱାଦଶ ଅଧ୍ୟାୟରେ ଚାରି ଆଶ୍ରମ ଲକ୍ଷଣ ବର୍ଣ୍ଣନା କରାଯାଇଛି । ଏହି ଅଧ୍ୟାୟର ଶ୍ଳୋକ ୧ ରୁ ୯ ମଧ୍ୟରେ ବନସ୍ଥ ବ୍ରହ୍ମଚାରୀ ଧର୍ମ ବର୍ଣ୍ଣନ । ଶ୍ଳୋକ ୧୦ ରୁ ୧୬ ମଧ୍ୟରେ ଗୃହସ୍ଥ, ଶ୍ଳୋକ ୧୭ ରୁ ୨୨ ମଧ୍ୟରେ ବାନପ୍ରସ୍ଥ ଏବଂ ଶ୍ଳୋକ ୨୩ ରୁ ୨୫ ମଧ୍ୟରେ ସନ୍ନ୍ୟାସ ଧର୍ମ ବିଧି ବର୍ଣ୍ଣନ କରାଯାଇଛି ।

ତ୍ରୟୋଦଶ ଅଧ୍ୟାୟରେ ଶ୍ଳୋକ ୧ ରୁ ୧୦ ମଧ୍ୟରେ ଯତି (ଅବଧୂତ) ଧର୍ମ ବର୍ଣ୍ଣନ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏହି ଅଧ୍ୟାୟର ଶ୍ଲୋକ ୧୧ ରୁ ୪୫ ମଧ୍ୟରେ ପ୍ରହ୍ଲାଦ ଓ ଦତ୍ତାତ୍ରେୟ ସଂବାଦ ବର୍ଣ୍ଣିତ । ବଣ ଜଙ୍ଗଲରେ ରହି କିଛି ବି ନ ଖାଇ ଦତ୍ତାତ୍ରେୟ କିପରି ସୁସ୍ଥ ସବଳ ଅଛନ୍ତି ବୋଲି ପ୍ରହ୍ଲାଦ ପଚାରିବାରୁ ଦତ୍ତାତ୍ରେୟ ତତ୍ତ୍ୱଜ୍ଞାନ ଦେଇଥିଲେ ।

ଅଶେଷ ଆପଦର ସ୍ଥାନ । ଏ ଧନ ମୂଳୁଁ ହୋଏ ଜନ୍ମ ।।
ଯେ ଶୋକ ମୋହ ଲୋଭ କ୍ରୋଧ । ନିତ୍ୟେ ଉଦ୍ୱେଗ ଯେ ପ୍ରମାଦ ।।
ଯାହାର ମୂଳୁଁ ଏ ସ୍ରବନ୍ତି । ଧନର ମୂଳେ ପ୍ରାଣଭୀତି ।।
ଏ ଘେନି ଯେ ପଣ୍ଡିତଜନେ । ଲୋଭ ତେଜନ୍ତି ଜାଣି ଧନେ । ।୭/୧୩/୩୧ ରୁ୩୩

ଚତୁର୍ଦ୍ଦଶ ଅଧ୍ୟାୟରେ ସମ୍ପୂର୍ଣ୍ଣ ଅଧ୍ୟାୟଟିରେ ଗୃହସ୍ଥ ଧର୍ମର ବିଧାନ ବର୍ଣ୍ଣନ ।

ଯାବତ ଦେହେ ପ୍ରାଣ ଥିବ । ତାବତ ସନ୍ତୋଷେ ଭୁଞ୍ଜିବ ।।
ଲୋଭେ ଅଧିକ ଯେ ଚିନ୍ତନ୍ତି । ଚୋର ସମାନେ ଦଣ୍ଡ ପା’ନ୍ତି ।। ୭/୧୪/୮
ଯେ ଦ୍ରବ୍ୟ ଅତି କ୍ଳେଶେ ପାଇ । ଯେ ସୁଖେ ଅତି ଲୋଭ ହୋଇ ।।
ଯେଣେ ବା ପରପୀଡ଼ା ହେବ । ଏ ତିନି ଚିତ୍ତେ ନ ଧରିବ ।।
ଯେ ଦେଶ କାଳ ପାତ୍ର ମତେ । ଯା ମିଳେ କର୍ମର ଆୟତ୍ତେ ।।
ସେ ଭାବେ ପୋଷିବ ଜୀବନ । ଦେଖିବ ସକଳେ ସମାନ ।। ୭/୧୪/୧୦
ଶ୍ୱାନ ଚଣ୍ଡାଳ ଅନ୍ୟ ଜାତି । ଆତ୍ମାର ପ୍ରାୟେ ତାଙ୍କୁ ଚିନ୍ତି ।।
ବିଭାଗେ ଭୋଗ ତାଙ୍କୁ ଦେବ । ଆତ୍ମା ପରିଚୟେ ଭାବିବ ।। ୭/୧୪/୧୧
ଦେଖ ଏ ତୁଚ୍ଛ କଳେବର । ଅନ୍ତେ ଭଜଇ ତ୍ରିପ୍ରକାର ।।
ଭସ୍ମ ପୁରୀଷ କୃମିସ୍ଥାନ । ଅବଶ୍ୟ ଭଜେ ଅବସାନ ।। ୭/୧୪/୧୩
ଯଜ୍ଞାବଶେଷ ସିଦ୍ଧ ଅନ୍ନେ । ଆହାର କଳ୍ପିବ ଜୀବନେ ।।
ଅଧିକେ ମମତା ନ ଥାଇ । ତେବେଟି ମହତ ବୋଲାଇ ।। ୭/୧୪/୧୪

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଏହି ଅଧ୍ୟାୟରେ ଶ୍ଳୋକ ୧୯ ରୁ ୨୪ ମଧ୍ୟରେ ପିତୃଶ୍ରାଦ୍ଧ ସମ୍ବନ୍ଧୀୟ ତଥ୍ୟ ପ୍ରଦାନ କରାଯାଇଛି । ବେନି ଅୟନ - କର୍କଟ ଓ ମକର ସଂକ୍ରାନ୍ତି । ବିଷୁବ – ତୁଳା ଓ ମେଷ ସଂକ୍ରାନ୍ତି । ଉର୍ଜମାସ – କାର୍ତ୍ତିକ । ଚତୁର ଅଷ୍ଟକା ଦିବସ – ମାର୍ଗଶିର, ପୌଷ, ମାଘ ଓ ଫାଲଗୁନ ମାସର କୃଷ୍ଣପକ୍ଷ ଅଷ୍ଟମୀ । ତ୍ରିଉତ୍ତରା– ଉତ୍ତରା ଫାଲଗୁନି, ଉତ୍ତରାଷାଢ଼ା ଓ ଉତ୍ତର ଭାଦ୍ରପଦ । ଶ୍ଳୋକ ୨୦ ରୁ ୨୬ ମଧ୍ୟରେ ଗୃହସ୍ଥର ନିସ୍ତାରଣ ଗତି ବିଧି ବର୍ଣ୍ଣନା କରାଯାଇଛି । ଶ୍ଳୋକ୨୭ ରୁ ୩୩ ମଧ୍ୟରେ ପୂଣ୍ୟ ସ୍ଥାନ ଗୁଡ଼ିକର ଉଲ୍ଲେଖ ଅଛି । ଶ୍ଳୋକ ୩୪ ରୁ ୪୨ ମଧ୍ୟରେ ଉତ୍ତମ ପାତ୍ର ବିଷୟ ବର୍ଣ୍ଣନା କରାଯଅଇଛି ।

ଯେ ପ୍ରାଣୀ ପରେ ହିଂସା କରେ । ଦେବତା ପୂଜି ସେ ନ ତରେ । । ୭/୧୪/୪୦

ପଞ୍ଚଦଶ ଅଧ୍ୟାୟରେ ଗୃହସ୍ଥଙ୍କ ନିମନ୍ତେ ମୋକ୍ଷଧର୍ମର ବର୍ଣ୍ଣନା କରାଯାଇଛି ।

ଯେ ବିପ୍ର ହୋଏ ଅସନ୍ତୋଷ । ତାହାର ତପ ବିଦ୍ୟା ଯଶ । ।<br>
ଇନ୍ଦ୍ରିୟ ଲୋଭେ ହୋନ୍ତି ନାଶ । ଅଜ୍ଞାନ କର୍ମେ ହୋନ୍ତି ଧ୍ୱଂସ । । ୭/୧୫/୧୯<br>
କାମକୁ ଜିଣେ ଅସଂକଳ୍ପେ । ପ୍ରାଣୀ ନାଶଇ ଯାର ଦର୍ପେ । ।<br>
କାମର କ୍ଷୟେ କ୍ରୋଧ ଯାଏ । ଅର୍ଥ ବର୍ଜନେ ଲୋଭ କ୍ଷୟେ । ।<br>
ଭୟକୁ ଜିଣେ ତତ୍ତ୍ୱଜ୍ଞାନେ । ଶୋକ ମୋହକୁ ଜିଣି ଜ୍ଞାନେ । ।<br>
ମହାନ୍ତ ସେବା ଦମ୍ଭ ନାଶେ । ଯେ ଭାବେ କୈବଲ୍ୟ ପ୍ରକାଶେ । ।<br>
ଯୋଗ ସାଧନେ ଯେତେ ବିଘ୍ନ । ତାହାକୁ ଖଣ୍ଡଇ ମଉନ । ।<br>
ହିଂସାକୁ ଜିଣେ କାମତ୍ୟାଗେ । କାମକୁ ଜିଣେ ଯୋଗମାର୍ଗେ । । ୭/୧୫/୨୨,୨୩<br>
ଦୟା ପ୍ରାଣୀଙ୍କ ଭୟ ହରେ । ତ୍ରିତାପ ସମାଧି ସଂହାରେ । ।<br>
ସଂଯମ ଯେ ବ୍ୟାଧି ହରେ । ନିଦ୍ରାକୁ ସାତ୍ତ୍ୱିକ ଆହାରେ । ।<br>
ରଜ ତମକୁ ସତ୍ତ୍ୱଗୁଣେ । ସତ୍ତ୍ୱକୁ ଉପଶମେ ଜିଣେ । ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗୁରୁସେବନେ ସର୍ବ ଦୁଃଖେ । ପ୍ରାଣୀ ତରନ୍ତି ଆତ୍ମା ସୁଖେ ।।

ଯେ ଗୁରୁ ଜ୍ଞାନଦାନ ଦେଇ । ତାଙ୍କୁ ଯେ ମନୁଷ୍ୟ ମଣଇ ।।

ସେ ଯେତେ ଧର୍ମ କରେ ଦେହେ ।ନିଷ୍ଫଳ ହସ୍ତୀ ସ୍ନାନ ପ୍ରାୟେ । । ୭/୧୫/୨୪ ରୁ ୨୬

ଏହି ଅଧ୍ୟାୟର ଶ୍ଲୋକ ୩୧ ରୁ ୩୪ ମଧ୍ୟରେ ପ୍ରାଣାୟାମ ପଦ୍ଧତି ବର୍ଣ୍ଣନା କରାଯାଇଛି । ଶ୍ଲୋକ ୪୧ ରୁ ୪୭ ମଧ୍ୟରେ ଉପନିଷଦମାନଙ୍କରୁ ଉଦ୍ଧୃତ କରାଯାଇ ବର୍ଣ୍ଣନା କରାଯାଇଛି ଯେ, ଶରୀର ହେଉଛି ରଥ, ଇନ୍ଦ୍ରିୟମାନେ ହେଉଛନ୍ତି ଘୋଡ଼ା, ଇନ୍ଦ୍ରିୟମାନଙ୍କର ସ୍ୱାମୀ ମନ ହେଉଛି ଲଗାମ, ଶବ୍ଦାଦି ବିଷୟ ହେଉଛି ମାର୍ଗ, ବୁଦ୍ଧି ହେଉଛି ରଥର ସାରଥି, ଚିତ୍ତ ହେଉଛି ଭଗବାନଙ୍କ ଦ୍ୱାରା ନିର୍ମିତ ବାନ୍ଧିବା ଦଉଡ଼ି, ଦଶ ପ୍ରାଣ ହେଉଛନ୍ତି ଅଖ, ଧର୍ମ ଓ ଅଧର୍ମ ହେଉଛି ଦୁଇଟି ଚକ ଏବଂ ଏସବୁର ଅଭିମାନୀ ଜୀବ ହେଉଛି ରଥୀ । ଓଁକାର ହେଉଛି ରଥର ଧନୁ, ଶୁଦ୍ଧ ଜୀବାତ୍ମା ହେଉଛି ଶର ଏବଂ ପରମାତ୍ମା ହେଉଛି ଲକ୍ଷ୍ୟ । (ସେହି ଓଁକାର ଦ୍ୱାରା ଅନ୍ତରାତ୍ମାକୁ ପରମାତ୍ମାଙ୍କ ଠାରେ ଲୀନ କରିଦେବା ଅବଶ୍ୟକ ।) ରାଗ (ଆସକ୍ତି), ଦ୍ୱେଷ, ଶୋକ, ମୋହ, ଲୋଭ, ଭୟ, ମଦ, ମାନ ଅପମାନ, ଅନ୍ୟର ଗୁଣରେ ଦୋଷଦର୍ଶନ, ଛଳ, ହିଂସା, ପରଶ୍ରୀକାତରତା, ତୃଷ୍ଣା, ପ୍ରମାଦ (ଅସାବଧାନତା), କ୍ଷୁଧା ଓ ନିଦ୍ରା ଏବଂ ଏହା ବ୍ୟତୀତ ଆହୁରି ଅନେକ ବିଷୟ ହେଉଛି ଜୀବମାନଙ୍କର ଶତ୍ରୁ । ଏହି ଶତ୍ରୁମାନଙ୍କ ମଧ୍ୟରେ ରଜଃ-ତମଃ-ପ୍ରଧାନ ବୃତ୍ତିମାନଙ୍କର ସଂଖ୍ୟା ଅଧିକ; କେତେକ କ୍ଷେତ୍ରରେ ସତ୍ତ୍ୱଗୁଣପ୍ରଧାନ ବୃତ୍ତି ମଧ୍ୟ ଶତ୍ରୁ ହୋଇଥାନ୍ତି । ଏହି ମନୁଷ୍ୟ ଶରୀରରୂପୀ ରଥ ଯେ ପର୍ଯ୍ୟନ୍ତ ନିଜ ଆୟତ୍ତରେ ଅଛି ଏବଂ ଏହାର ଇନ୍ଦ୍ରିୟ, ମନ ଆଦି ସକଳ ଉପକରଣ ଭଲ ଅବସ୍ଥାରେ ଅଛନ୍ତି, ସେହି ସମୟ ମଧ୍ୟରେ ଶ୍ରୀଗୁରୁଦେବଙ୍କ ଚରଣ କମଳରେ ସେବାପୂଜାଦ୍ୱାରା ଭଲରୂପେ ଶାଣ ଦିଆଯାଇ ଧାରୁଆ ହୋଇଥିବା ତୀକ୍ଷ୍ଣ ଜ୍ଞାନରୂପୀ ଖଡ୍ଗ ନେଇ. ଭଗବାନଙ୍କ ଆଶ୍ରୟରେ ଏହିସବୁ ଶତ୍ରୁମାନଙ୍କୁ ନାଶ କରିଦେଇ ନିଜର ସ୍ୱାରାଜ୍ୟ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସିଂହାସନରେ ବିରାଜମାନ ହୋଇଯାଆନ୍ତୁ ଏବଂ ଶେଷରେ ଅତ୍ୟନ୍ତ ଶାନ୍ତଭାବରେ ଏହି ଶରୀରକୁ ମଧ୍ୟ ପରିତ୍ୟାଗ କରିଦିଅନ୍ତୁ । ତାହା ନ କଲେ, ସାମାନ୍ୟ ଅସାବଧାନତାରେ ଇନ୍ଦ୍ରିୟରୂପୀ ଦୁଷ୍ଟଘୋଡ଼ାମାନେ ଏବଂ ସେମାନଙ୍କ ସହିତ ମିତ୍ରତା ରଖିଥିବା ବୁଦ୍ଧିରୂପୀ ସାରଥି ରଥର ସ୍ୱାମୀ ଜୀବକୁ ବିପରୀତ ପଥରେ ନେଇଯିବେ ଓ ତାହାକୁ ବିଷୟରୂପୀ ଲୁଣ୍ଠନକାରୀମାନଙ୍କ ହାବୁଡ଼ରେ ପକାଇଦେବେ । ସେହି ଡ଼କାୟତମାନେ ସାରଥି ଓ ଘୋଡ଼ାଙ୍କ ସମେତ ଏହି ଜୀବକୁ ନେଇ ମୃତ୍ୟୁଠାରୁ ମଧ୍ୟ ଅଧିକ ଭୟାନକ ଘୋର ଅନ୍ଧକାରମୟ ସଂସାରକୂପ ମଧ୍ୟକୁ ଠେଲି ଦେବେ ।

ଉପସଂହାର ସଦୃଶ ଶେଷ ଶ୍ଲୋକ ଗୁଡ଼ିକ ଯଥା ଶ୍ଳୋକ ୪୭ ରୁ ୭୫ ମଧ୍ୟରେ ପ୍ରବୃ³ିପ୍ରଧାନ ଓ ନିବୃ³ିପ୍ରଧାନ ବୈଦିକ କର୍ମ. ଇଷ୍ଟ କର୍ମ, ପୂ³ର୍ କର୍ମ, ତଥା ମାନବର ମୋକ୍ଷ ମାର୍ଗ ବର୍ଣ୍ଣନା କରାଯାଇଛି । ଏଥି ସହ ଦ୍ୱିଜ, ବିଶ୍ୱ ଶରୀର, ତୈଜସ, ପ୍ରାଜ୍ଞ, ତୁରୀୟ, ଭାବାଦ୍ୱୈତ, କ୍ରିୟାଦ୍ୱୈତ, ଦ୍ରବ୍ୟାଦ୍ୱୈତ ଇତ୍ୟାଦିର ସଜ୍ଞା ନିରୂପଣ କରାଯାଇଛି ।

ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ ବୈୟାସିକ୍ୟାଂ
ସର୍ବେଷାମ୍ ଅଧ୍ୟାୟାନାମ୍ ସାରସଂଗ୍ରହ ବିଶ୍ଳେଷଣ ଚିତି ସମାପ୍ତଃୟମ୍ ସପ୍ତମ ସ୍କନ୍ଧଃ ।
ଭୀମସ୍ୟାପି ରଣେ ଭଙ୍ଗୋ ମୁନେରପି ମତିଭ୍ରମଃ ।
ଯଦି ଶୁଦ୍ଧମଶୁଦ୍ଧଂ ବା ମମ ଦୋଷୋ ନ ବିଦ୍ୟତେ । ।
ତ୍ୱଦୀୟଂ ବସ୍ତୁ ଗୋବିନ୍ଦ ତୁଭ୍ୟମେବ ସମର୍ପୟେ ।
ତେନ ତ୍ୱଦଂଘ୍ରିକମଳେ ରତିଂ ମେ ଯଚ୍ଛ ଶାଶ୍ୱତମ୍ । ।
ମନ୍ତ୍ରହୀନଂ. କ୍ରିୟାହୀନଂ, ଭକ୍ତିହିନଂ ସୁରେଶ୍ୱର ।
ଯତ୍ ପୂଜିତଂ ମୟାଦେବ ! ପରିପୂର୍ଣ୍ଣଂ ତଦସ୍ତୁମେ । ।
ଯଦକ୍ଷରପଦଭ୍ରଷ୍ଟଂ, ମାତ୍ରାହୀନଂ ଚ ଯଦ୍ ଭବେତ୍ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ତତ୍ସର୍ବଂ କ୍ଷମ୍ୟତାଂ ଦେବ ! ପ୍ରସୀଦ ପରମେଶ୍ୱର ।।

କ୍ରମଶଃ - - - - - - -

। ହରି ଓଁ ତତ୍ ସତ୍ ।

ସୁବର୍ଣ୍ଣପୁର, ଜରଡ଼ାଗଡ,ଗଞ୍ଜାମ
ମୋବାଇଲ୍ ନଂ – ୭୩୭୭୨୧୩୩୭୩୪
e-mail: sahadeva.pradhan04@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶ୍ରୀଗୁଣ୍ଡିଚା ଯାତ୍ରାର ଐତିହ୍ୟ

ଦ୍ୱାପର ଯୁଗରେ ଯଦୁବଂଶ ଧ୍ୱଂସପରେ ଯେତେବେଳେ ଶ୍ରୀକୃଷ୍ଣ ଶିଆଳୀ ଲତା ଉପରେ ବିଶ୍ରାମ କରୁଥିଲେ, ସେତେବେଳେ ଜାରା ଶବର ନାମ୍ନୀ ଏକ ଶବର ତାକୁ ଶରାଘାତ କରିବାଦ୍ୱାରା ସିଏ ପ୍ରାଣତ୍ୟାଗ କରିଥିଲେ । ପାଣ୍ଡବମାନେ ଶ୍ରୀକୃଷ୍ଣଙ୍କ ମୃତଶରୀରକୁ ଦାହ କରିଥିଲେ । ଆଶ୍ଚର୍ଯ୍ୟର କଥା – ତାଙ୍କର ସମଗ୍ର ଶରୀର ଅଗ୍ନିଦଗ୍ଧ ହେଲେ ସୁଦ୍ଧା ନାଭିଦେଶ ଦଗ୍ଧ ହୋଇପାରିଲା ନାହିଁ । ସେହି ଅର୍ଦ୍ଧଦଗ୍ଧ ପିଣ୍ଡକୁ ଅର୍ଜୁନ ଓ ଜାରାଶବର ସମୁଦ୍ରରେ ବିସର୍ଜନ କରିଥିଲେ । କାଳକ୍ରମେ ସମୁଦ୍ରରେ ବିସର୍ଜିତ ଏହି ଅର୍ଦ୍ଧଦଗ୍ଧ ପିଣ୍ଡ ଏକ ନୀଳପଥର ମୂର୍ତ୍ତିରେ ପରିଣତ ହୋଇଥିଲା । ଜାରାଶବର ମଧ୍ୟ ତା'ର ପରବର୍ତ୍ତୀ ଜନ୍ମରେ ଶବର କୂଳରେ ବିଶ୍ୱାବସୁ ନାମରେ ଜନ୍ମଗ୍ରହଣ କରିଥିଲେ ।



ଶାନ୍ତିଲତା ସାହୁ

ବିଶ୍ୱାବସୁ ଜାତିରେ ଶବର ହେଲେ ମଧ୍ୟ ପରମ ବିଷ୍ଣୁଭକ୍ତ ଥିଲେ ଏବଂ ସେ ଶବର କୂଳର ରାଜା ଥିଲେ । ଏକଦା ସମୁଦ୍ର କୂଳରେ ବୁଲୁବୁଲୁ ସିଏ ସେଇ ନୀଳ ପଥର ମୂର୍ତ୍ତିଟି ପାଇ ତାକୁ ନୀଳଗିରିର ନୀଳକନ୍ଦରରେ ରଖି ନୀଳମାଧବ ରୂପେ ପୂଜା କରିବାକୁ ଲାଗିଲେ । ସେହି ନୀଳଗିରି ଆଜି ପୁରୁଷୋତ୍ତମ ଶ୍ରୀକ୍ଷେତ୍ର ରୂପେ ଖ୍ୟାତି ଲାଭ କରିଛି । ବହୁବର୍ଷ ଧରି ବିଶ୍ୱାବସୁଙ୍କ ଦ୍ୱାରା ନୀଳମାଧବ ନୀଳଗିରିରେ ପୂଜା ପାଉଥିଲେ । ହେଲେ ନୀଳମାଧବଙ୍କ ଅବସ୍ଥାନ ଯୋଗୁଁ ସେ ସ୍ଥାନଟି ବୈକୁଣ୍ଠପୁରସମ ପବିତ୍ର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୋଇଗଲା । ସେହି ସମୟରେ ବ୍ରହ୍ମାଙ୍କର ବଂଶଧର ସତ୍ୟଯୁଗର ସୂର୍ଯ୍ୟବଂଶୀ ରାଜା ଇନ୍ଦ୍ରଦ୍ୟୁମ୍ନ ମାଳବ ଦେଶରେ ରାଜତ୍ୱ କରୁଥିଲେ । ସିଏ ପରମ ବିଷ୍ଣୁଭକ୍ତ ଥିଲେ ଏବଂ ବିଷ୍ଣୁପୂଜା ନ କରିବା ପର୍ଯ୍ୟନ୍ତ ଜଳ ମଧ୍ୟ ଗ୍ରହଣ କରୁ ନଥିଲେ । ଥରେ ଦେବର୍ଷି ନାରଦଙ୍କ ପାଖରୁ ସିଏ ନୀଳମାଧବଙ୍କ ଦିବ୍ୟ ବିଗ୍ରହ ବିଷୟରେ ଅବହିତ ହେଲେ । କିନ୍ତୁ ବିଶ୍ୱାବସୁ ନାମ୍ନୀ ଶବର ଉତ୍କଳ ରାଜ୍ୟରେ ତାଙ୍କୁ ଏକ ଗୁପ୍ତ ଗୁହାରେ ରଖି ପୂଜାର୍ଚ୍ଚନା କରୁଥିବାରୁ ତାଙ୍କୁ ଦର୍ଶନ କରିବା ସମ୍ଭବ ନଥିଲା । ରାଜା ଇନ୍ଦ୍ରଦ୍ୟୁମ୍ନ ଏହାପରେ ପ୍ରଭୁ ନୀଳମାଧବଙ୍କୁ ଠାବ କରିବାପାଇଁ ତାଙ୍କ ରାଜ ପୁରୋହିତଙ୍କ ଭାଇ ବିଦ୍ୟାପତିଙ୍କୁ ଉତ୍କଳ ରାଜ୍ୟକୁ ପ୍ରେରଣ କଲେ । ବହୁସ୍ଥାନ ବୁଲି ବିଦ୍ୟାପତି ଶେଷରେ ନୀଳଗିରିରେ ପ୍ରବେଶ କଲେ । ସେ ସ୍ଥାନଟି ସେତେବେଳେ ଘନ ଅରଣ୍ୟ ପରିବେଷ୍ଟିତ ଥିଲା । ନିକଟରେ ଗୋଟିଏ ଶବରପଲ୍ଲୀ ଥିଲା । ଏହି ଶବରପଲ୍ଲୀରେ ବାସକରୁଥିବା ଶବରରାଜା ବିଶ୍ୱାବସୁଙ୍କ ଝିଅ ଲଳିତାଙ୍କ ସହିତ ବିଦ୍ୟାପତିଙ୍କର ପରିଚୟ ହେଲା । ଏହି ପରିଚୟ କ୍ରମେ ଘନିଷ୍ଠ ହେଲା । ନିଜ ସଂପ୍ରଦାୟର ନହେଲେ ମଧ୍ୟ ବିଦ୍ୟାପତିଙ୍କର ରୂପଗୁଣରେ ମୁଗ୍‌ଧହୋଇ ବିଶ୍ୱାବସୁ ତାଙ୍କୁ ଜାମାତା ରୂପରେ ସ୍ୱୀକାର କଲେ ଏବଂ କନ୍ୟା ଲଳିତାଙ୍କ ସହ ତାଙ୍କର ବିବାହ କରାଇଲେ । ବିବାହପରେ ବିଦ୍ୟାପତି ଲଳିତାଙ୍କ ସହ ଶବର ପଲ୍ଲୀରେ ବାସ କରିବାକୁ ଲାଗିଲେ । କିଛିଦିନ ପରେ ସିଏ ଲକ୍ଷ୍ୟକଲେ ବିଶ୍ୱାବସୁ ପ୍ରତିଦିନ ସକାଳୁ ଏକାକୀ ଜଙ୍ଗଲକୁ ଯାଉଛନ୍ତି, ଫେରିବା ସମୟରେ ତାଙ୍କ ଶରୀରରୁ ଏକ ଅପୂର୍ବ ଦିବ୍ୟ ସୁଗନ୍ଧ ବାହାରୁଛି । ଏହାର କାରଣ ଲଳିତାଙ୍କୁ ପଚାରନ୍ତେ ସିଏ ବିଶ୍ୱାବସୁଙ୍କର ନୀଳମାଧବ ପୂଜା ବିଷୟରେ ତାଙ୍କୁ ସବୁ କଥା ଜଣାଇଲେ । ବିଶ୍ୱାବସୁଙ୍କର ଏହି ଗୁପ୍ତ ପୂଜା ବିଷୟକୁ ଗୋପନ ରଖିବାକୁ ସିଏ ବିଦ୍ୟାପତିଙ୍କୁ ଅନୁରୋଧ କଲେ । ଏହା ଜାଣିବାପରେ ନୀଳମାଧବଙ୍କୁ ଦର୍ଶନ ପାଇଁ ବିଦ୍ୟାପତିଙ୍କର ଉତ୍କଣ୍ଠା ଦିନୁ ଦିନ ବଢ଼ି ଚାଲିଲା । ଶେଷରେ ଜାମାତାଙ୍କ ଅନୁରୋଧ ଭାଙ୍ଗି ନପାରି ବିଶ୍ୱାବସୁ ତାଙ୍କୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନୀଳମାଧବ ଦର୍ଶନ କରାଇବା ନିମନ୍ତେ ରାଜି ହେଲେ । କିନ୍ତୁ ନୀଳମାଧବଙ୍କ ପ୍ରତିଷ୍ଠା ସ୍ଥାନକୁ ଗୁପ୍ତ ରଖିବା ଉଦ୍ଦେଶ୍ୟରେ ତାଙ୍କର ସର୍ତ୍ତ ଥିଲା ଯେ ସେଠାକୁ ଯିବାବେଳେ ବିଦ୍ୟାପତିଙ୍କ ଆଖିରେ ଅନ୍ଧପୁଟୁଳି ବନ୍ଧାଯିବ । ଦର୍ଶନ ସମୟରେ ଏହି ପଟି ଖୋଲି ଦିଆଯିବ ଓ ଫେରିବାବେଳକୁ ପୁଣି ତାଙ୍କ ଆଖିରେ ଅନ୍ଧପୁଟୁଳି ବନ୍ଧାଯିବ । ବିଦ୍ୟାପତି ଏହି ସର୍ତ୍ତରେ ସମ୍ମତି ପ୍ରକାଶ କରିବାରୁ ବିଶ୍ୱାବସୁ ତାଙ୍କୁ ନୀଳମାଧବଙ୍କ ଦର୍ଶନ ନିମନ୍ତେ ନୀଳଗିରିର ନୀଳକନ୍ଦରକୁ ନେଇଗଲେ । ବିଦ୍ୟାପତି ଅତ୍ୟନ୍ତ ଚତୁର ଥିଲେ । ଗଲାବେଳେ ସିଏ ନିଜ ପିନ୍ଧା ଲୁଗାରେ କିଛି ସୋରିଷ ବାନ୍ଧି ସେଥିରେ ଗୋଟିଏ କ୍ଷୁଦ୍ର ଛିଦ୍ର କରିଦେଲେ, ଯାହାଦ୍ୱାରା ବାଟସାରା ସୋରିଷ ବୁଣି ହୋଇଯିବ ଏବଂ ବର୍ଷାଋତୁର ଆଗମନରେ ସେହି ସୋରିଷ ଗୁଡ଼ିକରୁ ଗଛ ହୋଇ ନୀଳକନ୍ଦରକୁ ପଥ ପ୍ରଦର୍ଶନରେ ସହାୟକ ହେବ । ଏହିପରି ଭାବରେ ନୀଳମାଧବଙ୍କ ଦର୍ଶନ କରିବାପରେ ବିଦ୍ୟାପତି ଲଳିତାଙ୍କ ସହ ଶବରପଲ୍ଲୀରେ କିଛିଦିନ ରହିବାପରେ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ନୀଳମାଧବଙ୍କ ଠିକଣା ଜଣାଇବା ପାଇଁ ମାଳବ ପ୍ରତ୍ୟାବର୍ତ୍ତନ କଲେ ।

ବିଦ୍ୟାପତିଙ୍କଠାରୁ ନୀଳମାଧବଙ୍କ ଠିକଣା ଜାଣିବାପରେ ଇନ୍ଦ୍ରଦ୍ୟୁମ୍ନ ନିଜର ସୈନ୍ୟସାମନ୍ତଙ୍କ ସହ ସେଠାକୁ ଯାତ୍ରାକଲେ । ନୀଳମାଧବଙ୍କୁ ସେଠାରୁ ନେଇଆସି ନିଜ ରାଜ୍ୟରେ ପ୍ରତିଷ୍ଠିତ କରାଇବା ତାଙ୍କର ଲକ୍ଷ୍ୟ ଥିଲା । ରାଜା ଇନ୍ଦ୍ରଦ୍ୟୁମ୍ନଙ୍କର ଏ ପ୍ରକାର ଅହଂକାରକୁ ଭାଙ୍ଗିବାପାଇଁ ପ୍ରଭୁ ନୀଳମାଧବ ନୀଳଗିରିରୁ ଅନ୍ତର୍ଦ୍ଧାନ ହୋଇଗଲେ । ଇନ୍ଦ୍ରଦ୍ୟୁମ୍ନ ନିଜର ଭୁଲ୍ ବୁଝିପାରି ଆକୁଳଭାବରେ ନୀଳମାଧବଙ୍କୁ ପ୍ରାର୍ଥନା କରିବାପରେ ତାଙ୍କୁ ସ୍ୱପ୍ନାଦେଶ ହେଲା ଯେ ସେଠାରେ ଏକ ସହସ୍ର ଅଶ୍ୱମେଧ ଯଜ୍ଞ କଲେ ପ୍ରଭୁ ଦାରୁ ରୂପରେ ଆବିର୍ଭୂତ ହେବେ । ସ୍ୱପ୍ନାଦେଶ ଅନୁସାରେ ଇନ୍ଦ୍ରଦ୍ୟୁମ୍ନ ପୁରୁଷୋତ୍ତମ କ୍ଷେତ୍ରରେ ଏକ ସହସ୍ର ଅଶ୍ୱମେଧ ଯଜ୍ଞ ଅନୁଷ୍ଠିତ କରାଇଲେ ଯାହା ଦୀର୍ଘବର୍ଷଧରି ଚାଲିଲା । ଯଜ୍ଞରେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଗୋଦାନ ନିମନ୍ତେ ଏତେ ସଂଖ୍ୟକ ଗୋରୁ ଅଣାଯାଇଥିଲା ଯେ ସେମାନଙ୍କ ଖୁରାଘାତରେ ଏକ ବିରାଟ ଗର୍ତ୍ତ ସୃଷ୍ଟିହେଲା ଏବଂ ଯଜ୍ଞଶାଳାରୁ ନିଷ୍କାସିତ ଜଳଦ୍ୱାରା ତାହା ପୂର୍ଣ୍ଣ ହୋଇ ଏକ ପୁଷ୍କରିଣୀ ସୃଷ୍ଟି ହୋଇଥିଲା । ଏହି ପୁଷ୍କରିଣୀଟି ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀ ନାମରେ ଏକ ତୀର୍ଥ ପୁଷ୍କରିଣୀ ଭାବେ ବିଖ୍ୟାତ । ଅଶ୍ୱମେଧ ଯଜ୍ଞପରେ ଇନ୍ଦ୍ରଦ୍ୟୁମ୍ନଙ୍କୁ ପୁଣି ଥରେ ସ୍ୱପ୍ନାଦେଶ ହେଲା ଯେ ପ୍ରଭୁ ପରଦିନ ପ୍ରଭାତରେ ବାଙ୍କି ମୁହାଣଠାରେ ଦାରୁ ରୂପରେ ଭାସମାନ ଅବସ୍ଥାରେ ମିଳିବେ । ପରଦିନ ସତକୁ ସତ ବାଙ୍କି ମୁହାଣରେ ଏକ ଦାରୁ ଭାସୁଥିବାର ଦେଖାଗଲା । ସେହି ଦାରୁକୁ ସମୁଦ୍ରରୁ ଆଣିବାପାଇଁ ରାଜା ତାଙ୍କ ସୈନ୍ୟଙ୍କୁ ଆଦେଶ ଦେଲେ । ପ୍ରଭୁ ନୀଳମାଧବ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ଅହଂପୂର୍ଣ୍ଣ ନିର୍ଦ୍ଦେଶ ଶୁଣି ମୁରୁକି ମୁରୁକି ହସିଲେ । ସିଏ ତ ନିଜେ ଅଚଳ ମହାମେରୁ । ତାଙ୍କର ଇଚ୍ଛା ବିନା କିଏ ତାଙ୍କୁ ଉଠେଇ ପାରିବ ? ତେଣୁ ଦାରୁକୁ ଜଳରୁ ଉଠେଇବା ପାଇଁ ରାଜାଙ୍କ ସୈନ୍ୟସାମନ୍ତଙ୍କର ସମସ୍ତ ଚେଷ୍ଟା ବିଫଳ ହେଲା । ଶେଷରେ ଇନ୍ଦ୍ରଦ୍ୟୁମ୍ନଙ୍କର ଆକୁଳ ପ୍ରାର୍ଥନାପରେ ବିଶ୍ୱାବସୁଙ୍କ ସହାୟତାରେ ସିଏ ନିଜେ ଦାରୁକୁ କାନ୍ଧରେ ବହନକରି ଯଜ୍ଞ ମଣ୍ଡପକୁ ଆଣିଲେ । ପୂର୍ବ ସ୍ୱପ୍ନାଦେଶ ଅନୁସାରେ ଭକ୍ତ ଦାରୁକୁ ମୂର୍ତ୍ତିରୂପ ଦେବାପାଇଁ ଯେତେବଡ଼ କାରିଗର ଆସିଲେ ସେମାନଙ୍କର ନିହାଣଗୁଡ଼ିକ ଭାଙ୍ଗିଗଲା ସିନା ହେଲେ ଦାରୁରେ ସାମାନ୍ୟ ଦାଗ ମଧ୍ୟ ହେଲାନାହିଁ । ରାଜା ଚିନ୍ତିତ ହୋଇପଡ଼ିଲେ । ଶେଷରେ ପ୍ରଭୁଙ୍କ ନିର୍ଦ୍ଦେଶରେ ବିଶ୍ୱକର୍ମା ଏକ ବୃଦ୍ଧ ବଢ଼େଇ ବେଶରେ ରାଜ ଦରବାରରେ ପହଁଞ୍ଚି ମୂର୍ତ୍ତି ଗଢ଼ିଦେବେ ବୋଲି କହିଲେ । ବୃଦ୍ଧଙ୍କର ଏକ ସର୍ତ୍ତ ଥିଲା ତାହା ହେଲା ସେ ଏକୋଇଶ ଦିନକାଳ ପ୍ରକୋଷ୍ଠ ବନ୍ଦ କରି ମୂର୍ତ୍ତି ଗଢ଼ିବେ । ଏହି ସମୟରେ ପ୍ରକୋଷ୍ଠର ଦ୍ୱାର ଯେପରି ଖୋଲା ନ ହୁଏ । ରାଜା ବୃଦ୍ଧ କାରିଗରଙ୍କ ସର୍ତ୍ତରେ ଏକମତ ହେବାରୁ ମୂର୍ତ୍ତି ଗଢ଼ା କାର୍ଯ୍ୟ ଆରମ୍ଭ ହେଲା । ପ୍ରତିଦିନ ରାଜା, ରାଣୀ ଗୁଣ୍ଡିଙ୍କ ସହ ଆସି କିଛି ସମୟ ପ୍ରକୋଷ୍ଠ ବାହାରେ ରହି ଭିତରୁ ନିହାଣ, ମୁଗୁରର ଶବ୍ଦ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଶୁଣି ଫେରି ଯାଉଥିଲେ । କିନ୍ତୁ ୨୧ ଦିନ ପୂରଣ ହେବାର କିଛି ଆଗରୁ ଯେତେ କାନ ଡେରିଲେ ମଧ୍ୟ ଭିତରୁ କୌଣସି ଶବ୍ଦ ଶୁଣିପାରିଲେ ନାହିଁ । ରାଣୀ ଗୁଣ୍ଡିଚାଙ୍କ ମନକୁ ପାପ ଛୁଇଁଲା – ଭିତରେ ବୃଦ୍ଧଙ୍କର କୌଣସି ଅଘଟଣ ଘଟିନି ତ ? ଦ୍ୱାର ଖୋଲେଇବାପାଇଁ ସିଏ ଜିଦ କରିବାରୁ ରାଜା ବାଧ୍ୟ ହୋଇ ଦ୍ୱାର ଖୋଲେଇଲେ । ଭିତରେ ତାଙ୍କ ପାଇଁ ଅପେକ୍ଷା କରୁଥିଲା ଅନେକ ଆଶ୍ଚର୍ଯ୍ୟ । ସେଠି ବୃଦ୍ଧ କାରିଗର ନଥିଲେ ଓ ତିନୋଟି ମୂର୍ତ୍ତି ଅଧାଗଢ଼ା ହୋଇ ରହିଥିଲେ । ଏହା ଦେଖି ରାଜା ହତବିମ୍ବ ହୋଇ ପଡ଼ିଥିବା ବେଳେ ତାଙ୍କୁ ଶୂନ୍ୟବାଣୀ ହେଲା ଯେ ସେହି ଅଧାଗଢ଼ା ମୂର୍ତ୍ତିକୁ ଉତ୍ତମ ରୂପେ ଚିତ୍ରିତ କରାଇ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ଏବଂ କାଷ୍ଠ ଦଣ୍ଡକୁ ସୁଦର୍ଶନ ଭାବେ ପୂଜା କରିବାକୁ । ଏହି ମୂର୍ତ୍ତିମାନଙ୍କୁ ରଖିବା ନିମନ୍ତେ ନୀଳଗିରର ରୋହିଣୀ କୁଣ୍ଡ ନିକଟରେ ଏକ ମନ୍ଦିର ନିର୍ମାଣ କରିବାପାଇଁ ରାଜା ଆଦେଶ ଦେଲେ । ବହୁ ବର୍ଷ ଧରି ମନ୍ଦିର ନିର୍ମାଣ କାର୍ଯ୍ୟଚାଲିଲା ।

ମନ୍ଦିର ନିର୍ମାଣ ପରେ ଏହା ପ୍ରତିଷ୍ଠା କରିବାପାଇଁ ନାରଦଙ୍କ ପରାମର୍ଶ ଅନୁସାରେ ଇନ୍ଦ୍ରଦ୍ୟୁମ୍ନ ବ୍ରହ୍ମାଙ୍କୁ ପୁରୋହିତ ରୂପେ ବରଣ କରିବାକୁ ବ୍ରହ୍ମଲୋକ ଗଲେ । ସେତେବେଳକୁ ବ୍ରହ୍ମା ସନ୍ଧ୍ୟା ତର୍ପଣରେ ବସିଥାନ୍ତି । ସେ ଇନ୍ଦ୍ରଦ୍ୟୁମ୍ନଙ୍କୁ ମୁହୂର୍ତ୍ତେ ଅପେକ୍ଷା କରିବାକୁ କହିଲେ । ବ୍ରହ୍ମଲୋକର ଗୋଟିଏ ମୁହୂର୍ତ୍ତ ମର୍ତ୍ତ୍ୟଲୋକରେ ଷାଠିଏ ହଜାର ବର୍ଷ ସହ ସମାନ । ଏହି ଦୀର୍ଘ ସମୟ ଭିତରେ ମନ୍ଦିରଟି ବାଲିରେ ପୋତି ହୋଇଯାଇଥିଲା । ଥରେ ଉତ୍କଳର ରାଜା ଗାଲ୍ହମାଧବ ସେହି ବାଲୁକାପ୍ରାନ୍ତର ଦେଇ ଯିବା ସମୟରେ ତାଙ୍କ ଅଶ୍ୱର ଖୁରା କୌଣସି କଠିନ ବସ୍ତୁରେ ବାଜିବାରୁ ରାଜା ବାଲୁକା ଆଡ଼େଇ ସେ ସ୍ଥାନରେ ଏକ ନୀଳଚକ୍ର ଦେଖିଲେ । ଏହାପରେ ରାଜା ତାଙ୍କ ସୈନ୍ୟସାମନ୍ତ ଲଗାଇ ସେ ସ୍ଥାନ ଖୋଳିବାରୁ ଇନ୍ଦ୍ରଦ୍ୟୁମ୍ନଙ୍କ ନିର୍ମିତ ସଂପୂର୍ଣ୍ଣ ମନ୍ଦିରଟି ବାହାରିଲା । ରାଜା ଗାଲ୍ହମାଧବ ସେହି ମନ୍ଦିରରେ ମାଧବ ମୂର୍ତ୍ତି ପ୍ରତିଷ୍ଠା କରାଇ ପୂଜା କରାଇଲେ । ଏହାର ବହୁକାଳପରେ ରାଜା ଇନ୍ଦ୍ରଦ୍ୟୁମ୍ନ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବ୍ରହ୍ମାଙ୍କ ସହ ଆସି ପୁରୁଷୋତ୍ତମ କ୍ଷେତ୍ରରେ ପହଞ୍ଚି ମାଧବ ମୂର୍ତ୍ତିକୁ ଅନ୍ୟତ୍ର ପ୍ରତିଷ୍ଠା କରାଇଲେ ଏବଂ ପୂର୍ବରୁ ନିର୍ମିତ ହୋଇଥିବା ଚତୁର୍ଦ୍ଧାମୂର୍ତ୍ତିଙ୍କୁ ରତ୍ନସିଂହାସନ ଉପରେ ସ୍ଥାପନା କରାଇଲେ । ଏହାପରେ ବ୍ରହ୍ମାଙ୍କଦ୍ୱାରା ମନ୍ଦିର ପ୍ରତିଷ୍ଠା କରାଗଲା । ଏହାହିଁ ହେଉଛି ଶ୍ରୀମନ୍ଦିର ଓ ଚତୁର୍ଦ୍ଧାମୂର୍ତ୍ତିଙ୍କ ଐତିହ୍ୟ ।

ବ୍ରହ୍ମାଙ୍କ ଦ୍ୱାରା ଶ୍ରୀମନ୍ଦିର ଓ ଦାରୁବ୍ରହ୍ମ ପ୍ରତିଷ୍ଠା ସରିଲାପରେ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ପୂଜାରେ ସନ୍ତୁଷ୍ଟ ହୋଇ ମହାପ୍ରଭୁ ଜଗନ୍ନାଥ କହିଲେ – ହେ ବତ୍ସ ! ତୁମ ଇଚ୍ଛାର ବର ମାଗିନିଅ । ମହାପ୍ରଭୁଙ୍କ ବାଣୀ ଶୁଣି ରାଜା ଆନନ୍ଦରେ କହିଲେ – ହେ ମହାବାହୁ ! ହେ କରୁଣାସାଗର ! ଏ ମନ୍ଦିର ମୋର ବୋଲି କହିବାକୁ ମୋ ବଂଶରେ କେହି ନ ରୁହନ୍ତୁ । ଏପରି ବରମାଗିବା ଦେଖି ରାଣୀ ଗୁଣ୍ଡିଚା ଦୁଃଖରେ ଭାଙ୍ଗିପଡ଼ି କାନ୍ଦିବାକୁ ଲାଗିଲେ । ରାଣୀଙ୍କ ଦୁଃଖ ଦେଖି ପ୍ରଭୁ ଶ୍ରୀଜଗନ୍ନାଥ କହିଲେ – ମା' ତୁମେ କାନ୍ଦୁଛ କାହିଁକି ? ରାଜା ଇନ୍ଦ୍ରଦ୍ୟୁମ୍ନ ମୋର ସ୍ଥାପୟିତା ହେତୁ ମୁଁ ତାଙ୍କର ପୁତ୍ର ସ୍ୱରୂପ ଏବଂ ସେ ମୋର ପିତା ସମାନ । ଆପଣ ମୋର ମାତା । ମାତାଙ୍କର ଦୁଃଖମୋଚନ କରିବା ପୁତ୍ରର ଧର୍ମ । କୁହନ୍ତୁ ମା' ମୋ ପାଇଁ ଆପଣଙ୍କ କ'ଣ ଆଦେଶ ରହିଛି ? ପ୍ରଭୁଙ୍କ ଉତ୍ତର ଶୁଣି ରାଣୀ କହିଲେ - ପ୍ରଭୁ ମୋର କିଛି ଦରକାର ନାହିଁ । ଆପଣ ବର୍ଷକୁ ଥରୁଟିଏ ମୋ ଘରକୁ ବୁଲି ଆସିବେ, ଏତିକି ମୋର ଗୁହାରି । ରାଣୀଙ୍କ ଗୁହାରି ଶୁଣି ପ୍ରଭୁ କହିଲେ – ତୁମର ଇଚ୍ଛା ପୂରଣ ହେବ ମା' ! ମୁଁ ପ୍ରତିବର୍ଷ ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ଦିନ ଶ୍ରୀମନ୍ଦିରରୁ ବାହାରି ତୁମଘରକୁ ଯିବି । ସେହି ପବିତ୍ର ମହାବେଦୀରେ ନ' ଦିନ ଯାତ୍ରା ଶେଷକରି ଶ୍ରୀମନ୍ଦିରକୁ ଫେରିଯିବି । ମୋର ଏହି ଯାତ୍ରା ତୁମରି ନାମ ଅନୁସାରେ ଶ୍ରୀଗୁଣ୍ଡିଚା ଯାତ୍ରା ନାମରେ ନାମିତ ହେବ ।

କଟକ, ଓଡ଼ିଶା

ଭ୍ରାମ୍ୟଭାଷୀ : ୭୩୮୧୭୪୦୦୦୨

Listen to Odia Podcast on https://anchor.fm/aahwaan
ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# ଜାତିଗତ ଜନଗଣନା ଓ ସଂରକ୍ଷଣ

ନିକଟରେ ବିହାରର ମୁଖ୍ୟମନ୍ତ୍ରୀ ନିତିଶ କୁମାର ଏବଂ ବିରୋଧୀ ଦଳର ନେତା ତେଜସ୍ୱୀ ଯାଦବଙ୍କ ସମେତର ବିହାରର ଦଶଟି ରାଜନୈତିକ ଦଳର ପ୍ରମୁଖ ନେତା ଏକତ୍ରିତ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିବା ସହ ଜାତିଗତ ଜନଗଣନା ପାଇଁ ସୁପାରିଶ କରିଛନ୍ତି । ସେହିପରି ଆମର ରାଜ୍ୟର ଶାସକ ଦଳ ମଧ୍ୟ ଜାତିଗତ ଜନଗଣନା ସପକ୍ଷରେ ଯୁକ୍ତି ବାଢ଼ିଥିବା ବେଳେ ସଂରକ୍ଷଣ ପାଇଁ ଯେଉଁ ୫୦ ପ୍ରତିଶତର ଆନିକଟ ରହିଛି ତାହାକୁ ହଟାଇବା ପାଇଁ କେନ୍ଦ୍ର ନିକଟରେ ଦାବି କରିଛନ୍ତି । କେନ୍ଦ୍ର ସରକାର ଜାତିଗତ ଜନଗଣନାକୁ ପ୍ରତ୍ୟାଖ୍ୟାନ କରିବା ପରେ ରାଜ୍ୟ କ୍ୟାବିନେଟ ଗତବର୍ଷ ଜାନୁଆରୀ ୧୧ ତାରିଖ ଦିନ ଜାତିଭିତ୍ତିକ ଜନଗଣନା ପାଇଁ ନିଷ୍ପତ୍ତି ନେଇଥିଲେ । କେନ୍ଦ୍ର ଗୃହରାଜ୍ୟ ମନ୍ତ୍ରୀ ନିତ୍ୟାନନ୍ଦ ରାୟ ଗତ ଲୋକସଭା ଅଧିବେଶନରେ କହିଥିଲେ "ବର୍ତ୍ତମାନ କେନ୍ଦ୍ର ସରକାର ଅନସୂଚିତ ଜାତି ଓ ଜନଜାତି ବ୍ୟତୀତ ଅନ୍ୟ କୌଣସି ଜାତିର ଗଣନା ପାଇଁ ଆଦେଶ ଦେଇନଥିବା ବେଳେ ପୂର୍ବ ଜନଗଣନା ଭଳି ଏଥର ମଧ୍ୟ ଅନସୂଚିତ ଜାତି ଓ ଜନଜାତିଙ୍କ ଜନଗଣନା ହେବ । ଯେଉଁ ମୋଦି ସରକାର ମନ୍ତ୍ରୀମଣ୍ଡଳ ବିସ୍ତାର ସମୟରେ ନିଜ ସରକାରକୁ ପଛୁଆବର୍ଗ ମନ୍ତ୍ରୀଙ୍କ ସରକାର କହିବା ସହ ନିଟ ପରୀକ୍ଷାରେ ସର୍ବଭାରତୀୟ ଯଥାଂଶରେ ପଛୁଆ ବର୍ଗଙ୍କୁ ସଂରକ୍ଷଣ



ନିଗମ କୁମାର
ବେହେରା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେଇ ସାବାସି ସାଉଁଟିଥିଲା ଆଜି ସେହି କେନ୍ଦ୍ର ସରକାର କାହିଁକି ଜାତିଗତ ଜନଗଣନା ବିପକ୍ଷରେ ? ଏହି ପ୍ରଶ୍ନ ବିରୋଧୀ ଦଳଗୁଡ଼ିକ କେନ୍ଦ୍ର ସରକାରକୁ ପଚାରୁଥିବାବେଳେ ଏନଡ଼ିଏର କିଛି ସହଯୋଗୀ ଦଳଗୁଡ଼ିକ ମଧ୍ୟ ବିରୋଧୀଙ୍କ ସ୍ୱର ସହିତ ସ୍ୱର ମିଳାଇଛନ୍ତି ।

ଜାତିଗତ ଜନଗଣନା ସମ୍ପର୍କରେ ଆଲୋଚନା କରିବା ପୂର୍ବରୁ ଜାତିଗତ ଜନଗଣନାର ଇତିହାସ ଓ ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିବା ଜରୁରୀ । ଭାରତରେ ୧୯୩୧ ମସିହା ପର୍ଯ୍ୟନ୍ତ ଜାତିଗତ ଜନଗଣନା କରାଯାଉଥିବା ବେଳେ ୧୯୪୧ ମସିହାର ଜନଗଣନା ସମୟରେ ଜାତିଗତ ଜନଗଣନା କରାଯିବା ସତ୍ତ୍ୱେ ଏହାର ତଥ୍ୟ ପ୍ରକାଶ କରାଯାଇନଥିଲା । ଏହାର ପରବର୍ତ୍ତୀ ଜନଗଣନା ଗୁଡ଼ିକରେ ଅର୍ଥାତ ୧୯୫୧ ମସିହାରୁ ୨୦୧୧ ମସିହାର ଜନଗଣନା ପର୍ଯ୍ୟନ୍ତ ଅନସୂଚିତ ଜାତି ଓ ଜନଜାତିର ତଥ୍ୟ ସଂଗ୍ରହ କରାଯାଇଥିବା ସତ୍ତ୍ୱେ ପଛୁଆବର୍ଗ ସମେତ ଅନ୍ୟ ଜାତିଗୁଡ଼ିକର ଜନଗଣନା କରାଯାଇନଥିଲା । ୧୯୯୦ ମସିହାରେ ତତ୍କାଳୀନ ବିଶ୍ୱପ୍ରତାପ ସିଂ ସରକାର ପଛୁଆବର୍ଗଙ୍କ ଉନ୍ନତି ପାଇଁ ମଣ୍ଡଳ କମିଶନଙ୍କ ସୁପାରିଶକୁ ଲାଗୁ କରିଥିଲେ । ଏହି ସୁପାରିଶ ଅନୁଯାୟୀ ପଛୁଆବର୍ଗର ଆଶାର୍ଥୀଙ୍କୁ ସରକାରୀ ଚାକିରୀ କ୍ଷେତ୍ରରେ ୨୭ ପ୍ରତିଶତ ସଂରକ୍ଷଣ ଦିଆଯାଇଥିଲା । କିନ୍ତୁ ଆଜିର ଦିନରେ ଭାରତରେ ପଛୁଆବର୍ଗଙ୍କ ଜନସଂଖ୍ୟା ନେଇ କୌଣସି ପ୍ରକୃତ ତଥ୍ୟ ନାହିଁ । ମଣ୍ଡଳ କମିଶନଙ୍କ ତଥ୍ୟାନୁସାରେ ଭାରତରେ ପଛୁଆ ବର୍ଗଙ୍କ ଜନସଂଖ୍ୟା ୫୨ ପ୍ରତିଶତ କିନ୍ତୁ ମଣ୍ଡଳ କମିଶନ ୧୯୩୧ ମସିହାର ଜନଗଣନା ତଥ୍ୟକୁ ଆଧାର କରି ଏହି ଜନସଂଖ୍ୟା ଦର୍ଶାଇଥିଲେ । କେନ୍ଦ୍ର ସରକାର ଜାତି ଆଧାରରେ ବିଭିନ୍ନ ନୀତି ଲାଗୁ କରିଥାଏ କିନ୍ତୁ ପଛୁଆବର୍ଗଙ୍କ ଜନସଂଖ୍ୟାର ତଥ୍ୟ ବିନା ସେମାନଙ୍କ ବିକାଶ ଅସମ୍ଭବ । କାରଣ ଜାତିଗତ ଜନଗଣନା ବିନା ସରକାରୀ ନୀତି ଓ ଯୋଜନାଗୁଡ଼ିକ ଉକ୍ତ ଜାତି ନିକଟରେ ସଠିକ ରୂପେ ପହଞ୍ଚିପାରୁଛି କି ନାହିଁ ଜାଣିବା କଷ୍ଟକର । ଆଜି କେନ୍ଦ୍ର ବିଜେପି ଜାତିଗତ ଜନଗଣନାକୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବିରୋଧ କରୁଥିବା ବେଳେ ୨୦୧୦ ମସିହାର ଏହାର ଚିତ୍ର ଭିନ୍ନ ଥିଲା । ୨୦୧୧ ମସିହା ଜନଗଣନା ପୂର୍ବରୁ ୨୦୧୦ ମସିହାରେ ଲୋକସଭାରେ ବିଜେପି ସାଂସଦ ସ୍ୱର୍ଗତଃ ଗୋପୀନାଥ ମୁଣ୍ଡେ କହିଥିଲେ "୨୦୧୧ ମସିହାର ଜନଗଣନାରେ ଯଦି ପଛୁଆ ବର୍ଗଙ୍କ ତଥ୍ୟ ସଂଗ୍ରହ କରାନଯାଏ ତେବେ ପଛୁଆ ବର୍ଗଙ୍କୁ ସାମାଜିକ ନ୍ୟାୟ ଦେବା ପାଇଁ ଆହୁରି ୧୦ ବର୍ଷ ସମୟ ଲାଗିଯିବ ।" ସେହିପରି ୨୦୧୮ ମସିହାରେ ବିଜେପି ସରକାରରେ ଗୃହ ମନ୍ତ୍ରୀ ଥିବା ରାଜନାଥ ସିଂ ୨୦୨୧ ମସିହା ଜନଗଣନା ନେଇ ପ୍ରସ୍ତୁତି ବୈଠକ ସମାପ୍ତି ପରେ କହିଥିଲେ "ଆଗାମୀ ଜନଗଣନାରେ ପଛୁଆ ବର୍ଗଙ୍କ ଜନଗଣନା ସମେତ ସେମାନଙ୍କ ଆର୍ଥିକ ଓ ସାମାଜିକ ସ୍ଥିତି ନେଇ ତଥ୍ୟ ସଂଗ୍ରହ କରାଯିବ ।" କିନ୍ତୁ ଆଜିର ଦିନରେ କେନ୍ଦ୍ର ସରକାର ନିଜର ପୂର୍ବ ପ୍ରତିଶ୍ରୁତି ପୂରଣରେ ପଛଘୁଞ୍ଚା ଦେଉଛି । ୨୦୧୧ ମସିହାରେ ଶାସକ କଂଗ୍ରେସ ଦଳ ସାମାଜିକ ଓ ଆର୍ଥିକ ଭିତ୍ତିକ ଜାତିଗଣନା ପାଇଁ ଗ୍ରାମୀଣ ଓ ସହରୀ ବିକାଶ ମନ୍ତ୍ରାଳୟକୁ ଦାୟିତ୍ୱ ଦେଇଥିଲେ । ୨୦୧୬ ମସିହାରେ ବିଜେପି ସରକାର ଏହି ରିପୋର୍ଟର ଜାତିଗତ ତଥ୍ୟ ବ୍ୟତୀତ ଅନ୍ୟ ସମସ୍ତ ତଥ୍ୟଗୁଡ଼ିକୁ ପ୍ରକାଶିତ କରିଥିବା ବେଳେ ଜାତିଗଣନାର ତଥ୍ୟକୁ ସାମାଜିକ କଲ୍ୟାଣ ବିଭାଗକୁ ହସ୍ତାନ୍ତର କରିଥିଲେ ।

ଜାତିଗତ ଜନଗଣନା ପାଇଁ କେନ୍ଦ୍ର ସରକାର ପଛଘୁଞ୍ଚା ଦେବାର ଅନେକ କାରଣ ରହିଛି । ୧୯୩୧ ମସିହା ପରବର୍ତ୍ତୀ ଜନଗଣନାଗୁଡ଼ିକରେ ଜାତିଗତ ଜନଗଣନା ସମ୍ପାଦନ ହୋଇନଥିବା ଯୋଗୁଁ ପଛୁଆ ବର୍ଗଙ୍କ ସଂଖ୍ୟାରେ ପରିବର୍ତ୍ତନ ହେବାର ଯଥେଷ୍ଟ ସମ୍ଭାବନା ରହିଛି । ଯଦି ପଛୁଆ ବର୍ଗଙ୍କ ଜନସଂଖ୍ୟା ହ୍ରାସ ପାଇବ ତେବେ ସରକାରଙ୍କୁ ବିରୋଧୀ ଏଥି ନିମନ୍ତେ ଅଙ୍ଗୁଳି ନିର୍ଦ୍ଦେଶ କରିବାର ଯଥେଷ୍ଟ ସମ୍ଭାବନା ରହିଛି । ସେହିପରି ଯଦି ପଛୁଆ ବର୍ଗଙ୍କ ସଂଖ୍ୟା ଯଦି ବୃଦ୍ଧି ପାଇବ ତେବେ ସେମାନେ ସରକାରଙ୍କ ନିକଟରେ ଅଧିକ ସଂରକ୍ଷଣର ଦାବି ଉପସ୍ଥାପନ କରିପାରନ୍ତି । କିନ୍ତୁ ଅନୁସୂଚିତ ଜାତି ଓ ଜନଜାତିଙ୍କ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କ୍ଷେତ୍ରରେ ଏଭଳି ହେବାର ଆଶା କ୍ଷୀଣ କାରଣ ପ୍ରତ୍ୟେକ ଜନଗଣନାରେ ସେମାନଙ୍କ ସଂଖ୍ୟା ଆକଳନ ସହ ସେମାନଙ୍କ ଆର୍ଥିକ ଓ ସାମାଜିକ ସ୍ଥିତିକୁ ଅନୁଧ୍ୟାନ କରାଯାଇଛି । ଏଣୁ ଜାତିଗତ ଜନଗଣନା ଫଳରେ ଏଥିରେ ସାଧାରଣ ବର୍ଗ ଓ ପଛୁଆ ବର୍ଗଙ୍କ ସଂଖ୍ୟା ବୃଦ୍ଧି ହେବାର ସମ୍ଭାବନା ଯଥେଷ୍ଟ ଅଧିକ । ଅନ୍ୟଦିଗରେ ଜାତିଗତ ଜନଗଣନା ଯୋଗୁଁ ଜାତିଗତ ରାଜନୀତି ତୀବ୍ର ହେବାର ସମ୍ଭାବନା ରହିଛି । କାରଣ ଜାତିଗତ ଜନଗଣନା ହୁଏ ତେବେ ତଥ୍ୟ ଆଧାରରେ ଯଦି ବୃହତ ଜାତିର ଲୋକମାନେ ଅଧିକ ଅଧିକାର ଦାବି କରିବେ ତେବେ କ୍ଷୁଦ୍ର ଜନସଂଖ୍ୟାର ଜାତିର କ'ଣ ହେବ ? ସେହିପରି ପଛୁଆ ବର୍ଗ ସମେତ ଅନସୂଚିତ ଜାତି ଓ ଜନଜାତିର ଅନେକ ଉପଜାତି ମଧ୍ୟ ରହିଛି ସେମାନଙ୍କ କ'ଣ ହେବ ତାହା ମଧ୍ୟ ଏକ ବିରାଟ ପ୍ରଶ୍ନବାଚୀ ? ଏହା ବ୍ୟତୀତ ପଛୁଆ ବର୍ଗଙ୍କ ତାଲିକା କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କ ମଧ୍ୟରେ ଭିନ୍ନ ଭିନ୍ନ । କିଛି ଜାତି ଏପରି ରହିଛି ଯାହାର ଗଣତି ରାଜ୍ୟରେ ପଛୁଆ ବର୍ଗରେ ହୋଇଥିବା ବେଳେ କେନ୍ଦ୍ରରେ ତାହାର ଗଣତି ପଛୁଆ ବର୍ଗରେ ନୁହେଁ । ଏଭଳି କ୍ଷେତ୍ରରେ ଯଦି ଜାତିଗତ ଜନଗଣନା ହୁଏ ତେବେ ଏହା ବିଭିନ୍ନ କହଳକୁ ଜନ୍ମ ଦେବ । ଉପରୋକ୍ତ କାରଣଗୁଡ଼ିକ ଯୋଗୁଁ ଅନସୂଚିତ ଜାତି ଓ ଜନଜାତି ବ୍ୟତୀତ ପଛୁଆ ବର୍ଗଙ୍କ ଜନଗଣନା ନେଇ କେନ୍ଦ୍ର ସରକାର ପଛଘୁଞ୍ଚା ଦେଉଛନ୍ତି ।

ଏହି ସମସ୍ୟାର ସମାଧାନ ପାଇଁ କେନ୍ଦ୍ର ସରକାର ଗତ ଲୋକସଭା ଅଧିବେଶନରେ ପଛୁଆ ବର୍ଗଙ୍କ ପାଇଁ ଏକ ବିଲ ପାସ କରିଛନ୍ତି । ଏହି ବିଲ୍ ଅନୁଯାୟୀ ଏଣିକି ରାଜ୍ୟ ସରକାର ଗୁଡ଼ିକ ପଛୁଆ ବର୍ଗଙ୍କ ତାଲିକା ପ୍ରସ୍ତୁତ କରିପାରିବେ । ଅର୍ଥାତ ଏଣିକି କୌଣସି ଜାତିକୁ ପଛୁଆ ବର୍ଗରେ ଅନ୍ତର୍ଭୁକ୍ତ କରିବା ପାଇଁ ରାଜ୍ୟକୁ କେନ୍ଦ୍ରର ଅନୁମତି ଆବଶ୍ୟକ ନାହିଁ । ଏହି ବିଲ୍ ସର୍ବସମ୍ମତିକ୍ରମେ ଲୋକସଭାରେ ପାସ ହୋଇଥିବା ବେଳେ ଏହି ବିଲ୍ ସପକ୍ଷରେ ୧୪ ବିରୋଧୀ ଦଳ ମଧ୍ୟ ସମର୍ଥନ ଜଣାଇଛନ୍ତି । ଏହା ପୂର୍ବରୁ ୨୦୧୮ ମସିହାରେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କେନ୍ଦ୍ର ସରକାର ପଛୁଆ ବର୍ଗଙ୍କ ପାଇଁ ଏକ ସମ୍ବିଧାନ ସଂଶୋଧନ ବିଲ୍ ଆଣିଥିଲେ । ଏହି ବିଲରେ ପଛୁଆ ବର୍ଗଙ୍କ ପାଇଁ ଏକ ଆୟୋଗର ଗଠନ ସମେତ ପଛୁଆ ବର୍ଗରେ କେଉଁ କେଉଁ ଜାତିକୁ ସାମିଲ କରାଯିବ ଏହାର କ୍ଷମତା କେନ୍ଦ୍ର ହସ୍ତରେ ନ୍ୟସ୍ତ ଥିଲା । ଏହାକୁ ଆଧାର କରି ଚଳିତବର୍ଷ ସୁପ୍ରିମକୋର୍ଟ ମରାଠା ସଂରକ୍ଷଣକୁ ନେଇ ମହାରାଷ୍ଟ୍ର ସରକାରଙ୍କ ଆବେଦନ ଖାରଜ କରିଥିଲେ । ସୁପ୍ରିମକୋର୍ଟ କହିଥିଲେ ୨୦୧୮ ମସିହା ପଛୁଆ ବର୍ଗ ବିଲ୍ ଅନୁଯାୟୀ ରାଜ୍ୟଗୁଡ଼ିକୁ ପଛୁଆ ବର୍ଗଙ୍କ ତାଲିକା ପ୍ରସ୍ତୁତ କରିବାର କୌଣସି ଅଧିକାର ନାହିଁ ଏବଂ ଏନେଇ ଚୂଡ଼ାନ୍ତ ନିଷ୍ପତ୍ତି କେନ୍ଦ୍ର ସରକାର ନେବେ । ଏହାପରେ ୨୦୧୮ ମସିହାରେ ପାସ ହୋଇଥିବା ଏହି ବିଲକୁ ବିରୋଧର ସାମ୍ନା କରିବାକୁ ପଡ଼ିଥିଲା, ଯାହାକୁ କେନ୍ଦ୍ର ସରକାର ଗତ ଲୋକସଭା ଅଧିବେଶନରେ ସଂଶୋଧନ କରିଛନ୍ତି । ଏହି ବିଲ୍ ଆଇନରେ ପରିଣତ ହେଲେ ୬୭୧ଟି ଜାତି ଲାଭାନ୍ୱିତ ହେବା ସହ ରାଜ୍ୟ ସରକାରଗୁଡ଼ିକ ନିଜ ଇଚ୍ଛା ମୁତାବକ କୌଣସି ଜାତିକୁ ପଛୁଆ ବର୍ଗରେ ସାମିଲ କରିବା ସହ ଶିକ୍ଷା ଓ ସରକାରୀ ଚାକିରୀ କ୍ଷେତ୍ରରେ ସଂରକ୍ଷଣ ଦେଇପାରିବେ ।

ବର୍ତ୍ତମାନ ଭାରତରେ ସଂରକ୍ଷଣ ସୀମା ୫୦ ପ୍ରତିଶତ ରହିଛି ଏବଂ ଯାହାକୁ ହଟାଇବା ପାଇଁ ବିଭିନ୍ନ ରାଜନୈତିକ ଦଳ କେନ୍ଦ୍ର ନିକଟରେ ଦାବି କରିଆସୁଛନ୍ତି । ବର୍ତ୍ତମାନ ଭାରତରେ ପଛୁଆ ବର୍ଗଙ୍କ ଜନସଂଖ୍ୟା ୫୦ ପ୍ରତିଶତରୁ ଅଧିକ ରହିଥିବା ବେଳେ କେତେକ ରାଜ୍ୟରେ ଏହି ସଂଖ୍ୟା ୭୦ ପ୍ରତିଶତରୁ ମଧ୍ୟ ଅଧିକ । ଏଭଳି କ୍ଷେତ୍ରରେ ପଛୁଆ ବର୍ଗଙ୍କ ତାଲିକା ବିସ୍ତାର ହେବା ପରେ ସମସ୍ତଙ୍କୁ ସଂରକ୍ଷଣ କିଭଳି ମିଳିବ ତାହା ମଧ୍ୟ ଏକ ସଂଶୟର ବିଷୟ । କେନ୍ଦ୍ର ସରକାର ମଧ୍ୟ ଏହି ଦିଗରେ ବିଚାର କରୁଥିବା ନେଇ ଗତ ଲୋକସଭା ଅଧିବେଶନରେ ପ୍ରକାଶ କରିଛନ୍ତି । କିନ୍ତୁ ସବୁରି ମୂଳରେ ଗୋଟିଏ ପ୍ରଶ୍ନ ସ୍ୱାଧୀନତାର ୭୫ ବର୍ଷ ପରେ ମଧ୍ୟ କ'ଣ ସଂରକ୍ଷଣ ଆବଶ୍ୟକ ? ଭୋଟ ପାଇଁ କେତେଦିନ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଜାରି ରହିବ ଅନସୂଚିତ ଜାତି, ଜନଜାତି ଓ ସଦ୍ୟତମ ପଛୁଆ ବର୍ଗଙ୍କ ପାଇଁ ସଂରକ୍ଷଣ ରାଜନୀତି ? ଆଉ କେତେଦିନ ସଂରକ୍ଷଣ ଖଣ୍ଡାର ଧାରରେ ଅଣସଂରକ୍ଷିତ ବର୍ଗର ମେଧାବୀ ଯୋଗ୍ୟ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ହତ୍ୟା କରାଯିବ ? ସଂରକ୍ଷଣ ନାଁରେ କେତେଦିନ ସଂରକ୍ଷିତ ବର୍ଗର ଲୋକମାନଙ୍କୁ ସମାଜ ନଜରରେ ଦୟାର ପାତ୍ର କରି ରଖାଯିବ ? ଯେଉଁ ଜାତିଗୁଡ଼ିକୁ ବର୍ତ୍ତମାନ ସୁଦ୍ଧା ପ୍ରତିନିଧିତ୍ୱର ସୁଯୋଗ ମିଳିନାହିଁ ସେମାନଙ୍କୁ ସଂରକ୍ଷଣ ମିଳିବା ଜରୁରୀ କିନ୍ତୁ ପ୍ରଶ୍ନ ସଂରକ୍ଷଣର ଏହି ଧାରା ଆଉ କେତେ ଦଶକ ପର୍ଯ୍ୟନ୍ତ ଜାରି ରହିବ ? ସରକାରକୁ କୌଣସି ନିର୍ଦ୍ଦିଷ୍ଟ ଜାତି କିମ୍ବା ସମ୍ପ୍ରଦାୟକୁ ପ୍ରାଥମିକତା ନଦେଇ ସମସ୍ତ ଜାତି ଓ ସମ୍ପ୍ରଦାୟର ସାମଗ୍ରିକ ବିକାଶ ପାଇଁ କାର୍ଯ୍ୟ କରିବାକୁ ହେବ । ସରକାରକୁ ଦେଶର ପ୍ରତ୍ୟେକ ନାଗରିକକୁ ସକ୍ଷମ କରିବାକୁ ହେବ ଯାହାର ଫଳସ୍ୱରୂପ ପ୍ରତ୍ୟେକ ନାଗରିକ ଉତ୍ତମ ଶିକ୍ଷା ସହ ଚାକିରୀ ପାଇବାରେ ସମର୍ଥ ହେବ । ସଂରକ୍ଷଣ ବଦଳରେ ସଂରକ୍ଷିତ ବର୍ଗଙ୍କ ଦକ୍ଷତା, ଯୋଗ୍ୟତା ଓ ଆତ୍ମବିଶ୍ୱାସ ବୃଦ୍ଧି କରିବାକୁ ହେବ । ସଂରକ୍ଷିତ ବର୍ଗଙ୍କୁ ବିନା ସଂରକ୍ଷଣରେ ଆତ୍ମସମ୍ମାନର ସହ ବଞ୍ଚିବାର ସୁଯୋଗ ଦିଅନ୍ତୁ ସରକାର ଏବଂ ଶିକ୍ଷା, ନିଯୁକ୍ତି ଓ ପଦୋନ୍ନତି କ୍ଷେତ୍ରରେ ସଂରକ୍ଷଣ ପ୍ରତିବଦଳରେ ଯୋଗ୍ୟତାକୁ ମାପଦଣ୍ଡ ରୂପେ ଗ୍ରହଣ କରାଯାଉ । ସରକାର ଏବଂ ସମସ୍ତ ରାଜନୈତିକ ଦଳକୁ ଏଥି ପାଇଁ ପ୍ରୟାସ କରିବାକୁ ହେବ ଏବଂ ଦେଶର ଭବିଷ୍ୟତକୁ ରକ୍ଷା କରିବାକୁ ହେବ ।

ନିଗମ କୁମାର ବେହେରା
ରାମନାଗୁଡ଼ା, ରାୟଗଡ଼ା
୭୦୭୭୯୫୧୩୫୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶିକ୍ଷା, ଶିକ୍ଷକ ଓ ଶିକ୍ଷାର୍ଥୀ

ସାଧାରଣଭାବେ ଆମେ ଶିକ୍ଷା କହିଲେ ବୁଝୁ, ଶିକ୍ଷା ହେଉଛି ଶିକ୍ଷଣକୁ ସହଜ କରିବା କିମ୍ବା ଜ୍ଞାନ, କୌଶଳ, ମୂଲ୍ୟବୋଧ, ନୈତିକତା, ବିଶ୍ୱାସ ଏବଂ ଅଭ୍ୟାସ ହାସଲ କରିବାର ପ୍ରକ୍ରିୟା । ନିଶ୍ଚିତ ଭାବେ ଏହା ଏକ ପ୍ରକ୍ରିୟା ଯେଉଁଠି ଭିନ୍ନ ଭିନ୍ନ ସ୍ତରରେ ମୂଲ୍ୟବୋଧକୁ ବୁଝିବାର, ବିଚାର କରିବାର ଏବଂ ଜୀବନର ମହତ୍ତ୍ୱପୂର୍ଣ୍ଣ ସୋପାନରେ ଯୋଡ଼ି ଦେବାର ଅବସର ମିଳେ । କିନ୍ତୁ ସେ ପ୍ରକ୍ରିୟା ଯନ୍ତ୍ରବତ ନୁହେଁ, କାରଣରେ ଏତିକି କୁହାଯାଇପାରେ ଯେ ମନୁଷ୍ୟର ସମଗ୍ର ସତ୍ତାକୁ ତନ୍ନ ତନ୍ନ କରି ଅବଲୋକନ କାର୍ଯ୍ୟଟି ସମୟସାପେକ୍ଷ । ଶିକ୍ଷା ସେଇ କାର୍ଯ୍ୟଟିକୁ ଅତି ନିପୁଣତା ର ସହିତ ସମ୍ପାଦିତ କରିଥାଏ । ତେଣୁ ଶିକ୍ଷା ପ୍ରାପ୍ତିର ମାର୍ଗରେ ଆସୁଥିବା ପ୍ରତ୍ୟେକଟି ସୋପାନକୁ ପରଖିବାର ଆବଶ୍ୟକତା ରହିଛି । ଏହି ଶିକ୍ଷା ତେବେ ପ୍ରାପ୍ତ ହେଇଥାଏ କେମିତି ? ଏହା ଉପଯୋଗୀ ବିଦ୍ୟା ବା ଜ୍ଞାନ ଆହରଣ ଦ୍ୱାରା ସମ୍ଭବ । ପ୍ରକୃତ ବିଦ୍ୟା ବା ଜ୍ଞାନ ପ୍ରଦାନ ଜଣେ ଉତ୍ତମ ଶିକ୍ଷକ ହିଁ କରିବାକୁ ସକ୍ଷମ । କେବଳ ଶିକ୍ଷାୟତନରେ ନିଜକୁ ପଂଜିକୃତ କରି ଦେଲେ ଯେ ବିଦ୍ୟାପ୍ରାପ୍ତ ହେଇଯିବ, ଭାବିବା ଭୁଲ ହୋଇପାରେ । ଏଥିପାଇଁ ବିଦ୍ୟାଳୟରେ ଛାତ୍ରଛାତ୍ରୀ ବା ଶିକ୍ଷାର୍ଥୀକୁ କାୟ ମନୋବାକ୍ୟରେ ନିଜକୁ ସମର୍ପିତ ହେବାକୁ ପଡିବ । ଶିକ୍ଷକ ବାଟ



ସଂଜୀବ କୁମାର ଦାସ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଢ଼େଇବେ ଗୁରୁ ସାଜି ପ୍ରତିଟି ସୋପାନରେ । ଅବଶ୍ୟ ପୂରା କାଳର ଗୁରୁଗୃହର କଳ୍ପନା ସାମ୍ପ୍ରତିକ ପରିସ୍ଥିତିରେ ପ୍ରାସଙ୍ଗିକ ହୋଇ ନପାରେ । କିନ୍ତୁ ବିଦ୍ୟା ଅଧ୍ୟୟନ ପଶ୍ଚାତ ପଠିତ ଶାସ୍ତ୍ରକୁ ବାସ୍ତବ ଜୀବନରେ ରୂପାନ୍ତର କରିବାର ଯେଉଁ ଅବସର ମିଳେ ତାକୁ ହାତଛଡ଼ା କରିବା ସ୍ପୃହଣୀୟ ନୁହେଁ । ବସ୍ତୁତଃ, ଆଧୁନିକ ଶିକ୍ଷା ପ୍ରଣାଳୀ ଆମ ଦୃଶ୍ୟ ପଟରେ କେବଳ ବିଦ୍ୟାର୍ଥୀଙ୍କୁ ରୋଜଗାରକ୍ଷମ କରାଇପାରିଛି, ଯାହା ସମୟର ଆହ୍ୱାନ ଏବଂ ଅନ୍ୟ ପକ୍ଷରେ ସାମାଜିକ ଆବଶ୍ୟକତା ଯେଉଁଠି ଧନ ଉପାର୍ଜନ ବ୍ୟକ୍ତିଟିର ସାମାଜିକ ସ୍ୱୀକୃତି ନିମିତ୍ତ ଏକ ମାପଦଣ୍ଡ ହୋଇଯାଇଛି ।  ଅଧୁନା ଗୁରୁକୂଳର ଶିକ୍ଷା ବ୍ୟବସ୍ଥାରୁ ଉତ୍ପନ୍ନ ବ୍ୟବହାରିକ ଶିକ୍ଷାର ମହତ୍ୱ କେହି ଉପଲବ୍ଧି କରୁନାହାନ୍ତି । ତତ୍କାଳିକ ଶିକ୍ଷା ପଦ୍ଧତିରେ ଶିକ୍ଷା ଗୃହରେ ବିଦ୍ୟା ଲାଭ ଉପରାନ୍ତ ଶିଷ୍ୟକୁ ଗୁରୁଜ୍ଞାନର ପୂର୍ଣ୍ଣାଙ୍ଗ ପ୍ରାପ୍ତି ନିମନ୍ତେ ବାହ୍ୟ ଜଗତର ବାସ୍ତବତାକୁ ସ୍ୱୟଂ ଅଧ୍ୟୟନ କରିବାକୁ ପଡୁଥିଲା ଗୁରୁଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ, ଯଦ୍ୱାରା ଶିଷ୍ୟଟି ବିଦ୍ୟାର ତାତ୍ପର୍ଯ୍ୟ ହୃଦୟଙ୍ଗମ କରି ଅଧ୍ୟୟନ କରିଥିବା ସମସ୍ତ ବିଦ୍ୟାର କାର୍ଯ୍ୟାନ୍ୱୟନ କରିବାକୁ ସମର୍ଥ ହୋଇପାରୁଥିଲା ।

ସମୟ ସ୍ରୋତରେ ପରିବର୍ତ୍ତନ ଆମ ସମ୍ମୁଖରେ ଦଣ୍ଡାୟମାନ । ଏବେ ଆମେ ବୁଝିବାକୁ ସମର୍ଥ ହେବା ଯେ ଶିକ୍ଷାକୁ ଶିକ୍ଷାର୍ଥୀ ନିକଟରେ ସଠିକ ଭାବେ ପହଞ୍ଚାଇବାର ଗୁରୁ ଦାୟିତ୍ୱ ଶିକ୍ଷକର । ତେବେ ଶିକ୍ଷ୍ୟାନୁରାଗୀ ବା ଶିକ୍ଷା ପ୍ରେମୀଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସାମ୍ପ୍ରତିକ ପରିସ୍ଥିତିରେ ଶିକ୍ଷାନୀତିରେ ଆମୂଳଚୂଳ ପରିବର୍ତ୍ତନ ହେଉଥିଲେ ବି ମୌଳିକ ଦିଗଟିରୁ ସମ୍ଭବତଃ ଆମେ ଦୁରେଇ ଯାଇଛୁ । ଭାରତ ସରକାରଙ୍କ ଶିକ୍ଷାନୀତି ୨୦୨୦ ବ୍ୟବହାରିକ ଶିକ୍ଷାକୁ ଗୁରୁତ୍ୱ ପ୍ରଦାନ କରିଛି, କିନ୍ତୁ ଦେଖିବା କଥା ଶିକ୍ଷାର ପ୍ରକୃତ ବା ବାସ୍ତବିକ ଲକ୍ଷ୍ୟ  ସାଧନା  ପାଇଁ ଏହା କେତେ ଫଳପ୍ରଦ ହେଉଛି । କାରଣ, ଶିକ୍ଷାଚରିତ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଢଙ୍ଗରେ ଅନୁସରଣ କରାଯାଉଥିବା ଶିକ୍ଷା ପଦ୍ଧତି କେବଳ 'ଚାକିରୀ' ସଂସ୍କୃତିର ବାର୍ତ୍ତାବହ ସାଜିଛି ଯାହା । ଏକଥା କହିବାବେଳେ ଚାକିରୀର ଅବଶ୍ୟକତାଟିକୁ ଏଡାଇ ଦେବା ଠିକ ହେବ ନାହିଁ, ମାତ୍ର ଭାରତ ଭଳି ବହୁ ଜନସଂଖ୍ୟା ବିଶିଷ୍ଟ ଗଣତନ୍ତ୍ରରେ ସରକାରୀ ଚାକିରୀ ଯୋଗାଇଦେବାର ସାମର୍ଥ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୁଏ, କାରଣ ଦ୍ରୁତ ଜାଗତିକ ପରିବର୍ତ୍ତନ ଧାରାରେ ଉଦ୍ୟୋଗିକୀ ବିକାଶ ସହିତ ତାଳଦେଇ ଚାଲିବାକୁ ହେଲେ ବେସରକାରୀ ସ୍ତରରେ ପ୍ରୋତ୍ସାହନ ଯୋଗାଇବା ମଧ୍ୟ ଆବଶ୍ୟକ । କିନ୍ତୁ ନୂତନର ସନ୍ଧାନରେ ମୌଳିକ ଜ୍ଞାନ ପ୍ରକ୍ରିୟାକୁ ଅବହେଳା କରିବା ସମୀଚିନ କି ?

ଉଲ୍ଲିଖିତ କଥା କ୍ରମରେ 'ଶିକ୍ଷା, ଶିକ୍ଷକ ଏବଂ ଶିକ୍ଷାର୍ଥୀ' ତ୍ରିଭୁଜକୁ ଟିକିଏ ପରିବର୍ତ୍ତନ ପୂର୍ବକ ଏହାକୁ 'ଚତୁର୍ଭୁଜ' ରେ ପରିଣତ କରି 'ଶିକ୍ଷାପ୍ରେମୀ' କୁ ଯୋଡାଯାଇପାରେ । ଏତଦ୍ୱାରା ଏକ ଜଟିଳ ସମସ୍ୟାର ସମାଧାନ ପାଇଁ ବାଟ ଫିଟିବାର ସମ୍ଭାବନା ଅଧିକ । ଶିକ୍ଷା ଓ ଶିକ୍ଷାର୍ଥୀ ମଧ୍ୟରେ ନିପୁଣ ସଂଯୋଗକାରୀ ଶିକ୍ଷକଟିଏ ସମୟ ସମୟରେ ନାଚାର ହେଇପଡ଼େ, ଯେତେବେଳେ ଶିକ୍ଷାର ମହନୀୟତାକୁ ଆଦର କରିବାପାଇଁ ମୁଷ୍ଟିମେୟ ଲୋକ ଆଗେଇ ଆସନ୍ତି । ବିଦ୍ୟାଦାନକୁ ପୁଞ୍ଜି କରିଥିବା 'ବିଚରା' ଏହି ଶିକ୍ଷକଟି ଅନେକ ସମୟରେ ହିନିମାନିଆ ହେଇଥାଏ । କିନ୍ତୁ, ପରାଜୟ ସ୍ୱୀକାର କରିବାକୁ ପ୍ରସ୍ତୁତ ନ ଥାଏ କଶ୍ଚିନକାଳେ ।

ବିଦ୍ୟାଦାନ ଏବଂ ଜ୍ଞାନ ଆହରଣ ପାଇଁ ବିଦ୍ୟାର୍ଥୀର ମନୋଭାବକୁ ସେ ସଦା ସର୍ବଦା ନିରୀକ୍ଷଣ କରୁଥାଏ । ଉଦ୍ଦେଶ୍ୟ, ଏକ ସମ୍ପୂର୍ଣ୍ଣ ମଣିଷ ଗଢି ତୋଳିବାର ବୃହଦ ଲକ୍ଷ୍ୟ, ଅଜ୍ଞାନର ଅନ୍ଧାର ମଧ୍ୟରୁ । ଶାସ୍ତ୍ରରେ ସେଇଥିପାଇଁ କୁହାଯାଇଛି :

ଅଜ୍ଞାନ ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ ଶଳାକୟା ।
ଚକ୍ଷୁ ନିର୍ମିଳିତଂ ଯେନ ତସ୍ମୈ ଶ୍ରୀ ଗୁରବେ ନମଃ ॥

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅର୍ଥାତ, ଅଜ୍ଞାନରୂପୀ ଅନ୍ଧକାର ମଧ୍ୟରେ ଜ୍ଞାନରୂପକ ଆଲୋକ ବର୍ତ୍ତିକା ପ୍ରଜ୍ଜ୍ୱଳନ ପୂର୍ବକ ଯିଏ ଆମର ଚକ୍ଷୁ ଉନ୍ମୋଳନ କରି ଦେଇଥାନ୍ତି ସେଇ ଗୁରୁଙ୍କୁ ପ୍ରଣିପାତ କରୁଛି ।

ବିଦ୍ୟା ବା ଜ୍ଞାନ ଅର୍ଜନର ବ୍ୟବହାରିକ ଦୃଷ୍ଟିକୋଣ ଅତିରିକ୍ତ ଅନ୍ୟ ଏକ ପ୍ରସଙ୍ଗ ଯାହା ସର୍ବଜନ ବିଦିତ ତାହା ହେଉଛି, ବିଦ୍ୟା ମୁକ୍ତି ପ୍ରଦାନ କରେ ଯାହା ଦ୍ୱାରା ଆମେ ରୋଗ, ଶୋକ, ଦ୍ୱେଷ, ପାପ, ଦାରିଦ୍ର୍ୟ, ଦାସତ୍ୱ, ବେକାରୀ, ଅଭାବ, ଅଜ୍ଞାନ, ଦୁର୍ଗୁଣ, କୁସଂସ୍କାର ଆଦି ବେଡିରୁ ମୁକୁଳି ଯାଉଁ । ସେଥିପାଇଁ ଶାସ୍ତ୍ରକାର କହନ୍ତି : ସା ବିଦ୍ୟା ଯା ବିମୁକ୍ତୟେ । ଏତାଦୃଶ ବିଦ୍ୟା ଆହାରଣକାରୀ ବ୍ୟକ୍ତିଙ୍କୁ ନିଃସଙ୍କୋଚ ବିଦ୍ୱାନ ଆଖ୍ୟା ଦିଆଯାଇଥାଏ ।

ଶିକ୍ଷକ ବିଦ୍ୱାନ ଶ୍ରେଣୀଭୁକ୍ତ । ଶିକ୍ଷା ଓ ଶିକ୍ଷାର୍ଥୀ ପ୍ରତି ଅନୁରକ୍ତ ଶିକ୍ଷକଟି ସ୍ୱବିଦ୍ୟାରେ ସମଗ୍ର ବିଦ୍ୟାର୍ଥୀ କୂଳକୁ ଆଲୋକିତ କରିବାର ସାମର୍ଥ୍ୟ ଧରି ରଖିଥାଏ । ପ୍ରସଙ୍ଗକ୍ରମେ କଥିତ ଚତୁର୍ଭୁଜରେ ଯୋଡି ହୋଇଥିବା ଚତୁର୍ଥ ଅଥଚ ମହତ୍ୱପୂର୍ଣ୍ଣ ବିନ୍ଦୁ ଅର୍ଥାତ ଶିକ୍ଷାପ୍ରେମୀ ଶିକ୍ଷକ ସହିତ ପାଦ ମିଳାଇ ଚାଲିଲେ ଶିକ୍ଷା ଏବଂ ଶିକ୍ଷାର୍ଥୀର ବିକାଶ ସୁଦୂରପ୍ରସାରୀ ହୋଇଥାଏ ।

କଲେଜ
ଭଦ୍ରକ
୭୫୬୧୦୦

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଏକ ଦୁଃଖଦ ମୁହୂର୍ତ୍ତରୁ...

ସତରେ କ'ଣ ତୁମ ପାଇଁ ଏତେ ଚିନ୍ତିତ ଏ ସମାଜ ? !!

ହେ ନିରୀହ ନିର୍ବୋଧ, ତୁମ ଶୋକାକୁଳ ପରିସ୍ଥିତି ଦେଖି ଆମ ମନରେ ଅନେକ ପ୍ରଶ୍ନ ଯାହାର ଉତ୍ତର ନହୁଏ ହୃଦବୋଧ ! ସତରେ କ'ଣ ତୁମପାଇଁ ଏତେ ଚିନ୍ତିତ ଏ ସମାଜ? ଯେତେବେଳେ ପାରିବାରିକ ସମସ୍ୟାରେ ସ୍ୱଗୃହ ସ୍ୱଜନ ହୋଇନଥା'ନ୍ତି ସହଯୋଗ, ସାହାଯ୍ୟର ଉତ୍ସ ! ସେତେବେଳେ ଅଜ୍ଞାତ କରନ୍ତି ସାହାଯ୍ୟ ରଖି କେଉଁ ଉଦେଶ୍ୟ? ଜାଣିବା, ବୁଝିବା ଜ୍ଞାନ ଶୂନ୍ୟ ଭାବ ତୁମ ସବୁବେଳେ କରି ରଖିବ ତୁମକୁ ନୀଚ ! ଯେତେଦିନ ଯାଏଁ ନବୁଝିଛ ଦାତାର ମନୋଭାବ, ସେତେଦିନ ପର୍ଯ୍ୟନ୍ତ ବୋଲାଉଥିବେ ସେମାନେ ଦାତା ତୁମେ ଗ୍ରହୀତା ନିକୃଷ୍ଟ !!

ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ରଙ୍ଗ, ଢଙ୍ଗରେ ଦାନ ଦେବା ଏବଂ ସେଗୁଡିକୁ ଦରିଦ୍ର ମାନସିକତା ପ୍ରବଣ ମଣିଷଙ୍କ ବାଦ ବିବାଦ କରି ଗ୍ରହଣ, ହାସଲ କରିବା ଆମ ଦେଶ ଲୋକଙ୍କର ଏକ ଶୈଖିକ ଚରିତ୍ର ଯାହା ବହୁ ଆବହମାନ କାଳରୁ ପ୍ରଚଳିତ ଆମ ସମାଜର ଏକ ପ୍ରଥା ଭଳି ଦେଖିବାକୁ ମିଳୁଛି । ପୂର୍ବରୁ ରାଜା, ଜମିଦାର କିମ୍ବା ସମ୍ଭ୍ରାନ୍ତ ଧନୀକ ଗୋଷ୍ଠୀ ଏହିଭଳି ଦରିଦ୍ର ମାନସିକତା ପ୍ରବଣ ଲୋକଙ୍କୁ କିଛି ହାତ ମଳି ଦାନ ପୂର୍ବକ ଧର୍ମ ଅର୍ଜନ କରିବାର ପ୍ରୟାସ କରୁଥିଲେ ଯାହା ଅଦ୍ୟାବଧି ଆମ ଦେଶରେ



ପଙ୍କଜ କୁମାର
ପାଣିଗ୍ରାହୀ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେଖିବାକୁ ମିଳୁଛି । କାଳକ୍ରମେ ସମାଜର ଉଚ୍ଚ ସ୍ଥାନରେ ରହିଥିବା ଏକ ସମ୍ପ୍ରଦାୟର କିଛି ପରିବାର ନିଜର ଆଳସ୍ୟକୁ ସାକାର କରିବା ହୀନଉଦ୍ଦେଶ୍ୟ ରଖି କାହାଠାରୁ ଦାନ ସ୍ୱରୂପ ବିଭିନ୍ନ ଦ୍ରବ୍ୟ, ଅର୍ଥ ଗ୍ରହଣ କଲେ ଯଦ୍ୱାରା ଦାତାଙ୍କ ଗ୍ରହ ଶାନ୍ତି, ରିଷ୍ଟ ଖଣ୍ଡନ ହୋଇଥାଏ ବୋଲି କହି ଦାନ ଗ୍ରହଣ କରିବା ନିଜର ଜୀବନ ଜୀବିକା ଭାବେ ଗ୍ରହଣ କରିବାକୁ ଲାଗିଲେ । ଏମିତିକି ସେମାନେ ହିଁ କହିଥା'ନ୍ତି ଯେ ଦାନ ଠାରୁ ପୁଣ୍ୟ ନାହିଁ, ମାଗିବା ଠାରୁ ହୀନ ନାହିଁ । ତଥାପି ସେମାନେ ମାଗି ମାଗି ଦାନ ଗ୍ରହଣ କରିଥା'ନ୍ତି ସାଧାରଣ ଲୋକଙ୍କ ଠାରୁ । କି ଧନୀ କି ଗରିବ ସମସ୍ତଙ୍କୁ ବିଭିନ୍ନ ପ୍ରକାର ମିଥ୍ୟା ପ୍ରବଚନ ଦେଇ ଦାନ ଦେଲେ ପୁଣ୍ୟ ହେବ ବୋଲି କହି ନିଜସ୍ୱ ସ୍ୱାର୍ଥ ହାସଲ ପୂର୍ବକ କୌଣସି ସ୍ତରର ମଣିଷଙ୍କୁ ଛାଡ଼ନ୍ତି ନାହିଁ ସେମାନେ । ଇତି ମଧ୍ୟରେ କେତେକ ଅଜ୍ଞାନ, ନିର୍ବୋଧ ସେମାନଙ୍କ ଦାନ ଗ୍ରହଣ ପ୍ରକ୍ରିୟାକୁ ଅନୁକରଣ କରି ନିଜର ଦାରିଦ୍ର୍ୟ ଦୂର କରିବା ପାଇଁ କେତେବେଳେ କାହାଠାରୁ ବିଭିନ୍ନ ସୂତ୍ରରେ ଦାନ ଗ୍ରହଣ କରିବା ପାଇଁ ପଛାଇଲେ ନାହିଁ । ସମାଜରେ ଦାନ, ଭିକ୍ଷା ଇତ୍ୟାଦି ଅମାନୁଷିକ ଭାବଧାରା ଅନେକ କ୍ଷେତ୍ରରେ ଦେଖିବାକୁ ମିଳିଲା । ପୁଣି କେତେକ ଭଲରେ ଥିବା ପରିବାର ଏହି ଗୋଷ୍ଠୀର କାର୍ଯ୍ୟକଳାପକୁ ଅନୁଧ୍ୟାନ, ଅନୁକରଣ କରି ନିଜର ପ୍ରକୃତ ରୁପକୁ ଲୁଚାଇ ଦରିଦ୍ରର ଅଭିନୟ କରି ଦାନ ଗ୍ରହଣ କରିବାକୁ ପଛାଇଲେ ନାହିଁ ! ଅର୍ଥାତ କହିବାକୁ ଗଲେ ପ୍ରାୟତଃ ଅଧିକାଂଶ ମଣିଷ ଦାନ ଗ୍ରହଣ କରିବା ଏକ ସାମାଜିକ ପ୍ରଥା ଭଳି ଅନୁଭବ କରି ସେଇଥିରୁ ପାଉଥିବା ଲାଭକୁ ନିଜର ଭାଗ୍ୟଫଳ ଭାବେ ବିଚାର କରିବାକୁ ଲାଗିଲେ । ଫଳ ସ୍ୱରୂପ ଆଜି ସମୟରେ କାହାର କେତେ ଧନ, ସମ୍ପତ୍ତି ଥିଲେ ମଧ୍ୟ କୌଣସି ସାହାଯ୍ୟ, ସହାୟତା, ଦାନକୁ ଗ୍ରହଣ କରିବା ଏକ ସାମାଜିକ ଅଧିକାର ସହିତ ନିଜର ସୌଭାଗ୍ୟ ବୋଲି ଅନୁଭବ କରୁଥିବା ଦେଖିବାକୁ ମିଳୁଛି ସର୍ବତ୍ର ! ତେଣୁ ମଣିଷ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମନରେ ସେହି ଦାନ ଗ୍ରହଣ କରି ନିଜକୁ ଭାଗ୍ୟବାନ ବୋଲି ଭାବିବା ଭଳି ଏକ ଦରିଦ୍ର ମାନସିକତା କାଳକ୍ରମେ ଆମ ଜିନ୍‌ଗତ ସ୍ୱଭାବରେ ପରିଣତ ହୋଇଗଲା ।

ଏହି ମାନସିକତାର ସୁଯୋଗ ନେଇ ପ୍ରଥମେ ବ୍ୟବସାୟୀ ଏବଂ ପରବର୍ତ୍ତୀ ସମୟରେ ଲୋକ ପ୍ରତିନିଧି ମାନେ ଲୋକଙ୍କ ଦୁର୍ବଳତାକୁ ଅନୁଭବ କରି ସାଧାରଣ ଲୋକଙ୍କୁ କିଂଚିତ ସହାୟତା, ଦାନ ପ୍ରଦାନ ପୂର୍ବକ ଯଥେଷ୍ଟ ନିଜସ୍ୱ ସ୍ୱାର୍ଥ ହାସଲ କରିବାକୁ ଲାଗିଲେ । ଏମିତି ପରିସ୍ଥିତି ଦେଖିବାକୁ ମିଳୁଛି ବର୍ତ୍ତମାନ ସମୟରେ ଯେ ତାହାର ଉପଯୁକ୍ତ ସମୀକ୍ଷା କରାଯାଇ ଲୋକଙ୍କୁ ସ୍ୱାବଲମ୍ବୀ କରାଇବା ପରିବର୍ତ୍ତେ ସାମ୍ବିଧାନିକ ବ୍ୟବସ୍ଥାରେ ସାହାଯ୍ୟ, ସହାୟତା, ଦାନକୁ ଅଂଶୀଦାର କରାଯିବା କେତେଦୂର ଯୁକ୍ତିଯୁକ୍ତ ବିଚାର କରାଯିବା କଥା । ହୁଏତ ଏହି ସାମ୍ବିଧାନିକ ବ୍ୟବସ୍ଥା ହେତୁ ତାହାର ସୁଯୋଗ ନେଇ ବିଭିନ୍ନ ସମୟରେ ସମ୍ପ୍ରତି ଶାସକ ଦଳ ସେମାନଙ୍କ ସ୍ୱାର୍ଥ ହାସଲ କରୁନାହାଁନ୍ତିତ ? ଦରିଦ୍ର ହେଉକି ଅସହାୟ କିମ୍ବା କ୍ଷତିଗ୍ରସ୍ଥ କେବଳ ଟଙ୍କାର ସହାୟତା, ସାହାଯ୍ୟ, ଦାନ ମାଧ୍ୟମରେ କ'ଣ ସେମାନଙ୍କ ସବୁ ସମସ୍ୟା ସମାଧାନ କରିପାରିବେ ? ଯଦି ତାହା ସତ୍ୟ, ସମ୍ଭବ ତାହେଲେ ହୁଏତ ଆଜି ଆମ ଦେଶରେ ସବୁ ଲୋକ ସେସବୁ ଗ୍ରହଣ କରିବା ମାନସିକତା ପ୍ରବଣ ନହୋଇ ବରଂ ସ୍ୱତଃ ସ୍ୱାବଲମ୍ବୀ ହୋଇପାରିଥା'ନ୍ତେ, କାରଣ ଭାରତବର୍ଷର ସୃଷ୍ଟି ଏଇ ୭୦ ବର୍ଷର ସ୍ୱାଧୀନତା ପରେ ହୋଇନଥିଲା ଯାହା ସେହି ସମୟରୁ ପ୍ରଚଳିତ କରାଯାଇ ଅଦ୍ୟାବଧି ବଳବତ୍ତର ରହିଛି ସେସବୁ ଅମାନୁଷିକ କାର୍ଯ୍ୟଧାରା । ସମ୍ବିଧାନ ସେଗୁଡିକୁ ବାଜ୍ୟାପ୍ତ କରି ସାଧାରଣ ଲୋକଙ୍କୁ ଦାରିଦ୍ର୍ୟ ମାନସିକତା ପ୍ରବଣ ନକରି, ସେମାନଙ୍କୁ ଆର୍ଥିକ ସାହାଯ୍ୟ, ସହାୟତା ନଦେଇ ସ୍ଥାଇ ସ୍ୱାବଲମ୍ବୀ କରାଇ ସାରାଜୀବନ ସେମାନଙ୍କୁ ଆତ୍ମନିର୍ଭରଶୀଳ କରାଇବା ଉଦେଶ୍ୟରେ ସେହି ସହାୟତା ରାଶିକୁ ବିନିଯୋଗ କଲେ ହୁଏତ ଦେଶର ଭାଗ୍ୟ କିଛିଦିନ ପରେ ବଦଳିବା ଆଶା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କରାଯାଇ ପାରେ । କିନ୍ତୁ ସହାୟତା, ଦାନ, ଧର୍ମ ସାମ୍ବିଧାନିକ ବ୍ୟବସ୍ଥା ମଧ୍ୟରେ ରହିଥିବା ପର୍ଯ୍ୟନ୍ତ ଲୋକଙ୍କ ଆର୍ଥିକ, ସାମାଜିକ ବିକାଶ ଦିଗରେ ଭାବିବା ନିରର୍ଥକ ବୋଲି ଆମ ବିଚାର । ତେଣୁ ସେହି ମାନସିକ ଦରିଦ୍ର ଆଜି ଆଳସ୍ୟର ଚରମ ସୀମାରେ ! ଏହିଭଳି ପରିସ୍ଥିତିରେ ଦେଶର ପ୍ରଗତି କେତେଦୂର ସମ୍ଭବ ବିଚାରଯୋଗ୍ୟ । ଜାପାନୀମାନେ କାହାର ଦାନ ଗ୍ରହଣ କରିବା କିମ୍ବା ଦୟାର ପାତ୍ର ହେବା ପାଇଁ ମନ ନବଳାଇ ସ୍ୱାବଲମ୍ବୀ ହୋଇ ନିଜକୁ ନିଜେ ସମର୍ଥ କରିବା ଲକ୍ଷ୍ୟ ରଖିଥା'ନ୍ତି । ତେଣୁ ସେମାନଙ୍କ ବିକାଶର ପ୍ରଗତି ଆଜି ଆକାଶ ଛୁଆଁ, ଯାହା ଆମ ଦେଶରେ ତାହାର ସମ୍ପୂର୍ଣ୍ଣ ବିପରୀତ ମନୋଭାବ ଦେଖିବାକୁ ମିଳୁଛି । ଏହାଦ୍ୱାରା ଆମ ଦେଶର ଗୌରବ ବଢୁଛି, ବିକାଶଶୀଳ କ୍ଷେତ୍ର ଆଡକୁ ଯାଉଛି କି ନିମ୍ନଗାମୀ ହେଉଛି ସାଧାରଣ ଲୋକେ ବିଚାର କରି ଦେଖିବା କଥା । ପୁନର୍ବାର ଯେଉଁସବୁ ଦାନ ମିଳେ ସେତିକିରେ କ'ଣ ସବୁଦିନ ସଂସାର ଚଳିଯିବ ନା ନିଜକୁ ହୀନ କରି ଦାତାଙ୍କ ପାଖରେ ପ୍ରଣମ୍ୟ ହୋଇ ତାଙ୍କରି କଥାରେ ଚାଲିବାକୁ ପଡିଥାଏ ବିଚାର କରାଯିବା କଥା । କାଳେ କିଂଚିତ ସହାୟତା, ଦାନଦେଇ ଯଥେଷ୍ଟ ସ୍ୱାର୍ଥ ଆଦାୟ କରୁନାହାନ୍ତି ତ ଦାତା ? ଅଥବା କ'ଣ ସତରେ ସେମାନେ ଚିନ୍ତିତ ତୁମର ଗରିବୀ ଦେଖି ଯାହାଙ୍କୁ ସ୍ୱାବଲମ୍ବୀ କରାଇବା ବିପରୀତେ ଏମିତି କ୍ଷଣିକ ଦାନଦେଇ ନିଜର ନାଁ ଅର୍ଜନ କରୁଛନ୍ତି ? ଅନେକ ପ୍ରଶ୍ନ ! ଉତ୍ତର ସନ୍ଦିଗ୍ଧ ! ବୁଝିବ କିଏ ? ବୁଝାଇବ କିଏ ? ଦେଖି, ଶୁଣି ଯାହା ଅନୁଭବ ହୁଏ ନିଜ ବିଚାର ନିଜ ପାଖେ ରଖି ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଲିଖିଲେ ମଧ୍ୟ ତାକୁ ପଢିବ କିଏ ? ଆଉ ଯିଏ ପଢିବ ସେଇଥିରୁ ବୁଝିବ କ'ଣ ? ଯଦି କିଛି ବୁଝିଲା କାର୍ଯ୍ୟରେ ଲଗାଇବ କିଏ ? ତେଣୁ ସମାଜର ପରିବର୍ତ୍ତନ, ପ୍ରଗତି ଏକ ତୃଷ୍ଣାତୁରର ମରୀଚିକାରେ ଆର୍ତ୍ତନାଦ ସଦୃଶ୍ୟ ଦଣ୍ଡାୟମାନ ! ଦେଶର ଭବିଷ୍ୟ ପିଢିଙ୍କ ପାଇଁ ବିଚାର ଆପଣ ମାନଙ୍କର !

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭାରତୀୟ ସମ୍ବିଧାନ ତଥା ନ୍ୟାୟିକ ବ୍ୟବସ୍ଥାରେ ଏହି ସହାୟତା, ଦାନ ଇତ୍ୟାଦି ବ୍ୟବସ୍ଥାକୁ ସଂକୁଚିତ କରି ସେହି ଧନ ରାଶିକୁ ସାଧାରଣ ଲୋକଙ୍କୁ ପ୍ରକୃତ ଜ୍ଞାନ ବିତରଣ ପୂର୍ବକ ସ୍ୱାବଲମ୍ବୀ କରାଗଲେ ଦେଶର ପ୍ରକୃତ ଉନ୍ନତି ହୋଇ ପାରିବ ବୋଲି, ସାଧାରଣ ଲୋକଙ୍କ ଅନୁମୋଦନ ବିତରଣ କରାଗଲେ ଦେଶର ସାମୁହିକ ଉନ୍ନତି ହେବା ସହିତ ଭବିଷ୍ୟ ପିଢିଙ୍କ ଜୀବନ ଉଜ୍ଜ୍ୱଳ ହୋଇପାରିବ ବୋଲି ଆମ ବିଚାର । ଅନ୍ୟଥା ତୁମର ସଂଚିତ ରାଶିରୁ ସାହାଯ୍ୟ, ସହାୟତା ରୂପରେ କିଂଚିତ ଗ୍ରହଣ କରି ନିଜପ୍ରତି ସଦୟତା ଭାବର ଅନୁଗ୍ରାହୀ ତୁମେ ବୁଝିବ ଯେବେ ଯେ ପ୍ରକୃତରେ ବିନା ସ୍ୱାର୍ଥରେ କେହି କାହା ପ୍ରତି କୌଣସି ଆନ୍ତରିକ ଭାବ ରଖନ୍ତି ନାହିଁ ଆଜିର ଏହି ମିଥ୍ୟା ଯୁଗରେ, ସେତେଦିନ ପର୍ଯ୍ୟନ୍ତ ସାମାଜିକ ବ୍ୟବସ୍ଥା କ୍ରମ ନିମ୍ନମୁଖୀ ଅବସ୍ଥାରେ ବୋଲି ଆମ ବିଚାରରେ ଆପଣଙ୍କ ମତ କ'ଣ..... ? ?

ପଙ୍କଜ କୁମାର ପାଣିଗ୍ରାହୀ ।
ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗଂଜାମ.
ଦୂରଭାଷ.: ୯୪୩୭୩୨୪୯୧୭.

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ନବନାଟ୍ୟ ଆନ୍ଦୋଳନରେ 'ବାଦ'ର ପ୍ରୟୋଗ

ମଣିଷ ମାତ୍ରକେ ପରିବର୍ତ୍ତନଶୀଳ ସମୟର ଗତିରେ ମଣିଷର ରୁଚି ଜୀବନଯାପନ ଶୈଳୀ ତା ସହିତ ସଭ୍ୟତାର ଅଗ୍ରଗତି ସହ ସାମାଜିକ ରୀତିନୀତିରେ ପରିବର୍ତ୍ତନ ହୋଇଥାଏ । ଫଳତଃ ସମାଜ ସାହିତ୍ୟରେ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳିଥାଏ । ଆଲୋଚନ ପରିସରକୁ ଆଣୁଛି ସାମ୍ପ୍ରତକ ତଥା ସ୍ୱାଧିନତାର ପରବର୍ତ୍ତ ସମୟରେ ଓଡିଆ ନବନାଟ୍ୟରେ ଯେଉଁ ଆଙ୍ଗିକ ଓ ଆତ୍ମିକ ପରିବର୍ତ୍ତନ ଦେଖାଦେଇଥିଲା ତାହା ପ୍ରାଚୀନ କାଳରେ ପ୍ରଚଳିତ ଯାତ୍ର ସୁଆଙ୍ଗ ଦାଶ କାଠିଆ ଲୀଳା ଆଦି ପାରମ୍ପାରିକ ଲୋକ ନାଟ୍ୟରୁ ପରିବର୍ତ୍ତନ ହୋଇ ନାଟକରୁ ପରବର୍ତ୍ତି ସମୟରେ ଅବସାଡ ନାଟକ ଆଡକୁ ଅଗ୍ରଗତି ହୁଏ ବିଂଶ ଶତାବ୍ଦୀରୁ ଷଷ୍ଠ ଦଶକରେ ନାଟକ ରୀତିନୀତି ସମ୍ପୂର୍ଣ୍ଣ ଭାବରେ ବଦଳିଯାଏ ଯାହାକୁ ଉଦ୍ଭଟ ନାଟକ କୁହାଯାଏ । ସାଧାରଣତଃ ଅପାରମ୍ପାରିକ ନାଟକ ବୋଲି ବୁଝିଥାଉ । କେତେକ ଏହାକୁ ନବନାଟ୍ୟ ବୋଲି କହିଥାନ୍ତି । ଦାର୍ଶନିକ ମାଟି ଏସିଲିନ କୁହନ୍ତି- "Absurd is that which is devoid of purposed, cut from religious metaphysical and transcendent roots. Man is lost all his action become senseless absurd, useless" । ସୁତରାଂ ପ୍ରଚଳିତ ମୁଲ୍ୟବୋଧକୁ ଦୁରେଇଦେଇ ମନୁଷ୍ୟ



ସୁବାଷ ବାରିକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସମାଜର ସାଂସ୍କୃତିକ ମନୋଭୂମିର ଆବଶ୍ୟକତା ଓ ପ୍ରତିରୂପ ପ୍ରଦର୍ଶନକୁ ଉଦ୍ଭଟ ଭାବରେ ଗ୍ରହଣ କରିଛି । ପୁନଶ୍ଚ ଆରଭିଂ ତାଙ୍କ New English Dramatist ରେ କୁହନ୍ତି –'ବାହ୍ୟ ଅପେକ୍ଷା ଅର୍ନ୍ତଜଗତର ରୂପଚିତ୍ର କଥନ ଓ ପରିବେଷଣ ହିଁ ବକ୍ତବ୍ୟ ଧର୍ମି, ସାମୁଏଲଙ୍କ ଭଳି ଉଚ୍ଚାକାଂକ୍ଷି ନାଟ୍ୟକାର ଉଦ୍ଭଟ ନାଟକକୁ- ଶୁନ୍ୟବାଦୀ ନୈରାଶି ବୋଧକ୍ରାନ୍ତି ମଣିଷର ଅନ୍ତର୍ଗତ ଭବନାକୁ ଗ୍ରହଣ କରିଛନ୍ତି –"Nothing is more real than nothing" ନବନାଟ୍ୟଧାରା ର ଆନ୍ଦୋଳନ ଉପରେ ଅନକେ ମତ ମନ୍ତବ୍ୟ ଦେଇଥିଲେ ମଧ୍ୟ ତାର କ୍ରୟ୍ଵ ଦ୍ଵଂଶ ଏଠାରେ ଅବଗତି କରାଯାଇଛି ।

ଅପରନ୍ତୁ ନବନାଟ୍ୟ ଆନ୍ଦୋଳନର ପ୍ରତ୍ୟେକ ନାଟକକୁ ଉଦ୍ଭଟ ନାଟକ ଭାବରେ ଗ୍ରହଣ କରାଯାଇ ନପାରେ । ଓଡିଆ ନାଟ୍ୟକାରମାନେ ପାଶ୍ଚାତ୍ୟ ନାଟ୍ୟ ଶୈଳୀର ଅନୁସରଣ କରି ପରୀକ୍ଷାନିରିକ୍ଷା କରିଥିଲେ ଫଳରେ ବହୁ ପରୀକ୍ଷାଧର୍ମୀ ନାଟକ ରଚିତ ହୋଇଛି । ଏହି ନବନାଟ୍ୟ ପୁରୋଧାମାନଙ୍କ ମାଧ୍ୟରେ ଅଗ୍ରଗାମୀ ବାର୍ତ୍ତାବହ ରୂପେ ମନୋରଞ୍ଜନ ଦାଶ ବେଶ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ସମସାମୟିକ ନାଟ୍ୟକାର ଭାବେ ବଳରାମ ମିଶ୍ର, ଯଦୁନାଥ ଦାଶ ମହାପାତ୍ର, ବିଶ୍ୱଜିତ ଦାଶ ରମେଶ ପାଣିଗ୍ରାହୀ, ରତ୍ନାକର ଚଇନି, କାର୍ତ୍ତିକ ଚନ୍ଦ୍ର ରଥ ପ୍ରଭୃତିଙ୍କ ନାମ ଉଲ୍ଲେଖଯୋଗ୍ୟ ଏହି ନାଟ୍ୟକାର ବିଭିନ୍ନ ନାଟ୍ୟସଂସ୍ଥା ସହିତ ତଥା ସୃଜନୀ ଏବଂ ଆମେ, ଫ୍ରେଣ୍ଡସ୍ ୟୁନିୟନ, ଶତାଦ୍ଦୀର କଳାକାର, ସଙ୍କେତ ଆଦି ନାଟ୍ୟସଂସ୍ଥା ସହିତ ନାଟକ ଗୁଡିର ପରୀକ୍ଷା ନିରିକ୍ଷା କରୁଥିଲେ ।

ନବନାଟ୍ୟ ଗଣ ତାଙ୍କ ନାଟକ ଗୁଡିକରେ ଯାତ୍ର ନାଟକ ଶୈଳୀକୁ ପ୍ରୟୋଗ କରୁଥିଲେ କଥାବସ୍ତୁରେ ଘଟଣା ବା ସମସ୍ୟର ସୁକ୍ଷ୍ମ ବ୍ୟାଖ୍ୟା ଓ ବିଶ୍ଳେଷଣ କରି ଯାତ୍ରା ଶୈଳୀ ମାଧ୍ୟମରେ ପରିବେଶଣ କରାଇ ଦର୍ଶକର ଭାବଭୂମିକୁ ନାଟକ କରି ଅନୁକୂଳ କରୁଥିଲେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପୁନଶ୍ଚ ନାଟକ ଗୁଡିକ ନିର୍ଦ୍ଦିଷ୍ଟ ସମୟରେ କଥାବସ୍ତୁରେ ସମୟ ହୀନତା ଟେକ୍ନିକ ସାର୍ବଜନୀନ ଭାବ ସତ୍ୟକୁ ପ୍ରକାଶ କରି ଚରିତ୍ର ସୁକ୍ଷ୍ମ ମାନସିକ ଚିନ୍ତାକୁ ମଞ୍ଚ ମଧ୍ୟରେ ପ୍ରକାଶ କରୁଥଲେ । ସମୟର ପ୍ରବାହମାନରେ ଏହି ନବନାଟ୍ୟଗଣ ତାଙ୍କର ନାଟକ ଗୁଡିକରେ ବିଭିନ୍ନ ପ୍ରକାର ବାଦର ବ୍ୟବହାର କରିଥିବା ଦୃଷ୍ଟି ଗୋଚର ହୋଇଥାଏ ମୁଖ୍ୟତଃ ଏମାନେ ବାସ୍ତବବାଦୀ, ସ୍ୱଭାବବାଦୀ, ଅଭିବ୍ୟକିବାଦ, ସାଙ୍କେତିକ ବାଦର ପ୍ରୟୋଗ ଦେଖିବାକୁ ମିଳେ ପ୍ରଥମତଃ, ମୁଁ ଆଲୋଚନା ପରିସରକୁ ବାସ୍ତବାଦ ବିଷୟରେ ବ୍ୟାକ୍ଷା କରୁଛି । ଏହି ବାସ୍ତବବାଦ କହିଲେ ମନୁଷ୍ୟ ପାଇଁ ଯାହା ମଙ୍ଗଳ କର ତାହିହିଁ ବାସ୍ତବବାଦୀ ଚେତନା ତଥା ବ୍ୟକ୍ତି ରଙ୍ଗ ମଞ୍ଚରେ ନିଜର ଚରିତ୍ରକୁ ଦେଖିବାକୁ ପାଇଲା । ଏଠି ଦେଶର ଅବହେଳିତ ଅସାହ୍ୟ ନରନାରୀର ମୁଖ୍ୟ ଚରିତ୍ର ଭାବରେ ପରିପ୍ରକାଶ କଲା ଯାହା ଫଳରେ ନାଟକରେ ଚିତ୍ତାକର୍ଷକ କାହାଣୀ ପରିବର୍ତ୍ତେ ଜୀବନଚର୍ଯ୍ୟା ପ୍ରତି ଅଧିକ ଗୁରୁତ୍ୱ ଦିଆଗଲା । କାରଣ ଏହା ଏକମାତ୍ର ଲକ୍ଷ୍ୟ ହେଲା ସତ୍ୟର ଉଦ୍ଘାଟନ କରିବା । ବିଶ୍ୱ ଯୁଦ୍ଧର ପରବର୍ତ୍ତୀ ସମୟରେ ଏସବୁ ଚରିତ୍ର ଓଡିଆ ନାଟକରେ ଦେଖିବାକୁ ପ୍ରାୟତଃ ମିଳିଲା । ଦ୍ୱିତିୟତଃ- ସ୍ୱଭାବବାଦ କହିଲେ ବାସ୍ତବବାଦି ନାଟକର ଏହା ଏକ ଉପନଦୀ ବାସ୍ତବତାର ଭିତ୍ତିଭୁମି ଉପରେ ପର୍ଯବେଶିତ ଜୀବନର ସମସ୍ତ ସତ୍ୟ ଓ ବାସ୍ତ ଘଟଣାକୁ ନାଟକରେ ପ୍ରତିଫଳିତ କରଯାଇଥାଏ । ଏହି ନାଟକରେ ମନୁଷ୍ୟ ଚରିତ୍ରର ସ୍ଖଳନ, ପାପପୁଣ୍ୟ, ଯୌନଲିପ୍ସା, ମାନସିକ ବିକୃତି ପ୍ରଭୃତି ସ୍ଥାନ ପାଇଥାଏ । ତୃତୀୟତଃ- ଅଭିବ୍ୟକ୍ତିବାଦ ତତ୍ତ୍ୱଟି ପ୍ରଥମେ ଜର୍ମାନରେ ଜନ୍ମଲାଭ କଲା ଏହାର ପରୀକ୍ଷା କଲେ Weekend, a Drama play ନାଟକରେ from the morning till midnight adding machine ପ୍ରଭୁତି ଏ ଧରଣର ନାଟକ ମନୁଷ୍ୟ ମନର ଅବଚେତନ ମନର ଚିନ୍ତା ଚେତନା ରୂପ ପାଇଲା ଏହି ନାଟକରେ ବ୍ୟକ୍ତି ଅପେକ୍ଷା ଶ୍ରେଣୀକୁ ପ୍ରାଧାନ୍ୟ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଦିଆଗଲା ଏମିତିକି ସ୍ୱାପ୍ନାବସ୍ଥାର ଚିତ୍ର ନାଟକରେ ଦିଆଗଲା । କଥାବସ୍ତୁ ସରଳ ନହୋଇ ବୃତ୍ତାକର ହେଲା ଓଡିଆ ନାଟକରେ ମଧ୍ୟ ଏହାର ପ୍ରଭାବ ପଡିଥିଲା, ମନୋରଞ୍ଜନଙ୍କର "ବନହଂସି", ଜଗନ୍ନାଥ ଦାଶଙ୍କ "ଅଥବା ଆନ୍ଧାର", ନାଟକଟିରେ ସୁତ୍ରଧର ଅବତାରଣ କରାଯାଇଛି । ନାଟକ ଗୁଡିକ ମଞ୍ଚସ୍ଥ କଲାବେଳେ ଆଲୋକ ସଞ୍ଚିତ ଦୃଶ୍ୟସଜ୍ଜା ପ୍ରତ୍ୟେକ କ୍ଷେତ୍ରେ ଯାନ୍ତ୍ରୀକ କୌଶଳର ପ୍ରୟୋଗ ଦେଖିବାକୁ ମିଳିଥାଏ । ଫ୍ଲାସ୍ ବ୍ୟାକ୍ ସହିତ ମୁଖାର ପ୍ରଚଳନ ନାଟକ ଗୁଡିକରେ ଦେଖିବାକୁ ମିଳିଥାଏ । ଚତୁର୍ଥତଃ- ଏହି ସମୟର ନାଟକ ଗୁଡିକରେ ସଙ୍କେତବାଦର ବହୁଳ ପ୍ରୟୋଗ ଦୃଷ୍ଟି ଗୋଚର ହୁଏ । କ୍ଷୁଦ୍ର ମଧ୍ୟରେ ବୃହତ୍ତର ସୀମା ମଧ୍ୟରେ ଅସୀମର ରୁପ ମଧ୍ୟରେ ଅପରୂପର ଦର୍ଶନ ସାଙ୍କେତିକ ନାଟକର ଏକ ମାଧ୍ୟମ ପାଶ୍ଚାତ୍ୟ ସାହିତ୍ୟ ସ୍ରଷ୍ଟାର ତଥା ଇପସନ, ଷ୍ଟର୍ଣ୍ଣ୍ବର ପ୍ରଭୃତି ଏହିଧାର ପ୍ରଚଳନ କଲେ ତାଙ୍କର ନାଟକ ଗୁଡିକ ସ୍ଥିତିଶିଳ ଭାଷା ସାଙ୍କେତିକ ଏହାକୁ କେବଳ ଅନୁଭବ କରିହୁଏ । ବୌଦ୍ଧିକ ଦର୍ଶନ ଏ ଧରଣର ନାଟକ ଲାଗି ଉଦ୍ଧିଷ୍ଟ ଏହାର ମଞ୍ଚସଜ୍ଜା ସରଳ ଓ ବ୍ୟୟ ବହୁଳ ନୁହେଁ । ଓଡିଆ ନାଟ୍ୟକାର ଶ୍ରୀ ମନୋରଞ୍ଜନଙ୍କ "ଅମୃତସ୍ୟଃପୁତ୍ର"ରେ ସାଙ୍କେତବାଦ ଗ୍ରହଣ କାରାଯାଇଛି, "ଅରଣ୍ୟ ଫସଲ"ରେ ଛେଳି ଗୋଟିଏ ଦୃଶ୍ୟର ସଙ୍କେତ ଗତାନୁ ଗତିକ ଶୈଳୀ ବିରୁଦ୍ଧରେ ଏକ ବିଦ୍ରୋହ ପୁନଷ୍ଚ ଏ ନବନାଟ୍ୟକାରଗଣ କାଥା ବସ୍ତୁରେ ସଙ୍କେତିକ ବ୍ୟବହାର କରିବା ସଙ୍ଗେ ସଙ୍ଗେ ନାଟକର ନାମକରଣରେ ସାଙ୍କେତିକାର ପ୍ରୟୋଗ ଦେଖିବାକୁ ମିଳିଥାଏ ।

ନବନାଟ୍ୟ ଆନ୍ଦୋଳନର ଅନ୍ୟ ଏକ ବିଶେଷତ୍ୱ ଯେ, ପୁରାଣ ଆକ୍ଷାନର ବିଶେଷତ୍ୱ ନାଟକ ଗୁଡିକରେ ପୁରାଣ ବା ମିଥ୍ର ବ୍ୟବହାର ଅନେକତ୍ର ଦେଖାଦେଇଛି । ନାଟ୍ୟକାର ରତ୍ନାକର ଚଇନିଙ୍କ "ପୁନଷ୍ଚ ପୃଥିବୀ", ରମେଶ ପାଣିଗ୍ରାହିଙ୍କ "ଧୃତରାଷ୍ଟ୍ରଆଖି",

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମନୋରଞ୍ଜନଙ୍କ "ନନ୍ଦିକାକେଶରୀ", ନାଟକ ଗୁଡିକରେ ମିଥ୍‌ର ବ୍ୟବହାର ଦୃଷ୍ଟିଗୋଚର ହୁଏ ।

ବାସ୍ତବିକ ଏହି ନବନାଟ୍ୟଗଣ ସ୍ୱାଧୀନତାର ଗାଣତାନ୍ତ୍ରିକ ଶାସନବ୍ୟବସ୍ଥା ନାଁରେ କ୍ଷମତା ଲିପ୍ସୁ ରାଜନୈତିକ ଅସ୍ଥିରତା ଅମଲାତାନ୍ତ୍ରିକ ଶୋଷଣା ଓ ଜୀବନ ଧାରଣାର ସ୍ୱପ୍ନହୀନ ନିରାର୍ଥକ ଆଦିକୁ କେନ୍ଦ୍ରକରି ସମଗ୍ର ଦେଶରେ ଯେଉଁ ଏକାକିତ୍ୱବୋଧ ପ୍ରକାଶିତ ହେଲା ତାହା ସାହିତ୍ୟରେ ନବନାଟ୍ୟ ରୂପ ଧାରଣ କଲା ଏକ ଆଦର୍ଶ ବାସ୍ତବବାଦ ଥିଲା ଏହାର ଲକ୍ଷ୍ୟ ସତ୍ୟ, ନ୍ୟାୟ, ସୌନ୍ଦର୍ଯ୍ୟ ଆଦି ଚିରାଚରିତ ନୈତିକ ମୂଲ୍ୟବୋଧ ଥିଲା ଏହାର ଗତି ଓ ପ୍ରକୃତିର ନିୟମ, ନାଟକ ଥିଲା କାହାଣୀଧର୍ମୀ ଘଟଣା ପ୍ରଧାନ ଦ୍ୱନ୍ଦସଙ୍ଘାତ ଓ ଘଟଣା ଘାତ ପ୍ରତିଘାତରେ ଦର୍ଶକର ଉତ୍କଣ୍ଠା ଆବେଗ ଓ ବିସ୍ମୟ କୌତୁହଳର ସଂଚାରଥିଲା ଏହି ଶୈଳୀର ଲକ୍ଷ କହିଲେ ଅତ୍ୟୁକ୍ତ ହେବ ନାହିଁ ।

ଅଧ୍ୟାପକ ଶ୍ରୀ ସୁବାଷ ବାରିକ

ଆଞ୍ଚଳିକ ଗ୍ରାମ ପଞ୍ଚାୟତ+୩ କଳା ମହାବିଦ୍ୟାଳୟ

ଘଣ୍ଟାପଡା, ବୌଦ୍ଧ (ଓଡ଼ିଶା)

ମୋ- ୭୭୪୯୮୦୨୯୧୧

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# କୃଷିଭିତ୍ତିକ ଗଣପର୍ବ : ନୂଆଁଖାଇ



ସାଇପ୍ରସାଦ ସାହୁ

ନୂଆଁଖାଇ ହେଉଛି କୃଷି ଓ କୃଷକର ପର୍ବ । ସେଥିପାଇଁ ଏହାକୁ କୃଷିଭିତ୍ତିକ ପର୍ବ ବୋଲି କୁହାଯାଏ । ଇତିହାସ ପୃଷ୍ଠାକୁ ଓଲଟାଇ ଦେଖିଲେ ତତ୍କାଳୀନ କୋଶଳ ରାଜ୍ୟ ବା ବର୍ତ୍ତମାନର ପଶ୍ଚିମ ଓଡିଶାରେ ଏକ ସ୍ୱାତନ୍ତ୍ର୍ୟ ରହିଛି । ଏହି ଅଞ୍ଚଳରେ ବସବାସ କରୁଥିବା ଲୋକେ ପ୍ରକୃତି ପୂଜା ଓ ଭାଇଚାରାକୁ ବଜାଇ ରଖିବା ପାଇଁ ନୂଆଁଖାଇ ପର୍ବକୁ ପାଳନ କରିଥାନ୍ତି । କାହିଁ କେଉଁ ଆବହମାନ କାଳରୁ ମନୁଷ୍ୟ ଓ ପ୍ରକୃତିର ସମ୍ପର୍କ ରହିଆସିଛି । ପ୍ରକୃତିକୁ ଛାଡି ମନୁଷ୍ୟ ରହିପାରିବ ନାହିଁ । ଏହାରି କୋଳରେ ଆରମ୍ଭରୁ ନିଜର ଜୀବନଜୀବିକା ପ୍ରତିପୋଷଣ କରିଆସିଛି । ମନୁଷ୍ୟର ମସ୍ତିଷ୍କ ବିକଶିତ ହେବା ସାଙ୍ଗକୁ ତା'ର ବ୍ୟବହାର ମଧ୍ୟ ପରିବର୍ତ୍ତନ ହୋଇଛି ଏବଂ ଆପେ ଆପେ ପ୍ରକୃତିକୁ ମାଁ ରୂପରେ ପୂଜା କରି ଆସୁଛି । ଯାହା ବିଭିନ୍ନ ପର୍ବପର୍ବାଣୀରେ ପ୍ରତିଫଳନ ହେଉଛି । ତନ୍ମଧ୍ୟରୁ ପଶ୍ଚିମ ଓଡିଶାରେ ପାଳନ କରାଯାଉଥିବା "ନୂଆଁଖାଇ" ପର୍ବ ଅନ୍ୟତମ । ଏହି ମହାନ ପର୍ବ "ଗଣପର୍ବ" ରୂପେ ଆଖ୍ୟାୟିତ । ଏହା ପଶ୍ଚିମ ଓଡିଶାର କଳା, ସଂସ୍କୃତି, ଭାଷା, ପରମ୍ପରା, ଚାଲି-ଚଳଣ ଏବଂ ସର୍ବୋପରି ଭାବାବେଗ ସହିତ ଓତଃପ୍ରୋତ ଭାବେ ଜଡିତ । ନୂଆଁଖାଇ ଯେ, କେବଳ ପାରମ୍ପରିକ ପର୍ବ ନୁହେଁ, ବରଂ ଏହି ପର୍ବ ଭାତୃତ୍ୱଭାବ ଓ ଏକତାର ପର୍ବ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସୌହାର୍ଦ୍ଦ୍ୟ ମହାମିଳନର ପର୍ବ କାରଣ ଯିଏ ଯେଉଁଠି ଯେତେଦୂରରେ ଥାଆନ୍ତୁ ନା କାହିଁକି ଅନ୍ତତଃ ବର୍ଷକୁ ଥରେ ଏହି ନିର୍ଦ୍ଧିଷ୍ଟ ପର୍ବ ସମୟରେ ସମସ୍ତେ ଏକତ୍ରିତ ହୋଇଥାନ୍ତି । ଯାହା ଲୋକମାନଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନ ସହିତ ଆତ୍ମୀୟଭାବ ବଢିଥାଏ । ଧାନ ହେଉଛି ଏହି ଅଞ୍ଚଳର ପ୍ରମୁଖ ଖାଦ୍ୟ ଶସ୍ୟ । ପ୍ରତିବର୍ଷ ଜୁନମାସ ବେଳକୁ ମୌସୁମୀର ଆଗମନ ହୋଇଥାଏ । ଧରଣୀ ମା ଦେହରେ ଜମିକୁ ଚାଷୀ ପିଲା ଚଷି ଫସଲ ଲଗାଇଥାଏ । ପ୍ରଥମ ଧାନ ଫସଲ ଠିକ ଭାଦ୍ରବ ମାସ ଶେଷ ବେଳକୁ ଅମଳ ହୋଇଥାଏ । ପଶ୍ଚିମ ଓଡିଶାର ଆଁଟ ଓ ମାଳ ଅଞ୍ଚଳରେ ପ୍ରଥମ କରି ଫସଲ ହୋଇଥାଏ । ମନୁଷ୍ୟର ଧର୍ମ ହେଲା ଯେଉଁଠୁ ଖାଦ୍ୟ ପାଇଥାଏ, ତାହାକୁ ପ୍ରଥମେ ନିଜ ଇଷ୍ଟଦେବୀଙ୍କୁ ସମର୍ପଣ କରାଯାଇଥାଏ । ପଶ୍ଚିମ ଓଡିଶାର ବିଭିନ୍ନ ଗଡଜାତ ଅଞ୍ଚଳରେ ବିଭିନ୍ନ ଇଷ୍ଟଦେବୀ ରହିଛନ୍ତି । ସମ୍ବଲପୁରରେ ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀ, ବଲାଙ୍ଗୀରରେ ପାଟଣେଶ୍ୱରୀ, ସୋନପୁରରେ ସୁରେଶ୍ୱରୀ ଓ କଳାହାଣ୍ଡିରେ ମା' ମାଣିକେଶ୍ୱରୀଙ୍କ ପୀଠରେ ଏହି ନବାନ୍ନ ଭୋଗ ପ୍ରସ୍ତୁତି ପାଇଁ ରାଶି ନକ୍ଷତ୍ର ଦେଖାଯାଇ ଲଗ୍ନଧାର୍ଯ୍ୟ ହୋଇଥାଏ । ପ୍ରତି ଅଧିଷ୍ଠାତ୍ରୀ ଦେବୀଙ୍କ ନିକଟରେ ଏକ ନିର୍ଦ୍ଦିଷ୍ଟ ସମୟରେ ନବାନ୍ନ ଭୋଗ ଲଗାଯିବା ପାଇଁ ପଣ୍ଡିତ ମାନଙ୍କ ଦ୍ୱାରା ଲଗ୍ନ ନିର୍ଦ୍ଧାରଣ କରାଯାଏ । ଏହାକୁ ନୂଆଁଖାଇର ଲଗ୍ନଧାର୍ଯ୍ୟ ନୀତି କୁହାଯାଏ । ଭାଦ୍ରବ ମାସ ଶୁକ୍ଳ ପକ୍ଷ ପଞ୍ଚମୀ ତିଥିରେ ନୂଆଁଖାଇ ପର୍ବ ପଶ୍ଚିମ ଓଡିଶାର ପଲ୍ଲୀଠୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ସବୁଠି ଉତ୍ସବ ମୁଖର ହୋଇ ଉଠେ । ଚଳିତ ବର୍ଷ ସେପ୍ଟେମ୍ବର ମାସ ୧୧ ତାରିଖରେ ଏହି ତିଥି ପଡୁଛି । ନୂଆଁଖାଇ ଏକ କୃଷିଭିତ୍ତିକ ଏବଂ ଅନନ୍ୟ ପର୍ବ ହୋଇଥିବାବେଳେ ପଶ୍ଚିମାଞ୍ଚଳର ସମସ୍ତ ପୁରପଲ୍ଲି ଏଥିପାଇଁ ଖୁବ୍ ଉତ୍ସାହ ଓ ଉଦ୍ଧୀପନା ଦେଖାଦେଇଥାଏ । ନବାନ୍ନ ପାଳନର ପୂର୍ବ ପ୍ରସ୍ତୁତି ପ୍ରାୟ ସପ୍ତାହେ ପୂର୍ବରୁ ଆରମ୍ଭ ହୋଇଥାଏ । ଗାଁ ଗହଳିରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଘରଦ୍ୱାର ଲିପାପୋଛା କରି ସଫାସୁତରା କରାଯାଇଥାଏ । ନୂଆଁଖାଇ ପୂର୍ବରୁ ଯିଏ ଯେଉଁଠି ବାହାରେ ଚାକିରି କରୁଥିଲେ ହେଁ ସେମାନେ ଗାଁକୁ ଦୁଇଚାରି ଦିନ ପାଇଁ ନିଶ୍ଚୟ ଆସିଥାନ୍ତି । ନୂଆଁଖାଇ ପର୍ବରେ ନୂତନ ଶସ୍ୟ ଏବଂ ଏହି ଋତୁରେ ଉତ୍ପାଦିତ ସମସ୍ତ ପନିପରିବାକୁ ନବାନ୍ନ ରୂପେ ଲଗାଯାଏ । ନୂଆଁଖାଇ ଦିନ ପ୍ରାତଃ କାଳରୁ ଘରର ବୋହୁମାନେ ସ୍ନାନାଦି ନିତ୍ୟ କର୍ମ ସମାପନ କରି ଘରେ ନୂତନ ଶସ୍ୟରେ ଅନ୍ନ, କ୍ଷୀରି, କାକରା, ଆରିଷା ଆଦି ସ୍ୱାଦିଷ୍ଟ ପିଠାପଣା ଓ ବିଭିନ୍ନ ବ୍ୟଞ୍ଜନ ପ୍ରସ୍ତୁତ କରିଥାନ୍ତି । ଗାଁର ଇଷ୍ଟଦେବୀଙ୍କ ପାଖରେ ଝଙ୍କାର ବା ପୂଜାରୀ ଲଗ୍ନ ଅନୁଯାୟୀ ନୂଆଁକୁଣ୍ଡା ଲଗାଇ ସମସ୍ତଙ୍କ ଘରକୁ ବଣ୍ଟନ କରାଯାଏ । ଏହା ପରେ ପରିବାରର ସମସ୍ତ ସଦସ୍ୟ ପ୍ରଭାତ ସମୟରୁ ସ୍ନାନ କରି ନୂତନ ବସ୍ତ୍ର ପରିଧାନ ସାଙ୍ଗକୁ ଘରର ମୁଖିଆ ଇଷ୍ଟଦେବୀଙ୍କ ନିକଟରେ ନବାନ୍ନ ସମର୍ପଣ କରନ୍ତି । ନୂଆ ଅରୁଆ ଚାଉଳ, ଧୂପ, ଦୀପ ସମର୍ପଣ ପୂର୍ବକ ଅଧିକ ଅମଳ ପାଇଁ କୃଷିକ୍ଷେତ୍ରକୁ ଯାଇ ପୃଥିବୀମାତାଙ୍କୁ ଉପାସନା ଓ ପୂଜାର୍ଚ୍ଚନା କରିଥାନ୍ତି । ପରେ ଘରେ ସମସ୍ତେ ଏକତ୍ରିତ ଭାବରେ ବସିଥାନ୍ତି ଓ ଘରର ମୁଖିଆ ଗୋଟି ଗୋଟି କରି ନୂଆଁକୁଣ୍ଡା ବାଣ୍ଟିଥାନ୍ତି । ନୂଆଁକୁଣ୍ଡା ନୂଆଁ ଧାନକୁ କୁଟି ସେଥିରେ ନଡିଆ, ରାସି ଓ ଗୁଡ ମିଶାଇ ପ୍ରସ୍ତୁତ କରାଯାଇଥାଏ । ନୂଆଁକୁଣ୍ଡାକୁ ବହୁ ଅଞ୍ଚଳରେ କୁରେପତ୍ରର ଦନାରେ ରଖି ପୂଜା କରାଯାଏ । ଭିନ୍ନ ଭିନ୍ନ ସମ୍ପ୍ରଦାୟରେ କୁରେଇ, ମହୁଲ, ଶାଳ ଆଦି ପତ୍ରରେ ନବାନ୍ନ ଅର୍ପଣ କରାଯିବାର ବିଧି ବ୍ୟବସ୍ଥା ରହିଛି । ନୂଆ ଚାଉଳରୁ ପ୍ରସ୍ତୁତ ଖିରୀ, ପିଠା ଏବଂ ବିଭିନ୍ନ ପନିପରିବାରେ ପ୍ରସ୍ତୁତ ବ୍ୟଞ୍ଜନ, ବନଜାତ ବାଉଁଶ କରଡିରେ ତିଆରି ଆମ୍ବୁଲ ଖଟା ଆଦି ଅନେକ ଖାଦ୍ୟର ସମ୍ଭାରକୁ ଶାଳପତ୍ରରେ ତିଆରି ଖଲି ଓ ଦନାରେ ପରସା ଯାଇଥାଏ । ନୂଆଁଖାଇର ଗୁରୁତ୍ୱ ଅତୀତ ଠାରୁ ଆରମ୍ଭ କରି ଭବିଷ୍ୟତ ଯାଏଁ ଲମ୍ବିଯାଇଛି । ଏହି ପର୍ବ ଯେତେ ପ୍ରାଚୀନ; ତା'ର

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଲକ୍ଷ୍ୟ, ଉଦ୍ଦେଶ୍ୟ ମଧ୍ୟ ସେଭଳି ନିତ୍ୟ ନୂତନ ଓ ଚିର ସବୁଜ । ସମ୍ବଲପୁରୀ ଭାଷାରେ କଥାଟିଏ ଅଛି, "ଜିଁ ଜାଗିଥିଲେ ବଛ୍ ରେ" ଅର୍ଥାତ ଏହି ବର୍ଷ ଆସ ନୂଆଁଖାଇବା, ଜୀବନ ଥିଲେ ପୁଣି ଆଗାମୀ ବର୍ଷ ଈଶ୍ୱରଙ୍କ ଆଶୀର୍ବାଦରୁ ଏକାଠି ହେବା । ପର୍ବର ଦ୍ୱିତୀୟ ପର୍ଯ୍ୟାୟରେ "ଜୁହାର୍ ଭେଟ୍ ଘାଟ୍" ପ୍ରଥାରେ ପରିବାର ତଥା ଗ୍ରାମର କନିଷ୍ଠମାନେ ଜ୍ୟେଷ୍ଠ ସଦସ୍ୟମାନଙ୍କୁ ପାଦଧରି ମୁଣ୍ଡିଆ ମାରିବା ଏବଂ ଜ୍ୟେଷ୍ଠମାନେ କନିଷ୍ଠମାନଙ୍କୁ ଆଶୀର୍ବାଦ ପୂର୍ବକ ମଙ୍ଗଳ କାମନା କରିବା ପରମ୍ପରା ଏଯାବତ ରହିଛି । ସମସ୍ତ ପ୍ରକାର ତିକ୍ତତାକୁ ଭୁଲି ଭାଇଚାର ବନ୍ଧନରେ ବାନ୍ଧି ହେବା ଏହି ପର୍ବର ଏକ ଅନନ୍ୟ ପରମ୍ପରା । କେବଳ ଯେ ପାରିବାରିକ କ୍ଷେତ୍ରରେ ଏହା ସହଂତି ଓ ସମ୍ପର୍କ ସ୍ଥାପନା କରେ ତାହା ନୁହେଁ; ସାମାଜିକ କ୍ଷେତ୍ରରେ ମଧ୍ୟ ଏହାର ଢ଼େର୍ ଉପାଦେୟତା ରହିଛି । କୃଷିଭିତ୍ତିକ, ଧର୍ମଭିତ୍ତିକ ଓ ପ୍ରାଚୀନ ପରମ୍ପରାର ବାର୍ତ୍ତାବାହକ ନୂଆଁଖାଇ ଆମକୁ ତ୍ୟାଗ, ନିଷ୍ଠା, ସେବା, ଭକ୍ତି ଓ ଈଶ୍ୱର ବିଶ୍ୱାସ ସମ୍ବନ୍ଧରେ ଆମକୁ ଶିକ୍ଷା ଦେଇଥାଏ ।

ସିନ୍ଧେକେଲା, ବଲାଙ୍ଗୀର
ଭ୍ରାମ୍ୟଭାଷ – ୯୯୩୭୦୦୩୪୭୪୨
ଇ-ମେଲ୍ : saiprasadsahu867@gmail.com

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଅନୁଚିନ୍ତା ଗଣପର୍ବର

ପଶ୍ଚିମ ଓଡିଶାର ଶ୍ରେଷ୍ଠ ପର୍ବ କହିଲେ ମୁଖ୍ୟତଃ ବୁଝାଏ ନୂଆଖାଇ ବା ନବାନ୍ନ ଭକ୍ଷଣ ପର୍ବକୁ । ଏହା ଏହି ଅଂଚଳର ଗଣପର୍ବ ନାମରେ ମଧ୍ୟ ବିଦିତ । ପାରିବାରିକ, ସାମାଜିକ ସ୍ନେହ ସୌହାର୍ଦ୍ଧ୍ୟକୁ ଦୃଢ଼ୀଭୂତ କରିବା, ପରସ୍ପର ଭିତରେ ସ୍ନେହ ସମ୍ପର୍କ ଭାତୃଭାବ, ସଦ୍ଭାବ ପ୍ରତିଷ୍ଠା, ଗୁରୁଜନଙ୍କୁ ସମ୍ମାନ ଦେବା ଓ ପୂର୍ବ ବିବାଦ, ବୈର ଭାବ ମନୋମାଳିନ୍ୟକୁ ଭୁଲିଯାଇ ପୁନଃ ସୁସମ୍ପର୍କ ସ୍ଥାପିବା ଆଦି ମହତ ଗୁଣ କର୍ମ ପାଇଁ ଖୋରାକ ଯୋଗାଏ ଗଣପର୍ବ ।

ଦିନଥିଲା ଏହି ପର୍ବ ସୀମିତ ଥିଲା କେବଳ ଆଦିବାସୀ ସମ୍ପ୍ରଦାୟ ଭିତରେ । ସେମାନେ ମାଟି ମା'କୁ ପୂଜା କରି ଯେଉଁ ଶସ୍ୟ ଆଦାୟ କରୁଥିଲେ ସେହି ଶସ୍ୟକୁ ପ୍ରଥମେ ନିଜ ନିଜ ଆରାଧ୍ୟ ଦେବତାଙ୍କୁ ଭୋଗ ଅର୍ପଣ କରୁଥିଲେ । ତା'ପରେ ପ୍ରସାଦ ରୂପେ ପରିବାରର ସଭିଏଁ ଏକତ୍ର ବସି ଭୋଜନ କରୁଥିଲେ । ଯାହାକି ଘରର ମୁଖ୍ୟ ସମସ୍ତଙ୍କୁ ନୂଆଁ ବାଣ୍ଟି ଦେଉଥିଲେ । ତା'ପରେ ପରସ୍ପରକୁ ଜୁହାର ଭେଟ ହେଇ, ନାଚଗୀତ, ମଉଜ ମଜଲିସରେ ଦିନଟି ବିତାଉଥିଲେ । ସେମାନଙ୍କ ଏହି ମହାନ ପର୍ବ କ୍ରମେ ଅନ୍ୟ ଜାତିର ଲୋକ ପ୍ରଭାବିତ ହୋଇ ନିଜ ଉତ୍ପାଦିତ କୃଷି ଜାତ ଶସ୍ୟ ପ୍ରଥମେ ଅର୍ପଣ କରନ୍ତି କୁଳ ଦେବତାଙ୍କୁ । ଗଣପର୍ବର ଆଖ୍ୟା ଦେଇ



ସତ୍ୟନାରାୟଣ ମିଶ୍ର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନୂଆଖାଇକୁ ଧୁମ୍‌ଧାମ୍ ରେ ମାନନ୍ତି ।

ଆଗେ ଭିନ୍ନ ଭିନ୍ନ ଅଂଚଳରେ ଭିନ୍ନ ଭିନ୍ନ ତିଥିକୁ ଶୁଭ ଲଗ୍ନ ବାହାର କରି ଭାଦ୍ରବରେ ନୂଆ ଖାଉଥିଲେ । ଏବେ କିନ୍ତୁ ପ୍ରାୟ ସମସ୍ତେ ଋଷି ପଞ୍ଚମୀ ଦିନ ହିଁ ନୂଆ ଖାଉଛନ୍ତି । ଦିନଟିର ମାସକପୂର୍ବରୁ ପ୍ରସ୍ତୁତି ଚାଲେ ଜୋରସୋର । ନୂଆ ଲୁଗା, ନୂଆ ଗହଣା, ନୂଆ ସରଞ୍ଜାମ ସବୁକିଛି ଯୋଗାଡ଼ କରିବାକୁ ଲିପ୍ତ ରହନ୍ତି ଲୋକ । ଦୋକାନ ବଜାର ସବୁଠି ଭିଡ଼ । କିଣାବିକା ପାଇଁ ବ୍ୟସ୍ତତା ଆଉ ବ୍ୟସ୍ତତା ।

ଏକତ୍ର ନବାନ୍ନ ଭକ୍ଷଣ ପାଇଁ ଗୃହର ବରିଷ୍ଠ ଫୋନ ଯୋଗେ ଜଣାନ୍ତି କନିଷ୍ଠଙ୍କୁ । ଉକ୍ତ ଦିନ ଘରେ ଉପସ୍ଥିତ ହେବାକୁ ସୂଚିତ କରନ୍ତି, ହେଲେ ଅଧୁନା ପରିବର୍ତ୍ତିତ ବିଚାର ଧାରା । କନିଷ୍ଠ ବିଭିନ୍ନ ଆଳ ଦେଖାଇ କହୁଛନ୍ତି ଏବର୍ଷ ଆମେ ଯାଇ ପାରିବୁନି, ଅମୁକ ସମୁକ ଅସୁବିଧା ଅଛି । କାମ ଛାଡି ଯାଇ ହେବନି । କମ୍ପାନୀ ଛୁଟି ଦେବନି । ଛୁଆଙ୍କୁ ନେଇ ଭିଡ଼ ଟ୍ରେନରେ ଯାଇ ହେବନି । କଣ ଅଛି ଏକାଠି ନ ଖାଇଲେ । ଯିଏ ଯେଉଁଠି ଥାଇ ଚଳେଇ ନେବା । ଏମିତି ସେମିତି ...... । ସମ୍ପ୍ରତି ନୂଆଖିଆର ବିଧି ରକ୍ଷା ପାଇଁ ଗୁରୁତ୍ୱ ଦିଅନ୍ତିନି କେତେକ ।

ମନୋରଞ୍ଜନ ନିମିତ୍ତ ନବାନ୍ନ ରଜନୀରେ ପ୍ରଦର୍ଶିତ ହେଉଥିବା ପାଲା ସୁଆଙ୍ଗ ଗୀତିନାଟ୍ୟ ପ୍ରତି ଲୋକଙ୍କ ଅନୁରକ୍ତି କମି ଯାଉଛି । ଶସ୍ତା ସଙ୍ଗୀତରେ ନୃତ୍ୟ, ଭିଡିଓ ସୋ । ଅଶ୍ଳୀଳ ବାଇ ନାଚ ଦେଖି ଦେଖି କଳା ସଂସ୍କୃତିକୁ ପଛରେ ପକେଇ ଦେବାକୁ କୁଣ୍ଠା ବୋଧ କରନ୍ତି ନି କେହି ।

ପରବର୍ତ୍ତୀ ଦିନ ବାସି । ଆମିଷ ଭୋଜନ ସାଙ୍ଗକୁ ମଦ ଭଳି ନିଶା ଦ୍ରବ୍ୟ ସେବନ ଅନେକଙ୍କ ବିଧି । ଦିନ ଭଲେ ଭଲେ ଗଲା ତ ଭଲ । ନଚେତ ନିଶାଗ୍ରସ୍ତ ଲୋକେ ଭୁଲ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବୁଝାମଣା ନେଇ ନିଜ ଭିତରେ ମାଡ଼ ବାଡ଼ିଆ ପିଟା ହେଇ ଜଖମ ହୁଅନ୍ତି । ମଜା ନାଁ ରେ ସଜା ବି ଭୋଗିବାକୁ ପଡେ ।

ସମାଜର ବିକାଶରେ ବ୍ୟକ୍ତିର ବିକାଶ । ବ୍ୟକ୍ତି ବିକାଶରେ ଦେଶ । ପରିବାର ହେଲା ସମାଜର ମଳଦୁଆ । ଏହାରି ଉନ୍ନତିରେ ସମାଜ ତଥା ଦେଶର ଉନ୍ନତି । ତେଣୁ ପରିବର୍ତ୍ତନ ଧାରା ଭିତରେ ସିକ୍ତ ଥାଇ ବି ଚେଷ୍ଟା କରିବ ଏ ମୂଳଦୁଆ ଯେମିତି କଳୁଷିତ ନ ହୁଏ । ପରସ୍ପର ଭିତରେ ଭାତୃଭାବ ବଜାୟ ରଖିବାକୁ ହେଲେ ପରିବାରକୁ ସଜାଡ଼ିବା ନିହାତି ଦରକାର । ସଦସ୍ୟଙ୍କ ମଧ୍ୟରେ ଏକତା ପ୍ରେମ, ସ୍ନେହ, ସୌହାର୍ଦ୍ଧ୍ୟ ଶାନ୍ତି ଭକ୍ତି ସେବା ସହଯୋଗ ଇତ୍ୟାଦି ମହନୀୟ ଗୁଣ ଗୁଡିକ ଭରି ରହିବା ଦରକାର । ପାରମ୍ପରିକ ରୀତିନୀତି ପରିବର୍ତ୍ତିତ ସମୟ ପ୍ରବାହମାନ ସ୍ରୋତରେ ଭାସିଯାଉଥିଲେ ବି ଦୃଷ୍ଟି ଦେବାକୁ ହେବ ସମାଜର ଏଇ ମୂଳଦୁଆ ଠିକ ଅଛି ନା ନାହିଁ । ନହେଲେ ନିଦ ଭାଙ୍ଗିଲା ବେଳକୁ ନେଡ଼ିଗୁଡ଼ କହୁଣୀ କି ବହି ଯାଇଥିବ ।

ସତ୍ୟନାରାୟଣ ମିଶ୍ର
ସିଂଧେକେଲା, ବଲାଙ୍ଗୀର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ନୂଆଖାଇ ଜୁହାର

ସଂସ୍କୃତି ଭାରତୀୟ ଜନଜୀବନକୁ ଶୃଙ୍ଖଳିତ କରିଥାଏ । ପ୍ରେମ, କରୁଣା, ସ୍ନେହ, ବାତ୍ସଲ୍ୟ, ଦୟା, ତ୍ୟାଗ, ଶ୍ରଦ୍ଧା, ଈର୍ଷା, ଦ୍ୱେଷ, ଘୃଣା ଓ ନିଷ୍ଠୁରତା ପ୍ରଭୃତି ଭାବ ସମୁହ ବ୍ୟକ୍ତି ସହିତ ସଂସ୍କୃତିର ସମ୍ବନ୍ଧ ଥାଏ । ସଂସ୍କୃତି ଯୋଗୁ ସଭ୍ୟତା କିନ୍ତୁ ଉଭୟଙ୍କ ମଧ୍ୟରେ ବ୍ୟବଧାନ ରହିଛି । ସଂସ୍କୃତି କଳା, ଆଦର୍ଶ, ବିଚାର, ଭାବ, ଭକ୍ତି ଓ ବିଶ୍ୱାସର ସଂସାର ମଚଂ । ତେଣୁ ଆମ ସଂସ୍କୃତି ସାମାଜିକ ଜୀବନର ପରିଚୟ । ଅସ୍ତବ୍ୟସ୍ତ କର୍ମମୟ ଜୀବନରେ ପର୍ବପର୍ବାଣି ଗୁଡ଼ିକ ପାଳନ କରିବାରେ ବୈଶିଷ୍ଟ୍ୟ ରହିଛି । ବହୁ ଧର୍ମ, ବହୁଜାତିଙ୍କୁ ନେଇ ସାମାଜିକ ଓ ସାଂସାରିକ କ୍ଷେତ୍ରରେ ପର୍ବ ପର୍ବାଣୀର ସ୍ୱତନ୍ତ୍ରତା ରହିଛି । ବିଭିନ୍ନତା ମଧ୍ୟରେ ଏକତ୍ୱର ପ୍ରତିଷ୍ଠାର ପର୍ବ ହେଉଛି ନୂଆଖାଇ । ସିଂହମାସ ଭାଦ୍ରବ ଶୁକ୍ଳପକ୍ଷ, ଗଣେଶ ଚତୁର୍ଥୀ ପରଦିନ ବା ପଚଂମୀ ତିଥିରେ ନୂଆଖାଇ ଭେଟ୍‌ଘାଟ୍ ଉତ୍ସବ ପାଳିତ ହେଉଛି ।



ଅକ୍ଷୟ କୁମାର
ରାଉତ

ନୂଆଖାଇ ଏକ ମହାନ୍ ସାମାଜିକ ପରମ୍ପରାର ପ୍ରତୀକ । ସାମାଜିକ ଜୀବନକୁ ବଳିଷ୍ଠ, ସୁଦୃଢ଼ ଓ ଶୃଙ୍ଖଂଳିତ କରିବା ପାଇଁ ଏହି ପର୍ବ ଉଦ୍ଦିଷ୍ଟ । ପର୍ବ ପାରସ୍ପାରିକ ମନୋମାଳିନ୍ୟ, ଈର୍ଷା, ହିଂସା, ଶତୃତା ଓ ଅସହଯୋଗ ଦୂର କରିଥାଏ । ଗାଁ ମାଟିର ମମତା, ବନ୍ଧୁ, ଆତ୍ମୀୟସ୍ୱଜନଙ୍କ ସ୍ନେହ ଓ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପରସ୍ପର ପ୍ରତି ଆପଣାର ଭାବ ବିନୀମୟ ପ୍ରଭୃତି ଗୁଣକୁ ଏହି ପର୍ବ ପ୍ରେରଣା ଦିଏ । ଓଡ଼ିଶାର ପଶ୍ଚିମାଚଂଳ ଅର୍ଥାତ ସମ୍ବଲପୁର, ସୋନପୁର, ସୁନ୍ଦରଗଡ଼, ବଲାଙ୍ଗିର, ନୂଆପଡ଼ା, କଳାହାଣ୍ଡି, ଦେବଗଡ଼ ଓ ଝାରସୁଗୁଡ଼ା ପ୍ରଭୃତି ଜିଲ୍ଲାରେ ଏକ ପ୍ରଧାନ ଗଣପର୍ବ ରୂପେ ନୂଆଖାଇ ଭେଟ୍‌ଘାଟ୍ (ବା) ନବାନ୍ନ ଭକ୍ଷଣ ଉତ୍ସବ ବହୁବର୍ଷ ଧରି ପାଳିତ ହୋଇ ଆସୁଅଛି । ଓଡ଼ିଶା ବାହାରେ ମଧ୍ୟପ୍ରଦେଶ, ଛତିଶଗଡ଼ରେ ବାସ କରୁଥିବା ଓଡ଼ିଆମାନେ ଏହି ପର୍ବ ଆନନ୍ଦ ଉଲ୍ଲାସରେ ପାଳନ କରନ୍ତି । କନ୍ଧ, କୋହ୍ଲ, ଓରାମ୍ କିଶାନ, ଭୂୟାଁ, ବିଞ୍ଝାଳ ପ୍ରଭୃତି ଆଦିବାସୀମାନେ ସେମାନଙ୍କର ଇଷ୍ଟଦେବୀଙ୍କୁ ନବାନ୍ନ ଭୋଗ ସହିତ କୁକୁଡ଼ା, ଛେଳି ବଳି ଦେଇ ନୂଆଖାଇ ପର୍ବପାଳନ କରନ୍ତି । ଏହି ପର୍ବ ପରଠାରୁ ଆଦିବାସୀମାନଙ୍କର କରମା ପୂଜା ଆରମ୍ଭ ହୁଏ । ଦ୍ୱାଦଶ ଶତାବ୍ଦୀରେ ବଲାଙ୍ଗିର ପାଟଣାଗଡ଼ ଠାରେ ଚୌହାନ ରାଜବଂଶର ରମାଇଦେବ ନୂଆଖାଇ ପର୍ବର ଆରମ୍ଭ କରିବାର ଅନୁମାନ କରାଏ । ସେହିପରୀ ଷୋଡ଼ଶ ଶତାବ୍ଦୀର ଆରମ୍ଭରେ ରାଜା ବଳରାମ ସମ୍ବଲପୁର ରାଜ୍ୟ ପ୍ରତିଷ୍ଠା କରି ନବାନ୍ନ ଭକ୍ଷଣ ଉତ୍ସବ ଆରମ୍ଭ କରିଥିଲେ ।

ଆମ ପୁରାଣ ଶାସ୍ତ୍ରରେ ଅନ୍ନର ମହିମା ଅନ୍ନବ୍ରହ୍ମ ରୂପେ ପ୍ରତିପାଦିତ ହୋଉଛି କୁହାଯାଇଛି, କର୍ମରୁ ଯଜ୍ଞ, ଯଜ୍ଞରୁ ବୃଷ୍ଟି, ବୃଷ୍ଟିରୁ ଶସ୍ୟ ବା ଧାନ, ଧାନରୁ ଅନ୍ନର ସୃଷ୍ଟି ଓ ଅନ୍ନରୁ ଜୀବ ସୃଷ୍ଟି । ତେଣୁ କୁହା ଯାଇଛି "ଅନ୍ନ ବିହୁନେ ହଂସହାନି, ଯୋଗ ସାଧିବୁ କାହା ଘେନି" । ପଶ୍ଚିମ ଓଡ଼ିଶାରେ ଭାଦ୍ରବ ମାସ ଆରମ୍ଭରେ ନୂତନ ଅମଳ ଧାନରୁ ଚାଉଳ ସଂଗ୍ରହ କରି ନବାନ୍ନ ଭୋଗ ପ୍ରସ୍ତୁତ ହୁଏ । ଗୃହକର୍ତ୍ତା ଅନ୍ନ ଖିରୀ, ଖେଚୁଡ଼ି ଆରଧ୍ୟ ଦେବୀଙ୍କୁ ଅର୍ପଣ କରି ଥାଆନ୍ତି । ଯେଉଁମାନଙ୍କର ଚାଷ ଜମି ନାହିଁ, ସେମାନଙ୍କ ଘରେ ଗ୍ରାମରକ୍ଷୀ ବା ଝାଙ୍କର ନୂଆଖାଇ ପୂର୍ବରୁ ଧାନକେଣ୍ଡା ଦେଇ ଥାଆନ୍ତି । ସେହି ଧାନରୁ ଚାଉଳ ସଂଗ୍ରହ କରି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଦେବୀଙ୍କ ପାଇଁ ଭୋଗ ପ୍ରସ୍ତୁତ କରି ଥାଆନ୍ତି । ପଶ୍ଚିମ ଓଡ଼ିଶାରେ ବ୍ରାହ୍ମଣ ମାନେ ନିଜ ଗୃହରେ ଲକ୍ଷ୍ମୀପୂଜା କରି ଦେବୀଙ୍କ ପାଖରେ ନବାନ୍ନ ଭୋଗ କରିଥାଆନ୍ତି । ବୟୋଜ୍ୟେଷ୍ଠ ବ୍ୟକ୍ତି ଦେବୀଙ୍କ ଠାରେ ଲାଗି ହୋଇଥିବା ପ୍ରସାଦ ସେବନ କରିବା ପରେ ପରିବାରର ଅନ୍ୟମାନଙ୍କୁ ନବାନ୍ନ ଭୋଗ ଦିଆ ଯାଇଥାଏ । ଓଡ଼ିଶାରେ ଅଧିକାଂଶ ଅଚଂଳରେ ନୂଆଖାଇ ବା ନବାନ୍ନ ଭକ୍ଷଣ ଉତ୍ସବ ଜାକ ଜକମରେ ପାଳନ କରି ଥାଆନ୍ତି ।

ଗ୍ରାମ ଓ ମଣ୍ଡଳର ଦେବା ଦେବୀଙ୍କୁ ସମର୍ପଣ ପରେ ସମସ୍ତେ ମିଳିମିଶି ପ୍ରସାଦ ସେବନ କରନ୍ତି । ତାପରେ ଆରମ୍ଭ ହୁଏ ନୂଆଖାଇ ଜୁହାର । କନିଷ୍ଠ ମାନେ ବୟୋଜ୍ୟେଷ୍ଠଙ୍କୁ ଜୁହାର ହୋଇ ଆଶୀର୍ବାଦ ଭିକ୍ଷା କରି ଥାଆନ୍ତି । ନୂଆଖାଇ ସରିବା ପରେ ସମସ୍ତେ ବିଲକୁ ଯାଇ ଚିହ୍ନା (ଭରଦ୍ୱାଜ) ବା ଭଦଭଦଳିଆ ପକ୍ଷୀକୁ ଦର୍ଶନ କରି ଥାଆନ୍ତି । ଭଦଭଦଳିଆ ପକ୍ଷୀକୁ ଦେଖି ନିଜ ନିଜର ଧାନ କିଆରି ଦେଖି ଘରକୁ ଫେରି ଥାଆନ୍ତି । ଉପକୂଳ ଅଚଂଳରେ ରଜପର୍ବ ପରି ପଶ୍ଚିମ ଅଚଂଳରେ ନୂଆଖାଇ ପାଳନ କରାଯାଏ । ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ପାଲା, ସଙ୍ଗିତ, ନୃତ୍ୟ, ଭଜନ ସଂକୀର୍ତ୍ତନ ଆଦି ପରିବେଷଣ ସହିତ ଖେଳ ଓ କୁସ୍ତି ପଦର୍ଶନ କରି ଥାଆନ୍ତି ।

ନୂଆ ଖାଇ କୃଷିଭିତ୍ତିକ ପର୍ବ, ପଶ୍ଚିମ ଓଡ଼ିଶାର ଜନଜୀବନ, ସାମାଜିକ ପରମ୍ପରା, ସଂସ୍କୃତିର ବାର୍ତା ଓ ଧାର୍ମିକ ବିଶ୍ୱାସର ପ୍ରତୀକ ନୁଆଖାଇ ହର୍ଷ, ଉଲ୍ଲାସ, ଉନ୍ମାଦନା ନେଇ ଜନପ୍ରିୟ ହୋଇଛି । ସେଥିପାଇଁ କବି ସତ୍ୟ ନାରାୟଣ ବହିଦାରଙ୍କ ଭାଷାରେ-

ଆମିଲ୍ ମହୁର୍ ନୂଆଁ ଧାନ୍
ଖିରି ପିଠା ମଡ଼ା ଲଖ୍ମି ଠାନେ ଲାଗ୍ବା ପୂଜା
ପିଟ୍ବା ତିନେ ଢ଼ଁଡ଼ା

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଗାଁ ମୁଡ଼ସା ସମଲେଇ ନ

ସଁହରା ପିଲା ଗୁମ୍ଲେଇ ନ ଲଗାଲାନ ନୂଆଁ

ଫୁଲ୍ ଚଂଦନ ଦିଅବୋ ପିଲେ ନଁଗଲ୍ ପଟା ଦୁଆଁ

ଆସବୋ ପିଲେ ଖାଏମା ଆଜି ନୂଆଁ

ବଛର୍କେ ଥରେ ଆଏସି ପରେ ଯିଏ ଯେନ ଥଅ

ଘରେ ପରେ ଆସ ଆସ ଭାଇ ଆଜିର ନୂଆଖାଇ ।

ପାରାଦ୍ୱୀପଗଡ଼,କୁଜଙ୍ଗ

ଜଗତସିଂହପୁର

ମୋ-୯୯୩୭୬୯୧୪୭୫.

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପରିସଂସ୍ଥାର ପୁନରୁଦ୍ଧାର

ପରିସଂସ୍ଥାର ପୁନରୁଦ୍ଧାର– ଏକ ଭିନ୍ନ ଦୃଷ୍ଟି କୋଣ

ପ୍ରଦୂଷିତ ପରିବେଶର ପ୍ରଭାବକୁ ନେଇ ବିଶ୍ୱ ଆଜି ବ୍ୟତିବ୍ୟସ୍ତ । ପରିସଂସ୍ଥାର ସନ୍ତୁଳନ କ୍ରମଶଃ ହ୍ରାସ ପାଇ ଏକ ଜଟିଳ ସମସ୍ୟାରେ ପରିଣତ ହେଇଯାଇଛି । ଏହି ବିଷମ ସମସ୍ୟାର ସମାଧାନ ପାଇଁ କାଳନୁକ୍ରାମ ଭାବରେ ଆର୍ନ୍ତଜାତୀକ ସ୍ତରରେ ବିଭିନ୍ନ ପଦକ୍ଷେପ ନିଆ ଯାଇ ଆସୁଅଛି । ପରିବେଶ ସୁରକ୍ଷାର ଆବଶ୍ୟକତା ମନୁଷ୍ୟ ଆଜି ଅଳ୍ପ ବହୁତ ଉପଲବ୍ଧି କଲାଣି । ସଂଯୁକ୍ତ ରାଷ୍ଟ୍ରସଂଘ ଏହି ଦଶନ୍ଧିକୁ (୨୦୨୧-୨୦୩୦) ବିଶ୍ୱ ପରିବେଶ ଦିବସରେ 'ପରିସଂସ୍ଥା ପୁନରୁଦ୍ଧାର ଦଶନ୍ଧି' ବୋଲି ଘୋଷଣା କରିଛି । ପରିସଂସ୍ଥା ଅବକ୍ଷୟକୁ ହ୍ରାସ କରିବା ଏବଂ ପରିସଂସ୍ଥାର ପୁନରୁଦ୍ଧାର କରିବା ହେଉଛି ମୁଖ୍ୟ ଉଦ୍ଦେଶ୍ୟ । ତେବେ ପ୍ରଶ୍ନ ଉଠେ ପରିସଂସ୍ଥାର ଅବକ୍ଷୟର କାରଣ ? ବିଭିନ୍ନ ପ୍ରାନ୍ତରୁ ବୈଜ୍ଞାନିକ ମାନେ ଅନୁସନ୍ଧାନ କରି ପରିସଂସ୍ଥାର ଅବକ୍ଷୟର ଅନେକ କାରଣ ଦର୍ଶାଇ ଆସୁଛନ୍ତି । ଏଇ ଯେମିତି ବିକାଶ ନାମରେ ପ୍ରାକୃତିକ ସମ୍ପଦର ଆଖିବୁଜା ବ୍ୟବହାର, ଶିଳ୍ପର ଅତ୍ୟଧିକ ବୃଦ୍ଧି ଯୋଗୁଁ ଜଙ୍ଗଲ ନାଶ, ଆଉ ଅନ୍ୟ ଜୀବଜନ୍ତୁଙ୍କର ବାସସ୍ଥଳିରେ ମଣିଷର ଅନଧିକାର ପ୍ରବେଶ । ଯାହା ଦ୍ୱାରା ଅନ୍ୟ ଜୀବଙ୍କର ବସତି ନଷ୍ଟ ହେଉଛି ଆଉ ସେଥିପାଇଁ ସେମାନେ



ଡଃ ଆଭାଞ୍ଜଳି
ଶତପଥୀ

Listen to Odia Podcast on https://anchor.fm/aahwaan
ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

ସ୍ଥାନାନ୍ତର ହେଉଛନ୍ତି । ଅନେକ ଜୀବ ଲୋପ ମଧ୍ୟ ପାଇ ଯାଇଛନ୍ତି । ଏହା ଦ୍ୱାରା ପରିସଂସ୍ଥାର ସନ୍ତୁଳନ ନଷ୍ଟ ହେଇ ଯାଉଅଛି ।

ଏହାର ନିବାରଣ ପାଇଁ ମଧ୍ୟ ଯଥାସାଧ୍ୟ ବିଶ୍ୱସ୍ତରରେ ପଦକ୍ଷେପ ନିଆଯାଉଛି । ବୃକ୍ଷ ରୋପଣ, ଜଳ ସଂରକ୍ଷଣ, ବନ୍ୟଜନ୍ତୁ ସଂରକ୍ଷଣ ଆଦି କାର୍ଯ୍ୟକ୍ରମର ପ୍ରଚାର ଓ ପ୍ରସାର ଚାଲି ଆସୁଅଛି । ପରିବେଶ ଶିକ୍ଷାର ବିକାଶୋନ୍ମୁଖୀ ବୈଜ୍ଞାନିକ ସ୍ତରରେ ସର୍ବକାଳୀନ ଆବଶ୍ୟକତା ମଧ୍ୟ ଅନୁଭବ ହେଲାଣି । ତେବେ ପ୍ରଶ୍ନ ଉଠେ ଏତେ ନିରାକରଣ କଲା ପରେ ମଧ୍ୟ ଏହାର ପ୍ରଭାବରେ ଏତେ ମନ୍ଥର ଗତି କାହିଁକି ? ସମୁଦ୍ରକୁ ଶଙ୍ଖେ ଭଳି ମନେ ହୁଏ କାହିଁକି ? ଚିନ୍ତା କରି ଜଣେ ଏହି ପ୍ରଶ୍ନର ଉତ୍ତର ପାଇପାରିବ, ଯେ ଏହି ଅଭାବବୋଧ ସମସ୍ୟାର ମୂଳ କାରଣ ହେଲା ପରିବେଶଗତ ମୂଲ୍ୟବୋଧର ଅଭାବ ତଥା ପରିବେଶଗତ ଆଧ୍ୟାତ୍ମିକବୋଧର (ଇକୋ ସ୍ପିରିଚୁଆଲିଜିମ୍) ଅଭାବ ।

ତେବେ ଆମେ ପରିବେଶଗତ ମୂଲ୍ୟବୋଧ ଏବଂ ପରିବେଶଗତ ଆଧ୍ୟାତ୍ମିକବୋଧର ବିଶ୍ଳେଷଣ କିଛି ମାଧ୍ୟମରେ କରି ପାରିବା । ଏହି ପରିବେଶଗତ ମୂଲ୍ୟବୋଧ କଣ ଏକ ସଂସ୍କୃତି ଓ ଶିକ୍ଷାର ଉପାଦାନ ? ନା ପରିବେଶଗତ ମୂଲ୍ୟବୋଧକୁ ନେଇ ଶିକ୍ଷା ? ନା ଏହି ପରିବେଶଗତ ମୂଲ୍ୟବୋଧ ଆଧାରରେ ଜୀବନଯାପନ କରିବା ଉଚିତ୍ ? ପରିବେଶଗତ ମୂଲ୍ୟବୋଧର ଉତ୍କୃଷ୍ଟ ପଦ୍ଧତି କଣ ହୋଇପାରେ ? ଏହି ପଦ୍ଧତି ଦ୍ୱାରା ମଣିଷର ବ୍ୟକ୍ତିଗତ ସ୍ତରରେ, ପରିବାରରେ, ସମାଜରେ, ସାମାଜିକ ସଂସ୍ଥାରେ କି ପ୍ରକାରର ରୂପାନ୍ତର ହୁଏ ? ଏହି ପରି ପ୍ରଶ୍ନ ଯେବେ ମନରେ ଆସିଥାଏ ତେବେ ପ୍ରାଚୀନ ଶାସ୍ତ୍ରକୁ ଆଲୋକପାତ କରିବାର ଯଥାର୍ଥତା ଅଛି ।

ପ୍ରାଚୀନଶାସ୍ତ୍ର ଓ ପରିବେଶଗତ ମୂଲ୍ୟବୋଧ:-

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶାସ୍ତ୍ରବିତ୍ ମାନେ ଅନୁଧ୍ୟାନ କରି ଦେଖିଛନ୍ତି ଯେ ପରିବେଶିୟ ମୂଲ୍ୟବୋଧ ଥିଲା ବୈଦିକ ସଭ୍ୟତାର ଏକ ମୌଳିକ ଅଙ୍ଗ । ପରିବେଶ ସୁରକ୍ଷା, ସଂସ୍କୃତିର ସଂରକ୍ଷଣ, ଜୀବ ଜଗତ ଓ ପ୍ରକୃତିର ମଣିଷ ସହ ସୂକ୍ଷ୍ମ ସମ୍ବନ୍ଧ, ପରିସଂସ୍ଥାର ସନ୍ତୁଳନ ଇତ୍ୟାଦି ଥିଲା ପ୍ରାଚୀନ ଶାସ୍ତ୍ରର ଗୁରୁତ୍ୱ ପୂର୍ଣ୍ଣ ବିଷୟ ବସ୍ତୁ । ଲୋକଙ୍କ ମଧ୍ୟରେ ଏହି ମୂଲ୍ୟବୋଧକୁ ଅନ୍ତର୍ଭୁକ୍ତ କରିବା ପାଇଁ ବିଭିନ୍ନ ପଦ୍ଧତିକୁ ଅବଲମ୍ବନ କରାଯାଇଥିଲା ।

ବେଦ, ଉପନିଷଦ୍, ଭାଗବଦ୍ ଗୀତା, ପୁରାଣ, ରାମାୟଣ, ମହାଭାରତ ଭଳି ପ୍ରାଚୀନ ଗ୍ରନ୍ଥମାନଙ୍କରେ ପରିବେଶଗତ ମୂଲ୍ୟବୋଧକୁ ବିଭିନ୍ନ ପଦ୍ଧତିରେ ଓ ଉପାୟରେ ଉପସ୍ଥାପନା କରାଯାଇଅଛି । ସେ ପଦ୍ଧତି ସାହିତ୍ୟର ଆଧାର ଯଥା କାହାଣୀ, କାବ୍ୟ, ପ୍ରବନ୍ଧ ହେଉ ବା ଦର୍ଶନର ଆଧାର ହେଉ, ଅବା ଧର୍ମର ଆଧାର ଯଥା ରୀତିନୀତି, ବିଧି ନିୟମରେ ହେଉ ଅବା ଆଧ୍ୟାତ୍ମିକତାର ଆଧାର ହେଉ । ବୈଦିକ ଶାସ୍ତ୍ରରେ ଉଲ୍ଲେଖ ଥିବା କିମ୍ବଦନ୍ତୀ ଅବା ବିଧିବିଧାନକୁ ଆମେ ପରିବେଶଗତ-ମୂଲ୍ୟବୋଧ ତଥା ପରିବେଶଗତ ଆଧ୍ୟାତ୍ମିକତା ସହ ସଂଯୋଗ କରିପାରିବା ।

ପୁରାଣ- କିମ୍ବଦନ୍ତୀ:-

ବିଷ୍ଣୁ ପୁରାଣର ଏକ କିମ୍ବଦନ୍ତୀରେ ପରିବେଶର ସୁରକ୍ଷା ବିଷୟରେ ପରୋକ୍ଷ ଭାବରେ ଅବଗତ କରାଯାଇଛି । ଭଗବାନ ବିଷ୍ଣୁଙ୍କର ବରାହ ଅବତାର ଏକ ଚମତ୍କାର ଉଦାହରଣ । ହିରଣାକ୍ଷ ନାମକ ଏକ ଦାନବ ମାତା ପୃଥିବୀଙ୍କୁ ଅପହରଣ କରି ପାତାଳ ଦେଶରେ ବନ୍ଦୀ କରିଦେଇଥିଲା । ଭଗବାନ ବିଷ୍ଣୁ ବରାହ ଅବତାର ନେଇ ମାତା ପୃଥିବୀଙ୍କୁ ହିରଣାକ୍ଷ ଠାରୁ ବନ୍ଦୀମୁକ୍ତ କରିଥିଲେ ।ଏହି ପ୍ରତୀକାତ୍ମକ କିମ୍ବଦନ୍ତୀକୁ ଆମେ ବିସ୍ତାରିତ ଭାବରେ ବୁଝିବାକୁ ଚେଷ୍ଟା କରିବା । ଏହି ଆନ୍ଥ୍ରୋପୋମର୍ଫିକ ବରାହ ମନୁଷ୍ୟ ଓ ପଶୁର ମିଶ୍ରଣରୁ ଜାତ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଯାହାର ଶରୀରର ଉର୍ଦ୍ଧ ଭାଗଟି ପଶୁ ଓ ନିମ୍ନ ଭାଗଟି ମନୁଷ୍ୟ ଆକାରରେ ଚିତ୍ରିତ ହୋଇଥାଏ ।

ଆଧ୍ୟାତ୍ମିକ ଦୃଷ୍ଟିକୋଣ ନେଇ ମଧ୍ୟ ଏହି ପ୍ରତୀକାତ୍ମକ ଚରିତ୍ରକୁ ବିଶ୍ଳେଷଣ କରାଯାଇପାରେ । ପରିବେଶ ସୁରକ୍ଷା ଓ ପରିବେଶଗତ ମୂଲ୍ୟବୋଧକୁ ଏହି ଚରିତ୍ର ମାଧ୍ୟମରେ ସ୍ଥାପିତ କରାଯାଇ ପାରେ । ପ୍ରତୀକାତ୍ମକ ବରାହ ଅବତାର ହେଲା ଜୀବ ଜଗତ ଓ ମଣିଷର ଅତୁଟ ସମ୍ବନ୍ଧ । ପରସ୍ପର ପରସ୍ପରରର ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଦାନବ ଓ ଦେବତା ମନୁଷ୍ୟର ଏକ ମାନସିକ ବୁଝାମଣା । ପ୍ରତୀକାତ୍ମକ ଦାନବ ହିରଣାକ୍ଷ ମନୁଷ୍ୟର ନୀଚ ଓ ତମୋ ଗୁଣର ପ୍ରତୀକ । ଯାହା ସମାଜରେ ବିଶୃଙ୍ଖଳା ଓ ସ୍ୱାର୍ଥ ପରତାକୁ ବୁଝାଇଥାଏ । ଭଗବାନ ବିଷ୍ଣୁ ହେଲେ ମଣିଷର ସାତ୍ତ୍ୱିକ ଗୁଣର ପ୍ରତୀକ । ଏହା ପରିବେଶ ସୁରକ୍ଷା ସମାଜ କଲ୍ୟାଣର ଭାବ । ମାତା ପୃଥିବୀ ହେଲେ ପ୍ରକୃତିର ପ୍ରତୀକ ଯାହାର ଆଧାରରେ ମନୁଷ୍ୟ ଓ ଜୀବ ଜଗତ ପରିବେଷ୍ଟିତ । ଯେତେବେଳେ ମଣିଷ ସ୍ୱାର୍ଥ ନିହିତ ହେଇ ପରିବେଶକୁ କ୍ଷତି କରେ ବା ଦୂଷିତ କରେ ସେତେବେଳେ ମଣିଷ ଭିତରେ ଥିବା ସତ୍ତ୍ୱ ତଥା ଦେବ ଗୁଣକୁ ଜାଗ୍ରତ କରିବାକୁ ହୁଏ ।

ପଞ୍ଚ ମହାଯଜ୍ଞ

ପଞ୍ଚମହାଯଜ୍ଞ ବୈଦିକ ସଂସ୍କୃତିର ଏକ ମୁଖ୍ୟ ବିଧି । ଏହି ବିଧି ଦ୍ୱାରା ପରିବେଶର ମୂଲ୍ୟବୋଧକୁ ଅବଗତ କରାଯାଇଥାଏ । ପରିସଂସ୍ଥା ସନ୍ତୁଳନ, ପରିବେଶଗତ ମୂଲ୍ୟବୋଧ ଓ ମାନବ ଦାୟିତ୍ୱର ସମ୍ବନ୍ଧକୁ ବୁଝେଇବାରେ ଏହା ଏକ ଅନନ୍ୟ ଅନୁଷ୍ଠାନ । ବୃହଦାରଣ୍ୟକ ଉପନିଷଦ୍ ଓ ଭଗବଦ୍ ଗୀତାରେ ପଞ୍ଚମହାଯଜ୍ଞର ବିସ୍ତାରିତ ଭାବରେ ଉପସ୍ଥାପନା କରାଯାଇଛି । ଏହି ଅନୁଷ୍ଠାନକୁ ବିଶ୍ଳେଷଣ କରିବା ପୂର୍ବରୁ ଯଜ୍ଞର ସଂଜ୍ଞାକୁ ବିଶ୍ଳେଷଣ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କରିବା ଅତ୍ୟନ୍ତ ଆବଶ୍ୟକ ।

ଯଜ୍ଞ (ଯଜ୍ +ନ) ଶବ୍ଦଟି ସଂସ୍କୃତ ଭାଷାରୁ ଉତ୍ପତ୍ତି । ଏହା ଯଜ୍ ଧାତୁରୁ ଆସିଅଛି । ୟଜର ଅର୍ଥ ସମର୍ପଣ ଅବା ଅର୍ପଣ, ଭକ୍ତି ଅବା ସମ୍ମାନକୁ ବୁଝାଏ । ତେବେ ଯଜ୍ଞର ଅର୍ଥ ହେଲା ସେହି ଅସୀମ ଶକ୍ତିକୁ ସମର୍ପଣ । ଯାହାର ଅନାୟାସ କରୁଣାରେ ମାନବ ସଭ୍ୟତା ବଞ୍ଚି ରହିଛି । ଯେଉଁମାନେ ଆମକୁ ନିରପେକ୍ଷ ଭାବେ ଅନେକ କିଛି ଦାନ କରୁଛନ୍ତି, ଆମର ଉପକାର କରୁଛନ୍ତି, ତାଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିବାର ମହତ ଗୁଣକୁ ଧାରଣ କରିବାରେ ଏହି ଯଜ୍ଞ ସାହାଯ୍ୟ କରେ । ଏହା ହେଲା ପଞ୍ଚମହାଯଜ୍ଞର ମୂଳମନ୍ତ୍ର । ପଞ୍ଚ ମହାଯଜ୍ଞରେ ପାଞ୍ଚଟି ବିଷୟକୁ ନେଇ ପାଞ୍ଚଟି ଯଜ୍ଞ ନାମ କରଣ କରାଯାଇଛି । ଏହି ପାଞ୍ଚଟି ଯଜ୍ଞ ହେଲା: ଦେବ ଯଜ୍ଞ, ବ୍ରହ୍ମ ଯଜ୍ଞ, ପିତୃ ଯଜ୍ଞ, ମନୁଷ୍ୟ ଯଜ୍ଞ,ଭୂତ ଯଜ୍ଞ ।

ଦେବ ଯଜ୍ଞ -ଦେବ ଯଜ୍ଞର ଅର୍ଥ ଦେବତାଙ୍କୁ ଭକ୍ତି ଭାବ ସହ କୃତଜ୍ଞତା ଜ୍ଞାପନ କରିବା । ବୈଦିକ ଶାସ୍ତ୍ରରେ ପଞ୍ଚ ମହାଭୂତ ହେଲା ବାୟୁ, ଅଗ୍ନି, ମରୁତ, ପୃଥିବୀ, ଆକାଶ । ଏହି ପଞ୍ଚ ଭୂତକୁ ନେଇ ପ୍ରକୃତିର ସୃଷ୍ଟି । ସଂସାରକୁ ଜୀବିତ କରିବାରେ ପ୍ରତ୍ୟେକ ମହାଭୂତର ଏକ ଅତୁଳନୀୟ ଭୂମିକା ଅଛି । ବୈଦିକ ଯୁଗରେ ପ୍ରକୃତିର ଏହି ଉପାଦାନ ମାନଙ୍କୁ ଏକ ବିଧି ଅନୁସାରେ ଉପାସନା କରାଯାଇ ପ୍ରଦୂଷଣରୁ ରକ୍ଷା କରାଯାଉ ଥିଲା । ଆଧ୍ୟାତ୍ମିକ ଦୃଷ୍ଟିକୋଣ ନେଇ ବିଚାର କଲେ ଦେଖାଯାଏ ମାନବର ଉତ୍କୃଷ୍ଟ ବୁଦ୍ଧି, ବିବେକ ଓ ବିଚାରକୁ ସାତ୍ତ୍ୱିକ ଗୁଣ ଅବା ଦେବ ଗୁଣ କୁହାଯାଏ । ମାନବର ଆଭ୍ୟନ୍ତରୀୟ ଏହି ସାତ୍ତ୍ୱିକ ଗୁଣକୁ ଆବାହନ କରି ଜଗତ କଲ୍ୟାଣ କରିବାକୁ ଦେବ ଯଜ୍ଞ କୁହାଯାଏ ।

ବ୍ରହ୍ମ ଯଜ୍ଞ- ବ୍ରହ୍ମ ଯଜ୍ଞର ଅର୍ଥ ଆମ ଶାସ୍ତ୍ରର ସଂରକ୍ଷଣ ଯାହା ଜ୍ଞାନ ଓ ସଂସ୍କୃତିର ପ୍ରତୀକ । ପୁରାତନ ବୈଦିକ ଶାସ୍ତ୍ର ଗ୍ରନ୍ଥ ସବୁ ଥିଲା ଜ୍ଞାନର ଭଣ୍ଡାର । ମଣିଷର ଜୀବନ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଶୈଳୀକୁ ସୁନ୍ଦର ଭାବରେ ଗଢିବାକୁ ବିଭିନ୍ନ ବିଷୟ ଯଥା ଦର୍ଶନ, ନ୍ୟାୟ, ସଙ୍ଗୀତ, ନୃତ୍ୟ, ସାହିତ୍ୟ, ମୂଲ୍ୟବୋଧ, ମୌଳିକତା, ବିଜ୍ଞାନ, କୃଷି, ଅର୍ଥନୀତି, ବୈଦ୍ୟଶାସ୍ତ୍ର ଅର୍ଥାତ୍ ଆରୋଗ୍ୟ ପ୍ରଣାଳୀ ଇତ୍ୟାଦି ସମସ୍ତ ବିଷୟରେ ଏହି ଶାସ୍ତ୍ରୀୟ ଗ୍ରନ୍ଥ ଗୁଡିକରେ ଆଲେଖ୍ୟ କରାଯାଇଛି । ଜନ କଲ୍ୟାଣ ତଥା ମାନବସଭ୍ୟତା ଓ ସଂସ୍କୃତି ପାଇଁ ଶିକ୍ଷାପ୍ରଦାନ ଥିଲା ଏହାର ମୂଳ ମନ୍ତ୍ର । ଏହି ଶାସ୍ତ୍ର ଗୁଡ଼ିକୁ ଭଲ ଭାବରେ ବୁଝି ପାରିଲେ ମାନବ ଜ୍ଞାନ କୌଶଳ ପ୍ରାପ୍ତ କରି ସୁନ୍ଦର ଜୀବନଯାପନ କରି ପାରିବ । ଶାସ୍ତ୍ର ଦ୍ୱାରା ପାଇଥିବା ଜ୍ଞାନକୁ ଅବଲମ୍ବନ କରି ମାନବ ସମାଜ ଏକ ସଭ୍ୟ, ସାବଲୀଳ ଓ ସୁସ୍ଥ ପରିବେଶ ଗଠନ କରିଥାଏ । ଜ୍ଞାନ ଚକ୍ଷୁ ପ୍ରଦାନ କରୁଥିବା ଶାସ୍ତ୍ର ଗ୍ରନ୍ଥକୁ ସୁରକ୍ଷିତ, ସମ୍ମାନ ଶ୍ରଦ୍ଧା, କୃତଜ୍ଞତା ଜ୍ଞାପନ କରିବା ଅତ୍ୟାବଶ୍ୟକ ମନେ କରାଯାଏ ।

ପିତୃ ଯଜ୍ଞ-ପିତୃ ଯଜ୍ଞର ଅର୍ଥ ହେଲା ପିତାମାତା ଏବଂ ପୂର୍ବ ପୁରୁଷଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିବା । ବୈଦିକ ସମାଜରେ ପିଣ୍ଡଦାନ ଥିଲା ଏକ ମହତ୍ତ୍ୱପୂର୍ଣ୍ଣ ରୀତି । ସାମାଜିକ ବିଜ୍ଞାନୀଙ୍କ ମତରେ ପରିବାର ଗୁଡ଼ିକର ସମ୍ମିଶ୍ରଣରେ ସମାଜ ଗଠିତ । ପରିବାର ପାଇଁ ମାଆ ବାପାଙ୍କର ଭୂମିକା ଅତୁଳନୀୟ । ଶିଶୁଟିଏ ମାଆବାପାଙ୍କ ଠାରୁ ସମାଜର ରୀତି, ନୀତି, ନିୟମ ତଥା ସମାଜୋପଯୋଗୀ ସଂସ୍କାର ଶିଖିଥାଏ । ପିତୃ ପୁରୁଷ ଦେଇଥିବା ସଭ୍ୟତା ଓ ସଂସୃତିକୁ ଅବଲମ୍ବନ କରିବା ତଥା ପରିବାର ଓ ସମାଜ ପ୍ରତି ମୌଳିକମୂଲ୍ୟବୋଧ ପ୍ରତି ଧ୍ୟାନ ଦେବା ଏହି ଯଜ୍ଞର ଉଦ୍ଦେଶ୍ୟ ।

ମନୁଷ୍ୟ ଯଜ୍ଞ -ମନୁଷ୍ୟ ଯଜ୍ଞର ଅର୍ଥ ମନୁଷ୍ୟତା / ମାନବିକତା । କୋଟି କୋଟି ଜୀବଙ୍କ ଭିତରୁ ମାନବ ସର୍ବୋତ୍କୃଷ୍ଟ ପ୍ରାଣୀ । ଯାହାର ବିବେକ ଓ ବିଚାର ଶକ୍ତି ଅଛି । ଏହି ବିବେକ ଶକ୍ତି ଦ୍ୱାରା ମାନବ ଜାତି ସହ ଅନ୍ୟ ପ୍ରାଣୀଙ୍କର ସଂରକ୍ଷଣ କରି ପାରିଛି । ଏହି ବିବେକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦ୍ୱାରା ମଣିଷ ପରୋପକାର, ମାନବ ଜନ କଲ୍ୟାଣ କରି ପାରିପାର୍ଶ୍ୱିକ ପରିବେଶକୁ ସୁନ୍ଦର କରିପାରିବ । ମାନବର ଏହି ବିବେକକୁ ମୂଲ୍ୟ ଦେବା ହିଁ ଏହି ଯଜ୍ଞର ମୂଳ ଉଦ୍ଦେଶ୍ୟ ।

ଭୂତ ଯଜ୍ଞ -ଭୂତ ଯଜ୍ଞର ଅର୍ଥ ସମସ୍ତ ବ୍ରହ୍ମାଣ୍ଡର ଜୀବଙ୍କୁ ସମ୍ମାନ ଦେବା । ବୈଦିକ ଶାସ୍ତ୍ର ଅନୁସାରେ ବ୍ରହ୍ମାଣ୍ଡରେ କୋଟି କୋଟି ବିଭିନ୍ନ ଜାତି ଓ ପ୍ରଜାତିର ଜୀବ ବାସ କରନ୍ତି । ପରିସଂସ୍ଥାର ସନ୍ତୁଳନ ପାଇଁ ସମସ୍ତ ପ୍ରାଣୀଙ୍କର ଅବସ୍ଥିତି ପ୍ରୟୋଜନ । ସୃଷ୍ଟିକର୍ତ୍ତାଙ୍କ ସୃଜନୀରେ ମନୁଷ୍ୟ ଓ ଅନ୍ୟ ଜୀବଙ୍କର ଅତୁଳନୀୟ ସମ୍ବନ୍ଧ ଅଛି । ଉଦାହରଣ ସ୍ୱରୁପ ପ୍ରାଣୀ ପାଇଁ ଅମ୍ଳଜାନ ଓ ଉଦ୍ଭିଦଙ୍କ ପାଇଁ ଅଙ୍ଗାରକାମ୍ଳ ବାଷ୍ପର ପ୍ରାପ୍ତି ଓ ପରିଚାଳନା ଏକ ଅଭୂତପୂର୍ବ ସର୍ଜନା । ତେଣୁ ମଣିଷ ଓ ଅନ୍ୟ ଜୀବଜଗତ ଦୁହେଁ ଦୁହିଁଙ୍କର ପରିପୂରକ । ମନୁଷ୍ୟ ବଞ୍ଚି ରହିବା ପାଇଁ ସର୍ବଦା ଅନ୍ୟ ଜୀବଜନ୍ତୁଙ୍କ ଉପରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ନିର୍ଭରଶୀଳ । ମଣିଷର ଜୀବନକୁ ସହଜ ସୁନ୍ଦର କରିବାରେ ଅନ୍ୟ ପ୍ରାଣୀଙ୍କ ଅବଦାନ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଅଟେ । ସେଥିପାଇଁ ଅନ୍ୟ ଜୀବଙ୍କୁ କୃତଜ୍ଞତା ପ୍ରକାଶ କରି ସେମାନଙ୍କର ସୁରକ୍ଷା କରିବା ମଣିଷର ପ୍ରଧାନ ଦାୟିତ୍ୱ । ଭୂତ ଯଜ୍ଞ ମଣିଷକୁ ତାର ଏହି ଦାୟିତ୍ୱକୁ ଅବଗତ କରାଇଥାଏ ।

ବୈଦିକ ଯୁଗର ପଞ୍ଚ ମହାଯଜ୍ଞ ପରି ଅନୁଷ୍ଠାନ ହେଉ ଅବା ଶାସ୍ତ୍ର ଗ୍ରନ୍ଥର କିମ୍ବଦନ୍ତୀ ହେଉ, ଏହା ପରିସଂସ୍ଥାର ପୁନରୁଦ୍ଧାର ପାଇଁ ଏକ ଭିନ୍ନ ଦୃଷ୍ଟି କୋଣ ହୋଇପାରେ । ଏହା ମଧ୍ୟରୁ ଏକ ସୂକ୍ଷ୍ମ ବିଷୟ ପରିବେଶଗତ ଆଧ୍ୟାତ୍ମିକବୋଧକୁ ଆଲୋକପାତ କରି ପାରିବା ।

ପରିବେଶଗତ ଆଧ୍ୟାତ୍ମିକତା( ଇକୋ ସ୍ପିରିଚୁଆଲିଜମ୍) :-

ପରିବେଶବିତଙ୍କ ଭାଷାରେ ମଣିଷର ଜୀବନ ଓ ଜୀବିକାକୁ ପ୍ରତ୍ୟହ ପ୍ରଭାବିତ କରୁଥିବା ସମସ୍ତ ସଜୀବ, ନିର୍ଜୀବ, ସ୍ଥାବର ଓ ଜଙ୍ଗମକୁ ପରିବେଶ କୁହାଯାଏ। ଯାହା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପ୍ରାକୃତିକ ଓ କୃତ୍ରିମ ପରିବେଶରେ ବିଭକ୍ତ । ପୁଣି ପରିସଂସ୍ଥା ସନ୍ତୁଳନର ଦୃଷ୍ଟିକୋଣରୁ ପରିବେଶବିତ୍ ମାନେ କହିଲେ ପ୍ରାକୃତିକ ପରିବେଶର ଉପାଦାନ ଯଥା ଜୈବିକ ଓ ଅଜୈବିକ ଉପାଦାନମାନଙ୍କ ଭିତରେ ସନ୍ତୁଳନ ବଜାୟ ରଖୁଥିବା ଏକ ପରିସ୍ଥିତିକୁ ପରିବେଶ କୁହାଯାଏ । ଏହାର ସନ୍ତୁଳନ ମଣିଷକୃତ ପରିବେଶ ଉପରେ ଅନେକ ଭାବେ ନିର୍ଭର କରେ । ତେବେ ପରିବେଶ କ'ଣ ଗୋଟିଏ ସ୍ଥାନର ଭୌଗଳିକ, ସାମାଜିକ, ଅର୍ଥନୈତିକ ପରିସ୍ଥିତିରେ ସୀମିତ ? ପରିବେଶର ସଂଜ୍ଞା କଣ ଜୈବିକ ଓ ଅଜୈବିକ ଉପାଦାନ ନେଇ ସୀମିତ ହେଇପାରେ ? ପରିବେଶର ସଂଜ୍ଞା କ'ଣ  ଲୌକିକ ଓ ଅଲୌକିକ ପରିବେଶର ସନ୍ତୁଳନରେ ସୀମିତ ରହିପାରେ  ?

ଏ ପ୍ରସଙ୍ଗକୁ ବିସ୍ତାରିତ କରିବାକୁ ହେଲେ ଆଧ୍ୟାତ୍ମିକ ଦୃଷ୍ଟିକୋଣ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ, ଯାହା ଆମକୁ ପରିବେଶର ପ୍ରତ୍ୟେକ ଦୃଷ୍ଟିକୋଣ ସହ ସଂଯୋଗ କରିପାରିବ । ବେଦାନ୍ତ ଦର୍ଶନକୁ ଅନୁଧ୍ୟାନ କରି ଆମେ ପରିବେଶର ଦୁଇଟି ସ୍ତରକୁ ଆଲୋକପାତ କରିପାରିବା । ତାହା ହେଲା -  ବହିର୍ନିହିତ ପରିବେଶ ଓ ଅନ୍ତର୍ନିହିତ ପରିବେଶ ।

ବହିର୍ନିହିତ ପରିବେଶ ଜୈବିକ ଓ ଅଜୈବିକ ଉପାଦାନରେ ନିର୍ମିତ ପରିବେଶ । ଏହାକୁ ପରିବେଶ ବିଜ୍ଞାନୀମାନେ ପ୍ରାକୃତିକ ପରିବେଶ ଓ ମଣିଷକୃତ ପରିବେଶ ବୋଲି ବ୍ୟକ୍ତ କରିଛନ୍ତି, ଯାହା ବିଜ୍ଞାନ ଭାଷାରେ ଜୈବିକ ଓ ଅଜୈବିକ ଉପାଦାନରେ ଗଢା । ସରଳ ଭାଷାରେ କହିବାକୁ ଗଲେ ମଣିଷ ସଂସ୍ପର୍ଶରେ ଆସୁଥିବା ଓ ପ୍ରଭାବିତ କରୁଥିବା ବିଷୟ ହେଲା ବହିର୍ନିହିତ ପରିବେଶ । ବୈଦିକ ଶାସ୍ତ୍ରର ଶବ୍ଦରେ ପଞ୍ଚ ମହାତତ୍ତ୍ୱର ଉତ୍ପତ୍ତିରୁ ସମସ୍ତ ପରିବେଶ ବହିର୍ନିହିତ ପରିବେଶ ।

ଅନ୍ତର୍ନିହିତ ପରିବେଶ ମଣିଷର ବ୍ୟକ୍ତିତ୍ୱ ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଏହା ସତ୍ତ୍ୱ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରଜ, ତମ ଗୁଣର ଆଧାରରେ ଅଧିଷ୍ଠିତ । ଶ୍ରୀମଦ୍ଭଗବତ୍ ଗୀତାର ଚତୁର୍ଦ୍ଦଶ ଅଧ୍ୟାୟରେ ଅନ୍ତର୍ନିହିତ ପରିବେଶକୁ ପ୍ରଭାବିତ କରୁଥିବା ମଣିଷର ତିନି ଗୁଣ: ସତ୍ତ୍ୱ, ରଜ ଓ ତମ ଗୁଣ ବିଷୟରେ ବିସ୍ତୃତ ଭାବରେ ଉପସ୍ଥାପନା କରାଯାଇଅଛି ।

ପ୍ରକୃତିରୁ ଉତ୍ପନ୍ନ ହେଉଥିବା ତିନି ଗୁଣ ସତ୍ତ୍ୱ, ରଜ ଓ ତମ ଅବିନାଶୀ ଜୀବାତ୍ମାକୁ (ମଣିଷକୁ) ଦେହରେ ଆବଦ୍ଧ କରନ୍ତି ।

ସତ୍ତ୍ୱଂ ରଜସ୍ତମ ଇତି ଗୁଣାଃ ପ୍ରକୃତିସମ୍ଭବାଃ

ନ ବଧ୍ନନ୍ତି ମହାବାହୋ ଦେହେ ଦେହିନମବ୍ୟୟମ୍ । ।୫ ।୧୪ । ଶ୍ରୀମଦ୍ଭଗବତ୍ ଗୀତା

ସଂକ୍ଷିପ୍ତରେ ମଣିଷର ଏହି ତ୍ରିଗୁଣାତ୍ମକ ପ୍ରବୃତ୍ତିକୁ ଏହିପରି ବୁଝାଯାଇ ପାରେ । ମାନବକୁ ଜ୍ଞାନ ମଣ୍ଡିତ କରି ସଦ୍ ଦିଗ ଦର୍ଶାଉଥିବା ଗୁଣକୁ ସତ୍ତ୍ୱ ଗୁଣ କୁହାଯାଏ । ଜ୍ଞାନ, ଉଦାରତା, ସମବେଦନା, ସମ୍ବେଦନଶୀଳତା, ସହନଶୀଳତା, ପରୋପକାର, ନିସ୍ୱାର୍ଥଭାବ, କୃତଜ୍ଞତା, ଦାୟିତ୍ୱବୋଧ, ନିର୍ମଳତା, ନିର୍ଲୋଭତା ଇତ୍ୟାଦି ବୃତ୍ତି ଗୁଡ଼ିକ ସତ୍ତ୍ୱ ଗୁଣ ପ୍ରାଧାନ ।

ଚଞ୍ଚଳତା, ଅସ୍ଥିରତା, ଅଶାନ୍ତି, ଲୋଭ ଇତ୍ୟାଦି ବୃତ୍ତି ଗୁଡ଼ିକ ରଜ ଗୁଣଜନିତ ଓ ଅନୈତିକତା କାର୍ଯ୍ୟ କରିବାର ପ୍ରବୃତ୍ତି, ଅଜ୍ଞାନତା, ଆଳସ୍ୟ ଇତ୍ୟାଦି ତମ ଗୁଣ ଜନିତ ବୃତ୍ତି । ଆଧ୍ୟାତ୍ମିକ ଭାଷାରେ ମାନବ ଅନ୍ତର୍ମୁଖୀ ହୋଇ ତମ ଗୁଣରୁ ରଜ ଗୁଣ, ରଜ ଗୁଣରୁ ସାତ୍ତ୍ୱ ଗୁଣକୁ ରୂପାନ୍ତର କରି ନିଜର ଅନ୍ତକରଣ ସ୍ୱଚ୍ଛ କରିପାରିବ । ଏହାକୁ ଅନ୍ତର୍ନିହିତ ପରିବେଶର ସ୍ୱଚ୍ଛତା କୁହାଯାଇ ପାରେ ।

'ରଜସ୍ତମଶ୍ଚାଭିଭୂୟ ସତ୍ତ୍ୱଂ ଭବତି ଭାରତ'□□୧୦ । ଶ୍ରୀମଦ୍ ଭାଗବଦ୍ ଗୀତା

ରଜ ଗୁଣ ଓ ତମ ଗୁଣ ବୃତ୍ତିକୁ ଦମନ କରି ସତ୍ତ୍ୱ ଗୁଣ ବୃଦ୍ଧି ପାଏ । ଏବଂ ଅନ୍ତର୍ନିହିତ ପରିବେଶ ନିର୍ମଳ ଓ ବିଶୁଦ୍ଧ ହୁଏ । ସତ୍ତ୍ୱଗୁଣର ମହତ୍ତ୍ୱ ବୁଝିଲେ ମାନବ ସାତ୍ତ୍ୱିକ କର୍ମ ଆଡ଼କୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଗ୍ରସର ହେଇପାରିବ ।

ଅନ୍ତର୍ନିହିତ ପରିବେଶ ଓ ବହିର୍ନିହିତ ପରିବେଶ ପରସ୍ପର ପରିପୂରକ ଏବଂ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଗୋଟିଏ ବୃନ୍ତର ଦୁଇଟି ପତ୍ର । ଯଦି ଜଣେ ଏହି ଅନ୍ତର୍ନିହିତ ପରିବେଶର ମହତ୍ତ୍ୱ ବୁଝି ପାରିଲା, ତେବେ ସେ ବହିର୍ନିହିତ ପରିବେଶକୁ ବିଶୁଦ୍ଧ କରିବାର ପ୍ରୟାସ କରି ପାରିବ । ନିଜେ ଜ୍ଞାନ ମଣ୍ଡିତ ହେଲେ ଅନ୍ୟକୁ ଜ୍ଞାନ ବାଣ୍ଟି ପାରିବ । ଅନ୍ୟକୁ ସଚେତନ କରାଇ ପାରିବ । ନୈତିକ ବିଚାର ତଥା ପରିବେଶର ମୂଲ୍ୟବୋଧକୁ ହୃଦୟଙ୍ଗମ କରି ପାରିବ ।

ପଞ୍ଚ ମହାଯଜ୍ଞ ଭଳି ବୈଦିକବିଧି ଏହି ଅନ୍ତର୍ନିହିତ ଓ ବହିର୍ନିହିତ ପରିବେଶକୁ ସଂଯୋଗ କରି କରି ଉଭୟ ପାରିବେଶରେ ସ୍ୱଚ୍ଛତା ଆଣିବାରେ ପ୍ରୟାସ କରିଥାଏ । ଏଇ ଯେମିତି ମାନବ ନିଜର ସୁବିଧା, ସ୍ୱାର୍ଥ, ଲୋଭ ହେତୁ ଅନେକ ଅନୈତିକ କାର୍ଯ୍ୟ କରୁଛି । ମାନବ ଯେପରି ବିଜ୍ଞାନ ଓ ପ୍ରଗତି ନାମରେ ଅଜାଣତରେ ପ୍ରାକୃତିକ ସମ୍ପଦକୁ କ୍ଷତି କରିବାର ଅଭିଳାଷକୁ ଏକ ପ୍ରକାର ରଜ ଗୁଣର ନିଦର୍ଶନ କହିପାରିବା । ଯାହା ପରୋକ୍ଷରେ ଦେବ ଯଜ୍ଞକୁ ଅଣଦେଖା କରିଥାଏ । ନିଜର ମଉଜ ପାଇଁ, ସୌଖିନ ପଦାର୍ଥ ପାଇଁ ଅକାରଣରେ ଜୀବ ହତ୍ୟା କରୁଛି । ହାତୀ ଦାନ୍ତ, ପଶୁ ପକ୍ଷୀଙ୍କ ଚମଡା, ଶିକାରର ଆନନ୍ଦ ପାଇଁ ନିରୀହ ପଶୁ ପକ୍ଷୀଙ୍କୁ ମରାଯାଉଛି । ଏହା ତମ ଗୁଣ ତଥା ଭୂତ ଯଜ୍ଞର ଅବମାନନାର ନିଦର୍ଶନ । ଧର୍ମର ଦ୍ୱାହି ଦେଇ ପରସ୍ପର ମଧ୍ୟରେ ଅସୂୟ ଭାବ ଆଣି ଏକ ଅସ୍ୱଚ୍ଛ ପରିବେଶ ତିଆରି କରୁଛି । ବିଜ୍ଞାନର ଦୁରୁପଯୋଗ କରି ବୋମା ବର୍ଷଣ କରି ପୃଥିବୀରେ ପ୍ରଦୂଷଣ ଭରି ଦେଉଛି । ଏହା ମନୁଷ୍ୟ ଯଜ୍ଞର ଅଭାବ ର ନିଦର୍ଶନ ।

ଆଜିର ଆହ୍ୱାନ :-

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମଣିଷ ନିଜର ଅସ୍ୱଚ୍ଛ ଅନ୍ତର୍ନିହିତ ପରିବେଶ ପାଇଁ ମୌଳିକ ମୂଲ୍ୟବୋଧକୁ ତଥା ପରିବେଶର ମୁଲ୍ୟବୋଧକୁ ଅଣଦେଖା କରିଦେଉଛି । ନିଜେ ଭଲ ନହେଲେ ଅନ୍ୟକୁ କଣ ଶିକ୍ଷା ଦେଇ ପାରିବ । ନିଜ ଭିତରେ ନୈତିକତା ବୋଧ ନ ରହିଲେ ଓ ପରିବେଶଗତ ମୂଲ୍ୟବୋଧ ଜାଗ୍ରତ ନହେଲେ ଅନ୍ୟ ପ୍ରତି କେମିତି ଦାୟିତ୍ୱବୋଧ ହୋଇ ପାରିବ ?

ଏହି ପରିପ୍ରେକ୍ଷୀରେ ଆମେ ଆଲୋଚନା କରିପାରିବା ଯେ, ବୈଦିକ ଯୁଗରେ ଋଷି, ମନିଷୀ ମାନେ ଯଥା ସମ୍ଭବ ବିଭିନ୍ନ ଉପାୟରେ ପରିସଂସ୍ଥାର ସନ୍ତୁଳନ ପାଇଁ ବିଭିନ୍ନ ନୀତି ନିୟମ ଓ ସଂସ୍କାରର ପ୍ରଣୟନ କରିଥିଲେ । ସେସବୁ ଜନସାଧାରଣଙ୍କୁ ନିଷ୍ଠାର ସହ ପାଳନ କରିବାକୁ ପ୍ରୋତ୍ସାହନ କରାଯାଉଥିଲା । ଆଜିର ତଥାକଥିତ ଆଧୁନିକ ସମାଜରେ ତାହା ଅଣଦେଖା ବା ଅବହେଳିତ । ବୈଦିକ ଶାସ୍ତ୍ରରେ ଆଲୋଚିତ ବିଧି, ବ୍ୟବସ୍ଥା, କାହାଣୀ ଓ କିମ୍ବଦନ୍ତୀ ବା ସଂସ୍କାରର ମୂଳ ଉଦ୍ଦେଶ୍ୟର ସଠିକ ଶିକ୍ଷା ଦିଆ ଯାଉନାହିଁ । କିଛି ଅଂଶରେ ଅପଭ୍ରଂଶ ମଧ୍ୟ କରାଯାଉଅଛି । ସବୁ ପରିବେଶରେ ମୌଳିକତା ହ୍ରାସ ପାଉଛି ।

ବିକାଶ ନାମରେ ଲୋଭ ତଥା ସ୍ୱାର୍ଥପରତାର ସୀମା ଲଂଘନ କରି ମଣିଷ ପରିସଂସ୍ଥାକୁ ଏତେ ମାତ୍ରାରେ କ୍ଷତି ପହଞ୍ଚାଇଛି ଯେ, ତାର ପୁନରୁଦ୍ଧାର ଅପରିହାର୍ଯ୍ୟ ହୋଇପଡିଛି । ବୃକ୍ଷ ରୋପଣ, ରାସାୟନିକ ଦ୍ରବ୍ୟ, ବିଷାକ୍ତ ଗ୍ୟାସର ବର୍ଜନ ଇତ୍ୟାଦି ବିଭିନ୍ନ ପଦକ୍ଷେପ ବିଷୟରେ ମାନବ ଅଜ୍ଞାନୀ ନୁହେଁ । ତଥାପି ସେ ସଫଳତା ପାଇପାରୁ ନାହିଁ । ଉଦାହରଣ ସ୍ୱରୂପ ବୃକ୍ଷରୋପଣ ଚାଲିଛି, ମାତ୍ର ବୃକ୍ଷକୁ ବଞ୍ଚାଇବାର ଦାୟିତ୍ୱବୋଧକୁ ମାନବ ସ୍ୱୀକାର କରୁନାହିଁ । ପଦକ୍ଷେପର ନିଷ୍ପତ୍ତି କାଗଜରେ ସୀମିତ ରହି ଯାଉଛି । ବିଜ୍ଞାନର ଉଦ୍ଭାବନକୁ ଦୁରୁପଯୋଗ କରାଯାଉଛି ।

ଆଜି ଏହି ଘଡ଼ିସନ୍ଧି ସମୟରେ ଚିନ୍ତାମଗ୍ନ ହୋଇ ମାନବ ସମାଜ ଏହି ପ୍ରଶ୍ନର ଉତ୍ତର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଖୋଜି ପାରେ । ବୈଦିକ ସଭ୍ୟତାରେ ପ୍ରଚଳିତ ପରିବେଶଗତ ମୂଲ୍ୟବୋଧକୁ ଭିତ୍ତିକରି ବିଭିନ୍ନ ବିଧିର ତତ୍ତ୍ୱ ସାରକୁ ଉପଲବ୍ଧି କରି ଜୀବନରେ ଅବଲମ୍ବନ କରିବା କଣ ଯୁକ୍ତି ଯୁକ୍ତ ନୁହେଁ ?

ଏହା ଧର୍ମ ଭିତ୍ତିକ ନୁହେଁ ଏହା ପଛରେ ବିଜ୍ଞାନ ଅଛି ତାହା ବୁଝାଇବାର ଆବଶ୍ୟକତା ନାହିଁ? ଶିକ୍ଷାକ୍ଷେତ୍ରରେ ପରିବେଶର ମୂଲ୍ୟବୋଧକୁ ପ୍ରାଧାନ୍ୟ ଦେବା କ'ଣ ଉଚିତ ମନେ କରାଯାଇପାରିବ ନାହିଁ?

ମୌଳିକତା ଓ ମୂଲ୍ୟବୋଧକୁ ହୃଦୟଙ୍ଗମ କରିବା ପାଇଁ ଅନ୍ତର୍ନିହିତ ପରିବେଶର ସ୍ୱଚ୍ଛତା ଅତ୍ୟନ୍ତ ଆବଶ୍ୟକ । ପରିବେଶଗତ ଆଧ୍ୟାତ୍ମିକତା ବା 'ଇକୋ ସ୍ପିରିଚୁଆଲିଜମ୍' ର ମହତ୍ତ୍ୱକୁ ଉପଲବ୍ଧି କରିବା କଣ ଆବଶ୍ୟକ ନୁହେଁ ?

ଯେ ପର୍ଯ୍ୟନ୍ତ ମାନବ ଏହି ପ୍ରଶ୍ନର ଉତ୍ତରକୁ ହୃଦୟଙ୍ଗମ ନକରିପାରିଛି, ସେ ପର୍ଯ୍ୟନ୍ତ ପରିବେଶର ସୁରକ୍ଷା ତଥା ପରିସଂସ୍କାର ପୁନରୁଦ୍ଧାରର ଆହ୍ୱାନ, କେବଳ ଆହ୍ୱାନର ଶବ୍ଦ ଭଣ୍ଡାରରେ ରହିଯିବ ।

ରେଳକୁଟୀର୍, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାର ଆଗାମୀ ସଂସ୍କରଣ : ଅକ୍ଟୋବର ୨୦୨୧

ଲେଖା ପଠାଇବାର ଶେଷ ତାରିଖ : ୩ ଅକ୍ଟୋବର ୨୦୨୧

ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଆପଣଙ୍କ ଲେଖା ଗୁଡ଼ିକ ଓଡ଼ିଆରେ ଟାଇପ୍ କରି ୱାର୍ଡ଼ ଫାଇଲରେ ପଠାଇବେ । ହାତଲେଖା ଗ୍ରହଣୀୟ ହେବନାହିଁ । ଜାଣିଛି ଟାଇପ୍ କରିବା ଭାରି କଷ୍ଟସାଧ୍ୟ, କିନ୍ତୁ ସେତିକି ପରିମାଣର କଷ୍ଟ ମୋତେ ବି କରିବାକୁ ହୁଏ । ଆପଣ ଗୋଟିଏ ଆଲେଖ୍ୟ ଟାଇପ୍ କରିବାକୁ କଷ୍ଟ ଅନୁଭବ କରୁଛନ୍ତି, ଏଠି ଶତାଧିକ ଆଲେଖ୍ୟ ପହଞ୍ଚୁଛି, ସବୁଗୁଡ଼ିକ ଟାଇପ୍ କରିବା ଅସମ୍ଭବ ।

ଯଦି ଗଳ୍ପ ବା କାହାଣୀ କିମ୍ବା ପ୍ରବନ୍ଧ ପଠାଉଛନ୍ତି ତେବେ ଧ୍ୟାନ ଦିଅନ୍ତୁ, ପ୍ରତ୍ୟେକ ଶବ୍ଦ ମଧ୍ୟରେ କେବଳ ଗୋଟିଏ ଖାଲି ସ୍ଥାନ ଛାଡ଼ିବେ, କମା, ପୂର୍ଣ୍ଣଚ୍ଛେଦ, ଯୁକ୍ତାକ୍ଷର ଆଦି ବ୍ୟାକରଣ ତ୍ରୁଟି ପ୍ରତି ସାବଧାନ ରହି ଟାଇପ୍ କରିବେ । ବ୍ୟାକରଣଗତ ତ୍ରୁଟି ପାଇଁ ପ୍ରକାଶନରେ ଅହେତୁକ ବିଳମ୍ବ ହୁଏ । ତେଣୁ ଯଦି ସମ୍ଭବ ହେଉଛି ଆପଣଙ୍କ ନିକଟରେ ଥିବା କେହି ଓଡ଼ିଆ ବନ୍ଧୁଙ୍କ ଦ୍ୱାରା ନିଜ ଲେଖାକୁ ସଠିକ ଭାବରେ ପରୀକ୍ଷା କରି ନିଅନ୍ତୁ ।

ଲେଖା ସହିତ ନିଜର ଗୋଟିଏ ପାସପୋର୍ଟ୍ ଫଟୋ (ଯଦି ନାହିଁ, ତେବେ ଭଲ ଦେଖାଯାଉଥିବା ସୁନ୍ଦର ଫଟୋଟିଏ) ସହିତ ନିଜର ଠିକଣା ଲେଖି ପଠାଇବେ ।

ଅନେକ ବନ୍ଧୁ ଲେଖା ପଠାଇବା ବେଳେ ଲେଖାକୁ ଇମେଲ୍‌ର ସବଜେକ୍ଟ ଲାଇନ୍‌ରେ ଲେଖି ଦେଉଛନ୍ତି, ଏଥିପ୍ରତି ସତର୍କ ରହିବେ । ଲେଖା ମେସେଜ୍ ବକ୍ସରେ ହିଁ ପଠାଇବେ ।

ଆମର ଲେଖା ସଂଗ୍ରହ ଇମେଲ୍ : aahwaan@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଶେଷ ସୂଚନା

ଦୟାକରି ପ୍ରତ୍ୟେକ ମାସର ସଂସ୍କରଣ ନିମନ୍ତେ କେବଳ ଗୋଟିଏ ବା ଦୁଇଟି ଲେଖା ହିଁ ପଠାନ୍ତୁ । ଯେକୌଣସି ବିଭାଗରେ କେବଳ ଗୋଟିଏ ଲେଖା ହିଁ ପ୍ରକାଶିତ ହେବ । କିଛି ବନ୍ଧୁ ଏକାଧିକ ଲେଖା ପଠାଇ ଆମକୁ ଚିନ୍ତାରେ ପକାଇ ଦେଉଛନ୍ତି । ଆମେ ସେ ମଧ୍ୟରୁ ଚୟନ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଛୁ । ଏହାଦ୍ୱାରା ଆମ ଇମେଲ୍ ବକ୍ସ ଭର୍ତ୍ତି ହେଉଛି ଏବଂ ସମ୍ପାଦନା କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ।

ଅନେକଥର ଅନୁରୋଧ କରିବା ସତ୍ତ୍ୱେ ଯେଉଁ ଲେଖକ ଲେଖିକାମାନେ ନିଜର ଏକାଧିକ ଲେଖା ଆମ ଇମେଲ୍ ଠିକଣାରେ ପ୍ରେରଣ କରୁଛନ୍ତି ସେମାନଙ୍କ ଅବଗତି ନିମନ୍ତେ ଜଣାଇ ଦେବାକୁ ଉଚିତ୍ ମନେ କରୁଛି ଯେ ଯଦି କୌଣସି ଇମେଲ୍ ଠିକଣାରୁ ବାରମ୍ବାର ଅନେକ ଲେଖା ଆମ ଇମେଲକୁ ଆସେ, ତା ହେଲେ ଗୁଗୁଲ୍ ମେଲ୍ ବକ୍ସ ସେଇ ସବୁ ଲେଖାକୁ ସ୍ପାମ୍ ବା ଅନାବଶ୍ୟକ ଲେଖା ଭାବି ଆମର ମୁଖ୍ୟ ଇନବକ୍ସରୁ ହଟେଇ ଦେଇପାରେ ଯାହା ଫଳରେ ଆପଣଙ୍କ ଲେଖା ଆଦୌ ପ୍ରକାଶିତ ହୋଇ ପାରିବ ନାହିଁ । ତେଣୁ କେବଳ ଗୋଟିଏ କିମ୍ବା ସର୍ବାଧିକ ଦୁଇଟି ଲେଖା ହିଁ ପ୍ରତ୍ୟେକ ମାସରେ ପ୍ରେରଣ କରନ୍ତୁ ।

ହ୍ୱାଟ୍ସଆପ୍‌ରେ ଲେଖା ପଠାନ୍ତୁ ନାହିଁ । ଏହା ସ୍ୱୀକାର୍ଯ୍ୟ ହେବନାହିଁ । କେବଳ ଇମେଲ୍ ଦ୍ୱାରା ହିଁ ଲେଖା ପଠାନ୍ତୁ । ଆହ୍ୱାନ ଇ-ପତ୍ରିକାର ଆଣ୍ଡ୍ରଏଡ୍ ଆପ୍ ଡାଉନଲୋଡ୍ କରନ୍ତୁ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**


ଆମ ଇମେଲ୍ ଠିକଣା :


aahwaan@gmail.com

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଲେଖା ପଠାଉଥିବା ସମସ୍ତ ସାହିତ୍ୟିକ ବନ୍ଧୁଙ୍କୁ ବିନମ୍ର ଅନୁରୋଧ କରୁଛି, ଦୟାକରି ନିଜର ଲେଖାକୁ ଓଡ଼ିଆରେ ଟାଇପ୍ କରି ପଠାନ୍ତୁ । ଆପଣ ଚାହିଁଲେ **ଆକୃତି / ଶ୍ରୀଲିପି / ଅପ୍ରାନ୍ତ / ଗୁଗୁଲ୍ ଓଡ଼ିଆ** କିବୋର୍ଡ଼ ଦ୍ୱାରା ଟାଇପ୍ କରି ପଠାଇ ପାରିବେ ।







ସ୍କାନ୍ ହୋଇଥିବା ଛବି ଏବଂ ଟାଇପ୍ ହୋଇଥିବା ପିଡ଼ିଏଫ୍ ଫାଇଲ୍ ଗୁଡ଼ିକୁ ପୁଣିଥରେ ଟାଇପ୍ କରିବାକୁ ପଡୁଛି ଯାହା ଫଳରେ ପତ୍ରିକା ପ୍ରକାଶନରେ ଅହେତୁକ ବିଳମ୍ବ ହେଉଛି । ତେଣୁ ଆପଣଙ୍କ ଲେଖାକୁ ଓଡ଼ିଆରେ ଟାଇପ୍ କରି ଇମେଲ୍ କିମ୍ବା Microsoft Word File ରେ ହିଁ ପଠାନ୍ତୁ ।

ଆହ୍ୱାନ ଇ-ପତ୍ରିକାର ଓଡ଼ିଆ ପୋଡ୍‌କାଷ୍ଟ ସେବା ଏବେ ଉପଲବ୍ଧ । ଏଥିରେ ଆପଣ ଆହ୍ୱାନରେ ପ୍ରକାଶିତ କଥାବସ୍ତୁ ସମେତ ଅନେକ ଉପାଦେୟ କଥା ଶୁଣିପାରିବେ ।

**https://anchor.fm/aahwaan**

Listen to Odia Podcast on https://anchor.fm/aahwaan